ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୫/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 15/2023 Page 16 ₹ 7.00
୪୯ଶ ଭାଗ ୧୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 140 ମୂଲ୍ୟ₹୭/-




**କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ସନିଙ୍କ 'କେନେଡି'**
ଅଭିନେତ୍ରୀ ସନି ଲେଓନ୍‌ଙ୍କ ଫିଲ୍ମ 'କେନେଡି'କୁ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସ୍କ୍ରିନିଂ ପାଇଁ ଚୟନ କରାଯାଇଛି। ୧୪

୧୬ **ପ୍ରଥମ ଶତକ ହାସଲ କଲେ ହ୍ୟାରି ବ୍ରୁକ୍**
ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଚଳିତ ସଂସ୍କରଣରେ ପ୍ରଥମ ଶତକ ହାସଲ କରିଛନ୍ତି ସନରାଇଜର୍ସ ହାଇଦ୍ରାବାଦର ହ୍ୟାରି ବ୍ରୁକ୍।




# ସମ୍ବଲପୁରରେ କର୍ଫ୍ୟୁ



ସମ୍ବଲପୁର ଚର୍ଚ୍ଚ ଛକରେ ପୋଡ଼ାଜଳା।



ହିଂସା ପରେ ଗୋଲବଜାର ଛକ।

ହନୁମାନ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଗତ ବୁଧବାର ସମ୍ବଲପୁର ସହରରେ ବାହାରିଥିବା ବାଇକ୍ ଶୋଭାଯାତ୍ରାବେଳେ ସାମ୍ପ୍ରଦାୟିକ ଦଙ୍ଗା ଦେଖିବାକୁ ମିଳିଥିଲା। ହିନ୍ଦୁ ଓ ମୁସଲମାନ ଦୁଇ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ। ପଥରମାଡ଼ ସାଙ୍ଗକୁ ଦୋକାନ ଓ ଗ୍ୟାରେଜ୍ ପୋଡ଼ି ଘଟଣା ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ୪୮ ଘଣ୍ଟା ଯାଏ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯିବା ସହ ସହରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତଥାପି ହିଂସା ରୋକାଯାଇପାରି ନାହିଁ। କଡ଼ା ସୁରକ୍ଷା ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା କରାଯାଉଥିବାବେଳେ ପୁଣି ହିଂସା ଦେଖିବାକୁ ମିଳିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତଙ୍କୁ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବିଳମ୍ବିତ ରାତି ଯାଏ ଦୋକାନ ପୋଡ଼ି, ଭଙ୍ଗାରୁଜା ଜାରି ରହିବାରୁ ଜିଲା ପ୍ରଶାସନ ରାତି ୧୨ଟାରୁ ସହରରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରିଛି।

## ହନୁମାନ ଜୟନ୍ତୀ ଶୋଭାଯାତ୍ରାବେଳେ ପୁଣି ହିଂସା, ଜଣେ ମୃତ

- **ପୋଡ଼ାଜଳା, ଭଙ୍ଗାରୁଜା**
- **ପରିସ୍ଥିତି ଅଣାୟତ୍ତ, ପୋଲିସ ବିଫଳ**

ସମ୍ବଲପୁର, ୧୪।୪(ବ୍ୟୁରୋ)

ସମ୍ବଲପୁର ସହରରେ ଭୟର ବାତାବରଣ ଲାଗି ରହିଛି। ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ସତ୍ତ୍ୱେ ଗୁରୁବାର ରାତିରୁ ଶୁକ୍ରବାର ରାତି ପର୍ଯ୍ୟନ୍ତ ୧୦ଟି ଦୋକାନରେ ଭଙ୍ଗାରୁଜା କରାଯିବା ସହ ପୋଡ଼ାଜଳା କରାଯାଇଛି। ସ୍ଥିତି ନିୟନ୍ତ୍ରଣକୁ ନ ଆସିବା ଏବଂ ଅଧିକରୁ ଅଧିକ ହିଂସାତ୍ମକ ଘଟଣା ଘଟୁଥିବାରୁ ଜିଲାପାଳ ଅନନ୍ୟା ଦାସ ସହରରେ କର୍ଫ୍ୟୁ ଲଗାଇଛନ୍ତି। ଏନେଇ ଉପଜିଲାପାଳ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ତଦନୁଯାୟୀ ଶୁକ୍ରବାର ରାତି ୧୨ଟାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ। ☞ପୃଷ୍ଠା-୪

## କେଜ୍‌ରିୱାଲଙ୍କୁ ସିବିଆଇ ସମନ

**ଅବକାରୀ ଦୁର୍ନୀତି ମାମଲା**

ନୂଆଦିଲ୍ଲୀ, ୧୪।୪(ପି.ଟି.)



ଅରବିନ୍ଦ କେଜ୍‌ରିୱାଲ

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସିବିଆଇ ସମନ ଜାରି କରିଛି। ତାଙ୍କୁ ୧୬ ତାରିଖ ପୂର୍ବାହ୍ନ ୧୧ଟାରେ ତଦନ୍ତକାରୀ ଟିମ୍ ଆଗରେ ହାଜର ହୋଇ ଜେରାର ଜବାବ ରଖିବାକୁ କୁହାଯାଇଛି। ଏହି ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗତ ଫେବୃୟାରୀରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଗିରଫ କରିଥିଲା। ସିବିଆଇ ହାତରେ କେତେକ ନୂଆ ତଥ୍ୟ ପ୍ରମାଣ ପଡ଼ିବା ପରେ ଜେରା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଡକାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ନିର୍ଦ୍ଦିଷ୍ଟ କେତେଜଣ ମଦ ଡିଲରଙ୍କୁ ବ୍ୟବସାୟ ପାଇଁ ଲାଇସେନ୍ସ ପ୍ରଦାନ ନିମନ୍ତେ ଦିଲ୍ଲୀ ସରକାର ଅବକାରୀ ନୀତି ୨୦୨୧-୨୨ କାର୍ଯ୍ୟକାରୀ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ବିପୁଳ ଲାଞ୍ଚ କରାବାର ହୋଇଥିଲା। ଅଭିଯୋଗକୁ ଏଏପି ଖଣ୍ଡନ କରିବା ସହ ଉକ୍ତ ନୀତିକୁ ପ୍ରତ୍ୟାହାର କରିନେଇଥିଲା।

## ବିଶ୍ୱର ୩ୟ ଉତ୍ତପ୍ତ ସହର ବାରିପଦା

**ପାରଦ ଛୁଇଁଲା ୪୪ ଡିଗ୍ରୀ**

ଭୁବନେଶ୍ୱର, ୧୪।୪(ବ୍ୟୁରୋ)



ପ୍ରଚଣ୍ଡ ଗ୍ରୀଷ୍ମରେ ସାରା ରାଜ୍ୟ ସିଝୁଛି। ସତେଯେମିତି ଆକାଶରୁ ଅଗ୍ନିବର୍ଷା ହେଉଛି। ଗତ କିଛିଦିନ ହେବ ଅସହ୍ୟ ତାତି ସମଗ୍ର ରାଜ୍ୟକୁ କବଳିତ କରିଛି। ସକାଳ ହେବା ମାତ୍ରେ ମାଡ଼ିଆସୁଛି ତତଲା ପବନ। ଦେହମୁଣ୍ଡ ଜଳିପୋଡ଼ିଗଲା ଭଳି ଲାଗୁଛି। ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଘରେ କି ବାହାରେ ନିସ୍ତାର ନାହିଁ। ରାସ୍ତାଘାଟ ଶୂନ୍‌ଶାନ ହୋଇଯାଉଛି। ଗତ ୪/୫ ଦିନରେ ଦିନର ତାପମାତ୍ରା ୫ରୁ ୭ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ହେଲାଣି। ଶୁକ୍ରବାର ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ରାଜ୍ୟକୁ ଉତ୍ତପ୍ତ କରିଛି। ବାରିପଦା ଦେଶର ସବୁଠୁ ତତଲା ସହର ପାଲଟିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୪

## ମକଦ୍ଦମା ପାଇଁ ଅନୁମତି ଦେଲାନି କେନ୍ଦ୍ର

**ନାଗାଲାଣ୍ଡରେ ସେନା ଯବାନଙ୍କ ଗୁଳିଚାଳନା ମାମଲା**

ଗୁଆହାଟୀ, ୧୪।୪

୨୦୨୧ ଡିସେମ୍ବରରେ ନାଗାଲାଣ୍ଡରେ ସେନା ଯବାନଙ୍କ ବେପରୁଆ ଉଗ୍ରପନ୍ଥୀ ବିରୋଧୀ କାର୍ଯ୍ୟାନୁଷ୍ଠାନ ଯୋଗୁ ୧୪ ଜଣ ନିରୀହ ଯୁବକଙ୍କ ଜୀବନ ଯାଇଥିଲା। ଏହି ଅପରେଶନରେ ସମ୍ପୃକ୍ତ ୩୦ ଯବାନଙ୍କ ବିରୋଧରେ ମକଦ୍ଦମା ଚଳାଇବା ଲାଗି ଅନୁମତି ଦେବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ନାଗାଲାଣ୍ଡର ମୋନ୍ ଜିଲାରେ ସେନା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ରାଜ୍ୟ ନା କେନ୍ଦ୍ରର







**ଇଣ୍ଡୋନେସିଆରେ ଭୂକମ୍ପ**

ଇଣ୍ଡୋନେସିଆର ଜାଭା ଓ ବାଲି ଦ୍ୱୀପରେ ଶୁକ୍ରବାର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୭.୦ ଥିଲା। ଭୂକମ୍ପ ଯୋଗୁ ଆତଙ୍କ ଖେଳିଯାଇଛି। ତେବେ ତୁରନ୍ତ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ମିଳିନାହିଁ। ପୂର୍ବ ଜାଭା ପ୍ରଦେଶର ଉପକୂଳ ସହର ଟୁବାନ୍‌ର ଉତ୍ତରରେ ୯୬.୫ କିଲୋମିଟରରେ ଏବଂ ୫୯୪ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ପକ୍ଷରୁ କୁହାଯାଇଛି। ତେବେ ସୁନାମି ଆଶଙ୍କା ନାହିଁ।

## ସଂକ୍ଷେପରେ

### ବଙ୍ଗଳା ଖାଲି କରୁଛନ୍ତି ରାହୁଲ

**ନୂଆଦିଲ୍ଲୀ, ୧୪।୪(ପି.ଟି.):** ଲୋକ ସଭା ସଦସ୍ୟତା ଯିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ତାଙ୍କ ୧୨, ତୋଗଲକ୍ ଲେନ୍‌ସ୍ଥିତ ସରକାରୀ ବଙ୍ଗଳା ଖାଲି କରିବା ଆରମ୍ଭ କରିଛନ୍ତି। ଏପ୍ରିଲ ୨୨ ସୁଦ୍ଧା ସରକାରୀ ଘର ଖାଲି କରିବାକୁ ତାଙ୍କୁ ଲୋକ ସଭା ସଚିବାଳୟ ପକ୍ଷରୁ ନୋଟିସ କରାଯାଇଥିଲା। ବଙ୍ଗଳା ବାହାରେ ଦୁଇଟି ଟ୍ରକ୍ ଲାଗିବା ପରେ ଜିନିଷପତ୍ର ସେଥିରେ ଲଦାହୋଇ ସୋନିଆ ଗାନ୍ଧୀଙ୍କ ୧୦, ଜନପଥ ବାସଭବନକୁ ନିଆଯାଇଛି। ରାହୁଲ ଇତିମଧ୍ୟରେ ବିଭିନ୍ନ ଘର ଦେଖିଛନ୍ତି। ତେବେ ସେ ତାଙ୍କ ମାଆ ତଥା କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ସହ ରହିପାରନ୍ତି ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ମାନହାନି ମାମଲାରେ ସୁରଟ୍‌ର ଏକ ଅଦାଲତ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେବାରୁ ତାଙ୍କ ଲୋକ ସଭା ସଭ୍ୟପଦ ରଦ୍ଦ ହୋଇଥିଲା।

### ଭିଜିଲାନ୍ସ ବ୍ୟୁରୋରେ ହାଜର ହେଲେ ଚନ୍ନି



ଚରଣଜିତ୍ ସିଂ ଚନ୍ନି

**ଚଣ୍ଡିଗଡ଼, ୧୪।୪:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଶୁକ୍ରବାର ଭିଜିଲାନ୍ସ ବ୍ୟୁରୋରେ ହାଜର ହୋଇଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଦୀର୍ଘ ସମୟ ଧରି ଜେରା କରିଥିଲେ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ତଦନ୍ତ କରାଯାଉଥିବା ଚନ୍ନି କହିଛନ୍ତି। ମୋହାଲିସ୍ଥିତ ଭିଜିଲାନ୍ସ ବ୍ୟୁରୋ କାର୍ଯ୍ୟାଳୟରେ ପ୍ରବେଶ ପୂର୍ବରୁ କଂଗ୍ରେସ ନେତା ଚନ୍ନି ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କୁ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ସରକାର ଷଡ଼ଯନ୍ତ୍ର ରାଜନୀତି କରୁଥିବା ସେ କହିଛନ୍ତି। ଗତ ମାସରେ ଭିଜିଲାନ୍ସ ଚନ୍ନିଙ୍କ ନାମରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା।

### ଦୈନିକ ସଂକ୍ରମଣ ୧୧ ହଜାର ଟପିଲା

**ନୂଆଦିଲ୍ଲୀ, ୧୪।୪:** ଦେଶରେ କରୋନା ମହାମାରୀ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୧୧,୧୦୯ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୈନିକ ସଂକ୍ରମଣକୁ ମିଶାଇ ଦେଶରେ କୋଭିଡ୍ ସକ୍ରିୟ ମାମଲା ୪୯,୬୨୨ରେ ପହଞ୍ଚିଛି। ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସକାଳ ୮ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ କୋଭିଡ୍-୧୯ରେ ମୋଟ ୨୯ ଜଣ ପ୍ରାଣ ହରାଇଛନ୍ତି। ସେଥିମଧ୍ୟରୁ ଦିଲ୍ଲୀ, ରାଜସ୍ଥାନରୁ ୩ ଜଣ ଲେଖାଏ ପ୍ରାଣ ହରାଇଥିବାବେଳେ ଛତିଶଗଡ, ପଞ୍ଜାବରୁ ଦୁଇଜଣ ଲେଖାଏ ଏବଂ ହିମାଚଳ ପ୍ରଦେଶ, କେରଳ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପୁଡୁଚେରୀ, ତାମିଲନାଡୁ, ଉତ୍ତରପ୍ରଦେଶରେ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଦେଶରେ ଦୈନିକ ପଜିଟିଭିଟି ହାରରେ ବୃଦ୍ଧି ଘଟି ୫.୦୧ ପ୍ରତିଶତରେ ପହଞ୍ଚିଛି। ଅଦ୍ୟାବଧି ଦେଶରେ ୪.୪୭ କୋଟି ଲୋକ କରୋନାରେ ଆକ୍ରାନ୍ତ ହୋଇସାରିଥିବାବେଳେ ୫,୩୧,୦୬୪ ଜଣ ପ୍ରାଣ ହରାଇଲେଣି।



ଗୁଆହାଟୀରେ ଏକସଙ୍ଗେ ୧୧,୩୦୪ ନୃତ୍ୟଶିଳ୍ପୀ ଓ ୨,୫୪୮ ଢୋଲ ବାଦକ ବିହୁ ନୃତ୍ୟ ପ୍ରଦର୍ଶନ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତି ଥିଲେ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗିନିଜ୍ ଅଧିକାରୀମାନଙ୍କଠାରୁ ସାର୍ଟିଫିକେଟ ଗ୍ରହଣ କରିଥିଲେ।

## ପେନ୍‌ସନ ବିଲ୍‌କୁ କାଉନ୍‌ସିଲ ମଞ୍ଜୁରୀ

### ମାକ୍ରଁ ଆଶ୍ୱସ୍ତ

**ପ୍ୟାରିସ୍,୧୪।୪**

ଫ୍ରାନ୍ସର କନ୍‌ଷ୍ଟିଚ୍ୟୁଶନାଲ କାଉନ୍‌ସିଲ ଶୁକ୍ରବାର ରାତିରେ ସରକାରଙ୍କ ପେନ୍‌ସନ୍ ରିଫର୍ମକୁ ମଞ୍ଜୁରୀ ଦେଇଛି। ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ନୂଆ ପେନ୍‌ସନ୍ ବିଲ୍ ଅନୁସାରେ ସରକାରୀ କର୍ମଚାରୀଙ୍କ ବୟସ ସୀମା ୬୪କୁ ବୃଦ୍ଧି କରାଯାଇଛି। ଏହାର ପ୍ରତିବାଦରେ ୩ ମାସ ହେଲା ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ସରକାର ସପକ୍ଷରେ କାଉନ୍‌ସିଲ ରାୟ ଦେଇଛି। ଏହାକୁ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ପାଇଁ ବିଜୟ ବୋଲି କୁହାଯାଉଛି। ମାକ୍ରଁ ଏହି ବିଲ୍‌କୁ ୧୫ ଦିନ ମଧ୍ୟରେ ଆଇନରେ ପରିଣତ କରିପାରିବେ।




ପ୍ୟାରିସ୍‌ରେ ଜଣେ ପେନ୍‌ସନ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପେଣ୍ଟାଗନ୍ ଗୁପ୍ତ ଦସ୍ତାବିଜ ଲିକ୍
# ପ୍ରଘଟକାରୀ ଜ୍ୟାକ୍ ଟେକ୍ସେରା ଗିରଫ

**ୱାଶିଂଟନ୍,୧୪।୪**

ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ 'ପେଣ୍ଟାଗନ୍'ର ଗୋପନୀୟ ଦସ୍ତାବିଜ ପ୍ରଘଟ ଖବର ବିଶ୍ୱ ଗଣମାଧ୍ୟମରେ ଛାଇଯାଇଛି। ଏହି ମାମଲାରେ ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ଫେଡେରାଲ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଫ୍‌ବିଆଇ) ୨୧ ବର୍ଷୀୟ ଜ୍ୟାକ୍ ଡୋଗ୍‌ଲାସ୍ ଟେକ୍ସେରାଙ୍କୁ ମାସାଚୁ୍ୟସେଟ୍ସର ଡିଘଟନ୍‌ରୁ ଗିରଫ କରିଛି। ଜ୍ୟାକ୍ ଆମେରିକା ସରକାର ଓ ସେନାର ଗୋଇନ୍ଦା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଲିକ୍ କରିଥିବାରୁ ଦେଶର ସୁରକ୍ଷା ବିପନ୍ନ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ୱାଶିଂଟନ୍‌କୁ ଦେଶବିଦେଶରେ ହଟହଟା ହେବାକୁ ପଡ଼ିଛି। ୨୦୧୩ରେ କମ୍ପ୍ୟୁଟର ଇଣ୍ଟେଲିଜେନ୍ସ କନ୍‌ସଲଟାଣ୍ଟ ଏଡ୍‌ୱାର୍ଡ ସ୍ନୋଡେନ୍ ନ୍ୟାଶନାଲ ସିକ୍ୟୁରିଟି ଏଜେନ୍ସିର ଗୁପ୍ତ ଦସ୍ତାବିଜ ପ୍ରଘଟ କରିବା ପରଠାରୁ ଏହାକୁ ସବୁଠୁ ବଡ଼ ସରକାରୀ ତଥ୍ୟ ଲିକ୍ ବୋଲି କୁହାଯାଉଛି। ଏହା ପୂର୍ବରୁ ୨୦୧୦ରେ ଅଷ୍ଟ୍ରେଲୀୟ ଜୁଲିଆନ୍ ଆସେଞ୍ଜଙ୍କ ୱିକିଲିକ୍ସରେ ଆମେରିକାର ୭ ଲକ୍ଷ ସରକାରୀ ଦସ୍ତାବିଜ, ଭିଡିଓ ଏବଂ କୂଟନୈତିକ କ୍ୟାବୁଲ୍‌ର ପ୍ରଘଟ ବିଶ୍ୱବ୍ୟାପୀ ହଟଚମଟ ସୃଷ୍ଟି କରିଥିଲା।

ଏଫ୍‌ବିଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଇଣ୍ଟେଲିଜେନ୍ସ ବିଶେଷଜ୍ଞ ଜ୍ୟାକ୍ ଟେକ୍ସେରିଆ ସେହି



ଏଫ୍‌ବିଆଇ ହାଜତରେ ୨୧ ବର୍ଷୀୟ ଜ୍ୟାକ୍ ଡୋଗ୍‌ଲାସ୍ ଟେକ୍ସେରା

ଅନ୍‌ଲାଇନ୍ ଗେମିଂ ଚାଟ୍ ଗ୍ରୁପ୍‌ର ନେତୃତ୍ୱ ନେଉଥିଲେ, ଯେଉଁଠିରେ ସିକ୍ରେଟ୍ ଡକ୍ୟୁମେଣ୍ଟଗୁଡ଼ିକୁ ପୋଷ୍ଟ କରାଯାଇଥିଲା। କେତେଜଣ ରୁଷୀୟ ଓ ୟୁକ୍ରେନୀୟଙ୍କ ସମେତ ୨୪ ୟୁଜର୍ସଙ୍କୁ ନେଇ ଏହି ଗ୍ରୁପ୍ ତିଆରି କରାଯାଇଥିଲା। ଜ୍ୟାକ୍ ଏଥିରେ ନିଜ ଛଦ୍ମନାମ ରଖିଥିଲେ 'ଓଜି'। ଟୁଇଟର, ଫେସ୍‌ବୁକ୍, ୟୁଟ୍ୟୁବ୍ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଅନେକ ଗୋପନୀୟ ଦସ୍ତାବିଜ ସାମ୍ନାକୁ ଆସିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ୟୁକ୍ରେନ୍ ପଲିସିର ବିଫଳତା ଧରାପଡ଼ିଥିଲା। ବାଇଡେନ୍ ଗୁରୁବାର ଆୟର୍ଲାଣ୍ଡ ଗସ୍ତରେ ଥିବାବେଳେ ଏହି ପ୍ରଘଟ ନେଇ ଅବଗତ ଥିବା କହିଥିଲେ। ଏହି ପ୍ରଘଟ ଯୋଗୁ ଆମେରିକାର କେତେ ବଡ଼ କ୍ଷତି ହେବାକୁ ଯାଉଛି ତାହା ଅଧିକାରୀମାନେ ଆକଳନ କରୁଛନ୍ତି।

ଜ୍ୟାକ୍ ମାସାଚୁ୍ୟସେଟ୍ସ ଏୟାର ନ୍ୟାଶନାଲ ଗାର୍ଡର ଜଣେ ମେମ୍ବର। ୨୦୧୯ରେ ସର୍ଭିସରେ ଯୋଗଦେବା ପରେ ସେ ନ୍ୟାଶନାଲ ଗାର୍ଡ ବେସ୍‌ରେ ସାମରିକ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ତାଙ୍କ ପରିବାରର ଅନେକ ସଦସ୍ୟ ସେନାରେ କାର୍ଯ୍ୟ କରୁଛନ୍ତି କିମ୍ବା ପୂର୍ବରୁ ସେବା ପ୍ରଦାନ କରିଛନ୍ତି। ଜ୍ୟାକ୍‌ଙ୍କ ପ୍ରଘଟ ପରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ କିଭ୍‌କୁ କେତେ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଛି, ଆଗକୁ କେତେ ଓ କିପରି ସାମରିକ ସହାୟତା ପ୍ରଦାନ କରାଯିବ ସବୁ କିଛି ପଦାକୁ ଆସିଛି। ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷ ସୈନ୍ୟଙ୍କ ମୃତ୍ୟୁସଂଖ୍ୟା ସହ କିଭ୍ ପାଖରେ ଥିବା ମିଶାଇଲ୍ ଓ ଅନ୍ୟ ଯୁଦ୍ଧାସ୍ତ୍ର ଖୁବ୍‌ଶୀଘ୍ର ଶେଷ ହୋଇଯିବ ବୋଲି ଲିକ୍ ଦସ୍ତାବିଜରୁ ପ୍ରଘଟ ହୋଇଛି। ଏଫ୍‌ବିଆଇ ଏଜେଣ୍ଟମାନେ ଗୁରୁବାର ଜ୍ୟାକ୍‌ଙ୍କ ଘରେ ଚଡ଼ାଉ କରିବା ସହ ଦଣ୍ଡ କୋହଳ କରାଇବା ପ୍ରତିଶ୍ରୁତି ଦେଇ ତାଙ୍କୁ ଗିରଫ କରିଛନ୍ତି। ଗିରଫଦାରି ବେଳେ ଜ୍ୟାକ୍ ଏକ ଟି-ଶାର୍ଟ ଓ ଶର୍ଟ୍ସ ପିନ୍ଧିଥିଲେ। ଜାତୀୟ ଗୁପ୍ତ ପ୍ରତିରକ୍ଷା ଦସ୍ତାବିଜଗୁଡ଼ିକୁ ବେଆଇନ ଭାବେ ହଟାଇବା ଓ ଅନ୍ୟତ୍ର ପ୍ରେରଣ କରିବା ଅଭିଯୋଗରେ ତାଙ୍କୁ ଗିରଫ ପରେ ବୋଷ୍ଟନ୍ ଫେଡେରାଲ କୋର୍ଟରେ ହାଜର କରାଯାଇଛି। ଆର୍ଟର୍ନି ଜେନେରାଲ ମେରିକ୍ ଗାର୍ଲେଣ୍ଡ ଏନେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ ମଧ୍ୟ ଏକ ବିବୃତି ଜାରି କରି ଏଫ୍‌ବିଆଇର ତତ୍ପରତାକୁ ପ୍ରଶଂସା କରିଛନ୍ତି। ତେବେ ଏହି ଲୋ-ର୍ୟାଙ୍କିଙ୍ଗ୍ ସର୍ଭିସ୍ ମେମ୍ବର ମୁଖ୍ୟ ଅଭିଯୁକ୍ତ ରୂପେ ଆବିର୍ଭାବ ହେବା ଦଶନ୍ଧିର ସବୁଠୁ ହାଇଏଷ୍ଟ ପ୍ରୋଫାଇଲ ଇଣ୍ଟେଲିଜେନ୍ସ ଲିକ୍‌କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ନିମ୍ନ ପାହ୍ୟାର ପ୍ରତିରକ୍ଷା ବିଭାଗ କର୍ମଚାରୀ ଏଭଳି ସମ୍ବେଦନଶୀଳ ତଥ୍ୟ କିପରି ହାସଲ କଲେ। ସାଇବର ଟ୍ରାନ୍ସପୋର୍ଟ ସିଷ୍ଟମ୍ସ ଜର୍ନିମ୍ୟାନ୍ ଭାବେ କାର୍ଯ୍ୟ କରିବା ପାଇଁ ହାଇସ୍କୁଲ ଡିଗ୍ରୀ, ଡ୍ରାଇଭିଂ ଲାଇସେନ୍ସ ଓ ୧୯ ମାସର ତାଲିମ ଆବଶ୍ୟକ ହୋଇଥାଏ। ସେହି ଯୋଗ୍ୟତା ଜ୍ୟାକ୍ ହାସଲ କରିଥିଲେ କି ନାହିଁ। ଡକ୍ୟୁମେଣ୍ଟ ଲିକ୍ ପ୍ରସଙ୍ଗରେ କିଛିଦିନ ହେଲା ସମାଲୋଚିତ ହୋଇଆସିଥିବା ବାଇଡେନ୍ ପ୍ରଶାସନକୁ ଆଗକୁ ଏହାର ଉତ୍ତର ଦେବାକୁ ପଡ଼ିବ।

### କେମୋଥେରାପି ବେଳେ ପୁଟିନ୍‌ଙ୍କୁ ହତ୍ୟା କରିବେ ନିଜ ଲୋକ

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କର୍କଟ ରୋଗ ପାଇଁ କେମୋଥେରାପି ନେଉଛନ୍ତି। ଏହି ଚିକିତ୍ସା ବେଳେ ତାଙ୍କୁ ନିଜ ଲୋକ ହତ୍ୟା କରିପାରନ୍ତି। ପେଣ୍ଟାଗନ୍ ଡକ୍ୟୁମେଣ୍ଟରେ ଏ ସମ୍ପର୍କିତ ଯୋଜନାର ପ୍ରଘଟ ହୋଇଛି। 'ଟପ୍ ସିକ୍ରେଟ୍' ଭାବେ ବର୍ଗୀକୃତ ଉକ୍ତ ଦସ୍ତାବିଜରୁ ସଙ୍କେତ ମିଳିଛି ଯେ, ରୁଷୀୟ ଚିଫ୍ ଅଫ୍ ଜେନେରାଲ ଷ୍ଟାଫ୍ ଭଲେରି ଗେରାସିମୋଭ୍ ଓ ଜାତୀୟ ସୁରକ୍ଷା ପରିଷଦ ସେକ୍ରେଟାରି ନିକୋଲାୟ ପତ୍ରୁଶେଭ୍ ପୁଟିନ୍‌ଙ୍କୁ କେମୋଥେରାପି ଚିକିତ୍ସା କରାଯାଉଥିବାବେଳେ ହତ୍ୟା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି।



ଭ୍ଲାଡିମିର ପୁଟିନ୍

### ୟୁକ୍ରେନ୍ ଯୁଦ୍ଧରେ କୌଣସି ପକ୍ଷକୁ ଅସ୍ତ୍ର ବିକିବନି ଚାଇନା

**ବେଜିଂ,୧୪।୪**

ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷଙ୍କ ମଧ୍ୟରୁ କାହାକୁ ଚାଇନା ନିଜ ଅସ୍ତ୍ରଶସ୍ତ୍ର ବିକ୍ରି କରିବ ନାହିଁ। ରୁଷିଆକୁ ବେଜିଂ ସାମରିକ ସହାୟତା ପ୍ରଦାନ କରିପାରେ ବୋଲି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଚିନ୍ତାବ୍ୟକ୍ତ କରୁଥିବାବେଳେ ଶୁକ୍ରବାର ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗଙ୍ଗ୍ ଏହାକୁ ସ୍ପଷ୍ଟ ଖଣ୍ଡନ କରିଛନ୍ତି। ୨୦୨୨ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ଚାଇନା ନିରପେକ୍ଷତା ଅବଲମ୍ବନ କରିଆସୁଛି। କିନ୍ତୁ ରୁଷିଆ ଉପରେ ପାଶ୍ଚାତ୍ୟ ଦଣ୍ଡାତ୍ମକ କଟକଣା ଜାରି କରିଥିବାବେଳେ ଚାଇନା ଏହାକୁ ରାଜନୈତିକ ଓ ଆର୍ଥିକ ସମର୍ଥନ ଜଣାଇଆସିଛି। ରୁଷିଆକୁ ଅସ୍ତ୍ରଶସ୍ତ୍ର ଦିଆଯିବ ନାହିଁ ବୋଲି କହିବାରେ କିନ୍ ଗଙ୍ଗ୍ ହେଉଛନ୍ତି ଚାଇନାର ସର୍ବୋଚ୍ଚସ୍ତରୀୟ ନେତା। ୟୁକ୍ରେନ୍ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଚାଇନା ଆଗ୍ରହୀ ଥିବା ସେ ଦୋହରାଇଛନ୍ତି।

### ଇଣ୍ଡୋନେସିଆ ହ୍ୟାକରଙ୍କ ଟାର୍ଗେଟରେ ଭାରତର ସରକାରୀ ୱେବ୍‌ସାଇଟ୍

**ନୂଆଦିଲ୍ଲୀ, ୧୪।୪(ଆଇଏଏନ୍‌ଏସ୍)**

ଇଣ୍ଡୋନେସିଆର ଏକ ହ୍ୟାକର ଗ୍ରୁପ୍ ଭାରତର ରାଜ୍ୟ ଓ କେନ୍ଦ୍ର ସରକାରୀ ପୋର୍ଟାଲଗୁଡ଼ିକୁ ଟାର୍ଗେଟ କରିବା ଲାଗି ଯୋଜନା କରୁଥିବା ଜଣାପଡ଼ିବା ପରେ ଉଦ୍‌ବେଗ ପ୍ରକାଶ ପାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସାଇବର ସୁରକ୍ଷା ସତର୍କ ସୂଚନା ଜାରି କରାଯାଇଛି। ଇଣ୍ଡୋନେସିଆର ହ୍ୟାକ୍ଟିଭିଷ୍ଟ ସଂଗଠନ ଦେଶର ୧,୨୦୦ ସରକାରୀ ୱେବ୍‌ସାଇଟ୍‌କୁ ଟାର୍ଗେଟ କରିପାରେ ବୋଲି ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର ପକ୍ଷରୁ ଜାରି ନୋଟିସରୁ ଏହା ଜଣାପଡ଼ିଛି।

### ମୋଜାମ୍ବିକ୍‌ରେ ଭାରତ ନିର୍ମିତ ଟ୍ରେନ୍ ଚଢ଼ିଲେ ଜୟଶଙ୍କର

**ନୂଆଦିଲ୍ଲୀ, ୧୪।୪**

ମୋଜାମ୍ବିକ୍ ଗସ୍ତରେ ଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସେଠାରେ ଭାରତ ନିର୍ମିତ ଟ୍ରେନ୍ ଚଢ଼ିଛନ୍ତି। ତାଙ୍କ ସହ ମୋଜାମ୍ବିକ୍‌ର ପରିବହନ ମନ୍ତ୍ରୀ ମାଟେଅସ୍ ମାଗାଲା ଏବଂ ଆଇଆଇଟିଇଏସ୍‌ର ସିଏମ୍‌ଡି ରାହୁଲ ମିତ୍ତଲ ମାପୁଟୋରୁ ଉକ୍ତ ଟ୍ରେନ୍‌ରେ ଯାତ୍ରା କରିଥିଲେ। ମୋଜାମ୍ବିକ୍‌ରେ ଟ୍ରେନ୍ ନେଟ୍‌ୱର୍କ, ବୈଦ୍ୟୁତିକ ଗମନାଗମନ ଏବଂ ଜଳପଥ ସଂଯୋଗ ବଢ଼ାଇବା ନେଇ ଜୟଶଙ୍କର ସେଠାର ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।



### ଫୁଟ୍‌ବ୍ରିଜ୍ ଭୁଶୁଡ଼ି ୮୦ ଆହତ

**ଉଦ୍ଧମପୁର, ୧୪।୪(ପି.ଟି.):** ଜମ୍ମୁ-କଶ୍ମୀରର ଉଦ୍ଧମପୁର ଜିଲାରେ ଶୁକ୍ରବାର ଏକ ଫୁଟ୍‌ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୭ ପିଲାଙ୍କ ସମେତ ଅନ୍ୟୂନ ୮୦ ଜଣ ଆହତ ହୋଇଛନ୍ତି। ବୈଶାଖୀ ଉତ୍ସବ ପାଳନ ବେଳେ ଚେନାନି ବ୍ଲକ୍‌ର ବାଇନ ଗ୍ରାମସ୍ଥିତ ବେନି ସଙ୍ଗମ୍‌ଠାରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପୋଲିସ ଓ ସହାୟତାକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଏକସଙ୍ଗେ ବହୁସଂଖ୍ୟାରେ ଲୋକେ ବ୍ରିଜ୍‌ରେ ଚଢ଼ିବାରୁ ଏହା ଭୁଶୁଡ଼ିପଡ଼ିଲା ବୋଲି ଜମ୍ମୁ ଡିଭିଜନାଲ କମିଶନର ରମେଶ କୁମାର କହିଛନ୍ତି। ଆହତଙ୍କ ମଧ୍ୟରୁ ୨୦ରୁ ୨୫ ଜଣ ଗୁରୁତର ଥିବା ଚେନାନି ମ୍ୟୁନିସିପାଲିଟିର ଅଧ୍ୟକ୍ଷ କହିଛନ୍ତି। ୬-୭ ଜଣଙ୍କୁ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ଆମ୍ବେଡ୍‌କରଙ୍କ ୧୨୫ ଫୁଟ୍ ପ୍ରତିମୂର୍ତ୍ତି ଅନାବରଣ

### ପରବର୍ତ୍ତୀ ସରକାର ଆମର: କେସିଆର୍

**ହାଇଦ୍ରାବାଦ, ୧୪।୪**

ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡ୍‌କରଙ୍କ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ହାଇଦ୍ରାବାଦର କେନ୍ଦ୍ରସ୍ଥଳ ହୁସେନ୍ ସାଗର କୂଳରେ ତାଙ୍କର ୧୨୫ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ବୌଦ୍ଧ ସନ୍ନ୍ୟାସୀମାନଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଉକ୍ତ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମ୍ବେଡ୍‌କରଙ୍କ ନାତି



ପ୍ରକାଶ ଆମ୍ବେଡ୍‌କର, ରାଜ୍ୟର କେତେଜଣ ମନ୍ତ୍ରୀ ଓ ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥିଲେ। ଏକ ସ୍ୱତନ୍ତ୍ର ହେଲିକପ୍ଟରରୁ ପ୍ରତିମୂର୍ତ୍ତି ଉପରେ ପୁଷ୍ପବୃଷ୍ଟି କରାଯାଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ୪୦ ହଜାର ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ କେସିଆର୍ କହିଛନ୍ତି, କେନ୍ଦ୍ରରେ ପରବର୍ତ୍ତୀ ସରକାର ତାଙ୍କ ଦଳ ଗଢ଼ିବ। ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର ଏବଂ ଉତ୍ତରପ୍ରଦେଶରୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)କୁ ବିପୁଳ ସମର୍ଥନ ମିଳୁଛି। ତାଙ୍କ ଦଳ କେନ୍ଦ୍ରରେ କ୍ଷମତାକୁ ଆସିଲେ ସାରା ଦେଶରେ ଦଳିତ ବନ୍ଧୁ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି କେସିଆର୍ କହିଛନ୍ତି। ୨୦୨୧ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ତେଲଙ୍ଗାନାର ଅନୁସୂଚିତ ଜାତି ପରିବାରଗୁଡ଼ିକୁ ଶତ ପ୍ରତିଶତ ଅନୁଦାନରେ ବ୍ୟବସାୟ କରିବା ଲାଗି ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯାଉଛି। ଏହି ଅର୍ଥ ପରିଶୋଧ କରିବାର ଆବଶ୍ୟକତା ପଡ଼ି ନ ଥାଏ।

# ପ୍ରାଣୀ-ମଣିଷ ସଂଘର୍ଷ କରାଇବ ଜଳବାୟୁ ପରିବର୍ତ୍ତନ

**ନୂଆଦିଲ୍ଲୀ, ୧୪।୪**

ଜଳବାୟୁ ପରିବର୍ତ୍ତନ ଫଳରେ ଜଙ୍ଗଲରେ ନିଆଁ ଲାଗିବା ସାଙ୍ଗକୁ ବନସ୍ପତି ମାତ୍ରା କମିବାରେ ଲାଗିଛି। ଏହାର ନକାରାତ୍ମକ ପ୍ରଭାବ ଜଙ୍ଗଲରେ ବାସ କରୁଥିବା ଜୀବଙ୍କ ଉପରେ ପଡ଼ିଛି। ଜଙ୍ଗଲ କ୍ଷୟ ଯୋଗୁ ପଶୁ ଖାଦ୍ୟ ଓ ବାସ ଅନ୍ୱେଷଣରେ ଗାଁ ଓ ସହର ମୁହାଁ ହେବାରେ ଲାଗିଛନ୍ତି। ଏହାଫଳରେ ମାନବ ଓ ଜୀବଙ୍କ ମଧ୍ୟରେ ସଂଘର୍ଷ ଦେଖାଯିବ ବୋଲି ପ୍ରକୃତି ସଂରକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ଜଳବାୟୁ ପ୍ରଭାବରେ ଧୀରେ ଧୀରେ ଜଙ୍ଗଲ କ୍ଷୟ ହେବାକୁ ବସିଛି। ଖାଦ୍ୟାଭାବରୁ ପ୍ରାଣୀଙ୍କ ମୃତ୍ୟୁ ଘଟିବାରେ ଲାଗିଛି। ସୁନ୍ଦରବନର ବ୍ୟାଘଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ



ପଡ଼ିବା ସକାଶେ ୱେଷ୍ଟର୍ନ ଘାଟରେ ଏହା ଏକ ବଡ଼ ଚ୍ୟାଲେଞ୍ଜ ସାବ୍ୟସ୍ତ ହୋଇଛି। ୨୦୧୮ ସୁନ୍ଦରବନରେ ମୋଟ ୯୮୧ ବାଘ ଗଣନା କରାଯାଇଥିଲା। ୨୦୨୨ରେ ଏହି ସଂଖ୍ୟା କମି ୮୨୪ରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ତରୁଲତା କୀଟ ପତଙ୍ଗ ଦ୍ୱାରା ବହୁ ରୋଗର ଶିକାର ହେଉଛନ୍ତି, ଯାହା ଜଙ୍ଗଲରେ ବାସ କରୁଥିବା ଜୀବଜନ୍ତୁଙ୍କଠାରେ ଖାଦ୍ୟର ଘୋର ଅଭାବ ଦେଖାଯାଉଥିବା ଜାତୀୟ ବ୍ୟାଘ୍ର ସୁରକ୍ଷା ସଂସ୍ଥା (ଏନ୍‌ଟିସିଏ)ର ଏଆଇଜି ମହମ୍ମଦ ସାଜିଦ୍ ସୁଲ୍‌ତାନ କହିଛନ୍ତି। ପୂର୍ବ ଦିନଗୁଡ଼ିକ ତୁଳନାରେ ବର୍ତ୍ତମାନ ବର୍ଷା ମଧ୍ୟ କମିଛି। ଠିକ୍ ସମୟରେ ଆବଶ୍ୟକ ପରିମାଣର ବର୍ଷା ନ ହେବା କାରଣରୁ ଜଙ୍ଗଲ ଶୁଖିଲା ପଡୁଛି ଏବଂ ତାପମାତ୍ରା ବୃଦ୍ଧି ଯୋଗୁ ସେଠାରେ ନିଆଁ ଲାଗିଯାଉଛି। ଜଳବାୟୁ ପରିବର୍ତ୍ତନ ପ୍ରଜନନ ଚକ୍ରକୁ ପ୍ରଭାବିତ କରିଛି। ଅନ୍ୟପକ୍ଷେ ବିଭିନ୍ନ ରୋଗ ଫସଲକୁ ଆକ୍ରମଣ କରିବା ଦ୍ୱାରା ଫସଲ ନଷ୍ଟ ହେବାରେ ଲାଗିଛି। ଫସଲ ଉଜୁଡ଼ିବା ଯୋଗୁ କ୍ଷୁଦ୍ରଚାଷୀ ଏବେ ଜଙ୍ଗଲ ଉପରେ ଅଧିକ ନିର୍ଭରଶୀଳ ହେବାକୁ ବସିଲେଣି। ଜଙ୍ଗଲ ଉପରେ ଉଭୟ ପଶୁ ଓ ମଣିଷ ନିର୍ଭର କରିବା ଦ୍ୱାରା ଉଭୟଙ୍କ ମଧ୍ୟରେ ସଂଘର୍ଷ ଦେଖାଯିବ ବୋଲି ପ୍ରକୃତି ସଂରକ୍ଷକମାନେ ଚେତାଇଛନ୍ତି।




# ଡକାୟତି ଘଟଣାରେ ଦୋଷୀଙ୍କୁ ୭ ବର୍ଷ କାରାଦଣ୍ଡ

କେନ୍ଦୁଝର,୧୪।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳର ଏକ ଡକାୟତି ମାମଲାର ବିଚାର କରି କେନ୍ଦୁଝର ସିଜେଏମ ରଞ୍ଜୁଲତା ଲେଙ୍କା ଜଣେ ଦୋଷୀଙ୍କୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୪ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅକ୍ଟୋବର ୨୮ ରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଭିମଟାଙ୍ଗି ହାଉସିଂବୋର୍ଡ କଲୋନୀର ସିଦ୍ଧାର୍ଥ ଶଙ୍କର ପଣ୍ଡା ତାଙ୍କର ଦୁଇ ବନ୍ଧୁ ଜିତେଶ ପ୍ରସାଦ ଓ ବିଶ୍ୱନାଥ ପ୍ରତାପ ୨ ବାଇକରେ ଝାଡ଼ଖଣ୍ଡର ରାଞ୍ଚିକୁ ଯାଉଥିଲେ। ବାଟରେ ରେମାଳ ଡ୍ୟାମକୁ ଯାଇ ଫଟୋ ଉଠାଉଥିଲେ। ଏହି ସମୟରେ ୬ ଜଣ ପହଞ୍ଚି ପିସ୍ତଲ ଦେଖାଇ ଲୁଟିବାକୁ ଚେଷ୍ଟା କରିଥିଲେ। ସେମାନେ ବିରୋଧ କରିବାରୁ ଜଣେ ଡକାୟତ ଜିତେଶଙ୍କ ପେଟକୁ ଗୁଳି କରିଥିଲେ। ବିଶ୍ୱନାଥଙ୍କ ମୁଣ୍ଡକୁ ପିସ୍ତଲରେ ବାଡ଼େଇ ଦୁଇ ବାଇକ, ୪ ମୋବାଇଲ, ୩ ହେଲମେଟ୍, ୧୨ହଜାର ୬ଶହ ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ହରିଚନ୍ଦନପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୧୧୧/୧୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟ ଏକ ମାମଲାରେ ସଦର ଥାନା ପୋଲିସ ୬ ଜଣିଆ ଡକାୟତି ଗ୍ୟାଙ୍ଗକୁ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଥିବା ନିଲୁ ବିରୁଆ (୩୦)ହରିଚନ୍ଦନପୁର ଘଟଣାରେ ଜଡ଼ିତ ଥିବା ପ୍ରକାଶ କରିଥିଲା। ପରେ ହରିଚନ୍ଦନପୁର ପୋଲିସ ପଚରାଉଚୁରା କରି ଘଟଣାରେ ଝାଡ଼ଖଣ୍ଡ ରାଜ୍ୟର ରୁପା ବରଜ, ଅଜୟ ହେମ୍ବ୍ରମ, ରବି ଗଡ଼ସେରା, ଗାନ୍ଧୀ ସୁଙ୍କୁ ଓ ଘସିପୁରା ଅଞ୍ଚଳର ଜଗବନ୍ଧୁ ପୃଷ୍ଟି ସାମିଲ ଥିବା ଜାଣିବାକୁ ପାଇଥିଲା। କୋର୍ଟ ୨୪ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଉକ୍ତ ରାୟ ଦେଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପିପି ଅଶୋକ ଦାସ କହିଛନ୍ତି।




# ରାଜ୍ୟରେ ବ୍ୟାପିଲା କରୋନା, ଗଲା ୨ ଜୀବନ

## ଦିନକରେ ୨୫୮ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

- ଝାରସୁଗୁଡ଼ାରେ କୋଭିଡ୍ ମୃତ୍ୟୁନେଇ ସୂଚନା ଦେଲା ସ୍ୱାସ୍ଥ୍ୟ ବିଭାଗ
- ଏସ୍‌ସିବିରେ କୋଭିଡ୍ ଆକ୍ରାନ୍ତଙ୍କ ଅନ୍ୟରୋଗରେ ମୃତ୍ୟୁ ସୂଚନା
- ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଲେ ଋତୁକାଳୀନ କୋଭିଡ୍ ସଂକ୍ରମଣ



ଦେଶର ବିଭିନ୍ନ ରାଜ୍ୟରେ ଏବେ କରୋନା ବ୍ୟାପିବାରେ ଲାଗିଛି। ପ୍ରଥମେ ଦିଲ୍ଲୀ, ମହାରାଷ୍ଟ୍ର ଆଦି ରାଜ୍ୟରେ ସଂକ୍ରମଣ ବଢୁଥିଲା। ଏବେ ଓଡ଼ିଶାର ସ୍ଥିତି ମଧ୍ୟ ଧୀରେ ଧୀରେ ବିଗିଡିବାରେ ଲାଗିଛି। ସଂକ୍ରମଣ ବୃଦ୍ଧି ସହ ଏହି ମହାମାରୀ ଜୀବନ ବି ନେଲାଣି। ଇତିମଧ୍ୟରେ ରାଜ୍ୟରେ ଦୈନିକ ସଂକ୍ରମଣ ୩ଶହ ମୁହାଁ ହୋଇଥିବାବେଳେ ଦିନକରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନାନୁସାରେ, ଶେଷ ୨୪ ଘଣ୍ଟାରେ ରାଜ୍ୟରୁ ୨୫୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧,୮୬ରେ ପହଞ୍ଚିଛି। ସେହିପରି ଜଣେ ମୃତକ ହେଲେ ଝାରସୁଗୁଡ଼ା ଜିଲାର ୬୫ ବର୍ଷୀୟା ମହିଳା। ତାଙ୍କ କିଡ୍‌ନୀ ସଂକ୍ରମିତ ହେବା ସହ ଫେଲ୍ୟୁର୍ ସ୍ଥିତିକୁ ଚାଲିଯାଇଥିଲା। ଏଥିସହ ସେ ପଲ୍‌ମୋନାରି ଏଡେମାରେ ମଧ୍ୟ ପୀଡିତ ଥିଲେ। ଅନ୍ୟପକ୍ଷରେ କଟକ ଏସ୍‌ସିବି କୋଭିଡ୍ ହସ୍ପିଟାଲରେ ମଧ୍ୟ ଆଉଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସମ୍ପୃକ୍ତ ବୃଦ୍ଧ କୋଭିଡ୍ ପଜିଟିଭ ଚିହ୍ନଟ ହେବା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ରେଫର କରାଯାଇଥିବାବେଳେ ଗୁରୁବାର ମୃତ୍ୟୁ ହୋଇଥିଲା। ଏହା କୋଭିଡ୍‌ଜନିତ ମୃତ୍ୟୁ ନେଇ ଅଭିଯୋଗ ପରେ ମେଡିକାଲ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ରଖିଛନ୍ତି। ବୃଦ୍ଧ ଜଣକ କୋଭିଡ୍‌ରେ ଆକ୍ରାନ୍ତ ଥିଲେ ମଧ୍ୟ ତାଙ୍କର ମୃତ୍ୟୁ ବହୁବିଧ ରୋଗ ଓ ବୟସାଧିକ୍ୟ କାରଣରୁ ହୋଇଥିବା ମେଡିକାଲ ରେଜିଷ୍ଟ୍ରାର ସୂଚନା ଦେଇଛନ୍ତି।

ଗତ ୩ଦିନ ଧରି ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ରୁ ଊର୍ଦ୍ଧ୍ୱ ରହିଛି। ସୁବର୍ଣ୍ଣପୁର ଜିଲାରେ କୋଭିଡ୍ ସଂକ୍ରମଣ ହାର ସର୍ବାଧିକ ରହିଥିବାବେଳେ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ନବରଙ୍ଗପୁରରେ ମଧ୍ୟ ସଂକ୍ରମଣ ହାର ଅଧିକ ରହିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଏନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ବିଜୟ ମହାପାତ୍ର କହିଛନ୍ତି, ସଂକ୍ରମଣ ନିୟନ୍ତ୍ରଣରେ ଅଛି। ହସ୍ପିଟାଲ ଓ ମେଡିକାଲ କଲେଜଗୁଡ଼ିକରେ କୋଭିଡ୍ ଚିକିତ୍ସା ପାଇଁ ଆବଶ୍ୟକ ଶଯ୍ୟା, ଅକ୍ସିଜେନ ଓ ମେଡିସିନ ମହଜୁଦ ରଖାଯାଇଛି। ଟିକା ଅଧିକ ଯୋଗାଣ ପାଇଁ କେନ୍ଦ୍ରକୁ ଲେଖାଯାଇଥିଲେ ମଧ୍ୟ ଏଯାଏ ଆସିନାହିଁ। ଅନ୍ୟାନ୍ୟ ରୋଗ ସହ କୋଭିଡ୍ ପାଇଁ ଜୀବନ ଯାଉଛି। ପ୍ରତିଦିନ ପ୍ରାୟ ୫ ହଜାରରୁ ଅଧିକ ଟେଷ୍ଟ କରାଯାଉଛି। ଯେଉଁମାନଙ୍କ ପାଖେ କୋଭିଡ୍ ଲକ୍ଷଣ ଦେଖାଦେଉଛି ସେମାନେ ଶୀଘ୍ର ଟେଷ୍ଟ କରିବାକୁ ଡ. ମହାପାତ୍ର ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ନିରୋଜ କୁମାର ମିଶ୍ର କହିଛନ୍ତି, ଏବେର କୋଭିଡ ସଂକ୍ରମଣ ଋତୁକାଳୀନ ଭଳି ଲାଗୁଛି। ଏହା ଆହୁରି ୧୦ଦିନ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏହାପରେ ଧୀରେଧୀରେ କମିଯିବ। ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ କୋଭିଡ୍ ସଂକ୍ରମଣ ହାର ଅଧିକ ହେବାର ସମ୍ଭାବନା ରହିଛି। ସଂକ୍ରମଣଠୁ ଦୂରରେ ରହିବାକୁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ବର୍ତ୍ତମାନ ରାଜ୍ୟରେ ବୁଷ୍ଟର ଡୋଜ୍ ଉପଲବ୍ଧ ନାହିଁ। ୫୦ ହଜାର ବୁଷ୍ଟର ଡୋଜ୍ ପାଇଁ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି। କିନ୍ତୁ ଶୀଘ୍ର ବୁଷ୍ଟରଡୋଜ୍ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଥିଲେ ସଂକ୍ରମଣ ହାର କମ୍ ରହିଥାନ୍ତା। ତେବେ ଏଥିରେ ସାଧାରଣ ଲୋକେ ଭୟ ନ କରି ସତର୍କ ରହିବା ଦରକାର ବୋଲି ଡ. ମିଶ୍ର କହିଛନ୍ତି।

# ଆମ୍ବ ଚୋରି ପାଇଁ ଦଣ୍ଡ

## ୫ ନାବାଳକଙ୍କୁ ପିଟି ଗଛ ମାଲିକ ଗିରଫ

ଭଦ୍ରକ ଅଫିସ, ୧୪।୪

ଗଛରୁ ଆମ୍ବ ଚୋରି ପାଇଁ ଦଣ୍ଡ। ୫ଜଣ ନାବାଳକଙ୍କୁ ଅମାନୁଷିକ ଭାବେ ନିସ୍ତୁକ ପିଟି ପିଠି ଫଟାଇ ଦେଇଛନ୍ତି ଗଛ ମାଲିକ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଗଛ ମାଲିକଙ୍କୁ ଗିରଫ କରିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗା ଆଦିବାସୀ ସାହିରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଜଳଙ୍ଗା ଆଦିବାସୀ ସାହିର ୫ଜଣ ନାବାଳକ ଗୁରୁବାର ଅପରାହ୍ଣରେ ଗାଁ ମୁଣ୍ଡରେ ଥିବା ଏକ ଆମ୍ବ ଗଛରୁ ଆମ୍ବ ତୋଳି ଖାଇଥିଲେ। ଏହି ସମୟରେ ସେମାନେ ଗଛ ମାଲିକଙ୍କ ହାବୁଡ଼ରେ ପଡ଼ିଥିଲେ। ଗଛ ମାଲିକ ଉକ୍ତ ଗ୍ରାମର ସୋମନାଥ ମଳିକ (ଜଟାଧାରୀ) ସେମାନଙ୍କୁ ଗାଳିଗୁଲଜ କରିବା ସହ ନିସ୍ତୁକ ପିଟିଥିଲେ। ଏ ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ଆହତ ପିଲାମାନଙ୍କୁ ରାତିରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଚିକିତ୍ସା ପରେ ସେମାନେ ଶୁକ୍ରବାର ଘରକୁ ଫେରିଛନ୍ତି। ଏନେଇ ଜଣେ ନାବାଳକଙ୍କ ବାପା ରାତିରେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୪୭/୨୩) ରୁଜୁ କରି ଶୁକ୍ରବାର ସୋମନାଥଙ୍କୁ ଗିରଫ କରିଛି।


ଆହତ ନାବାଳକମାନେ।

# ଯାଜପୁରରେ ଗାଡ଼ି, ଗଜପତିରୁ ଆସିଲା ଚାଲାଣ

## କଟାଯାଇଛି ୮୦୦୦ ଟଙ୍କାର ଚାଲାଣ

ବ୍ରହ୍ମବରଦା,୧୪।୪(ଡି.ଏନ.ଏ.)

ରାଜ୍ୟରେ ଦିନକୁଦିନ ବଢ଼ିଚାଲିଛି ଚୋରି ଓ ରାହାଜାନି। ଦୁଇଚକିଆ ଯାନର ଅହେତୁକ ବୃଦ୍ଧି ଯୋଗୁ କିଛିଲୋକ ନିଶା କାରବାର ଓ ଅସାମାଜିକ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ଅନ୍ୟ ଗାଡ଼ିର ନମ୍ବର ପ୍ଲେଟ୍ ଏବଂ ଚୋରାଗାଡ଼ି। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ସଦର ଥାନା ଅର୍ନ୍ତଗତ କବିରପୁରଠାରେ। କବିବରପୁରର ଜଣେ ଗାଡ଼ି ମାଲିକ ଜୟୀରମ ପାତ୍ର ଏକ ବର୍ଷ ହେବ ବାହାର ରାଜ୍ୟରେ ରହି କାମ କରୁଛନ୍ତି। ତାଙ୍କ ବାଇକ୍ ନଂ.(ଓଡି-୦୫-ଏ-୯୧୩୭) ଘରେ ଥୁଆ ହୋଇଛି। ଗାଡ଼ିର ଇନ୍‌ସ୍ୟୁରାନ୍ସ ମଧ୍ୟ ରହିଛି। ହେଲେ ତାଙ୍କ ବାଇକ୍ ନମ୍ବରରେ ଚାଲାଣ କଟିଛି। ଗଜପତି ଜିଲା ଆର୍‌ଟିଓ ସାନ୍ତନୁ କୁମାର ପରିଡ଼ାଙ୍କ ଦ୍ୱାରା ୦୧।୦୪।୨୦୨୩ (ଶନିବାର)ରେ ୮୦୦୦ ଟଙ୍କାର ଚାଲାଣ କଟାଯାଇଛି। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଲାଉଥିବା ହେତୁ ୫୦୦୦ ଟଙ୍କା, ଗାଡ଼ିର ଇନ୍‌ସ୍ୟୁରାନ୍ସ ନ ଥିବାରୁ ୨୦୦୦ ଟଙ୍କା ଏବଂ ବିନା ହେଲ୍‌ମେଟ୍‌ରେ ଗାଡ଼ିଚାଳନା ହେତୁ ୧୦୦୦ଟଙ୍କା ଚାଲାଣ କଟିଛି। ହେଲେ ଏହା କିପରି ଘଟିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ରାଜ୍ୟରେ ଗୋଟିଏ ନମ୍ବରରେ ଏକାଧିକ ଗାଡ଼ି ଚଳାଚଳ କରୁଛି। ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଜୟୀରାମଙ୍କ ଭଳି ବ୍ୟକ୍ତି ଅଯଥାରେ ଦଣ୍ଡ ଭୋଗୁଛନ୍ତି। ସରକାରଙ୍କ ତରଫରୁ ଏହାର ତଦନ୍ତ କରିବାକୁ ଜୟୀରାମ ଦାବି କରିଛନ୍ତି। ଏ ସମ୍ପର୍କରେ ଗଜପତି ଆର୍‌ଟିଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।






**ଆଜିର ମନ୍ତବ୍ୟ**

"କେତେଜଣ ଦେଶ ବିରୋଧୀ ଲୋକ ମନୀଷ ସିସୋଡିଆଙ୍କୁ ଜେଲ ପଠାଇଛନ୍ତି। ଗରିବ ଏବଂ ଦଳିତ ଛାତ୍ରୀଛାତ୍ର ଗୁଣାତ୍ମକମାନ ଶିକ୍ଷା ଗ୍ରହଣ କରନ୍ତୁ ବୋଲି ସେମାନେ ଚାହାନ୍ତି ନାହିଁ। **-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ପିଇବ ବସିବ ଘରେ,**
**ବକର ବକର କାଇଁ ଦାଣ୍ଡରେ।**

ଅନ୍ୟ କଳି ବା ଝଗଡାରେ ହସ୍ତକ୍ଷେପ କରିବା ଆଦୌ ଉଚିତ ନୁହେଁ। ଏପରି କଲେ ଅପବାଦ ମିଳିବାର ଭୟ ରହିଥାଏ। ତେଣୁ ଅଯଥା କଳିଝଗଡ଼ାରେ ମୁଣ୍ଡ ପୂରେଇବା ଅପେକ୍ଷା ଘରେ ଖାଇ ପିଇ ବସିବା ଭଲ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖାଲି ମୁକୁନ୍ଦା ଫେରେ ଫାର୍,**
**ଦୋହରି ପଇସା ଅଣ୍ଟାରେ ମାର।**

ଚାକ ଚିକ୍କଣ, ବାହାରକୁ ବଡ଼ ଲୋକର ଆଡା। ଠାଣି ମାଣି। ଉପୁରି ପଇସା ଅଣ୍ଟାରେ ଖୋସି ବଡ଼ଲୋକି ଦେଖେଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଶ୍ରୀମନ୍ଦିରରେ ହନୁମାନ ଜୟନ୍ତୀ

**ନୂତନ ପଞ୍ଜିକା ପ୍ରଚଳନ**

ପୁରୀ ଅଫିସ, ୧୪।୪

ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ନୂତନ ପଞ୍ଜିକା ପଠନ ସହ ପ୍ରଚଳନ ହୋଇଛି। ମହାପ୍ରଭୁଙ୍କ ମଙ୍ଗଳ ଆଳତି, ଅବକାଶ ନୀତି ବଢ଼ି ସକାଳ ଧୂପ ସରିବା ପରେ ପ୍ରଭୁ ହନୁମାନଙ୍କ ବିଗ୍ରହ ଦକ୍ଷିଣୀ ଘରୁ ସିଂହାସନକୁ ବିଜେ କରାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଅଧର ଚୁମ୍ବିତ ଗୋଟିଏ ଆଜ୍ଞାମାଳ ଏବଂ ଅନ୍ୟ ଏକ ମାଳ ଆଣି ହନୁମାନଙ୍କୁ ଦେଇଥିଲେ। ଏହାପରେ ବିମାନକୁ ହନୁମାନ ବିଜେ ହୋଇଥିଲେ। ଶ୍ରୀମନ୍ଦିର ଚାରିଦ୍ୱାରରେ ଥିବା ମହାବୀର ଓ ବାରଭାଇ ହନୁମାନ ଏବଂ ଶ୍ରୀମନ୍ଦିର ପରିସରସ୍ଥ ସମସ୍ତ ହନୁମାନଙ୍କୁ ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଘଣ୍ଟା, ଛତା, କାହାଳୀ ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ଏହି ଆଜ୍ଞାମାଳ ବିଜେ କରାଯାଇଥିଲା। ପ୍ରଥମେ ମହାବୀର ଓ ଶେଷରେ ଚକ୍ରତୀର୍ଥ ରୋଡସ୍ଥିତ ବେଡ଼ି ହନୁମାନ ତଥା ଦରିଆ ମହାବୀରଙ୍କ ନିକଟକୁ 'ଆଜ୍ଞାମାଳ' ଯାଇଥିଲା। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ପୂର୍ବରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ ଥିବା ହନୁମାନଙ୍କ ପ୍ରତିମୂର୍ତ୍ତି ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ନୀତି ଅନୁଷ୍ଠିତ ହୋଇଥିଲା। ମଠରେ ଭୋଗ, ବନ୍ଦାପନା ବଢ଼ିବା ପରେ ବାହୁଡ଼ା ବିଜେ ହୋଇଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ହୋଇ ନୂଆଲୁଗା, ସର୍ବାଙ୍ଗ ଓ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇ ବେଶ ବଢ଼ିଥିଲା। ପାଣିପଡ଼ି ଭୋଗ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମଧ୍ୟାହ୍ନ ଧୂପ ପୂଜା ବସି ଟେରା ପଡ଼ିଥିଲା। ବଳି ଅନ୍ନକୁ ମନ୍ଦିର ଚାରିପାର୍ଶ୍ୱରେ ଦିଗବଳୀ ଦେଲା ପରେ ଭୋଗ ସମ୍ପନ୍ନ କରାଯାଇଥିଲା। ବିଭିନ୍ନ ହନୁମାନ ମନ୍ଦିର ଓ ମହାବୀର ମନ୍ଦିରରେ ପଣାଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।



ଶ୍ରୀକ୍ଷେତ୍ରର ଅଷ୍ଟ ମହାବୀରଙ୍କ ନିକଟକୁ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ନିଆଯାଉଛି।

## ଜାଲ୍ ସାର୍ଟିଫିକେଟ ମାମଲା ଉପରେ ସରକାର ସତର୍କ ଦୃଷ୍ଟି ରଖିଛନ୍ତି: ଗଣଶିକ୍ଷା ମନ୍ତ୍ରୀ

**ପରିସ୍ଥିତିକୁ ଦେଖି ସ୍କୁଲ ଖୋଲିବା ନିଷ୍ପତ୍ତି ହେବ**

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ଜାଲ୍ ସାର୍ଟିଫିକେଟ ମାମଲାରେ ସରକାର ସତର୍କ ଦୃଷ୍ଟି ରଖିଛନ୍ତି । ବଲାଙ୍ଗୀର ପୋଷ୍ଟାଲ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ ଘଟଣା ସାମ୍ନାକୁ ଆସିବା ପରଠାରୁ ସରକାର ଏ ନେଇ ସକ୍ରିୟ ଅଛନ୍ତି ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଜାଲ୍ ସାର୍ଟିଫିକେଟ ମାମଲାରେ ଗମ୍ଭୀରତାର ସହ ଖୋଳତାଡ଼ ଜାରି ରଖିଛନ୍ତି । ଏଥିରେ ଜଡ଼ିତ ପ୍ରାୟ ୧୫୦ ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଥାନାରେ ମଧ୍ୟ ଏତଲା ଦିଆଯାଇଛି। ବିଇଓ, ଡିଇଓମାନଙ୍କୁ ୭ ଦିନ ଭିତରେ ନିଜ ଅଞ୍ଚଳର ନକଲି ସାର୍ଟିଫିକେଟଧାରୀଙ୍କ ସମ୍ପର୍କରେ ରିପୋର୍ଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅସଲି ନକଲି ନେଇ ଓଡ଼ିଶା ଓ ରାଜ୍ୟ ବାହାର ବିଶ୍ୱବିଦ୍ୟାଳୟକୁ ଚିଠି କରାଯାଉଛି। ଖୋଳତାଡ଼ କରିବାକୁ ସମୟ ଲାଗୁଛି। ଗଣଶିକ୍ଷା ବିଭାଗରେ ପୂର୍ବରୁ ମଧ୍ୟ ଖୋଳତାଡ଼ ଚାଲିଛି । ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନର ଆବଶ୍ୟକତା ପଡ଼ିନି ବୋଲି ସେ କହିଛନ୍ତି । ବଲାଙ୍ଗୀର ଲିଙ୍କ୍ କଥା କହିବା ଠିକ୍ ହେବନି ବୋଲି ମନ୍ତ୍ରୀ କହିଛନ୍ତି । କାରଣ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି । ଯାହା ଦରକାର ପଡ଼ିବ ସେମାନେ କରିବେ ବୋଲି ସେ କହିଛନ୍ତି ।

ସ୍କୁଲ ଖୋଲିବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ। ପ୍ରଚଣ୍ଡ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦଶମ ଶ୍ରେଣୀ ଯାଏ ସମସ୍ତ ସ୍କୁଲକୁ ଆସନ୍ତା ୧୬ ତାରିଖ ଯାଏ ବନ୍ଦ ଘୋଷଣା କରିଛନ୍ତି। ଆସନ୍ତା ରବିବାର ସୁଦ୍ଧା ପାଗରେ ପରିବର୍ତ୍ତନ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## କୋଲାବ ଜଳଭଣ୍ଡାରରେ ଡଙ୍ଗାବୁଡ଼ି ଘଟଣା | ନିଖୋଜ ୩ ଜଣଙ୍କ ମୃତଦେହ ଜବତ

କୋରାପୁଟ,୧୪।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକର ରାଜପୁଟ ପଞ୍ଚାୟତର କୋଲାବ ଜଳଭଣ୍ଡାରେ ଗୁରୁବାର ଅପରାହ୍ନରେ ଏକ ଦେଶୀଡଙ୍ଗା ବୁଡ଼ି ଘଟଣାରେ ନିଖୋଜ ଥିବା ୪ ଜଣଙ୍କ ମଧ୍ୟରୁ ରାତିରେ ବବିତା ହନ୍ତାଳଙ୍କ ମୃତଦେହ ମିଳିଥିଲା। ଅନ୍ୟ ନିଖୋଜମାନଙ୍କୁ ଉଦ୍ଧାର କରିବା ଲାଗି ଅଗ୍ନିଶମ ବିଭାଗ ଓଡ୍ରାଫ ଟିମ୍ କର୍ମଚାରୀମାନେ ଖୋଜାଖୋଜି ଜାରି ରଖିଥିଲେ। ଶୁକ୍ରବାର ଅପରାହ୍ନରେ ନିଖୋଜ ୩ ଜଣଙ୍କ ମୃତଦେହ ମିଳିଛି। ସେମାନେ ହେଲେ ରମା ହନ୍ତାଳ, ସାବିତ୍ରୀ ହନ୍ତାଳ ଏବଂ କମୁ ବାଲଡି (୧୮) ବୋଲି ଓଡ୍ରାଫ୍‌ର ଡେପୁଟି ସୁବେଦାର ଶ୍ରୀନିବାସ ରେଡ୍ଡି କହିଛନ୍ତି। କମୁଙ୍କ ମାଆବାପା କେହି ନାହାନ୍ତି। ସେ ଗ୍ରାମବାସୀଙ୍କ ସହ ଯାତ୍ରା ଦେଖିବାକୁ ଯାଇ ସେମାନଙ୍କ ସହ ଡଙ୍ଗାରେ ଫେରୁଥିଲେ। ରେଡ୍ଡିଙ୍କ ନେତୃତ୍ୱରେ ହାବିଲଦାର ରାଜେଶ ସାହୁ, ହାବିଲଦାର ବିଜୟ ହରିଜନଙ୍କ ସମେତ ଅନ୍ୟମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଗୁରୁବାର ରାତିରେ ଏହି ଟିମ୍ ବବିତାଙ୍କ ମୃତଦେହ ଜବତ କରିଥିବାବେଳେ ଶୁକ୍ରବାର ଉପରୋକ୍ତ ୨ ମହିଳା ଓ ଜଣେ ଯୁବକଙ୍କ ମୃତଦେହ ଜବତ କରିଛନ୍ତି। ଏହି ମୃତଦେହ ମିଳିବା ପରେ ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ମୃତ୍ୟୁବରଣ କରିଥିବା ପ୍ରତି ବ୍ୟକ୍ତିଙ୍କ ପରିବାରକୁ ଜିଲା ରେଡକ୍ରସ୍ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ୧୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ପଞ୍ଚାୟତ ପକ୍ଷରୁ ମଧ୍ୟ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ଲମତାପୁଟ ଉମ୍ବେଲକୁ ଚଇତିଯାତ୍ରା ଦେଖିବା ପାଇଁ ଯାଇ ସେଠାରୁ ନିଜ ଘର ରାଜପୁଟ ପଞ୍ଚାୟତର ମୁଖିବୁଡ଼େଇକୁ ଏକ ଦେଶୀ ଡଙ୍ଗାରେ ୮ ଜଣ ବ୍ୟକ୍ତି ଫେରୁଥିବାବେଳେ କୋଲାବ ଜଳଭଣ୍ଡାରର ତେନ୍ତୁଳିପଡ଼ା ଘାଟ ନିକଟରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ଡଙ୍ଗାରେ ଥିବା ପୂର୍ଣ୍ଣ ମୁଦୁଲି, କବିତା ଜାନି, ମଦନ କାଲପାଡିଆ, ନୀଳା ଜାନି ୪ ଜଣ ପହଁରି ପହଁରି କୂଳକୁ ଆସିଥିଲେ। ଅନ୍ୟ ୪ ଜଣ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଖବର ପାଇ ସୁନାବେଡ଼ା ଏସ୍‌ଡିପିଓଙ୍କ ସମେତ ସେମିଳିଗୁଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପରେ କୋରାପୁଟରୁ ଓଡ୍ରାଫ ଟିମ୍ ଆସି ଏଥିରେ ସାମିଲ ହୋଇଥିଲେ। ମୃତଦେହ ମିଳିବା ପରେ ସମ୍ପୃକ୍ତ ଗ୍ରାମରେ ଶୋକର ଛାୟା ଖେଳାଯାଇଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ପ୍ରଥମ ପୃଷ୍ଠାରୁ...



ସମ୍ବଲପୁର ଜିଲା ସ୍କୁଲ ଛକ ଦେଇ ଯାଉଥିବା ହନୁମାନ ଜୟନ୍ତୀ ଶୋଭାଯାତ୍ରା। (ଫଟୋ: ବି.ଶଙ୍କର)



ସଂଘବଦ୍ଧ ଆକ୍ରମଣରେ ଆହତ ବିଶ୍ୱଜିତ୍ ଶିଖା।

## ସମ୍ବଲପୁରରେ କର୍ଫ୍ୟୁ...

ସକାଳ ୮ଟାରୁ ୧୦ ଏବଂ ଅପରାହ୍ନ ୩ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣି ପାରିବେ। କୌଣସି ବ୍ୟକ୍ତିବିଶେଷଙ୍କୁ ଘରୁ ବାହାରିବାକୁ ବାରଣ କରାଯାଇଥିବାବେଳେ ମେଡିକାଲ ଏମର୍ଜେନ୍ସି କ୍ଷେତ୍ରରେ ହେଲ୍ପଲାଇନ ନମ୍ବର ୭୬୫୪୮୦୦୭୬୦ ଜାରି କରାଯାଇଛି।

ଶୁକ୍ରବାର ସନ୍ଧ୍ୟାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଆୟୋଜନ ହେବାକୁ ଥିବାରୁ ପ୍ରଶାସନର ଚିନ୍ତା ବଢ଼ିଥିଲା। ହିଂସା ଭିତରେ କିଭଳି ଏହା ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଥିଲା। ଏଥିପାଇଁ ସକାଳଠାରୁ ସହରର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା। ଫଳରେ ରାସ୍ତା ଶୁନଶାନ୍ ହେବା ସହ କର୍ଫ୍ୟୁ ହେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷକରି ଶୋଭାଯାତ୍ରା ଯିବା ରାସ୍ତାରେ ଅଧିକ ଗୁରୁତ୍ୱ ଦିଆଯାଇ ସ୍ଥାନେ ସ୍ଥାନେ ପୋଲିସ ଟିମ୍‌କୁ ରଖାଯାଇଥିଲା। ଅପରାହ୍ନ ସାଢ଼େ ୫ଟାରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ହେଲେ ଜିଲା ସ୍କୁଲ ଛକ ନିକଟରେ ଶୋଭାଯାତ୍ରା ଉପରକୁ ପଥର ମାଡ଼ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ଭଙ୍ଗାରୁଜା ଓ ଦୋକାନ ପୋଡ଼ି ଘଟଣା ଘଟିଥିଲା। ଗୋଲବଜାର ଛକରେ ୪ଟି ଦୋକାନ ଏବଂ ଚର୍ଚ୍ଚ ଛକରେ ୨ଟି ଦୋକାନକୁ ପୋଡ଼ି ଦିଆଯାଇଥିଲା। ହେଲେ ସନ୍ଧ୍ୟା ସାଢ଼େ ୭ଟାବେଳକୁ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜଣେ ଯୁବକ ଘରକୁ ଫେରୁଥିବାବେଳେ ତାଙ୍କୁ ଦଳେଇପଡ଼ା ମଙ୍ଗଳାମନ୍ଦିର ନିକଟରେ ହତ୍ୟା କରାଯାଇଥିଲା। ମୃତ ଯୁବକ ହେଲେ ଟାଉନଥାନା ସାନସିହାରି ଗ୍ରାମର ଚନ୍ଦ୍ରଶେଖର ମିର୍ଦ୍ଧା (୨୫)। ତାଙ୍କୁ ଏକ ଗୋଷ୍ଠୀର ଯୁବକମାନେ ସଂଘବଦ୍ଧ ଭାବେ ଗୋଡ଼ାଇ ଗୋଡ଼ାଇ ଖଣ୍ଡା ଓ ଛୁରିରେ ଆକ୍ରମଣ କରିଥିଲେ। ଏପରି କି ଚନ୍ଦ୍ରଶେଖରଙ୍କ ସହ ଥିବା ବିଶ୍ୱଜିତ୍ ଶିଖାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ ବୋଲି ମୃତକଙ୍କ ସାଙ୍ଗମାନେ ଅଭିଯୋଗ କରିଛନ୍ତି। ସେହିପରି ଗୁରୁବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସେ ବୁର୍ଲା ବଡ଼ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ଅନ୍ୟପକ୍ଷରେ ଚନ୍ଦ୍ରଶେଖରଙ୍କୁ ହତ୍ୟା କରାଯିବା ପୂର୍ବରୁ ଅର୍ଥାତ୍ ଅପରାହ୍ନ ଗୋଟାଏରେ ଏସ୍‌ପି ବାତୁଲା ଗଙ୍ଗାଧର କହିଥିଲେ ଯେ, ଆଇନ ଶୃଙ୍ଖଳା ସ୍ଥିତି ଧୀରେ ଧୀରେ ନିୟନ୍ତ୍ରଣ ଭିତରକୁ ଆସିଛି। ବିଭିନ୍ନ ସ୍ଥାନରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଡ୍ରୋନ୍ ଓ ସିସିଟିଭି କ୍ୟାମେରାରେ ନଜର ରଖାଯାଇଛି। ଅପ୍ରୀତିକର ଘଟଣା ଯେଭଳି ଘଟିବ ନାହିଁ, ସେନେଇ ସବୁ ବ୍ୟବସ୍ଥା କରାଯାଇଛି। ପୁଣି ୬ ଜଣଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୩୨ରେ ପହଞ୍ଚିଛି। ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ। ପୋଲିସ ପାଖରେ ଭିଡିଓଗୁଡ଼ିକ ରହିଛି ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ। ପୋଲିସ ପ୍ରଶାସନର ଏଭଳି ଦୃଢ଼ୋକ୍ତି ସତ୍ତ୍ୱେ ସନ୍ଧ୍ୟାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପଥରମାଡ଼, ପୋଡ଼ାଜଳା, ମରଣାନ୍ତକ ଆକ୍ରମଣ ଦେଖିବାକୁ ମିଳିଛି।

ଗୁରୁବାରଠାରୁ ଇଣ୍ଟରନେଟ ସେବା ଏବଂ ଶୁକ୍ରବାର ସକାଳୁ ସମସ୍ତ ଦୋକାନ ବଜାର ବନ୍ଦ ଯୋଗୁ ଲୋକମାନେ ବହୁତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଗାଡ଼ି ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ବୁଧବାର ଦଙ୍ଗା ପରେ ସହରରେ ୧୪୪ ଧାରା ଲାଗୁ କରାଯାଇଥିଲା। ପୋଲିସ ଗୁରୁବାର ଏକ ମାମଲା ରୁଜୁ କରି ସୁନାପାଲି ଅଞ୍ଚଳର କେତେକ ଘରୁ ଚଢାଉ କରି ୧୫ରୁ ଊର୍ଦ୍ଧ୍ୱ ପେଟ୍ରୋଲ ବୋମା, ୧୮ ପ୍ଲାଷ୍ଟିକ ଟ୍ରେରେ ଧାରୁଆ ପଥର ଜବତ କରିଥିଲା। ଏନେଇ ଆଇପିସିର ୧୯ଟି ଦଫା ଅନୁଯାୟୀ ମାମଲା(ନଂ.୧୨୨/୨୩) ରୁଜୁ ହୋଇଛି। ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ବାତୁଲା ଗଙ୍ଗାଧର ଶାନ୍ତି କମିଟି ବୈଠକ ଡାକି ଶାନ୍ତି ଫେରାଇ ଆଣିବାକୁ ଅନୁରୋଧ କରିଥିଲେ।

## ବିଶ୍ୱର ୩ୟ ଉତ୍ତପ୍ତ ...

ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ଅନ୍ୟପକ୍ଷରେ ଏଲଡୋରାଡୋ ୱେଦର ଡଟ କମ୍ ସୂଚନା ମୁତାବକ ବାରିପଦା ବିଶ୍ୱର ୩ୟ ଉତ୍ତପ୍ତ ସହର ପାଲଟିଛି । ସେହିପରି ଦକ୍ଷିଣ ଆଫ୍ରିକାର କୋମାଟିଡ୍ରାଇ ବିଶ୍ୱର ସର୍ବୋଚ୍ଚ ତାପମାତ୍ରା (୪୫.୮ ଡିଗ୍ରୀ ସେଲ୍‌ସିୟସ) ସହର ହୋଇଥିବା ବେଳେ ମ୍ୟାନ୍‌ମାର ଚୌକ ସହର(୪୪.୮ ଡିଗ୍ରୀ ସେଲ୍‌ସିୟସ) ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଏ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ସେହିପରି ରାଜ୍ୟର ୧୦ ସହର ୪୨ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବା ବେଳେ ୨୫ ସହର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଝାରସୁଗୁଡ଼ାରେ ସର୍ବାଧିକ ୪୨.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨.୬, ବୌଦ୍ଧ ୪୨.୫, ଟିଟିଲାଗଡ଼ ୪୨.୫, ସମ୍ବଲପୁର ୪୨.୨, ବଲାଙ୍ଗୀର ୪୨.୨, ଅନୁଗୋଳ ୪୨.୧, ସୋନପୁର ୪୨.୧, ସୁନ୍ଦରଗଡ ୪୨, ରାଉରକେଲା ୪୧.୮, ଭବାନୀପାଟଣା ୪୧.୫, କଟକ ୪୧.୨, କେନ୍ଦୁଝର ୪୧.୨, ହୀରାକୁଦ ୪୦.୬, ଭୁବନେଶ୍ୱର ୪୦.୬, ଢେଙ୍କାନାଳ ୪୦.୫, ଚାନ୍ଦବାଲି ୪୦.୩, ନୂଆପଡା ୪୦.୨, ପାରଳାଖେମୁଣ୍ଡି ୪୦.୧, ଜଗତ୍‌ସିଂହପୁର ୪୦, ନୟାଗଡ଼ ୪୦, ଯାଜପୁର ୪୦, ଭଦ୍ରକ ୪୦ ଏବଂ ବରଗଡରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କନ୍ଧମାଳରେ ସର୍ବାଧିକ ତାପମାତ୍ରା ୩୯.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ୩୯.୮, ମାଲକାନଗିରି ୩୯.୫, ଦେବଗଡ଼ ୩୯.୫, ଖୋର୍ଦ୍ଧାରେ ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ୧୫ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଏବଂ ଅନୁଗୋଳ ଜିଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲାଗୁଡ଼ିକର ଜିଲାପାଳମାନଙ୍କୁ ପ୍ରତିକାରମୂଳକ ପଦକ୍ଷେପ ନେବା ସହ ଜନସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ତାତି କମିବା ସହ କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହୋଇପାରେ। ଭାରତୀୟ ପାଣିପାଗ ବିଭାଗ ସୂଚନା ମୁତାବକ କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ ଓ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

## ମକଦ୍ଦମା ପାଇଁ ଅନୁମତି ...

ଗୁଳିକାଣ୍ଡ ଘଟଣାର ତଦନ୍ତ ନାଗାଲାଣ୍ଡ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) କରିବା ସହ ୩୦ ଅଭିଯୁକ୍ତ ଯବାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ତେବେ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନ ସାମରିକ ବ୍ୟାପାର ବିଭାଗ ସେମାନଙ୍କ ବିରୋଧରେ ମକଦ୍ଦମା ଲାଗି ମଞ୍ଜୁରୀ ପ୍ରଦାନ କରି ନ ଥିବା କର୍ତ୍ତୃପକ୍ଷ ଜଣାଇଦେଇଛନ୍ତି। ଏ ସମ୍ପର୍କରେ କୋର୍ଟଙ୍କୁ ଜଣାଇଦିଆଯାଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୪ ତାରିଖ ସନ୍ଧ୍ୟାରେ ମୋନ୍ ଜିଲାର ତିରୁ-ଓଟିଙ୍ଗ ଅଞ୍ଚଳରୁ ୬ ଜଣ ସ୍ଥାନୀୟ କୋଇଲା ଖଣି ଶ୍ରମିକ ଏକ ପିକ୍‌ଅପ୍ ଟ୍ରକ୍‌ରେ ଫେରୁଥିବାବେଳେ ସେମାନଙ୍କୁ ଉଗ୍ରପନ୍ଥୀ ଭାବି ସେନାର ୨୧ ପାରା ସ୍ପେଶାଲ ଫୋର୍ସ ଗୁଳି ଚଳାଇଥିଲା। ଏଥିରେ ଉତ୍ୟକ୍ତ ସ୍ଥାନୀୟ ଲୋକେ ଦୁଇଟି ସେନା ଗାଡ଼ି ପୋଡ଼ିଦେଇଥିଲେ। ସେମାନଙ୍କୁ ତଡ଼ିବା ପାଇଁ ଯବାନମାନେ ଗୁଳି ଚଳାଇବାରୁ ଆଉ ୭ ସ୍ଥାନୀୟ ଲୋକଙ୍କ ସମେତ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ମକରସ୍ଥ ଯୋଗୁ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହୋଇପାରନ୍ତି। ରାଜନୈତିକ, ଆନୁଷ୍ଠାନିକ ତଥା ସାଂଗଠନିକ ସ୍ଥିତି ମଜଭୁତ ରହିବ। ଶୁକ୍ରଙ୍କ ପ୍ରଭାବରେ ପାରିବାରିକ ଜୀବନରେ ସ୍ଥିରତା ଅକ୍ଷୁଣ୍ଣ ରଖିବାରେ ସମର୍ଥ ହେବେ। ଧନ ସ୍ଥାନରେ ଶୁକ୍ର ଆର୍ଥିକ ଅଭିବୃଦ୍ଧି ସହ କଳା, ସାହିତ୍ୟ, କ୍ରୀଡ଼ାରୁ ପ୍ରଶଂସିତ କରାଇବେ।

**ବୃଷ**
ରାଶ୍ୟାଧିପ ରାଶିସ୍ଥ ହେତୁ ସୁନ୍ଦର ସ୍ୱାସ୍ଥ୍ୟ, ସୁସ୍ଥ ମାନସିକତା ସହ ସାମାଜିକ ସମ୍ମାନ ମଧ୍ୟ ପାଇବେ। ଆଜି ଆପଣଙ୍କ କଥା ଯେମିତି କାମ ମଧ୍ୟ ଠିକ୍ ସେମିତି କରିବାରେ ଅସୁବିଧା ହେବନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି ଦେଖାଦେବ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନ, ରାଜନୈତିକ ସଂଗଠନର ପ୍ରଚେଷ୍ଟା ଭଲରେ ଚାଲିବ।

**ମିଥୁନ**
ବୃହସ୍ପତି ପ୍ରଭାବରୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଂଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କିନ୍ତୁ ମଙ୍ଗଳ ଜନିତ ନିଜ ଲୋକମାନେ ସମସ୍ୟା ସୃଷ୍ଟି କରିବା ସହ ଝମେଲାକୁ ବଢ଼ାଇପାରନ୍ତି।

**କର୍କଟ**
ଆଜିର ଚନ୍ଦ୍ର ସପ୍ତମ ସ୍ଥାନରେ ଥିବାରୁ ଦୈହିକ ସୁସ୍ଥତା ସହ ପାରିବାରିକ ଜୀବନ ମନ୍ଦ ହେବନି। ଯାତ୍ରା, ବ୍ୟବସାୟ, ନୂତନ କାମ ସମ୍ପର୍କରେ ଦୁଶ୍ଚିନ୍ତା ଦେଖା ଦେଇପାରେ। ଅଶ୍ଲେଷା ସକାଶେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ନ ପାରେ। ପ୍ରତିଯୋଗିତା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତାଦିରେ ଉନ୍ନତ ଫଳ ପାଇବେ।

**ସିଂହ**
ଆଜି ଶୁଭ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ର ଅନୁକୂଳ ବାତାବରଣରେ ସମ୍ପନ୍ନ ହେବ। ଜମିଜମା କ୍ରୟବିକ୍ରୟ, ନିର୍ମାଣାଧୀନ କାମ, ବିଦେଶ ଯାତ୍ରା, ପ୍ରଶାସନିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାମରେ ନିଜକୁ ନିୟୋଜିତ କରି ଖୁସି ରହିବେ। ତଥାପି ଯାତ୍ରା ସମୟରେ ଅସାବଧାନତା ହେତୁକ ଧନହାନିର ଆଶଙ୍କା ରହିଛି।

**କନ୍ୟା**
ଅଷ୍ଟମ ସ୍ଥାନରେ ତିନୋଟି ଗ୍ରହ ଥିବାରୁ ବିଭିନ୍ନ ସମସ୍ୟା ମଧ୍ୟରେ କର୍ମକ୍ଷେତ୍ର ଅଶାନ୍ତ ରହିବ। ବିରୋଧୀମାନଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। କିନ୍ତୁ ସାମାଜିକ ସ୍ତରରେ ମଙ୍ଗଳ ଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା**
କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିବା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଯାତ୍ରା କରିବାକୁ ଅପେକ୍ଷାରତ ଆତ୍ମୀୟଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁଯାୟୀ ସୁଫଳ ପାଇବେ। ବିବାଦୀୟ କ୍ଷେତ୍ରରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବାକୁ ପଡ଼ିବ।

**ବିଛା**
ଶୁଭଗ୍ରହମାନେ ଅନୁକୂଳ ବାତାବରଣରେ ରହିଥିବାରୁ କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କୁ ଆପଣେଇ ନେଇ କାମ ହାସଲ କରିବେ। ପଡ଼ୋଶୀଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନରେ ଆଗ୍ରହ ପ୍ରକାଶ କରିପାରନ୍ତି। ଅଫିସିଆଲି କାମ ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ କିନ୍ତୁ ବ୍ୟବସାୟିକ ଦିଗ ପାଇଁ ଦିନଟି ମନ୍ଦ ହେବନି।

**ଧନୁ**
ଅଷ୍ଟମାଧିପତି ଧନ ସ୍ଥାନରେ ଥିବାରୁ ଅର୍ଥ ସମ୍ପର୍କୀୟ ବିବାଦର ଆଶଙ୍କା ରହିଛି। ନିଜକୁ ନ ସୁଧାରିଲେ ଆଗାମୀ ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁ ପରିଜନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**ମକର**
ଆଜି ସ୍ୱରାଶିସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ମୁହଁରେ ହସ ଲାଖିରହିବ ଏବଂ ପକେଟ ଭରି ରହିବ। ପାରିବାରିକ କ୍ଷେତ୍ର ପାଇଁ ଦିନଟି ସ୍ମରଣୀୟ ରହିବ ଏବଂ ପରିବହନ, ପ୍ରଶାସନ, ପ୍ରକାଶନ, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାମ ପାଇଁ ପ୍ରକୃଷ୍ଟ ଦିବସ। ଶ୍ରବଣା ନକ୍ଷତ୍ରର ବହୁତ ମାନସିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବୃଦ୍ଧି ପାଇପାରେ।

**କୁମ୍ଭ**
ଦ୍ୱାଦଶସ୍ଥ ଚନ୍ଦ୍ରଜନିତ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ ସତ ଟେନ୍‌ସନ ଜମା ଛାଡ଼ିବ ନାହିଁ। ଆଜି ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇ ପାରନ୍ତି। ଛୋଟ କଥାକୁ ଧରିବସିଲେ ଅନର୍ଥର କାରଣ ହୋଇପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମୀନ**
ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ କ'ଣ ହେବ, ସତ କହି ସମସ୍ୟାକୁ ଡାକି ଆଣିବେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ପାରିବାରିକ ବୁଝାମଣା ସମ୍ପର୍କରେ ମଧ୍ୟ ବିଶେଷ ଅଗ୍ରଗତି ହେବ ନାହିଁ। ସାମାଜିକ ସ୍ତରରେ ମନକଥାକୁ ମନରେ ରଖି ଚଳିବାକୁ ପସନ୍ଦ କରିବେ।

ଆଜି ବୈଶାଖ କୃଷ୍ଣ ଦଶମୀ, ଶନିବାର, ଶ୍ରୀମନ୍ଦିରରେ ରାମାଭିଷେକ, ବଙ୍ଗଳା ପହିଲା ବୈଶାଖ, ବଙ୍ଗୀୟ ସନ ୧୪୩୦ ଆରମ୍ଭ, ଏପ୍ରିଲ ୧୫ ତାରିଖ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ ।।

# ରେଳ ଚଳାଚଳ ଅଢ଼େଇ ଘଣ୍ଟା ବ୍ୟାହତ

## ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଯାନ୍ତ୍ରିକ ତ୍ରୁଟି

### ଅନ୍ୟ ଷ୍ଟେଶନରେ ଅଟକିଲା ୪ ଟ୍ରେନ୍, ଯାତ୍ରୀ ହନ୍ତସନ୍ତ

କଟକ ଅଫିସ,୧୪।୪

ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ (୧୨୮୯୧)ରେ ଶୁକ୍ରବାର ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରାୟ ଅଢ଼େଇ ଘଣ୍ଟା ଧରି ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କଟକ ରେଳଷ୍ଟେଶନର ୫ ନମ୍ବର ପ୍ଲାଟଫର୍ମରେ ଗାଡ଼ିଟି ଅଟକି ରହିବା ହେତୁ ଅପ୍ ଲାଇନ୍‌ରେ ସେହି ସମୟ ମଧ୍ୟରେ କୌଣସି ରେଳ ଚଳାଚଳ ହୋଇପାରି ନ ଥିଲା। ଫଳରେ କଟକ ଷ୍ଟେଶନ ପୂର୍ବରୁ ୪ଟି ଟ୍ରେନ୍‌କୁ ଅଟକାଇ ରଖାଯାଇଥିଲା। ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ନ ପାରି ହନ୍ତସନ୍ତ ହୋଇଥିଲେ। ଟ୍ରେନ୍‌ଟିର ଅନ୍ତିମ ଷ୍ଟେଶନ ଭୁବନେଶ୍ୱର ହୋଇଥିବାରୁ ଯାତ୍ରୀମାନେ କଟକରେ ଓହ୍ଲାଇ ସଡ଼କ ପଥରେ ବସ୍ ଯୋଗେ ଯିବାକୁ ବାଧ୍ୟ ହୋଇଥିଲେ।

ମିଳିଥିବା ସୂଚନା ଅନୁସାରେ, ଉକ୍ତ ଟ୍ରେନ୍ ପ୍ରତିଦିନ ଭଳି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯.୧୫ରେ କଟକ ରେଳଷ୍ଟେଶନର ୫ ନମ୍ବର ପ୍ଲାଟଫର୍ମ ମଧ୍ୟକୁ ପ୍ରବେଶ କରୁଥିଲା। ଏହି ସମୟରେ ଟ୍ରେନ୍‌ର ଲୋକୋ ପାଇଲଟ୍ ଯାନ୍ତ୍ରିକ ତ୍ରୁଟି ସମ୍ପର୍କରେ ଅବଗତ ହୋଇଥିଲେ। ୨୨ ବଗିବିଶିଷ୍ଟ ଟ୍ରେନ୍‌ର ଇଞ୍ଜିନ୍ ଓ ଦୁଇଟି ବଗି ପ୍ଲାଟଫର୍ମ ମଧ୍ୟକୁ ପ୍ରବେଶ କରିସାରିଥିଲା। ହେଲେ ଯାନ୍ତ୍ରିକ ତ୍ରୁଟି ୩ୟ ବଗିରେ ଜଣାପଡ଼ିବାରୁ ଟ୍ରେନ୍‌କୁ ସେହି ଅବସ୍ଥାରେ ଅଟକାଇ ରଖାଯାଇଥିଲା। ଦୁଇ ବଗି ମଧ୍ୟରେ ଧକ୍କାରୁ ରକ୍ଷା କରିବା ପାଇଁ ଥିବା ବଫର କୌଣସି କାରଣରୁ ବଙ୍କା ହୋଇଯାଇଥିଲା।


ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌ରେ ନୂଆ ବଫର ଲଗାଯାଉଛି।

ସେହି ଅବସ୍ଥାରେ ଟ୍ରେନ୍‌ଟି ପ୍ରାୟ ଅଢ଼େଇ ଘଣ୍ଟା ରହିବାରୁ ଅପ୍ ଲାଇନ୍‌ରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଭୁବନେଶ୍ୱର ଓ କଟକର ଟେକ୍ନିକାଲ ଟିମ୍ ସହ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଷ୍ଟ ବଫରକୁ କାଟି ବାହାର କରିବା ପରେ ନୂତନ ବଫର ଯୋଡ଼ା ଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ପରେ ଟ୍ରେନ୍‌ଟି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ଅପରପକ୍ଷରେ ରେଲୱେ ପକ୍ଷରୁ ଭଦ୍ରକ ଆଡୁ ଆସୁଥିବା ଟ୍ରେନ୍‌ଗୁଡ଼ିକୁ ବିଭିନ୍ନ ଷ୍ଟେଶନରେ ଅଟକାଇ ରଖାଯାଇଥିଲା। କେନ୍ଦ୍ରାପଡ଼ା ରୋଡ୍ ଷ୍ଟେଶନ୍‌ରେ ଜଳେଶ୍ୱର-ପୁରୀ ମେମୋ, କପିଳାସ ରୋଡ୍ ଷ୍ଟେଶନରେ ତାଳଚେର-ପୁରୀ ଏକ୍ସପ୍ରେସ୍, ଧାନମଣ୍ଡଳ ଷ୍ଟେଶନ୍‌ରେ ଦୂରନ୍ତୋ ଓ ନନ୍ଦନକାନନ ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌କୁ ଅଟକାଇ ରଖାଯାଇଥିଲା। ଯାତ୍ରୀମାନେ ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଧରି ଟ୍ରେନ୍ ଭିତରେ ଫସି ରହିଥିଲେ। ଗରମ ଓ ଗୁଳୁଗୁଳି ଯୋଗୁ ବହୁସଂଖ୍ୟକ ଯାତ୍ରୀ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ନ ପାରି ବିଭିନ୍ନ ଷ୍ଟେଶନରେ ଅଟକି ଅତିଷ୍ଠ ହୋଇପଡିଥିଲେ।

# ଖଡ଼ି, ଇକଡ଼ ବାଡ଼ିରେ ୩୦ଫୁଟ୍ ଉଚ୍ଚରେ ନିଆଁ

## ୫ଶହ ଚାଷୀ କ୍ଷତିଗ୍ରସ୍ତ


ଖଡ଼ିବାଡ଼ି ଜଳୁଛି

ଭୋଗରାଇ, ୧୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କୁଳିଦା ପଞ୍ଚାୟତ କୁଳିଦା, ମଧୁପୁର, ଚାନ୍ଦକୁସୁମି, ମହାଦିଆ ଆଦି ଗ୍ରାମର ଜମିରେ ପାନଚାଷ ପାଇଁ ବ୍ୟବହୃତ ହେଉଥିବା ଖଡ଼ି, ଇକଡ଼ ବାଡ଼ିରେ ୩୦ ଫୁଟ ଉଚ୍ଚରେ ନିଆଁ ଜଳୁଛି। ଶୁକ୍ରବାର ମଧ୍ୟାହ୍ନରୁ ନିଆଁ ଲାଗିଥିଲେ ମଧ୍ୟ ଅଗ୍ନିଶମ ବାହିନୀ ତୁରନ୍ତ ସେଠାକୁ ଯାଇ ଲିଭାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ହେଲେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇ ନ ଥିଲେ। ଏପରିକି ଖଡ଼ିବାଡ଼ିରେ ନିଆଁ ଲାଗିଥିବା ପାଉଁଶ ୪କି.ମି. ପରିଧି ମଧ୍ୟରେ ଉଡ଼ିଆସି ଗାଁ ମଧ୍ୟରେ ପଡୁଛି।

ସୂଚନା ଅନୁଯାୟୀ, କୌଣସି କାରଣରୁ ଏହି ନିଆଁ ଲାଗିଥିବା କୁହାଯାଉଛି। ପ୍ରଥମେ ମଧୁପୁର ଓ କୁଳିଦା ଗ୍ରାମ ଖଡ଼ିବାଡ଼ିରେ ନିଆଁ ଲାଗିଥିଲା। ପରେ ମହାଦିଆ, ଚାନ୍ଦକୁସୁମୀ ଗ୍ରାମ ଖଡ଼ିବାଡ଼ିକୁ ନିଆଁ ବ୍ୟାପିଥିଲା। ଏ ସମସ୍ତ ଗ୍ରାମର ପ୍ରାୟ ୫ଶହ ଚାଷୀଙ୍କର ୭ଶହରୁ ଊର୍ଦ୍ଧ୍ୱ ଏକର ବିଲରେ ଖଡ଼ି ଇକଡ଼ ଚାଷ ହୋଇଥିଲା। ଆନୁମାନିକ ଦେଢ଼ କୋଟି ଟଙ୍କାର କ୍ଷତି ହୋଇଥିବାର ଆକଳନ କରାଯାଇଛି। ଘଟଣାସ୍ଥଳକୁ ଜିଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି ପ୍ରମୁଖ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ସିବିଆଇ ଜାଲରେ ଡାକ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର

**ଭୁବନେଶ୍ୱର,୧୪।୪ (ବ୍ୟୁରୋ):** ଲାଞ୍ଚ ନେଇ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ହାତରେ ଧରାପଡିଛନ୍ତି ଡାକ ବିଭାଗର ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର। ସେ ହେଲେ ସମ୍ବଲପୁର ଜିଲାରେ କାର୍ଯ୍ୟରତ ପୋଷ୍ଟାଲ ଆସିଷ୍ଟାଣ୍ଟ ଇଞ୍ଜିନିୟର ଶୁଭାଶିଷ ପାଲ। ଶୁକ୍ରବାର ସମ୍ବଲପୁରସ୍ଥିତ ଡାକଘର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଦେବେନ୍ଦ୍ର ପୁହାଣ ନାମକ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ଶୁଭାଶିଷ ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ସିବିଆଇର ୪ ଜଣିଆ ଟିମ୍ ହାତରେ ଧରାପଡିଥିଲେ। ଏସଂକ୍ରାନ୍ତରେ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଡାକ ବିଭାଗରେ ଚାକିରି ଦେବା ପାଇଁ ଶୁଭାଶିଷ ଏହି ଲାଞ୍ଚ ନେଉଥିବା ସୂଚନା ମିଳିଛି। ତେବେ ମାମଲା ସଂକ୍ରାନ୍ତରେ ଶନିବାର କିମ୍ବା ରବିବାର ସିବିଆଇ ପକ୍ଷରୁ ବିଧିବଦ୍ଧ ଭାବେ ସୂଚନା ଦିଆଯିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଜାଲ ଦସ୍ତାବିଜରେ ଚାକିରି ଦେବା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବାବେଳେ ସିବିଆଇର ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି।




# ଶ୍ରଦ୍ଧାଳୁଙ୍କ ଗହଳି, ହେଲାନି ଦିବାପହଡ଼

## ତାରିଣୀଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି

- ସନ୍ଧ୍ୟା ପର୍ଯ୍ୟନ୍ତ ଦର୍ଶନ କଲେ ଲକ୍ଷେରୁ ଊର୍ଦ୍ଧ୍ୱ ଭକ୍ତ
- ସୁନାବେଶ ଦର୍ଶନକଲେ, ଚକୁଳିପିଠା ଖାଇଲେ

ଘଟଗାଁ,୧୪।୪(ଡି.ଏନ୍.ଏ)

କେନ୍ଦୁଝର ଜିଲା ଘଟଗାଁ ମା'ତାରିଣୀଙ୍କ ପୀଠରେ ଚଇତି ପର୍ବର ଷଷ୍ଠ ଦିବସ ଅବସରରେ ବିଶେଷକରି ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣାସଂକ୍ରାନ୍ତିରେ ପୀଠ ଭକ୍ତମୟ ହୋଇଉଠିଥିଲା। ସକାଳ ୫ଟାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଲକ୍ଷାଧିକ ଶ୍ରଦ୍ଧାଳୁ ଲମ୍ବାଧାଡ଼ିରେ ମା'ଙ୍କ ଦର୍ଶନ କରିଥିଲେ। ଭକ୍ତଙ୍କ ଭିଡ଼ ଦେଖି ମା'ଙ୍କ ଦିବା ପହଡ଼ ପଡ଼ି ନ ଥିଲା।

ଶୁକ୍ରବାର ଭୋର ୪ଟାରୁ ମା'ଙ୍କ ସମସ୍ତ ନୀତିକାନ୍ତି ପରେ ସୁନାବେଶ କରାଯାଇଥିଲା। ୫ ଟାରୁ ମା'ଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଗୁରୁବାର ରାତିରୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମା'ଙ୍କ ସୁନାବେଶ ଦେଖିବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିଲେ। ଶୃଙ୍ଖଳା ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ତରଫରୁ ଭୋଗଡାଲା ଧାଡ଼ି ୮ଟି ଓ ସାଧାରଣ ଦର୍ଶନ ପାଇଁ ୨ ଟି ଧାଡ଼ିର ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ନିକଟରେ ପଣାଭୋଗ ଲାଗିବା ପରେ ପଣା ବଣ୍ଟନ କରାଯାଇଥିଲା। ଭକ୍ତମାନଙ୍କ ଟ୍ରଷ୍ଟ ବୋର୍ଡ, କେନ୍ଦୁଝର ଯାଦବ ମହାସଭା, ଜଗତଜନନୀ, କେନ୍ଦୁଝର ସେବା ସମିତି ଓ ଝାରସୁଗୁଡ଼ା ସନ୍ଧ୍ୟାରାଣୀ ପୃଷ୍ଟିଙ୍କ ସୌଜନ୍ୟରୁ


ମା'ଙ୍କ ସୁନାବେଶ

ଭକ୍ତମାନଙ୍କୁ ପଣାପାଣି ଓ ମାଗଣା ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ସାଂସ୍କୃତିକ ମଣ୍ଡପରେ ଅଖଣ୍ଡ ଭଜନ ସମାରୋହରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ୮୭ତମ ଚଇତିପର୍ବ


ଲମ୍ବାଧାଡ଼ିରେ ଭକ୍ତ ଛିଡ଼ା ହୋଇଛନ୍ତି।

୬ଷ୍ଠ ଦିନ ସଭାରେ ପ୍ରବଚକ ପ୍ରମୋଦ କୁମାର ପୃଷ୍ଟି ପାଲାମଣ୍ଡପଠାରେ ପ୍ରବଚନ ପ୍ରଦାନ କରିଥିଲେ। ପରେ ବାଦୀପାଲା ଗାୟକ ନୃସିଂହ ଚରଣ ହୋତା ଓ ଭାସ୍କର ଚନ୍ଦ୍ର ସାହୁ ପାଲା ପରିବେଷଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଜିଲା ପ୍ରଶାସନ ୧୦୦ରୁ ଊର୍ଦ୍ଧ୍ୱ କନଷ୍ଟେବଲ, ୫୦ ହୋମ୍‌ଗାର୍ଡ, ୧୦ ଇନ୍ସପେକ୍ଟର, ୨୦ ସବ୍‌ଇନ୍ସପେକ୍ଟର ସହିତ ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଘଟଗାଁ ଏସ୍‌ଡିପିଓ ସୁଶୀଲ ମିଶ୍ର, ଥାନା ଅଧିକାରିଣୀ ପ୍ରତିଭା ମଞ୍ଜରୀ ସାହୁ, ତହସିଲଦାର ଜନକ ନାୟକ ଉପସ୍ଥିତ ଥିଲେ। ଦେବୋତ୍ତର ବିଭାଗର ଡେପୁଟି କମିଶନର ପ୍ରଶାନ୍ତ ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ପ୍ରିୟଭୋଗ ଚକୁଳିପିଠା ଭକ୍ତମାନଙ୍କୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବଣ୍ଟନ କରାଯାଇଥିଲା।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଚେନ୍ନାଇର ଏକ କମ୍ପାନୀ ପାଇଁ ଆବଶ୍ୟକ
୧. ଭାରିଯାନ ଲାଇସେନ୍ସଧାରୀ ଡ୍ରାଇଭର
୨. ଲାଇସେନ୍ସଧାରୀ ଫର୍କଲିଫ୍ଟ ଅପରେଟର
୩. ଲାଇସେନ୍ସଧାରୀ ଟ୍ରାକ୍ଟର - ବୁକ୍ / ଜେସିବି ଅପରେଟର
ତୁରନ୍ତ ଯୋଗାଯୋଗ କରନ୍ତୁ:
9840893117 / 9840793115

ଆବଶ୍ୟକ
ଘର, ବଙ୍ଗଳା, ହୋଟେଲ ପାଇଁ ମହିଳା, ଝିଅ, ପୁଅ ଜାପାମେଡ୍, କୁକ୍, ୱେଟର, ହେଲ୍‌ପର। ରହିବା, ଖାଇବା ମାଗଣା। ବୋନସ୍, ମେଡିକାଲ ଛୁଟି, ଟ୍ରେନିଂ। ଦରମା 10,000ରୁ 40,000/-।
8860827673, 8506827673

Urgently Required
D.T.P OPERATOR- 02Nos
Pagemaker, Photoshop, Microsoft Office and CorelDRAW 5-6 years of Experience.
Time : 10am to 8pm
Salary: 15,000/- to 20,000/-
CHELSHHA
2977, Ravi Talkies Road, Bhubaneswar-02
9040821015
9437387034

WANTED
A LADY for office work. +2 above. Phulnakhara, Cuttack.
Ghara free + 10000 + bonus with other facilities.
7809525452

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
ଭୂମିକା ଏବଂ ଦାୟିତ୍ୱ:-
• ବିତରକ ତଥା ଏଜେଣ୍ଟଙ୍କ ସହିତ ସମନ୍ୱୟ ରକ୍ଷା କରି କମ୍ପାନୀର ବଜାର ସମ୍ବନ୍ଧୀୟ ଆବଶ୍ୟକତାର ନେତୃତ୍ୱ ନେବା।
• ବିକ୍ରୟ ଲକ୍ଷ୍ୟକୁ ଚିହ୍ନଟ କରିବା ଓ ତାହାକୁ ହାସଲ କରିବା ପାଇଁ ପ୍ରତିଯୋଗିତାମୂଳକ ଟ୍ରାକିଂ ଓ ବିଶ୍ଳେଷଣ କରିବା।
• ପ୍ରସାରଣକୁ ବିସ୍ତାରିତ କରିବା ପାଇଁ ବିକ୍ରୟ ଲକ୍ଷ୍ୟକୁ ହାସଲ କରିବା।
ପ୍ରାର୍ଥୀଙ୍କ ଯୋଗ୍ୟତା:-
• ଛପା ଗଣମାଧ୍ୟମରେ ୩ ବର୍ଷର ଫ୍ରଣ୍ଟଲାଇନ୍ ବିକ୍ରୟ ଅଭିଜ୍ଞତା।
Apply immediately to :
recruitment@dharitri.com
Attractive salary commensurate with experience

# ପ୍ରଥମେ ଉପରଦାନ୍ତ ଉଠିଲେ କୁକୁର ସହ ବାହାଘର

## ରିଷ୍ଟ ଖଣ୍ଡନ ନାଁରେ ଅଜବ ପରମ୍ପରା


ଜଣେ ବାଳକକୁ କୁକୁର ସହ ବାହାଘର କରାଯାଉଛି।

ସୋର, ୧୪।୪(ଡି.ଏନ.ଏ.)

ପରମ୍ପରା ନାମରେ ଏବେବି ଲୋକଙ୍କ ମନରେ ବସା ବାନ୍ଧିଛି ଅନ୍ଧବିଶ୍ୱାସ। ବିବାହ ବେଳେ ମଙ୍ଗଳଦୋଷ ଥିଲେ ପୁଅ କିମ୍ବା ଝିଅର ରିଷ୍ଟ ଖଣ୍ଡନ ଲାଗି ପ୍ରଥମେ ସାହାଡ଼ା ଗଛକୁ ବିବାହ କରାଯାଉଥିବା ପୂର୍ବରୁ ଆମେ ଶୁଣିଛେ। ହେଲେ ଶିଶୁଟିର ପ୍ରଥମେ ଉପର ଦାନ୍ତ ଉଠିଲେ କୁକୁର ସହ ବାହାଘର କରାଯିବା ପରମ୍ପରା ଶୁଣିବାକୁ ଅଜବ ଲାଗୁଥିଲେ ବି ଏହ ସତ। ଏପରି କଲେ ପିଲାଟିର ରିଷ୍ଟ ଖଣ୍ଡନ ହେବା ସହ ଦେହ ସୁସ୍ଥ ରୁହେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମରେ। ଶୁକ୍ରବାର ପୂର୍ବାହ୍ନରେ ଆଦିବାସୀ ପରମ୍ପରା ରୀତିନୀତି ଅନୁସାରେ ଏହି ଗ୍ରାମର ଦରି ସିଂଙ୍କ ପୁଅ ସହିତ ଏକ ମାଈ କୁକୁର ଏବଂ ବୁଟୁରୁ ସିଂଙ୍କ ଝିଅ ସହିତ ଏକ ଅଣ୍ଡିରା କୁକୁର ବିବାହ ଅନୁଷ୍ଠିତ ହୋଇଛି। ଏହି ସମ୍ପ୍ରଦାୟର ଗ୍ରାମବାସୀ ଏହାକୁ ବେଶ୍ ଧୁମଧାମରେ ପାଳନ କରିଛନ୍ତି। ଉକ୍ତ ସମ୍ପ୍ରଦାୟର ଲୋକଙ୍କ କହିବା ଅନୁଯାୟୀ, ପିଲାଟିର ଯଦି ପ୍ରଥମେ ଉପର ଦାନ୍ତ ଉଠେ ତେବେ ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାଏ। ତା'ର ରିଷ୍ଟ ଖଣ୍ଡନ ପାଇଁ ପିଲାଟିକୁ କୁକୁର ସହିତ ବିବାହ କରାଇଦିଆଯାଏ। ରିଷ୍ଟ ଖଣ୍ଡନ ହୋଇଗଲେ କୁକୁର ରୋଗଗ୍ରସ୍ତ ହେବା ସହିତ ମୃତ୍ୟୁ ମୁଖରେ ପଡିଥିବା ପିଲାଟି ସୁସ୍ଥ ହୋଇଯାଏ ବୋଲି ବିଶ୍ୱାସ ରହିଛି।



“ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# ରାଜ୍ୟ ନା କେନ୍ଦ୍ରର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତାମିଲନାଡୁ ରାଜ୍ୟପାଳ ଆର.ଏନ୍. ରବିଙ୍କ କାର୍ଯ୍ୟ ସରକାର ଏବଂ ଶାସକ ଦଳକୁ ଚିନ୍ତାରେ ପକାଇଛି। ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକୁ ସ୍ଥଗିତ ରଖିବା ହେଉ କିମ୍ବା କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ ତାଙ୍କ ମତ ଯୋଗୁ ଏଭଳି ସ୍ଥିତି ଦେଖାଦେଇଛି। ଅଣଭାଜପା ଶାସିତ ରାଜ୍ୟ ଭାବେ ପଡ଼ୋଶୀ କେରଳରେ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ଯେଉଁଭଳି ବିବାଦ ଜାରିରହିଛି ତାମିଲନାଡୁର ସ୍ଥିତି ଠିକ୍ ସେହିଭଳି । ଏବେ ରାଜ୍ୟପାଳ ନେଇଥିବା ତ୍ୱରିତ ପଦକ୍ଷେପ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ କ୍ରୋଧିତ କରିଛି ଏବଂ ତାଙ୍କ ଦଳର ସାଥୀମାନେ ରବିଙ୍କୁ ହଟାଇବା ଲାଗି ଦାବି କରୁଛନ୍ତି। ନିକଟରେ ରବି ରାଜ୍ୟର ଯୋଜନାଗୁଡ଼ିକ ତୁଳନାରେ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେବା ପାଇଁ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ନେଇ ରବିଙ୍କ କେନ୍ଦ୍ର ଆନୁଗତ୍ୟ ଉପରେ ପ୍ରଶ୍ନ ଉଠିଛି। ତେବେ ବାବୁମାନେ ରାଜ୍ୟ ନା କେନ୍ଦ୍ରର ସେବା କରିବେ? ଅଧିକାରୀମାନଙ୍କୁ ଅବସର ପର୍ଯ୍ୟନ୍ତ ରାଜ୍ୟ କ୍ୟାଡର ପ୍ରଦାନ କରାଯାଇଥିଲେ ବି ସେମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ନେବା ପାଇଁ କେନ୍ଦ୍ରର କ୍ଷମତା ଅଛି। ଅଧିକାରୀମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ନିଆଯାଉଥିବାରୁ ବହୁସମୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ସୃଷ୍ଟି ହେଉଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଗସ୍ତରେ ଯାଇଥିବାବେଳେ ତାଙ୍କୁ ସ୍ୱାଗତ କରିବାରେ ସେତେବେଳର ମୁଖ୍ୟ ଶାସନ ସଚିବ ବିଫଳ ହୋଇଥିଲେ। ଫଳରେ ତାଙ୍କୁ କେନ୍ଦ୍ରକୁ ଯିବା ଲାଗି ଡାକରା ଆସିଥିଲା ଓ ଏହା ବିବାଦ ସୃଷ୍ଟି କରିଥିଲା। ଆଶ୍ଚର୍ଯ୍ୟର କଥା, ପଶ୍ଚିମବଙ୍ଗ, ତାମିଲନାଡୁ ଓ କେରଳ ଭଳି ଅଣଭାଜପା ଶାସିତ ରାଜ୍ୟରେ ଏଭଳି ବିବାଦ ଦେଖାଯାଉଛି। ତେବେ ଲାଗିରହିଥିବା ରାଜନୈତିକ ଲଢ଼େଇ ବହୁ ସମୟରେ ଏହିସବୁ ରାଜ୍ୟର ବାବୁମାନଙ୍କୁ ଏକ ଅପ୍ରୀତିକର ସ୍ଥିତିରେ ପକାଉଛି।

### ନେତୃତ୍ୱରେ ବିଳମ୍ବ

ଭାରତୀୟ ତୈଳ ନିଗମ(ଆଇଓସିଏଲ୍) ଏବେ ନେତୃତ୍ୱ ସଙ୍କଟ ଦେଇ ଗତିକରୁଥିବାବେଳେ ଆଗାମୀ କିଛି ମାସ ମଧ୍ୟରେ ବହୁ ଉଚ୍ଚ ସ୍ତରର ପଦବୀ ଖାଲି ହେବାକୁ ଯାଉଛି। ଏହାସହ କୋର୍ଟ ମାମଲା ଯୋଗୁ ନିର୍ଦ୍ଦେଶକ(ଫାଇନାନ୍ସ ) ନିଯୁକ୍ତି ଏବେ ବନ୍ଦ ଅଛି। ତିନୋଟି ବୋର୍ଡ ସ୍ତରୀୟ ପଦବୀ ବି ଖାଲି ହେବାକୁ ଯାଉଛି। ଏହା ବ୍ୟତୀତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ରାୟକୁ ଲକ୍ଷ୍ୟ କରି ପବ୍ଲିକ ଏଣ୍ଟରପ୍ରାଇଜେସ୍ ସିଲେକ୍ସନ ବୋର୍ଡ (ପିଇଏସ୍‌ବି) ପଦବୀଗୁଡ଼ିକ ପାଇଁ ତା' ସୁପାରିସ୍‌କୁ ସ୍ଥଗିତ ରଖିଛି। ନିର୍ଦ୍ଦେଶକ(ପାଇପ୍‌ଲାଇନ୍ସ) ଡି.ଏସ୍. ନାନାୱାରେ ଏବଂ ନିର୍ଦ୍ଦେଶକ (ଆର୍ ଆଣ୍ଡ ବି)ଡ.ଏସ୍.ଏସ୍.ଭି. ରାମକୁମାର ଯଥାକ୍ରମେ ଆସନ୍ତା ଜୁନ୍ ଓ ଜୁଲାଇରେ ଅବସର ନେବେ। ଅପରପକ୍ଷେ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ମାଧବ ବୈଦ୍ୟଙ୍କ କାର୍ଯ୍ୟକାଳ ମଧ୍ୟ ଅଗଷ୍ଟରେ ଶେଷ ହେଉଛି। କୌତୂହଳର ବିଷୟ, ମାନବସମ୍ବଳ ନିର୍ଦ୍ଦେଶକ ଆର୍.କେ. ମହାପାତ୍ରଙ୍କ କାର୍ଯ୍ୟକାଳ ଫେବୃଆରୀରେ ଶେଷ ହୋଇଥିଲେ ବି ସେ ଏବେ କାର୍ଯ୍ୟରତ। ତେବେ ଫାଇନାନ୍ସ ନିର୍ଦ୍ଦେଶକଙ୍କ ନିଯୁକ୍ତିକୁ ନେଇ ଚାଲିଥିବା କୋର୍ଟ ମାମଲା ପିଏସ୍‌ଇବି ଚୟନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଛି । କୋର୍ଟରେ ପିଟିଶନ ଦାଖଲ କରିଥିବା ଆଇଓସିଏଲ୍‌ର ଚିଫ୍ ଜେନେରାଲ ମ୍ୟାନେଜର ଶର୍ଟଲିଷ୍ଟ ପ୍ରକ୍ରିୟାରେ ଭାଗ ନେଇଛନ୍ତି ଓ ସେ ଯୋଗ୍ୟତା ମାନଦଣ୍ଡ ଅନୁଯାଇ ଯୋଗ୍ୟ ବୋଲି ଦାବି କରିଛନ୍ତି। କିନ୍ତୁ ତାହାକୁ ଅଗ୍ରାହ୍ୟ କରାଯାଇ କଷ୍ଟ ଆକାଉଣ୍ଟାଣ୍ଟଙ୍କ ବଦଳରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଅଗ୍ରାଧିକାର ଦିଆଯାଇଥିଲା। ତେବେ ବୈଦ୍ୟଙ୍କ ଦାବି ପଛରେ ସତ୍ୟତା ଯାହା ଥାଉନା କାହିଁକି, କୋର୍ଟ ମାମଲା ଆଇଓସିଏଲର ନେତୃତ୍ୱରେ ଆହରି ବିଳମ୍ବ ଘଟାଇଛି।

### ପୁରସ୍କାର ମନା

ସରକାରଙ୍କ ବିନା ଅନୁମତିରେ ବ୍ୟକ୍ତି କିମ୍ବା ଘରୋଇ ଅନୁଷ୍ଠାନଗୁଡ଼ିକରୁ ରାଜ୍ୟର ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ପୁରସ୍କାର ଗ୍ରହଣ କରିପାରିବେ ନାହିଁ ବୋଲି ନିକଟରେ କେରଳ ମୁଖ୍ୟ ଶାସନ ସଚିବ ଭି.ପି.ଜୟ ନିର୍ଦ୍ଦେଶ ଜାରିକରିଛନ୍ତି। ଜଣେ ଆଇଏଏସ୍ ଅଧିକାରୀ ଏକ ଘରୋଇ ଅନୁଷ୍ଠାନରୁ ପୁରସ୍କାର ଗ୍ରହଣ କରିବାକୁ ନେଇ କେରଳ ପୋଲିସ କର୍ମଚାରୀଙ୍କର ଗୋଟିଏ ଗୋଷ୍ଠୀ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସ୍ୱର ଉଠାଇବା ପରେ ଜୟ ଏଭଳି ପଦକ୍ଷେପ ନେଇଛନ୍ତି। ଏକ ପ୍ରସିଦ୍ଧ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କୁ ସଫଳତାର ସହ ନିୟନ୍ତ୍ରଣ କରିଥିବାରୁ ତାଙ୍କୁ ଏଭଳି ପୁରସ୍କୃତ କରାଯାଇଥିଲା। ଉକ୍ତ ନିର୍ଦ୍ଦେଶ କେବଳ ସାର୍ବଜନୀନ ସେବାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ଆବଶ୍ୟକତାକୁ ଆଲୋକପାତ କରିନାହିଁ, ବରଂ ବ୍ୟକ୍ତିଗତ ଲାଭ କିମ୍ବା ସ୍ୱୀକୃତି ବଦଳରେ ଲୋକଙ୍କ ସେବା କରିବା ଉପରେ ବାବୁମାନେ ଅଧିକ ଧ୍ୟାନ ଦେବାର ଗୁରୁତ୍ୱକୁ ସାମ୍ନାକୁ ଆଣିଛି। ତେବେ ପୁରସ୍କାରକୁ ନେଇ ଏବଂ ଅଧିକାରୀମାନେ ଏହା ପାଇବାକୁ ଯୋଗ୍ୟ କି ନୁହେଁ, ତା' ଉପରେ ପ୍ରଶ୍ନ ଉଠିଛି। ଜୟଙ୍କ ନିର୍ଦ୍ଦେଶ ସାରା ଦେଶରେ ବାବୁମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ସୃଷ୍ଟି କରିଛି। ତେବେ ବଡ଼ ପ୍ରଶ୍ନ ହେଉଛି ସେ ଏଥିରେ ଦୃଢ଼ ରହିପାରିବେ ତ? ଏହି ନିର୍ଦ୍ଦେଶକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରି ବ୍ୟକ୍ତିଗତ ଲାଭଠାରୁ ସାର୍ବଜନୀନ ସେବାକୁ ଆଗରେ ରଖିବା ପାଇଁ ମାନସିକତା ଓ ଇଚ୍ଛାଶକ୍ତିର ପରିବର୍ତ୍ତନ ଆବଶ୍ୟକ। ଯଦି ଏହି ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ ରହେ ଏବଂ ସପକ୍ଷବାଦ ଓ ସମ୍ପର୍କବାଦରୁ ଊର୍ଦ୍ଧ୍ୱରେ ରହେ, ତେବେ ଏହା ସମସ୍ତଙ୍କ ପାଇଁ ଲାଭଦାୟକ ହେବ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | | 7 | |
| 6 | 3 | | | 1 | | | | 5 |
| 8 | | 7 | | | | | 6 | |
| | 8 | 2 | | | | | | |
| 7 | | | | 3 | 6 | | | 1 |
| | | | | | | | | |
| | 9 | | | 7 | | | | 3 |
| | | | 2 | | | | | 4 |
| 3 | | 4 | 9 | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 8 | 3 | 9 | 2 | 1 | 6 | 4 |
| 1 | 2 | 9 | 4 | 6 | 8 | 7 | 3 | 5 |
| 3 | 6 | 4 | 7 | 1 | 5 | 9 | 8 | 2 |
| 8 | 4 | 5 | 6 | 7 | 3 | 2 | 9 | 1 |
| 9 | 7 | 3 | 2 | 4 | 1 | 6 | 5 | 8 |
| 2 | 1 | 6 | 8 | 5 | 9 | 3 | 4 | 7 |
| 6 | 3 | 7 | 1 | 8 | 4 | 5 | 2 | 9 |
| 5 | 8 | 2 | 9 | 3 | 7 | 4 | 1 | 6 |
| 4 | 9 | 1 | 5 | 2 | 6 | 8 | 7 | 3 |

ଗତକାଲିର ଉତ୍ତର

# ଗ୍ରୀଷ୍ମ ଲହରି ଓ ଭାରତ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଅର୍ଥାତ୍ ୧୯୦୧ ମସିହାଠାରୁ ବର୍ତ୍ତମାନ ମଧ୍ୟରେ ବିଗତ ଫେବୃଆରୀ ୨୦୨୩ର ତାପମାତ୍ରା ସେ ମାସ ପାଇଁ ସର୍ବାଧିକ ବୋଲି ଜଣାପଡ଼ିଲା ପରେ ଆଗାମୀ ଗ୍ରୀଷ୍ମ କାଳରେ, ମାର୍ଚ୍ଚରୁ ମେ କିମ୍ବା ଜୁନ୍ ପର୍ଯ୍ୟନ୍ତ ଆମ ଦେଶ ଗ୍ରୀଷ୍ମ ଲହରିର ସମ୍ମୁଖୀନ ହେବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଏଥିରେ ସୂଚିତ କରାଯାଇଛି ଯେ, ଫେବୃଆରୀ ମାସରେ ଆମ ଦେଶରେ ହାରାହାରି ସାଧାରଣ ତାପମାତ୍ରା ୨୭.୮ ଡିଗ୍ରୀ ସେଲ୍‌ସିୟସ୍। ତେବେ ଚଳିତବର୍ଷ (୨୦୨୩)ରେ ତାହା ୨୯.୫ ଡିଗ୍ରୀରେ ପହଞ୍ଚିଛି।

ସାଧାରଣତଃ ପୃଥିବୀର ଚାରିଆଡ଼େ ବାୟୁ ସ୍ରୋତରୂପେ ପ୍ରବାହିତ ହେଉଥାଏ କିନ୍ତୁ ଯେତେବେଳେ କୌଣସି ସ୍ଥାନରେ ବାୟୁମଣ୍ଡଳ ଉତ୍ତପ୍ତ ହୋଇ ଅତ୍ୟଧିକ ଚାପ ସୃଷ୍ଟି କରେ ଏବଂ ଉତ୍ତପ୍ତ ବାୟୁକୁ ନିମ୍ନକୁ ଠେଲିଦିଏ ତାହା ଭୂମିର ଉପରିଭାଗରେ ବନ୍ଦୀହୋଇ ରହିଯାଏ। ତହିଁରୁ ସୃଷ୍ଟିହୁଏ ଗ୍ରୀଷ୍ମ ଲହରି। ଏହି ଉଚ୍ଚଚାପ ଉତ୍ତପ୍ତ ବାୟୁକୁ ଧରି ରଖେ ଏବଂ ତାକୁ ଊର୍ଦ୍ଧ୍ୱମୁଖୀ ହୋଇ ଗତି କରିବାକୁ ଦିଏ ନାହିଁ। ଫଳରେ ବର୍ଷା ହୋଇପାରେନା କି ବାୟୁ ଶୀତଳ ହୋଇପାରେନା। ଅନ୍ୟପକ୍ଷରେ ଉତ୍ତପ୍ତ ବାୟୁ ଅଧିକ ଉତ୍ତପ୍ତ ହୋଇ ଚାଲେ। ଅନ୍ୟ ସ୍ଥାନରୁ ଉତ୍ତପ୍ତ ବାୟୁର ପ୍ରବାହ ଯୋଗୁ ମଧ୍ୟ ଏହା ଘଟିପାରେ।

ପାଣିପାଗ ବିଜ୍ଞାନୀମାନଙ୍କ ମତରେ ସମୟକ୍ରମେ ଜଳବାୟୁ ପରିବର୍ତ୍ତନ ହେତୁ ଜାଗତିକ ତାପମାତ୍ରା ବଢ଼ିବା ସହିତ ଗ୍ରୀଷ୍ମ ଲହରିର ପୌନଃପୁନିକତା ଏବଂ ତୀବ୍ରତା ବଢ଼ି ବଢ଼ି ଚାଲିବ। ଆମ ସ୍ୱାସ୍ଥ୍ୟ ଉପରେ ଏହା କୁପ୍ରଭାବ ପକାଇବା ସଙ୍ଗେ ସଙ୍ଗେ ଅକାଳ ମୃତ୍ୟୁର ମଧ୍ୟ କାରଣ ହେବ। ପରିବେଶ ଓ ପରିସଂସ୍ଥା, ତଥା ଅର୍ଥନୀତି ମଧ୍ୟ ଗଭୀର ଭାବେ ପ୍ରଭାବିତ ହେବ। ଏବେ ଆମ ଦେଶରେ ଏହା ମୁଖ୍ୟତଃ ଘଟୁଛି ମାର୍ଚ୍ଚରୁ ଜୁନ୍ ମଧ୍ୟରେ। କେବେ କେମିତି ତାହା ଜୁଲାଇ ମାସ ପର୍ଯ୍ୟନ୍ତ ପରିବର୍ଦ୍ଧିତ ହେଉଛି। ତହିଁରୁ ଅଧିକାଂଶ ଘଟୁଛି ଉତ୍ତର ଏବଂ ଉତ୍ତର-ପଶ୍ଚିମ ତଥା ପୂର୍ବ ଭାରତରେ, ବିଶେଷକରି ବିହାର, ପଞ୍ଜାବ, ହରିୟାଣା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକା, ଓଡ଼ିଶା, ଚଣ୍ଡୀଗଡ଼, ଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ପଶ୍ଚିମ ମଧ୍ୟପ୍ରଦେଶ ତଥା ଗୁଜରାଟର କେତେକ ଅଞ୍ଚଳରେ। ତେବେ କୌଣସି ବର୍ଷ ପାଣିପାଗ ଉପରେ ନିର୍ଭର କରି ଏହା ଅଧିକବାର ଘଟେ ଏବଂ ତା'ର ତୀବ୍ରତା ବୃଦ୍ଧି ପାଏ, ଯେପରି ଘଟିବ ବୋଲି ମନେକରାଯାଉଛି ଚଳିତବର୍ଷ। ଏ ଘଟଣା ଥରେ ଘଟିଲେ ଏହାର ପ୍ରଭାବ କିଛି ସପ୍ତାହ ଧରି ରହେ। ପୁନଶ୍ଚ ତାହା ଗୋଟିକ ପରେ ଗୋଟିଏ ହୋଇ ଘଟିପାରେ ଏବଂ ଏକ ବ୍ୟାପକ ଅଞ୍ଚଳ ଉପରେ ପ୍ରଭାବ ପକାଇପାରେ।



ସମତଳ ଅଞ୍ଚଳରେ କୌଣସି ସ୍ଥାନରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ କିମ୍ବା ତତୋଽଧିକ ଏବଂ ପାର୍ବତ୍ୟ ଅଞ୍ଚଳରେ ୩୦ ଡିଗ୍ରୀ ସେଲସିୟସରୁ ଅଧିକ ହେବାକୁ ଗ୍ରୀଷ୍ମଲହରିର ଆଗମନ ରୂପେ ବିଚାର କରାଯାଏ। ତାହା ସାଧାରଣ ତାପମାତ୍ରାଠାରୁ ୪.୫୦ ଡିଗ୍ରୀରୁ ୬.୪୦ ଡିଗ୍ରୀ ଅଧିକ ହେଲେ ତାହାକୁ 'ସାଧାରଣ' ଏବଂ ତହିଁରୁ ଅଧିକ ହେବାକୁ 'ଗୁରୁତର' ଗ୍ରୀଷ୍ମ ପ୍ରବାହ କୁହାଯାଏ। ପୁନଶ୍ଚ ଏପରି ଅବିହିତ ହେବାକୁ ହେଲେ ଏପରି ଅବସ୍ଥାକୁ ଗୋଟିଏ ସ୍ଥାନରେ କିମ୍ବା ଦୁଇଟି ପାଖାପାଖି ସ୍ଥାନରେ ଅତିକମ୍‌ରେ ଦୁଇଦିନ ରହିବା ଦରକାର। ଆମ ଦେଶରେ ସାଧାରଣତଃ ମେ ମାସରେ ଏହା ଶୀର୍ଷସ୍ଥାନରେ ଉପନୀତ ହୋଇଥାଏ।

ଗ୍ରୀଷ୍ମ ଲହରିର ସ୍ୱାସ୍ଥ୍ୟ ଉପରେ ପ୍ରଭାବ, ଏହାର ପ୍ରକାରଭେଦ, ସମୟ, ସମୟକାଳ, ତୀବ୍ରତା ସଙ୍ଗେ ସଙ୍ଗେ ଆମର ଏଥିସହିତ ଖାପ ଖୁଆଇବାର ସାମର୍ଥ୍ୟ, ସେଥିରୁ ନିଜକୁ ବଞ୍ଚାଇ ରଖିବା ଲାଗି ପ୍ରସ୍ତୁତି ଆଦି ଉପରେ ନିର୍ଭର କରେ। ଅନ୍ୟପକ୍ଷରେ ଏହା ମରୁଡ଼ି, ଉଚ୍ଚତାପ, ଉତ୍ତପ୍ତ ଓ ଶୁଷ୍କ ପରିବେଶ ସୃଷ୍ଟି କରିପାରେ, ଯାହା କି ଫସଲ ହାନିଠାରୁ ବାଡ଼ବାଗ୍ନି ପର୍ଯ୍ୟନ୍ତ ଅନେକର କାରଣ ହୋଇପାରେ। ବନ୍ୟା, ହିମବାହ ଚଳନ ଆଦି ମଧ୍ୟ ଏହା ସୃଷ୍ଟି କରିପାରେ।

ଦିଲ୍ଲୀର ସୁପ୍ରସିଦ୍ଧ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେଣ୍ଟର୍ ଫର୍ ସାଇନ୍ସ ଏଣ୍ଡ ଏନ୍‌ଭାଇରନମେଣ୍ଟ'ର ସୂଚନା ଅନୁସାରେ ଜାଗତିକ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରିତ ହୋଇ ନ ପାରିଲେ ଆଗାମୀ ୨୧୦୦ ବେଳକୁ ଗ୍ରୀଷ୍ମଲହରି ୩୦ଗୁଣ ଅଧିକ ହେବ। ଏଥି ଅନୁଯାୟୀ ଗତବର୍ଷ (୨୦୨୨) ଅକ୍ଟୋବର ମାସ ମଧ୍ୟରେ ଏହା ଆମ ଦେଶରୁ ୨,୭୫୫ଟି ଜୀବନହାନି, ୧.୮ ନିୟୁତ ହେକ୍ଟର ଜମିରେ ଫସଲ ନଷ୍ଟ, ୬୯୦୦୦ ଗୋରୁଙ୍କ ଜୀବନହାନି, ୪୧୬, ୬୬୭ ବାସଗୃହ ଧ୍ୱଂସ ଏବଂ ୨,୩୦୮ ହେକ୍ଟର ବନବିଧ୍ୱଂସ ସହିତ ସମ୍ପୃକ୍ତ ଥିଲା। ସେହିପରି, ବିଶ୍ୱବ୍ୟାଙ୍କ ଦ୍ୱାରା ହୋଇଥିବା ଏକ ପୂର୍ବାନୁମାନରେ ସୂଚିତ କରାଯାଇଛି ଯେ ଜାଗତିକ ତାପମାତ୍ରା ବୃଦ୍ଧି ହୋଇ ଚାଲିଲେ ୨୦୫୦ ସୁଦ୍ଧା ଗ୍ରୀଷ୍ମଲହରି ଅସହ୍ୟ ଏବଂ ତୀବ୍ର ହେବ। ଏହା "ମୌସୁମୀ ବୃଷ୍ଟିପାତର ଧାରାକୁ ବଦଳାଇ ଦେବ ଏବଂ ୨.୮ରୁ ୩ ପ୍ରତିଶତ ମୋଟ ଘରୋଇ ଉତ୍ପାଦ" (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ) ହାନି ଘଟାଇବ। ଗ୍ରୀଷ୍ମ ଲହରି ସାଧାରଣତଃ ବୟସ୍କ ଲୋକ(୬୫ବର୍ଷରୁ ଊର୍ଦ୍ଧ୍ୱ)ଙ୍କୁ ପ୍ରଭାବିତ କରିଥାଏ। ୨୦୧୯ରେ ସମଗ୍ର ବିଶ୍ୱରେ ଏହାରି ପ୍ରଭାବରେ ପ୍ରାୟ ୩,୪୫,୦୦୦ ଲୋକ ମୃତ୍ୟୁବରଣ କରିଥିଲେ।

ବିଗତ ଦଶକରେ ରାଜସ୍ଥାନର କେତେକ ସ୍ଥାନରେ ସର୍ବାଧିକ ତାପବୃଦ୍ଧି ଘଟିଥିଲା ୨୦୧୬ ଏପ୍ରିଲ-ମେ ମଧ୍ୟରେ। ସେଠାରେ ଏହା ୫୧ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଥିଲା। ସେହିପରି ୨୦୧୯ ମେ-ଜୁନ୍‌ରେ ଏହା ୫୦.୮ ଡିଗ୍ରୀ, ୨୦୧୫ ମେ-ଜୁନ୍‌ରେ ୪୯.୪ ଡିଗ୍ରୀ ଏବଂ ୨୦୨୨ ମାର୍ଚ୍ଚ-ଏପ୍ରିଲରେ ୪୫ ଡିଗ୍ରୀରେ ପହଞ୍ଚି ସ୍ଥାନେ ସ୍ଥାନେ ଭୟାବହ ଗ୍ରୀଷ୍ମ ପ୍ରବାହମାନ ସୃଷ୍ଟି କରିଥିଲା। ଚଳିତବର୍ଷ ସମ୍ଭବତଃ ଏହା ତାହାକୁ ଅତିକ୍ରମ କରିଯିବ। ଫଳରେ ୨୦୧୬ ଭଳି ଏଠାରେ ୩୬ରୁ ୪୦ କିମ୍ବା ତତୋଧିକ ସଂଖ୍ୟକ ଅଧିକ ତୀବ୍ରତାସମ୍ପନ୍ନ ଗ୍ରୀଷ୍ମ ଲହରି ଘଟିବାର ସମ୍ଭାବନା ରହିଛି। ପୁନଶ୍ଚ ଏହା ବିଗତବର୍ଷ (୨୦୨୨) ଆମ ମୋଟ ଘରୋଇ ଉତ୍ପାଦର ୧ ଶତାଂଶ ହ୍ରାସ ଘଟାଇଥିବା ଦୃଷ୍ଟିରୁ ଏବର୍ଷ ତାହା ୧.୫ ରୁ ୨ ଶତାଂଶରେ ପହଞ୍ଚିପାରେ।

ଆମ ଦେଶରେ ଚଳିତବର୍ଷ ଗ୍ରୀଷ୍ମଲହରି ଅଧିକ ହେବା କାରଣଗୁଡ଼ିକ ମଧ୍ୟରେ ରହିଛି ଜାଗତିକ ଉଷ୍ମତା ବୃଦ୍ଧିବ୍ୟତୀତଏଲ୍-ନିନୋଏବଂଲା-ନିନୋରପ୍ରଭାବ। ବିଗତ ୩ ବର୍ଷ ଧରି ଆମେ ଲା-ନିନୋର ସମ୍ମୁଖୀନ ହୋଇ ଆସିଛୁ। ଏହା ବିଶ୍ୱର ପାଣିପାଗକୁ ଏପରି ପ୍ରଭାବିତ କରେ, ଯେଉଁଥିରେ ବିଷୁବରେଖା ନିକଟସ୍ଥ ଭୂମଧ୍ୟସାଗରରେ ଶୀତଳ ଜଳ ପ୍ରବାହ ବିସ୍ତାର ଲାଭ କରେ। ଏଣୁ ଏହା ସୃଷ୍ଟି କରୁଥିବା ଉତ୍ତର-ଦକ୍ଷିଣ ଚାପ ଯୋଗୁ ଭାରତୀୟ ଉପଦ୍ୱୀପର ଦକ୍ଷିଣାଞ୍ଚଳ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରି ପ୍ରସାରିତ ହୁଏ। ଅନ୍ୟପକ୍ଷରେ ଚଳିତବର୍ଷ ଆସୁଥିବା ଏଲ୍‌ନିନୋ ଏହାର ଏକ ପରିପୂରକ ଘଟଣା। ଏଥିରେ ବିଷୁବରେଖା ନିକଟସ୍ଥ ଭୂମଧ୍ୟସାଗରରେ ପଶ୍ଚିମ-ପୂର୍ବ ହୋଇ ଉଷ୍ମ ଜଳ ପ୍ରବାହିତ ହୁଏ। ଏଣୁ ଏ ସମୟରେ ସାଧାରଣତଃ ଭାରତର ଉତ୍ତର ଏବଂ ଉତ୍ତର-ପଶ୍ଚିମ ତଥା ପୂର୍ବ ଭାଗରେ ଗ୍ରୀଷ୍ମ ଲହରି ଦେଖାଯାଏ। ଆଗତ ସୂଚନା ଅନୁଯାୟୀ ଚଳିତବର୍ଷ ମାର୍ଚ୍ଚରୁ ମେ - ଜୁନ ମଧ୍ୟରେ ଏହାର ଏହି ସବୁ ଅଞ୍ଚଳରେ ତାପମାତ୍ରା ସାଧାରଣଠାରୁ ୩ରୁ ୫ ଡିଗ୍ରୀ ଅଧିକ ହେବ। ଏହାର ପ୍ରଭାବ ଅଳ୍ପ ବହୁତ ୩ ବର୍ଷ ପର୍ଯ୍ୟନ୍ତ ରହିପାରେ।

ଗ୍ରୀଷ୍ମ ଲହରିକୁ ସମ୍ପୂର୍ଣ୍ଣ ପ୍ରତିହତ କରିବା ଲାଗି ଆବଶ୍ୟକ ପ୍ରଯୁକ୍ତି ବିଦ୍ୟା ଅଦ୍ୟାବଧି ଜଣାନାହିଁ। ତେବେ, ଜାଗତିକ ଉଷ୍ମତା ବୃଦ୍ଧି ରୋକିବା ପାଇଁ ସମସ୍ତ ପଦକ୍ଷେପ କଠୋର ଭାବେ ପାଳନ କରିବା, ଘର ନିକଟରେ ଗଛ ଲଗାଇ ସବୁଜ ବଳୟମାନ ସୃଷ୍ଟି କରିବା, ସହରାଞ୍ଚଳକୁ ଅଧିକ ଜନବହୁଳ ହେବାକୁ ନ ଦେବା, ତାପ ସୃଷ୍ଟିକାରୀ କଳକାରଖାନା ନ ବସାଇବା ଏବଂ ତହିଁରୁ ନିର୍ଗତ ତାପ ହ୍ରାସ ପାଇଁ ଉପଯୁକ୍ତ ଟେକ୍ନୋଲୋଜିର ଆଶ୍ରୟ ନେବା, ଶକ୍ତିର ଅଯଥା ଅପଚୟ ନ ଘଟାଇବା ଇତ୍ୟାଦି ଦ୍ୱାରା ଏହାର କିଛିଟା ଉପଶମ ସମ୍ଭବ ହୋଇପାରେ।

ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର

# ଆଖି ସାକ୍ଷୀ



ଦ୍ୱିତୀ ଚନ୍ଦ୍ର ସାହୁ

ସୁନ୍ଦର ଆଖି ହଳକ ଥିଲେ ଦୁନିଆ ସାର ବୋଲି ସଭିଏଁ କୁହନ୍ତି। ଏଇ ଆଖି ହଳକ ଅନେକ କଥା ଦେଖିପାରେ ଓ ବୁଝିପାରେ। ଅନେକଙ୍କୁ ବୁଝାଇପାରେ। ଆଖି କାଳେ କଥା ବି କହିପାରେ। ଆଖିର ଅଙ୍କାବଙ୍କା ଚାହାଁଣିରେ ଅନେକ ନୀରବ ଶବ୍ଦ ଉକୁଟି ଆସେ। ବିନା ଧ୍ୱନିରେ ଅନେକ କଥା କହିଦିଏ। ଇସାରା ଇସାରାରେ ବୁଝିଯାଏ ଆର ଜଣକ। ଆଖିର ଭାଷାକୁ ପଢ଼ିବା ବି ସହଜ ନୁହେଁ। ଆଉ ଜଣେ ମନ ଚିହ୍ନା ମଣିଷ ହିଁ ଆର ଲୋକର ଆଖିର ଭାଷାକୁ ପଢ଼ିପାରେ ଓ ବୁଝିପାରେ। ତା' ଅନୁସାରେ ଆଖିରେ ଉତ୍ତର ଫେରେଇପାରେ। ମଣିଷ ମନରେ ଜାତ ସୁଖ, ଦୁଃଖ ଓ କ୍ରୋଧାଦି ଯେତେସବୁ ସ୍ଥାୟୀ ଭାବ ଜନ୍ମେ ତାକୁ ଆଖିର ଇସାରାରେ ଅନେକାଂଶରେ ବ୍ୟକ୍ତ କରାଯାଏ। ସେଥିପାଇଁ ନବରସର କଥା କୁହାଯାଇଛି। ଆଦି ରସ, ହାସ୍ୟ ରସ, କରୁଣ ରସ, ରୌଦ୍ର ରସ, ବୀର ରସ, ଭୟାନକ ରସ, ବୀଭତ୍ସ ରସ, ଅଦ୍ଭୁତ ରସ, ଶାନ୍ତ ରସ ଆଦିରେ ସୃଷ୍ଟ ଭାବକୁ ଆଖି ଓ ମୁଖମଣ୍ଡଳ ଜରିଆରେ ଶାସ୍ତ୍ରୀୟ ନୃତ୍ୟରେ ପରିପ୍ରକାଶ କରାଯାଏ। ଆଖିର ଆଖି ମିଳନ ହେଲେ ପ୍ରେମ ଜାତ ହୁଏ। ପ୍ରେମୀଯୁଗଳ ଆଖିର ଇସାରାରେ ମନ କଥାକୁ ସହଜରେ ବ୍ୟକ୍ତ କରିପାରନ୍ତି। ଏଥିପାଇଁ ଶବ୍ଦ ବା ଧ୍ୱନିର ବି ଆବଶ୍ୟକତା ପଡ଼େନି। କବି ଓ ଲେଖକଙ୍କ ଆଖିର ଭାଷା ଟିକେ ଅଲଗା। ଆଖି ସାମ୍ନାର ଦୃଶ୍ୟରୁ ଦୃଶ୍ୟାନ୍ତର ହୋଇ ଅନେକେ ବିଚକ୍ଷଣ ସର୍ଜନା କରିପାରନ୍ତି। ସେମିତି ଆଖିକୁ ବି ଏମାନେ ଅନେକ କାରକ ଓ ବସ୍ତୁ ସହ ଉପମା ଦେଇ ଅଦ୍ଭୁତ ଶବ୍ଦରେ ମୋହଗ୍ରସ୍ତ କରାଇପାରନ୍ତି ପାଠକଙ୍କୁ। ହୃଦୟକୁ ତରଳାଇ ପାରନ୍ତି। ବିଶେଷକରି ଯୁବତୀଙ୍କ ଆଖିକୁ ନେଇ ଅକଳ୍ପନୀୟ ବର୍ଣ୍ଣନା ବାସ୍ତବରେ ବିଭୋର କରେ ସମସ୍ତଙ୍କୁ। ଦୂରରେ ଥିବା ଆମ ସମ୍ପର୍କୀୟ ବା ଅତିଥିମାନଙ୍କ ସହ ବାର୍ତ୍ତାଳାପରେ ମନର ଭୋକ ମରେନି। ଚର୍ମ ଚକ୍ଷୁରେ ଦେଖିବା ଲାଗି ବୈଷୟିକ ସହାୟତା ଲୋଡ଼ୁ। ଭିଡିଓ କଲିଂ ଜରିଆରେ ଥରେ ଆଖି ପୂରେଇ ଦେଖିଦେଲେ ମନ ପୂରିଯାଏ। ବିବିଧ ସ୍ଥାନ ସମ୍ପର୍କରେ ଆମର ଯଥେଷ୍ଟ ଜ୍ଞାନ ଥିଲେ ବି ଥରେ ଅଧେ ବାସ୍ତବ ଦୃଶ୍ୟକୁ ଦେଖିବାକୁ ମନ ବାରମ୍ବାର ହାଇଁପାଇଁ ହୁଏ। ସେଥିପାଇଁ ପର୍ଯ୍ୟଟନସ୍ଥଳକୁ ଲୋକଙ୍କ ସୁଅ ଛୁଟେ। ବାସ୍ତବ ଅନୁଭବ ଦିଏ ଏଇ ଆଖି ହଳକ। ମିଛସତର ଦୁନିଆରେ କାନକୁହା କଥାରେ ବାସ୍ତବତାକୁ ପରଖିବା ଭାରି କଷ୍ଟ। ଯେବେ ନ ଦେଖିବେ ବେନି ନୟନେ, ପରତେ ଯିବନି ଗୁରୁ ବଚନେ। ଏତେ ବଡ଼ କଥାକୁ ଉପଦେଶକ୍ରମରେ କୁହାଯାଇଛି ଖାସ୍ ଏଇ ଆଖି ହଳକର କିମିଆ ପାଇଁ। ଆଖିରେ ଦେଖିଲେ ହିଁ ଯାଇ ବିଶ୍ୱାସ କରିବାକୁ କୁହାଯାଇଛି। ସେଇକ୍ରମରେ ରାଜରାଜୁଡ଼ା ଶାସନଠାରୁ ଆରମ୍ଭକରି ଆଜିକାର ନ୍ୟାୟାଳୟରେ ବି ଆଖିରେ ଦେଖି ବାସ୍ତବତାକୁ ପରଖି ନ୍ୟାୟ ଦେବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯଦିଓ ଅନେକ ସମୟରେ ଆଖି ଧୋକା ଖାଇବାକୁ ବାଧ୍ୟ ହେଉଛି ମଣିଷର ଚଞ୍ଚକତାଠାରେ। ଜଣେ ମଣିଷ



ଅନ୍ୟକୁ ସହଜରେ ଚଞ୍ଚକତା କରିପାରେ। ଦୁନିଆକୁ ଭୁଆଁ ବୁଲେଇ ଦେଇପାରେ ସତ। କିନ୍ତୁ ନିଜ ଆଖି ନିକଟରୁ ଖସିପାରେନି। କାରଣ ନିଜ ଆଖି ଚିରସ୍ଥାୟୀ ସାକ୍ଷୀଟିଏ। ଅହରହ ନିଜ ସାଥୀରେ ବୁଲୁଥାଏ।

ନିକଟରେ ଜଣେ ପଦସ୍ଥ ଅଧିକାରୀଙ୍କ ସହ ଭେଟ ହେଲା। ଅବସରର ଅନେକ ଦିନ ପରେ ତାଙ୍କ ସହ ଭେଟ ହେତୁ ସେ ହାତ ଟାଣି ନିକଟରେ ଥିବା ଏକ ବେଞ୍ଚରେ ବସେଇଲେ। ତେଣିକି ଆରମ୍ଭ କଲେ ନିଜର କାହାଣୀ। ଏକମାତ୍ର ପୁତ୍ର ବିଦେଶରେ। ପୁତ୍ରବଧୂର କଥାରେ ମାଆବାପାଙ୍କ ପାଇଁ ସେ ପାଲଟିଯାଇଛି ଅପରିଚିତ। କଥାବାର୍ତ୍ତା ଖୋଜଖବର ନାହିଁ। ଆସିବାଯିବା ପୂରାପୂରି ବନ୍ଦ। ଏକମାତ୍ର ବିବାହିତା ଝିଅ ବିଧବା। ତା'ର ଜନ୍ମିତ ଶିଶୁ ମାନସିକ ବିକାରଗ୍ରସ୍ତ। ପତ୍ନୀ ନାନାଦି ବ୍ୟାଧିରେ ପୀଡ଼ିତ ହୋଇ ଶଯ୍ୟାଶାୟୀ। ଚାକିରିରୁ ଅବସର ପରେ ସେ ବ୍ୟସ୍ତ ଓ ନୟାନ୍ତ। ପ୍ରତିଦିନ କୌଣସି ନା କୌଣସି ବ୍ୟସ୍ତତା ଭିତରେ ଜୀବନ ଛଟପଟ ହୋଇ ଜିଉଁଛନ୍ତି। ଜଞ୍ଜାଳମୟ କୁଟୁମ୍ବ ଚିନ୍ତାରେ ବୁଡ଼ି ମରିବାକୁ ଦିନ ଗଣୁଛନ୍ତି। ଏତିକି ଶୁଣିବାବେଳେ ମନେ ପଡ଼ିଗଲା ତାଙ୍କ କର୍ମମୟ ଜୀବନର ଅନେକ ଦୃଶ୍ୟ। ଆଖି ଆଗରେ ନାଚି ଉଠିଲା ସେହି ତଥାକଥିତ ଅଫିସରଙ୍କ ଅଫିସରାଜ। ପ୍ରତି କଥାରେ ଅଧସ୍ତନଙ୍କୁ ଗାଲିଗୁଲଜ। ଅବାଟକୁ ବାଟ କରାଇ ଫାଇଲ କରିବାକୁ ତାଗିଦ। ବ୍ୟାପକ ଅନୀତି ଓ ଦୁର୍ନୀତି ଭିତରେ ସୁରୁଖୁରୁରେ ଅବଶ୍ୟ ଚାକିରି ସାରିଦେଲେ। ଯେଉଁମାନଙ୍କ ପାଇଁ ଜୀବନତମାମ ଅକ୍ଳେଶରେ ବାଛବିଚାର ନ କରି କେବଳ ଟଙ୍କାକୁ ମଣିମା କରି ଗୋଟେଇ ଚାଲିଲେ ସେହିମାନେ ଆଉ ପଚାରିଲେନି। ବାବୁଙ୍କ ନିକଟରେ ଅର୍ଥର ଅଭାବ ନାହିଁ। କିନ୍ତୁ ସୁଖ ଶାନ୍ତି ବି ନାହିଁ। ଏମିତି ପଶ୍ଚାତ୍ତାପର ଶବ୍ଦରେ ମୋହାଚ୍ଛନ୍ନ ହେଲାବେଳେ ଆଖି ଯୋଡ଼ିକ ତାଙ୍କର ଭାରି କରୁଣ ଲାଗୁଥିଲା। ଏତିକିବେଳେ ସେଇ ରାସ୍ତା ଦେଇ ତାଙ୍କର ଜଣେ ପୂର୍ବତନ ଅଧସ୍ତନ ଦେଖି ନ ଦେଖିଲା ଭଳି ଚାଲି ଯାଉଥିଲେ। ବାବୁଙ୍କ ଡାକରେ ଠିଆ ହୋଇ ଆସିଲେ। ନିଜର କୃତକର୍ମରେ ଘାଣ୍ଟି ହୋଇ କାକୁସ୍ଥ ଭାବେ ବଞ୍ଚୁଥିବା ବାବୁଜଣକ ଏଥର କହିଲେ - 'ବୁଝିଲ ଘନଶ୍ୟାମବାବୁ! ଆପଣମାନଙ୍କୁ କଷ୍ଟ ଦେଇ ଯାହା ମୁଁ କରିଛି ସେହି ପାପରେ ମୁଁ ଏବେ ଘାଣ୍ଟିଚକଟି ହେଉଛି। ଅତୀତର ଅନେକ କଥା ଏବେ ମୋତେ ବିଚଳିତ କରୁଛି। ଏତିକି କଥାରେ ଅଧସ୍ତନଙ୍କୁ କହିବାକୁ ସୁଯୋଗ ମିଳିଲା କି କ'ଣ ସେ ନାଦି ଦେଇଗଲେ ନିଜର ଉତ୍ତର। କହିଲେ- 'ସାର୍! କ'ଣ କରିବା? ଯେମିତି କରିଥିବା ସେମିତି ଭୋଗିବାକୁ ପଡ଼ିବ । କେହି ନ ଦେଖିଲେ ବି ଆମ ଆଖି ପରା ସବୁ କାମର ସାକ୍ଷୀ। ସେ ଆଖି ହଳକ ହିଁ ମନ ଓ ହୃଦୟକୁ ଶାନ୍ତି ରଖେ ଓ ବିଚଳିତ ବି କରିପାରେ। ଦୁଃଖ କରି ଆଉ ଲାଭ ନାହିଁ ସାର୍। ବରଂ ଏବେଠାରୁ କିଛି ଭଲ କାମ କରନ୍ତୁ, ଯାହା ଶାନ୍ତି ଦେବ।' ଏତିକି କଥାରେ ବାବୁଙ୍କ ଆଖିରୁ ଝରିଗଲା ଲୁହ , ପଶ୍ଚାତ୍ତାପର ଅଶ୍ରୁ। କହିବାକୁ କିଛି ନଥିଲା। ବାସ୍ ଖାଲି ଦି ପଦ ଶାନ୍ତ୍ୱନା ଦେଇ ସେଠୁ ଫେରିବାକୁ ପଡ଼ିଲା। କିନ୍ତୁ ବାବୁଙ୍କ ଅତୀତରୁ ବର୍ତ୍ତମାନର ଦୃଶ୍ୟକୁ ଦେଖିଲେ ଲାଗିଲା ମଣିଷ ସତରେ ବଡ଼ ଅସହାୟ। ଟିକିନିଖି ସଚିତ୍ର ହିସାବ ରଖୁଥିବା ଆଖିଠାରୁ ବର୍ତ୍ତିବା ଆଦୌ ସହଜ ନୁହେଁ ମଣିଷ। ସମସ୍ତଙ୍କଠାରୁ ବିଜୟୀ ହେବା ହୁଏତ ସହଜ। ଅଥଚ ନିଜ ଆଖି ନିକଟରେ ସେ ପ୍ରତିଥର ହାରିବାକୁ ବାଧ୍ୟ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ-୯୪୩୭୯୦୯୬୭୧

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ, ଏହା ପ୍ରମାଣିତ କରିଛନ୍ତି ମୁମ୍ବାଇର ଗ୍ଲାଡ୍‌ସନ ପିଟର। ତାଙ୍କ ଫୁସ୍‌ଫୁସ୍‌ର କ୍ଷମତା ୪୦% କମିଯାଇଥିଲେ ବି ସେ ଏକାକୀ ୧୪ଟି ବାଦ୍ୟଯନ୍ତ୍ର ବଜାଇ ପାରୁଛନ୍ତି। କେବଳ ଏତିକି ନୁହେଁ, ସେ ବି ଭଲ ଗୀତ ଗାଉଛନ୍ତି। ଏଥିପାଇଁ ଲୋକେ ତାଙ୍କୁ 'ୱାନ୍ ମ୍ୟାନ୍ ବ୍ୟାଣ୍ଡ' ଭାବେ ସମ୍ବୋଧନ କରୁଛନ୍ତି। ୨୦ ବର୍ଷ ବୟସରେ ଫୁସ୍‌ଫୁସ୍‌ରେ ସମସ୍ୟା ଦେଖାଦେବାରୁ ପିଟର ବିଷାଦଗ୍ରସ୍ତ ହୋଇପଡ଼ିଥିଲେ ଓ ଏକାକୀ ଜୀବନ ବିତାଇବା ବ୍ୟତୀତ ତାଙ୍କ ପାଖରେ କୌଣସି ବିକଳ୍ପ ନ ଥିଲା। ତଥାପି ସେ ଭାଙ୍ଗି ନ ପଡ଼ି ଗୀତ ଗାଇବା ଓ ବାଦ୍ୟ ବଜାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ତାଙ୍କୁ ଜଣେ ସଫଳ କଳାକାର ରୂପେ ଗଢ଼ିତୋଳିଛି। ସେ ମ୍ୟୁଜିକ୍‌ରେ କୌଣସି ଔପଚାରିକ ପ୍ରଶିକ୍ଷଣ ନେଇନାହାନ୍ତି। ଗତ ୩ ବର୍ଷ ମଧ୍ୟରେ ସେ ୨,୦୦୦ରୁ ଅଧିକ ଶୋ' କରିସାରିଲେଣି। ଭାରତ ବ୍ୟତୀତ ଚାଇନା ଏବଂ ଆରବ ରାଷ୍ଟ୍ରଗୁଡ଼ିକରେ ବି ସେ ତାଙ୍କ କଳା ପ୍ରଦର୍ଶନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଏପ୍ରିଲ ୧୯୯୮

- ଦକ୍ଷିଣ ଚୀନର ହୁନାନ ପ୍ରଦେଶରେ ଭୟଙ୍କର ତୋଫାନରେ ୧୭ ଜଣଙ୍କ ମୃତ୍ୟୁ।
- ଇରାକ ପାଖରେ ଆଉ ଆଣବିକ ଅସ୍ତ୍ରଶସ୍ତ୍ର ନାହିଁ ବୋଲି ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ତା'ର ରିପୋର୍ଟରେ ପ୍ରକାଶ କରିଛି।
- ଭାଜପା ବରିଷ୍ଠ ନେତା କୁଶଭାଉ ଠାକ୍‌ରେ ଦଳର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ।

## ଚିରନ୍ତନୀ

ମାନବର ସୃଷ୍ଟି ଏ ଯେ ମାନବର ଅନ୍ତର-ଆରତି,
ନମଇଁ ମୁଁ ତେଣୁ ଏଥି, ଜଣାଏ ମୋ ବ୍ୟଥାର ଭାରତୀ,
ହାତର ଚିତ୍କାର କେତେ ଅନ୍ତରର ଦୁଃଖ
ଜଡ଼ ଏ ପାଷାଣ ଦେହେ ଭଜିଅଛି ମୂକ,
ଆଜି ଏହି ଦେଉଳ ଗହ୍ୱରେ
ଶତ କଣ୍ଠ-ପ୍ରତିଧ୍ୱନି ଥରେ
ମିଶାଇ ତା' ସଙ୍ଗେ
ଏ ମଳିର ଅଙ୍ଗେ
କଣ୍ଠ ସ୍ୱର
ଉଠେ ମୋର। -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ହେଉ

ମହାଶୟ,

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱାଗତ ଯୋଗ୍ୟ ପଦକ୍ଷେପ ନିଆଯାଇଛି । କିନ୍ତୁ ପ୍ରଶ୍ନ ହେଉଛି, ସମସ୍ତେ କାହିଁକି ଏହି ସୁବିଧାଗୁଡିକ ପାଇପାରୁନାହାନ୍ତି? ଏହାର କାରଣ ହେଉଛି ସରକାର ବିନା ପଇସାରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ ବୋଲି ଘୋଷଣା କଲେ, ଯାହାଫଳରେ ଅସଂଖ୍ୟ ଲୋକ ସେବା ସଂସ୍ଥାନରେ ଚିକିତ୍ସା ପାଇଁ ଉପସ୍ଥିତ ହେଲେ। କିନ୍ତୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ନ କରି ଏହି ଘୋଷଣା ହେଲା । ଅନେକ ଜୀବନ ରକ୍ଷକ ଔଷଧ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହେଉ ନାହିଁ । ଭାରତରେ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ପାଇଁ ଡାକ୍ତରଖାନା ସଂଖ୍ୟା ବୃଦ୍ଧି, ଭିତ୍ତିଭୂମି ବିସ୍ତାର, ଡାକ୍ତର-ଜନସଂଖ୍ୟା ଅନୁପାତରେ ଉନ୍ନତି, ସ୍ୱାସ୍ଥ୍ୟ ବଜେଟରେ ଅଧିକ ବ୍ୟୟର ପ୍ରାବଧାନ ଉପରେ ଧ୍ୟାନ ଦେବା ଉଚିତ। ବେସରକାରୀ ସ୍ୱାସ୍ଥ୍ୟ ସେବାଦାତାଙ୍କୁ ଚିକିତ୍ସା ବାବଦରେ ଯେଉଁ ପଇସା ସରକାର ଖର୍ଚ୍ଚ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, ସେହି ଖର୍ଚ୍ଚରେ ଯଦି ସରକାରୀ ଡାକ୍ତରଖାନାରେ ଭିତ୍ତିଭୂମିର ବିକାଶ କରାଯାଏ, ତା'ହେଲେ ଗରିବଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳିପାରିବ । ଗରିବ ଲୋକମାନେ ସରକାରୀ ଡାକ୍ତରଖାନା ଉପରେ ଭରସା ରଖିଛନ୍ତି। ତେଣୁ ସରକାରୀ ସେବା ସଂସ୍ଥା ଭିତ୍ତିଭୂମିର ବିକାଶକୁ ସରକାର ଜୋର୍ ଦେବା ଆବଶ୍ୟକ।

-ଅସିତ ମହାନ୍ତି, ସୁଜନପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମୁଗ ବିଲରେ ଚାଷୀ ମୃତ

ବାଲିକୁଦା,(ସ୍ୱ.ପ୍ର.): ବିଲକୁ ଯାଇ ମୁଗ ଓପାଡୁଥିବାବେଳେ ଜଣେ ଚାଷୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ପଞ୍ଚାୟତ ବାଲିସାହି ଗାଁର ଗୁନ ବେହେରା (୫୦)। ଗୁନ ସକାଳେ ବିଲରୁ ମୁଗ ଓପାଡୁଥିବାବେଳେ ହଠାତ୍ ବେହୋସ ଯାଇଥିଲେ। ଆଖପାଖରେ ମୁଗ ଓପାଡୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାଲିକୁଦା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୯/୨୩)ରୁଜୁ କରିଛି। ଏଥିସହ ଗୁନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

# ବ୍ରାହ୍ମଣୀ ନଦୀଜଳ ପ୍ରଦୂଷଣ ଅପରିବର୍ତ୍ତିତ

## ଗଙ୍ଗୁଆ ନାଳ ଜଳ ସର୍ବାଧିକ ପ୍ରଦୂଷିତ



ଯାଜପୁର ଅଫିସ,୧୪।୪

ଶିଳ୍ପ ଯୋଗୁ ଅର୍ଥନୀତି ବିକାଶ ହୋଇପାରେ। ହେଲେ ଶିଳ୍ପରୁ ନିର୍ଗତ ଦୂଷିତ ପାଣି ଯୋଗୁ ନଦୀ ଓ ନାଳ ଜଳ ବିଷାକ୍ତ ହେବାରେ ଲାଗିଛି। ଓଡ଼ିଶାର ପ୍ରମୁଖ ନଦୀ ଓ ନାଳର ଜଳମାନ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଜଳସମ୍ପଦ ବିଭାଗର ଜଳତତ୍ତ୍ୱ ଜଳବିଜ୍ଞାନ, ଭୌଗୋଳିକ ସୂଚନା ପଦ୍ଧତି ଏବଂ ଜଳବାୟୁ କାର୍ଯ୍ୟକ୍ରମ ପରିଚାଳନା ମୁଖ୍ୟଯନ୍ତ୍ରୀ ଦେବୀଦତ୍ତ ରମଣୀ ରଞ୍ଜନ ପଟ୍ଟନାୟକଙ୍କ ଗତ ୧୩ ତାରିଖ ରିପୋର୍ଟ ଅନୁସାରେ ବ୍ରାହ୍ମଣୀ ଏବଂ ସେରୁଅ ନଦୀ ଜଳର ପ୍ରଦୂଷଣ ଅପରିବର୍ତ୍ତିତ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ୨୦୧୭ରେ ରାଜ୍ୟର ୧୬ ନଦୀ ଓ ୩ ନାଳର ଜଳକୁ ପ୍ରଦୂଷିତ ଘୋଷଣା କରିଥିଲା। ଏସ୍‌ପିସିବି ଏହି ନଦୀ ଓ ନାଳଗୁଡ଼ିକର ପ୍ରଦୂଷଣ ସ୍ତରକୁ 'ପ୍ରାଥମିକତା-୧ରୁ ୫' ହିସାବରେ (ଅର୍ଥାତ୍ ପ୍ରାଥମିକତା-୧: ସର୍ବାଧିକ ପ୍ରଦୂଷିତ, ପ୍ରାଥମିକତା-୫: ସର୍ବନିମ୍ନ ପ୍ରଦୂଷିତ) ଚିହ୍ନଟ କରିଛି। ୨୦୨୩ ଫେବୃୟାରୀର ତଥ୍ୟ ମୁତାବକ ୪ଟି ନଦୀ ଅର୍ଥାତ୍ ଦୟା, ବ୍ରାହ୍ମଣୀ, କାଠଯୋଡ଼ି, ସେରୁଅ ଏବଂ ୨ଟି ନାଳ ଗଙ୍ଗୁଆ ଓ ଗୁରାଡ଼ିହକୁ ପ୍ରାଥମିକତା ହିସାବରେ ୧ରୁ ୫ ମଧ୍ୟରେ ଚିହ୍ନଟ କରାଯାଇଛି। ବର୍ତ୍ତମାନ ଭୁବନେଶ୍ୱର ଗଙ୍ଗୁଆ ନାଳ ଓ ରାଉରକେଲା ଗୁରାଡିହ ନାଳର ପ୍ରଦୂଷଣ ସ୍ତର ଯଥାକ୍ରମେ ପ୍ରାଥମିକତା-୩ ଓ ୪ ରହିଛି। ସେହିପରି ଦୟା ନଦୀର ଭୁବନେଶ୍ୱରଠାରୁ ବଡ଼ଗଡ଼, ବ୍ରାହ୍ମଣୀ ନଦୀର ରାଉରକେଲାଠାରୁ ବିରିତୋଲ, କାଠଯୋଡ଼ି ନଦୀର କଟକଠାରୁ ଉରାଳି, ସେରୁଅ ନଦୀର ଖଣ୍ଡେଇତାଠାରୁ ଶଙ୍ଖତ୍ରାସ ପର୍ଯ୍ୟନ୍ତ ଜଳ ପ୍ରଦୂଷିତ ହୋଇଛି। ଏହି ୪ ସ୍ଥାନର ନଦୀ ଜଳ ପ୍ରଦୂଷଣ ସ୍ତର 'ପ୍ରାଥମିକତା-୫' ରହିଛି। ପୂର୍ବରୁ ଗଙ୍ଗୁଆର ପ୍ରଦୂଷଣ ସ୍ତର 'ପ୍ରାଥମିକତା-୧' ଥିବାବେଳେ ଏବେ ସୁଧାର ଆସି 'ପ୍ରାଥମିକତା-୩' ରହିଛି। ତଥାପି ୧୯ଟି ନଦୀ ଓ ନାଳ ମଧ୍ୟରୁ ଗଙ୍ଗୁଆ ବର୍ତ୍ତମାନ ସର୍ବାଧିକ ପ୍ରଦୂଷିତ ସ୍ତରରେ ରହିଛି।

ରାଜ୍ୟର ଅଧିକାଂଶ ନଦୀ ଗୁରୁତର ଭାବେ ପ୍ରଦୂଷିତ ହୋଇଥିବାରୁ ୨୦୧୮ ନଭେମ୍ବରରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ତଦନ୍ତ ଓ ପ୍ରତିକାର ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ନେତୃତ୍ୱରେ ଏକ ୫ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କମିଟିରେ ପରିବେଶ ବିଭାଗ ନିର୍ଦ୍ଦେଶକ, ସହର ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ଏସ୍‌ପିସିବିର ସଦସ୍ୟ ସଚିବ ସାମିଲ ଥିଲେ। ଏହି କମିଟିକୁ ରିଭର ରେଜୁଭେନଶନ କମିଟି(ଆର୍‌ଆର୍‌ସି) ବୋଲି ନାମକରଣ କରାଯାଇଥିଲା। ରାଜ୍ୟର ଅଧିକାଂଶ ନଦୀ ଶିଳ୍ପାନୁଷ୍ଠାନ ଓ ସହରାଞ୍ଚଳରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ଦ୍ୱାରା ପ୍ରଦୂଷିତ ହେଉଛି। ସେଥିମଧ୍ୟରୁ ଶିଳ୍ପ ପ୍ରବଣ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଜଳ ଗୁରୁତର ଭାବେ ବିଷାକ୍ତ ହେଉଛି। ସୁନ୍ଦରଗଡ଼, ଅନୁଗୋଳ, ଯାଜପୁର ଆଦି ଜିଲାରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାର ବର୍ଜ୍ୟଜଳ ବ୍ରାହ୍ମଣୀରେ ଛଡ଼ାଯାଉଛି। ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ବର୍ଜ୍ୟଜଳ ଡମଶାଳା ନାଳ ଦେଇ ବ୍ରାହ୍ମଣୀରେ ମିଶୁଛି। ତେଣୁ ବ୍ରାହ୍ମଣୀ ୨୦୧୭ରୁ ପ୍ରଦୂଷିତ ନଦୀ ଭାବେ ଆଖ୍ୟା ପାଇ ଆସୁଛି। ୨୦୧୭ରେ ଏହି ନଦୀର ଜଳରେ ବାୟୋ ଅକ୍ସିଜେନ ଡିମାଣ୍ଡ(ବିଓଡି) ୬.୦ ମିଲିଗ୍ରାମ/ଲିଟର ରହିଥିଲାବେଳେ ୨୦୧୮ରେ ୭.୬, ୨୦୧୯ରେ ୫.୩, ୨୦୨୦ରେ ୬.୩, ୨୦୨୧ରେ ୫.୬, ୨୦୨୨ରେ ୫.୭ ଓ ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ୫.୭ ମିଲିଗ୍ରାମ/ଲିଟର ବିଓଡି ରହିଛି। ବର୍ତ୍ତମାନ ଏସ୍‌ପିସିବି ଅନୁସାରେ ବ୍ରାହ୍ମଣୀ ନଦୀଜଳର ପ୍ରାଥମିକତା-୫ ରହିଛି। ସେହିପରି ଭୁବନେଶ୍ୱର ଗଙ୍ଗୁଆ ନଦୀ ଜଳରେ ୨୦୧୭ରେ ୩୯.୦ ମିଲିଗ୍ରାମ/ଲିଟର ବିଓଡି ରହିଥିଲାବେଳେ ୨୦୨୩ ଫେବୃୟାରୀ ସୁଦ୍ଧା ୧୮.୦ ମିଲିଗ୍ରାମ/ଲିଟର ବିଓଡି ରହିଛି। ଦୟା ନଦୀର ଭୁବନେଶ୍ୱରଠାରୁ ବରଗଡ଼ ମଧ୍ୟରେ ବିଓଡି ୨୦୧୭ରେ ୭.୩ ମିଲିଗ୍ରାମ/ଲିଟର ରହିଥିଲାବେଳେ ୨୦୨୩ ଫେବୃୟାରୀରେ ୪.୮ ମିଲିଗ୍ରାମ/ଲିଟର ରହିଛି। ଗୁରାଡିହ ନାଳର ରାଉରକେଲାରେ ବିଓଡି ୨୦୧୭ରେ ୧୧.୩ ଏବଂ ୨୦୨୩ ଫେବୃୟାରୀରେ ୮.୦ ମିଲିଗ୍ରାମ/ଲିଟର ରହିଛି। କାଠଯୋଡ଼ିର କଟକଠାରୁ ଉରାଳି ପର୍ଯ୍ୟନ୍ତ ୨୦୧୭ରେ ୧୧.୨ ଏବଂ ୨୦୨୩ ଫେବୃୟାରୀ ସୁଦ୍ଧା ୩.୮ ମିଲିଗ୍ରାମ/ଲିଟର ବିଓଡି ରହିଛି। ସେରୁଅ ନଦୀର ଖଣ୍ଡେଇତାଠାରୁ ଶଙ୍ଖତ୍ରାସ ପର୍ଯ୍ୟନ୍ତ ୨୦୧୭ରେ ୪.୮ ଏଂ ୨୦୨୩ ଫେବୃୟାରୀ ସୁଦ୍ଧା ୩.୬ ମିଲିଗ୍ରାମ/ଲିଟର ବିଓଡି ରହିଛି। ଏହିସବୁ ନଦୀଗୁଡିକୁ ପ୍ରଦୂଷଣ ମୁକ୍ତ କରିବାକୁ ଏସ୍‌ପିସିବି ପ୍ରାଥମିକତା ଦେଇଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ୧୨ଟି ନଦୀ ଯଥା ମଙ୍ଗଳା, ନାଗାବଳି, ରତ୍ନଚିରା, ନନ୍ଦିରାଜୋର, କୁଆଖାଇ, ମହାନଦୀ, ଋଷିକୁଲ୍ୟା, ଭେଡେନ, କୁସୁମି, ନୂରା, ସାବୁଲିଆ ଓ ବୁଢାବଳଙ୍ଗ ଏବଂ ବାଙ୍ଗୁରୁ ନାଳା ପ୍ରଦୂଷଣମୁକ୍ତ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବ୍ରାହ୍ମଣୀ ନଦୀଜଳ ପ୍ରଦୂଷଣମୁକ୍ତ ନ ହେବା ପ୍ରଶାସନିକ କଳର ଉଦାସୀନତା ପ୍ରମୁଖ କାରଣ ବୋଲି କୁହାଯାଇପାରେ। ହାଇକୋର୍ଟଙ୍କ ନିର୍ଦ୍ଦେଶର ୭ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ବ୍ରାହ୍ମଣୀ ନଦୀତଟବର୍ତ୍ତୀ ଅଞ୍ଚଳରେ ପ୍ରଦୂଷିତ ଜଳର ଉପଚାର କରିବାକୁ ସିଇଟିପି(କମନ୍ ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ସ୍ଥାପନ ହୋଇ ପାରିନାହିଁ। ଫଳରେ ପ୍ରଦୂଷଣରେ ବ୍ରାହ୍ମଣୀ ନଦୀଜଳ ବିଷାକ୍ତ ହେଉଥିବା ମତପ୍ରକାଶ ପାଇଛି।

# ଆଉ ୪୮ ଘଣ୍ଟା ୧୪୪ ବଳବତ୍ତର



କମ୍ପାନୀ ଫାଟକ ଆଗରେ ପୋଲିସ ମୁତୟନ।

## ଫେକର କମ୍ପାନୀରେ ନିଆଁ ଲାଗିବା ଘଟଣା

ଭଦ୍ରକ ଅଫିସ,୧୪।୪

ଭଦ୍ରକ ରାନ୍ଦିଆସ୍ଥିତ ଫେକର କମ୍ପାନୀରେ ଗତ ମଙ୍ଗଳବାର ଫର୍ନେସ ଚାର୍ଜିଂ ବେଳେ ନିଆଁ ଲାଗି ୨ ଅପରେଟର ଗୁରୁତର ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପ୍ରଶାସନ ପକ୍ଷରୁ ଗତ ୧୨ ତାରିଖ ସକାଳ ୬ଟାରୁ ଜାରି କରାଯାଇଥିବା ୧୪୪ ଧାରାକୁ ଆଉ ୪୮ ଘଣ୍ଟା ବୃଦ୍ଧି କରାଯାଇଛି। ଶୁକ୍ରବାର ସକାଳ ୬ଟାରୁ ଆସନ୍ତା ୧୬ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ ବୋଲି ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋଜ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉ କି, କମ୍ପାନୀରେ ଘଟିଥିବା ଦୁର୍ଘଟଣା ପାଇଁ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଉତ୍ତ୍ୟକ୍ତ ଲୋକେ ଫାଟକ ଆଗରେ ଟାୟାର ଜାଳିବା, ରାସ୍ତା ଅବରୋଧ କରିବା ସହ ପୋଲିସ ଓ ଜନତା ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ପକ୍ଷରୁ ଗତ ୧୨ ତାରିଖ ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ କମ୍ପାନୀ ଫାଟକ ଓ ପାଚେରୀର ୨୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଥିଲା। ଏସ୍‌ଡିପିଓ ସୌରଭ ଓତା, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସମ୍ବଳ ପ୍ରବନ୍ଧ ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ବିଜ୍ଞାପନ
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର କାର୍ଯ୍ୟାଳୟର ପୁରୁଷ କର୍ମଚାରୀମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲାଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥାମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ପାଇଁ ଆପାତତଃ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ୩୦୦ ଯୋଡ଼ା ପୋଷାକ (ହାରାହାରି) ସିଲାଇ ଆବଶ୍ୟକ ହୋଇପାରେ।
ଉତ୍ତମ ଭିତ୍ତିଭୂମି ଥିବା ଏବଂ ବିଭିନ୍ନ ସରକାରୀ/କର୍ପୋରେଟ ସଂସ୍ଥାମାନଙ୍କ ପାଇଁ ଏଭଳି କାର୍ଯ୍ୟ କରୁଥିବା ଏବଂ ଅଭିଜ୍ଞତା ଥିବା ଟେଲରିଂ ସଂସ୍ଥାମାନେ ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପ୍ରବନ୍ଧ ବିଭାଗ, ଭୁବନେଶ୍ୱରରେ ଉପଲବ୍ଧ ନିର୍ଦ୍ଦିଷ୍ଟ ଫର୍ମରେ ୦୫ ମେ, ୨୦୨୩ ତାରିଖ ଅପରାହ୍ନ ୨ ଘଟିକା ସୁଦ୍ଧା ଆବେଦନ କରିପାରିବେ। ପୂର୍ବରୁ ଉକ୍ତ କାର୍ଯ୍ୟ ପାଇଁ ବ୍ୟାଙ୍କରେ ତାଲିକାଭୁକ୍ତ ହୋଇଥିବା ଇଚ୍ଛୁକ ଟେଲରିଂ ସଂସ୍ଥାମାନେ ନୂତନ ଭାବେ ଆବେଦନ କରିବା ଜରୁରୀ ଅଟେ। ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବ୍‌ସାଇଟ୍‌ରେ ଟେଣ୍ଡର ବିଭାଗ ଦେଖନ୍ତୁ (https://www.rbi.org.in)।
କ୍ଷେତ୍ରୀୟ ନିର୍ଦ୍ଦେଶକ

ODISHA SCHOOL EDUCATION PROGRAMME AUTHORITY
"SHIKSHA SOUDHA", UNIT - V, BHUBANESWAR - 751001
Ph. No.: 0674-2395325 (O), E-mail: opepaedu@yahoo.co.in
No. 4891/HST/23 Dated: 13.04.2023
NOTICE
No. n-1: Due to some unavoidable circumstances, the RFP floated vide letter of invitation No. 3260/5T-HST/2023 Dt.16.03.2023 towards selection of Agency for providing services of Professionals for Transformation for Aspirational Incubator (T4AI) is hereby cancelled.
Sd./- State Project Director
OIPR-27068/11/0001/2324

ପୂର୍ବ ତଟ ରେଳପଥ
ଫାଇଲ୍ ନଂ.DRM/Engg/KUR/22-23/E-Tender/182,ତା.11.04.2023ରିଖ
(1) ଟେଣ୍ଡର ସଂ.etender-North-KUR-02-2023,ତା.05.04.2023ରିଖ
ବିବରଣୀ: ସହାୟକ ମଣ୍ଡଳ ଯନ୍ତ୍ରୀ/କେନ୍ଦୁଝରଗଡ଼ ଅଧୀନସ୍ଥ TKB ଲାଇନ୍‌ରେ ଟୋମ୍କା (Ex) ଠାରୁ ଜାରୋଲି (Ex) ପର୍ଯ୍ୟନ୍ତ ସେକ୍ସନରେ 30.06.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 64.85 ଲକ୍ଷ, EMD (ଟଙ୍କାରେ) : 1,29,700/-।
(2) ଟେଣ୍ଡର ସଂ.etender-North-KUR-03-2023,ତା.05.04.2023ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଭଦ୍ରକ ଅଧୀନସ୍ଥ ଭଦ୍ରକ-ଯାଜପୁର କେନ୍ଦୁଝର ରୋଡ୍ ଷ୍ଟେସନ ମଧ୍ୟରେ କି.ମି.287.47 ଠାରୁ କି.ମି.334.74 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 104.96 ଲକ୍ଷ, EMD (ଟଙ୍କାରେ) : 2,02,500/-।
ଶେଷ ହେବା ଅବଧି: 12(ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.04.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍
PR-59/O/23-24

## ପୋଖରୀରେ ବୁଡ଼ି ୨ବୃଦ୍ଧାଙ୍କ ମୃତ୍ୟୁ

ଉମରକୋଟ,୧୪।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧୀନ ବାଲିପଙ୍ଚା ଗ୍ରାମରେ ଦୁଇ ଦିନରେ ଗୋଟିଏ ପୋଖରିରେ ବୁଡ଼ି ୨ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବାଲିପଙ୍ଚା ଗ୍ରାମର ମୋତି ସାନ୍ତା (୬୫) ଏବଂ ବାମି ସାନ୍ତା(୬୦)। ପୋଲିସ ଶୁକ୍ରବାର ଉମରକୋଟ ହସ୍ପିଟାଲରେ ୨ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉଭୟ ପରିବାର ପକ୍ଷରୁ ଏ ନେଇ ଉମରକୋଟ ଥାନାରେ ପୃଥକ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ମୋତି ଗତ ୧୨ ତାରିଖ ସକାଳ ୮ଟାରେ ଘରଠାରୁ ଏକ କି.ମି. ଦୂରରେ ଥିବା ନିଜ ଚାଷଜମିକୁ କାମ କରିବାକୁ ଯାଇ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ଜମି ନିକଟ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ସମ୍ପର୍କୀୟ ଦେଖିଥିଲେ। ସେହିପରି ବାମି ମଧ୍ୟ ସେହିଦିନ ତାଙ୍କ ଜମିକୁ କାମକୁ ଯାଇ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଗୁରୁବାର ଉକ୍ତ ପୋଖରୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ଦମକଳ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ପାଣିରୁ ବାହାର କରିଥିଲେ। ଥାନାରେ ମୋତିଙ୍କ ପୁଅ ବଲ୍ଲଭ ସାନ୍ତା ଓ ବାମିଙ୍କ ପୁଅ ହରି ସାନ୍ତାଙ୍କ ଅଭିଯୋଗକ୍ରମେ ପୃଥକ ୨ଟି ଅପମୃତ୍ୟୁ ମାମଲା ( ୨୭ଓ ୨୮/୨୩) ରୁଜୁ କରାଯାଇଛି। ଉମରକୋଟ ଥାନା ସବ ଇନ୍ସପେକ୍ଟର ସୌମେନ୍ଦ୍ର କୁମାର ସେଠ୍ ଘଟଣାର ତଦନ୍ତ ଭାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ମୋତି ଓ ବାମି ୨ ଘନିଷ୍ଠ ବାନ୍ଧବୀ ଥିଲେ।

## ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଗିରଫ

ଅତାବିରା/ସରଣ୍ଡା,୧୪।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଜୁନାନୀ ଗ୍ରାମରେ ଗୁରୁବାର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସୀତୟା ନାଏକ(୩୬)। ଏହି ଘଟଣାରେ ପୋଲିସ ମୃତା ମହିଳାଙ୍କ ଅଭିଯୁକ୍ତ ସ୍ୱାମୀ ଭାଗୀରଥି ନାଏକ (୪୨)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏ ନେଇ ଅତାବିର ଥାନାରେ ଦଫା ୪୯୮(ଏ), ୩୦୨ ଦଫାରେ ଏକ ମାମଲା (ନଂ.୧୪୮।୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣରୁ ଭାଗୀରଥି ଓ ସୀତୟାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଭାଗୀରଥି ତାଙ୍କ ସ୍ତ୍ରୀ ସୀତୟାଙ୍କ ଗଳାକୁ ଟାଙ୍ଗିଆରେ ପ୍ରହାର କରି ଫେରାର ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମୃତ ସୀତୟାଙ୍କ ଭାଇ ରୁଝେନମାଳ ନିବାସୀ ନବୀନ ମିର୍ଦ୍ଧା ଅତାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ କରି ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ଅଧିକ ତଦନ୍ତ କରୁଛି।

# କେନ୍ଦ୍ରୀୟ ଯୋଜନା ବୁଝାଇଲେ ଗିରିରାଜ



କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଗିରିରାଜଙ୍କୁ ପାଛୋଟି ନିଆଯାଉଛି।

ଆଠମଲ୍ଲିକ, ୧୪।୪ (ଡି.ଏନ.ଏ.)

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ ଶୁକ୍ରବାର ଅନୁଗୋଳ ଜିଲା ଆଠମଲ୍ଲିକ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତର କମଳପୁର ଗାଁରେ ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ୟାକ୍ ଟୁ ଭିଲେଜ ତରଫରୁ ନିର୍ମିତ ବାୟୋ ଫର୍ଟିଲାଇଜର ୟୁନିଟ୍‌କୁ ସିଂହ ଉଦ୍‌ଘାଟନ କରିବା ସହ ସଙ୍ଗଠନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ କେନ୍ଦ୍ରମନ୍ତ୍ରୀ କୃଷକ ଓ ଦଳୀୟ ସମର୍ଥକମାନଙ୍କ ସହିତ ମତ ବିନିମୟ କରିଥିଲେ। ଏହି ଅବସରରେ ସେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହ ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଙ୍ଗଠନ ବ୍ୟାକ ଟୁ ଭିଲେଜର ମୁଖ୍ୟ ପ୍ରତିଷ୍ଠାତା ମନୀଷ କୁମାର ଓ ପୂଜା ଭାରତୀଙ୍କ ସମେତ ସଙ୍ଗଠନର ସମସ୍ତ କର୍ମକର୍ତ୍ତା, ସହକାରୀ ଜିଲାପାଳ କୁଳମଣି ଦଳେଇ, ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, ତହସିଲଦାର ଯଶୋବନ୍ତ ଦେହୁରୀ, ସହକାରୀ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ପରେଶ ଚନ୍ଦ୍ର ଦେଓ, ଭାଜପା ଜିଲା ସଭାପତି ଦିଲେଶର ପ୍ରଧାନ, ଜିଲା ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଯୁବନେତା ପିନା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଆଠମଲ୍ଲିକ ଥାନା ଆଇଆଇସି ନିରୋଦ କୁମାର ଦାସଙ୍କ ନେତୃତ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

HANDLING CONTRACTOR 2023-25
NOTICE INVITING TENDER
OFFICE OF THE CHIEF CSO-CUM-DISTRICT MANAGER,
ODISHA STATE CIVIL SUPPLIES CORPORATION LTD.
DISTRICT- CUTTACK, PHONE - 0671-2507744
No.CAD-165
Tender No.- 1103/ Dt.13.4.2023
Cost of Tender Document: Rs.11800/- Inclusive of GST.
Online tenders are invited from eligible bidders for selection and appointment of Handling Contractor (Labour works) for handling of food grain (Rice, Wheat) at all the Rice Receiving Centres (RRCs) (except in those PEG godowns where godown owner is undertaking handling work) of District: Cuttack for the biennial 2023-25.

| | | |
|---|---|---|
| 1 | Availability of tender documents | From Date 15.04.2023 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt.18.04.2023 at 12.30 P.M., Place: Office of the CCSO cum District Manager, Collectorate, Cuttack |
| 3 | Last date and time for online submission of completed tender documents with enclosures | Through e-Procurement Portal: www.tendersodisha.gov.in upto 5.30 P.M. of Dt.29.04.2023 |
| 4 | Date, time and venue for opening of technical bid by the tender committee | On Dt.01.05.2023 at 3.30 P.M., Place: Office of the CCSO cum District Manager, Collectorate, Cuttack |
| 5 | Date, time and venue of submission of original documents in support of scanned copies uploaded inthe portal for verification | On Dt.01.05.2023 at 3.30 P.M., Place: Office of the CCSO cum District Manager, Collectorate, Cuttack |
| 6 | Date & time of financial bid opening by the tender committee (Only of technically qualified bidders) | To be announced after technical bid evaluation |
| 7 | Venue of the opening of technical & financial bids | Office of the CCSO cum District Manager, Collectorate,Cuttack |
| 8 | Validity period | Tenders are to remain open for acceptance for 45 days inclusive of date of opening of tnder. Note: The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the tender | The tender should be prepared by the bidder in English language only |
| 10 | Help Desk Telephone No. | OSCSC Ltd:- District Manager: No.9438200037 Accounts Head: No.9437202302 State Procurement Cell: 0674-2530998 / 18003456765 |

N.B.: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any / all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit tender document fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender / corrigendum please refer to the website www.tendersodisha.gov.in, www.oscsc.in & www.foododisha.in
Sd./-District Manager, OSCSC Ltd., Cuttack
OIPR-07065/11/0002/2324

DSPL-05
ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏଟି" (AT) ସିରିଜ୍
ନୂତନ ଆକାରରେ ଓ ନୂତନ ପ୍ରକାରରେ
ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ, ଅଧିକ ପୁରସ୍କାର ସଂଖ୍ୟା, ପୂର୍ବାପେକ୍ଷା ଦୁଇ ଗୁଣରୁ ଅଧିକ ପୁରସ୍କାର ରାଶି ଓ ଅନ୍ ଲାଇନ୍ କୁପନ ସଂଗ୍ରହ କରିବାର ବ୍ୟବସ୍ଥା ।

| ପୁରସ୍କାର ବର୍ଗ | ପୁରସ୍କାର ପରିମାଣ (ଟଙ୍କା ହିସାବରେ) | ପୁରସ୍କାର ସଂଖ୍ୟା | ସମୁଦାୟ ପୁରସ୍କାର ରାଶି (ଟଙ୍କା ହିସାବରେ) | କୁପନ ପାଇବା ଯୋଗ୍ୟ ସ୍ୱଳ୍ପ ସଞ୍ଚୟ ଯୋଜନା |
|---|---|---|---|---|
| ପ୍ରଥମ | ୫,୦୦,୦୦୦/- | ୦୧ | ୫,୦୦,୦୦୦/- | କିଷାନ ବିକାଶ ପତ୍ର, ସୁକନ୍ୟା ସମୃଦ୍ଧି ଜମା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଅଷ୍ଟମ ଇସ୍ୟୁ, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ଡାକଘର ମାସିକ ଆୟ ଯୋଜନା/ଜାତୀୟ ସଞ୍ଚୟ ମାସିକ ଆୟ ଜମା, ଡାକଘର ପୌନଃପୁନିକ ଜମା/ଜାତୀୟ ସଞ୍ଚୟ ପୌନଃପୁନିକ ଜମା, ପାଞ୍ଚ ବର୍ଷିଆ ଡାକଘର ଅବଧି ଜମା/ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା |
| ଦ୍ୱିତୀୟ | ୩,୦୦,୦୦୦/- | ୦୨ | ୬,୦୦,୦୦୦/- | |
| ତୃତୀୟ | ୨,୦୦,୦୦୦/- | ୦୩ | ୬,୦୦,୦୦୦/- | |
| ଚତୁର୍ଥ | ୧,୦୦,୦୦୦/- | ୦୪ | ୪,୦୦,୦୦୦/- | |
| ପଞ୍ଚମ | ୫୦,୦୦୦/- | ୦୫ | ୨,୫୦,୦୦୦/- | |
| ଷଷ୍ଠ | ୨୫,୦୦୦/- | ୦୬ | ୧,୫୦,୦୦୦/- | |
| ସପ୍ତମ | ୧୦,୦୦୦/- | ୨୫୦ | ୨୫,୦୦,୦୦୦/- | |
| ଅଷ୍ଟମ | ୪,୦୦୦/- | ୨୫୦୦ | ୧,୦୦,୦୦,୦୦୦/- | |
| | ସମୁଦାୟ | ୨୭୬୧ | ୧,୫୦,୦୦,୦୦୦/- | |

ଜମା ଅବଧି:- ତା ୦୧.୦୧.୨୦୨୨ ରିଖ ଠାରୁ ତା ୩୧.୧୨.୨୦୨୨ ରିଖ ପର୍ଯ୍ୟନ୍ତ ।
ଅନ୍ ଲାଇନ୍ କୁପନ ସଂଗ୍ରହ କରିବାର ଶେଷ ତାରିଖ:- ୩୦.୦୬.୨୦୨୩
ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇ କୁପନ ସଂଗ୍ରହ କରିବାର ଶେଷ ତାରିଖ:- ୩୧.୦୭.୨୦୨୩
ଅନ୍ ଲାଇନ୍ କୁପନ ସଂଗ୍ରହ କରିବା ପାଇଁ http://assa.odisha.gov.in କୁ ଲଗ୍ ଇନ୍ କରନ୍ତୁ । ଏହି ବ୍ୟବସ୍ଥା ମାଧ୍ୟମରେ ସମସ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କ ସମେତ ଭୁବନେଶ୍ୱର, ବ୍ରହ୍ମପୁର, ରାଇରଙ୍ଗପୁର, ଭଞ୍ଜନଗର, ଅନଗୁଳ ସଦର, ଆନନ୍ଦପୁର, ବଲାଙ୍ଗିର ସଦର, ବାଲେଶ୍ୱର ସଦର, ବରଗଡ଼ ସଦର, ଭବାନୀପାଟନା, କଟକ ସଦର, ଢେଙ୍କାନାଳ ସଦର, ଜୟପୁର, ପାନପୋଷ୍, ରାୟଗଡା ସଦର, କନ୍ଧମାଳ ସଦର ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କ ଠାରୁ କୁପନ ସଂଗ୍ରହ କରି ହେବ ।
ଏହି ଅନ୍ ଲାଇନ୍ କୁପନ ସଂଗ୍ରହ ବ୍ୟବସ୍ଥା ସହିତ, ପୂର୍ବପରି ସମସ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମଧ୍ୟ କୁପନ ସଂଗ୍ରହ କରିହେବ।
୨୦୦୦ ଟଙ୍କା ଜମା ରାଶି ପିଛା ଗୋଟିଏ ମାଗଣା କୁପନ ସଂଗ୍ରହ କରି ଭାଗ୍ୟଶାଳୀ ବିଜେତା ହେବାର ସୁଯୋଗ ନିଅନ୍ତୁ ।
କେବଳ ଓଡିଶାରେ ଅବସ୍ଥିତ ଯେକୌଣସି ଡାକଘର ବା ବ୍ୟାଙ୍କ୍ ରେ ଉପରବର୍ଣ୍ଣିତ ଜମା ଯୋଜନା ଗୁଡିକରେ ସଞ୍ଚୟ କରାଯାଇଥିବା ଜମା ରାଶି ଉପରେ ଏହି କୁପନ ସଂଗ୍ରହ କରାଯାଇପାରିବ ।
ବି:ଦ୍ର: କୁପନ ସଂଗ୍ରହ ସମୟରେ କୁପନ ଉପରେ ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ସଂଗ୍ରହ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।
ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ,
ଅର୍ଥ ବିଭାଗ,
ଓଡିଶା ସରକାର
(ଅଧିକ ବିବରଣୀ ପାଇଁ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ / ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ।)
OIPR-05001/13/0001/2324

## ସଂକ୍ଷେପରେ

### ବିଦ୍ୟାଳୟରେ ବାର୍ଷିକୋତ୍ସବ

**ବାଲିପାଟଣା,୧୪।୪(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୮ମ ବାର୍ଷିକ ଉତ୍ସବ ମେଲଣ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ମୀନକେତନ ବ୍ରହ୍ମାଙ୍କ ଅଧକ୍ଷତାରେ ଅତିଥିଭାବେ ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା, ଶିକ୍ଷା ବିକାଶ ସମିତିର ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, କୁନି ପର୍ବତାରୋହୀ ଆରାଧା ଜେନା, ଉମାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧକ୍ଷ ଘନଶ୍ୟାମ ଭୋଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଭରତ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ରବି କୁମାର ସଙ୍ଗୀତ ପରିବେଷଣ କରିଥିଲେ। ଆରାଧା ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଶେଷରେ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ପଣା ବାଣ୍ଟିଲେ ଏଏପି କର୍ମୀ

**ବୋଲଗଡ଼,୧୪।୪(ଡି.ଏନ୍.ଏ.):** ଆମ୍ବେଦ୍କରଙ୍କ ଜୟନ୍ତୀ ଓ ହିନ୍ଦୁ ନବବର୍ଷ ଅବସରରେ ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତ ମାଣିକାଗୋଡ଼ାରେ ଇମ୍ରାନ୍ ଖାନ୍ଙ୍କ ଆବାହକତ୍ୱରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ଏକ ସଦ୍‌ଭାବନା ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଗୋତିଶ୍ରମିକ ମୁକ୍ତି ଆନ୍ଦୋଳନର କଳାଙ୍ଗ ପଞ୍ଚାୟତ ସଭାପତି ଅକ୍ରୁର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଧାନସଭା କ୍ଷେତ୍ର ଏଏପି ସଭାପତି କଳ୍ପତରୁ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ଓ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ଶେଷରେ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ଭାଜପା ମଣ୍ଡଳ ସଭାପତିଙ୍କ ଶ୍ରାଦ୍ଧବାର୍ଷିକୀ

**ନିରାକାରପୁର,୧୪।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ୯ ନମ୍ବର ଜୋନ୍‌ର ପୂର୍ବତନ ଭାଜପା ମଣ୍ଡଳ ସଭାପତି ତଥା ବଡ଼ପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନାଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମଙ୍ଗୁଳି ଛକଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜେନା ସ୍ମୃତି କମିଟିର ସଭାପତି ଲିଙ୍ଗରାଜ ପାଇକରାୟ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କମିଟି ସମ୍ପାଦକ ରବୀନ୍ଦ୍ର ବଳିୟାରସିଂହ, ସଦସ୍ୟ ବାପି ଜେନା, ମାଧବ ମହାନ୍ତି, ଦିଲୀପ ବିଧାର, ପ୍ରଫୁଲ୍ଲ ପାଇକରାୟ, ଦୀନବନ୍ଧୁ ଚହଟରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଣବ ଜେନା ଧନ୍ୟବାଦ ଦେଇଥିଲେ।

### ପିକଅପ୍ ଭ୍ୟାନରେ ପିଟି ହୋଇ ବାଇକ୍ ଚାଳକ ମୃତ

**ଗୋପ,୧୪।୪(ଡି.ଏନ୍.ଏ.):** ମା' ରାମଚଣ୍ଡୀ ମନ୍ଦିରରୁ ଭୋଜି ଖାଇ ଫେରୁଥିବା ବେଳେ ଗୋପ- କୋଣାର୍କ ରାସ୍ତାର ଶାରଦା ଛକ ନିକଟରେ ଗୋଟିଏ ପିକଅପ ଭ୍ୟାନ ପଛରେ ଗୋଟିଏ ବାଇକ୍ ପିଟି ଦେବାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋପ ଥାନା ଅନ୍ତର୍ଗତ ଗଳଦରି ଗ୍ରାମର ଦିବାକର ପ୍ରଧାନ। ସେହି ଗ୍ରାମର ସୌମ୍ୟରଞ୍ଜନ ମଲ୍ଲିକ ଗୁରୁତର ହୋଇଛନ୍ତି।

# 'ଆଧୁନିକତାର ଚାକଚକ୍ୟରେ ହଜୁଛି ଗାଁର ଅସ୍ମିତା'

**ଖୋର୍ଦ୍ଧା ଅଫିସ,୧୪।୪**

**ଖୋର୍ଦ୍ଧା ବିଷୁବ ମିଳନ ସମାରୋହ**
■ବୈଷ୍ଣବଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ

ମାଆ, ମାଟି, ମାତୃଭୂମି, ମାତୃଭାଷା ସର୍ବଦା ବନ୍ଦନୀୟ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ମାନ୍ୟତା ପରେ ଏହାର ଗୌରବ ବଢ଼ିଛି। ଉତ୍କଳୀୟ ସଂସ୍କୃତି, ପରମ୍ପରା, ଭାସ୍କର୍ଯ୍ୟ ଉଚ୍ଚକୋଟୀର। ବିଶ୍ୱକୁ ଦିଗଦର୍ଶନ ଦେଉଥିବା ଭାରତର କ'ଣ କେହି ମାର୍ଗଦର୍ଶକ ନାହାନ୍ତି କି, କାହିଁକି ପାଶ୍ଚାତ୍ୟ ସଂସ୍କୃତି ଓ ପରମ୍ପରାକୁ ଜାବୁଡି ଧରି ନିଜ ସଂସ୍କୃତିକୁ କୁଠାରଘାତ କରୁଛୁ ବୋଲି ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନ ପରିସରରେ ଆୟୋଜିତ ସାରସ୍ୱତ ବିଷୁବ ମିଳନ ଏବଂ ଓଡ଼ିଆ ନବବର୍ଷ ସମାରୋହରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପ୍ରଫେସର ଡ.ବୈଷ୍ଣବ ଚରଣ ସାମଲ ଏହା କହିଛନ୍ତି। ସାହିତ୍ୟ ସମାଜର ସଭାପତି ଡ. ସୁରେଶ ଛୋଟରାୟଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ବକ୍ତା ସାମଲ ଆହୁରି କହିଥିଲେ, ଗ୍ରାମୀଣ ସଂସ୍କୃତି ଲୋପ ପାଇବାକୁ ବସିଛି। ଗାଁ ଏବେ ସହରରେ ପରିଣତ ହୋଇଛି। ଗାଁ ଅସ୍ମିତା ଧୀରେ ଧୀରେ ଲୁପ୍ତ ହେବାକୁ ବସିଛି। ଆଜିର ଯୁବପିଢି ସଂସ୍କୃତି କ'ଣ ଜାଣିବାକୁ ଚାହୁଁନାହାନ୍ତି। ପର୍ବପର୍ବାଣୀରେ ମନ୍ଦିର ଯିବା, ଠାକୁର ଦର୍ଶନ, ପୂଜାପାଠ ଯେପରି ସେମାନଙ୍କ ପାଇଁ ଅଲୋଡା ହୋଇଯାଇଛି। ନିଜ ସଂସ୍କୃତି ଅପେକ୍ଷା ବିଦେଶୀ ସଂସ୍କୃତିକୁ ଗୁରୁତ୍ୱ ଦେଉଛନ୍ତି। ମା, ବାପା, ବୋଉ ଶବ୍ଦ ହଜିଗଲାଣି। ନିଜ ପ୍ରାଚୀନତା କାରଣରୁ ଅନେକ ଭାଷାକୁ ପଛରେ ପକାଇ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଭାଷାଭିତିକ ପ୍ରଦେଶ ଗଠନରେ ଓଡ଼ିଶା ପ୍ରଥମ। ଯାହାର ଏକ ଗୌରବମୟ ଇତିହାସ ରହିଛି। ସେହି ମାଟିର ଲୋକେ ମାତୃଭାଷାକୁ ଛାଡି ଇଂଲିଶ ଭାଷାରେ ପଛରେ ପଡିଛନ୍ତି। ଗ୍ରାମୀଣ ସଂସ୍କୃତି, ପରମ୍ପରା ହେଉଛି ଗାଁର ଅସ୍ମିତା। ତେବେ ଏହି ଅସ୍ମିତା ଆଧୁନିକତାର ଚାକଚକ୍ୟତାରେ ହଜିବାକୁ ବସିଛି। ସମାଜର ବରିଷ୍ଠ, ବୁଦ୍ଧିଜୀବୀ, ନାଗରିକ, ଶିକ୍ଷାବିତମାନଙ୍କ ମାର୍ଗଦର୍ଶନକୁ ଆଜିର ଯୁବପିଢି ଶୁଣୁନାହାନ୍ତି। ଗାନ୍ଧୀ ନାହାନ୍ତି କିନ୍ତୁ ଗାନ୍ଧୀବାଦ ବଞ୍ଚିରହିଛି। ନିଜ ଭିତରେ ରହିଥିବା ଆତ୍ମା, ପରମାତ୍ମାକୁ ଜାଣିପାରିଲେ ଜୀବନ ସାର୍ଥକ ହେବ ବୋଲି ସେ କହିଥିଲେ।

ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଭାଷାବିତ ତଥା ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଥିଲେ ଯେ, ସାହିତ୍ୟ ଅର୍ଥ ସହିତ। ଭାବ, ଭାବନା, ଅନୁଭବ ଓ କଳ୍ପନାରୁ ସାହିତ୍ୟ। ପ୍ରଥମେ ଥିଲେ ବକ୍ତା ଓ ଶ୍ରୋତା। ଏବେ ବକ୍ତା ଶ୍ରୋତା ସହ ଲେଖକ ଏବଂ ପାଠକ ଯୋଡି ହୋଇଛନ୍ତି। ପରସ୍ପର ମଧ୍ୟରେ ସୁସମ୍ପର୍କ ରଖି ଆଗକୁ ବଢିଲେ ସାହିତ୍ୟର ମଧ୍ୟ ଗୌରବ ବଢିବ। ନିଜ ଭିତରେ ହୀନମନ୍ୟତାକୁ ଭୁଲି ଏକାଠି ବସି, ଉଠିଲେ ସାହିତ୍ୟର ପ୍ରଗତି ହୋଇପାରିବ। ଭାଷା, ସାହିତ୍ୟରେ ସମୃଦ୍ଧି ପଥରେ ଯୁବପିଢିକୁ ଆଗକୁ ଆଣିବାକୁ ଚେଷ୍ଟା କର। ଯୁବପିଢି ନ ବାହାରିଲେ, ଏ ଜାତିର ଅସ୍ମିତା ମଧ୍ୟ ହଜିଯିବ। ଏଥିଲାଗି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ପ୍ରଫେସର ନାରାୟଣ ରାଓ, ସାହିତ୍ୟିକ ପ୍ରମୋଦ କୁମାର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ମାତୃଭାଷାର ମହନୀୟତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଚଳିତବର୍ଷ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଜ୍ଞାନରଞ୍ଜନ ଦାଶ ବିବରଣୀ ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ ପ୍ରଫୁଲ୍ଲ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରଥମ ଅଧିବେଶନରେ ଯମେଶ୍ୱର କହଳସିଂ, ସମରଜିତ ପଟ୍ଟନାୟକ, ଗୋପିନାଥ ଦାସ, ସୌଦାମିନୀ ବେହେରା, ସନ୍ୟାସୀ ନାୟକ, ବିଶ୍ୱାମିତ୍ର ମିଶ୍ର, ବୈକୁଣ୍ଠନାଥ ରାଜଗୁରୁଙ୍କ ସଂଯୋଜନା ଏକାଧିକ କବି, କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ଜଟଣୀ,୧୪।୪(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଶ୍ୱନାଥ କଲୋନୀ ଗୁରୁହାଟରେ ୨୧ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଶ୍ରୀରାମ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ଯଜ୍ଞ ଉତ୍ସବରେ ମୁଖ୍ୟ ପୁରୋଧା ପଣ୍ଡିତ ମୃତ୍ୟୁଞ୍ଜୟ ନନ୍ଦଙ୍କ ତତ୍ତ୍ୱାବଧାନରେ ଗତ ୧୧ ତାରିଖ ପ୍ରଥମ ଦିବସରେ ଅଙ୍କୁରାରୋପଣ କରାଯାଇଥିଲା। ଦ୍ୱିତୀୟ ଦିବସରେ ଜଳଯାତ୍ରା, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ ସହିତ ସନ୍ଧ୍ୟାରେ ଆଳତି କରାଯାଇଥିଲା। ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଧେନୁ ପୂଜା, ସାଲା ପୂଜା, ଇଷ୍ଟ ଦେବ ହନୁମାନଙ୍କ ଷୋଡ଼ଶ ଉପଚାର ପୂଜା, ଆଳତି, ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତିରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଥିଲା। ସେହିପରି ସ୍ଥାନୀୟ ରେଲୱେ ଗୋଲେଇ ମାର୍କେଟ ଓ ନିୟୁ ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ସିଦ୍ଧ ମହାବୀରଙ୍କ ୨୭ତମ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି।



ଜଟଣୀ: ଶୁକ୍ରବାର ହନୁମାନ ଜୟନ୍ତୀ ଅବସରରେ ବିଭିନ୍ନ ବେଶରେ ସଜ୍ଜିତ କଳାକାର ଏବଂ ଅନ୍ୟମାନେ।

### ମହିଳାଙ୍କୁ ହତ୍ୟା ଘଟଣା: ୨ ଦିଅର, ଯାଆ ଗିରଫ

**ସାକ୍ଷୀଗୋପାଳ, ୧୪।୪ (ଡି.ଏନ୍.ଏ./ସ୍ୱ.ପ୍ର.)**

ପାରିବାରିକ ବିବାଦକୁ କେନ୍ଦ୍ର କରି ସତ୍ୟବାଦୀ ଥାନା ସନ୍ତପଡା ଗ୍ରାମରେ ଡଲି ପାତ୍ର ନାମକ ମହିଳାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ମୃତାଙ୍କ ୨ ଦିଅର ଓ ଯାଆଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ସନ୍ତପଡ଼ା ଗ୍ରାମର ବିଦ୍ୟାଧର ପାତ୍ର, ଲକ୍ଷ୍ମୀଧର ପାତ୍ର ଏବଂ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ମମତା। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିଦ୍ୟାଧର, ଲକ୍ଷ୍ମୀଧର ଓ ଧର୍ମପଦ ୩ ଭାଇଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ଗଣ୍ଡଗୋଳ ହୋଇ ଉଗ୍ରରୂପ ନେଇଥିଲା। ଏଥିରେ ବିଦ୍ୟାଧର, ଲକ୍ଷ୍ମୀଧର ଏବଂ ତାଙ୍କ ସ୍ତ୍ରୀ ମମତା ମିଶି ଧର୍ମପଦଙ୍କ ସ୍ତ୍ରୀ ଡଲିଙ୍କ ଚୁଟି ଧରି ଟଣାଟଣି କରିବା ସହ କାନ୍ଥରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ସଂଜ୍ଞା ହରାଇ ପଡ଼ିଯିବାରୁ ତାଙ୍କୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଧର୍ମପଦ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲେ। ପରେ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍କ୍ୱାଡ ଟିମ୍ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

### ବିଭିନ୍ନ ସ୍ଥାନରେ ଆମ୍ବେଦ୍କରଙ୍କ ଜୟନ୍ତୀ

**ଜଟଣୀ,୧୪।୪(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସୀତାରାମ ଛକସ୍ଥିତ ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଏଆଇସିଜିପିଏ ସଭାପତି ବି.କେ. ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ବି.ଆର. ମହାନ୍ତି ଯୋଗଦେଇ ମନ୍ତବ୍ୟ ରଖିଥିଲେ। କେ. ଗୌଡ଼, ବି.କେ. ପଣ୍ଡା, ଏସ୍.କେ. ନାୟକ, ଗଙ୍ଗାଧର ଦାସ, ପ୍ରଦୀପ ପଟ୍ଟନାୟକ, ପ୍ରଣତି ସ୍ୱାଇଁ, ବେବି ଦେବୀଙ୍କ ସମେତ ବହୁ ଅବସରପ୍ରାପ୍ତ କେନ୍ଦ୍ରୀୟ କର୍ମଚାରୀ ଯୋଗଦେଇଥିଲେ। ସୂର୍ଯ୍ୟନାରାୟଣ ପାଢ଼ୀ ଧନ୍ୟବାଦ ଦେଇଥିଲେ। ସେହିପରି କୁଦିଆରୀ ଗ୍ରାମଠାରେ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ସଭାନେତ୍ରୀ ସାବିତ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କିଶୋର ପରମଗୁରୁ, ନିରଞ୍ଜନ ବେହେରା, ସରଙ୍ଗାଧର ବେହେରା ଯୋଗଦେଇଥିଲେ। ନାରାୟଣ ରଣସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁନି ପଣ୍ଡା, ବେଣୁଧର ନାୟକ, ଉର୍ମିଳା ଦାସ, ଉପସ୍ଥିତ ଥିଲେ। ସେହିପରି ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଶ୍ରମିକ କଂଗ୍ରେସ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯଇଥିଲା।

# ଓଡ଼ିଆ ନବବର୍ଷରେ ଶୋଭାଯାତ୍ରା

**ଜଟଣୀ/ ନିରାକାରପୁର, ୧୪।୪(ଡି.ଏନ୍.ଏ.)**

ହନୁମାନ ଜୟନ୍ତୀ ଅବସରରେ ଜଟଣୀ ପୌରାଞ୍ଚଳର ବଜରଙ୍ଗୀ ସେବା ସଂଘ ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ନିକଟ ହନୁମାନ ବାଟିକା ପରିସରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। କଳାକାରମାନେ ହନୁମାନ, ରାମ ସୀତାଙ୍କ ସହିତ ବହୁ ଦେବ ଦେବୀଙ୍କ ବେଶଧାରଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ଜଟଣୀ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯଇଥିଲା।

ଖୋର୍ଦ୍ଧା ଜିଲା ନିରାକାପୁର ଅଞ୍ଚଳର ଆଞ୍ଚଳିକ ହିନ୍ଦୁ ସଂଗଠନ ପକ୍ଷରୁ ଓଡିଆ ନବ ବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ରାମେଶ୍ୱର ଛକଠାରୁ ବାହାରି ନିରାକାରପୁରସ୍ଥିତ ଗଣେଶ ପଡିଆରେ ପହଞ୍ଚିଥିଲେ। ପରେ ଶ୍ରୀରାମ ମନ୍ଦିର ପରିସରରେ ଥିବା ମାରୁତି ମଣ୍ଡପ ନିକଟରେ ସମୂହ ୧୦୮ ହନୁମାନ ଚାଳିଶା ପାଠକରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଶ୍ରୀରାମ ସେବକ ସଂଘ ପକ୍ଷରୁ ୧୦୮ ହନୁମାନ ଚାଳିଶା ପାଠ ଉକ୍ତ ମାରୁତି ମଣ୍ଡପରେ ହୋଇଥିଲା। ଜଙ୍କିଆ ସ୍ଥିତ ଗୁବୁରି ପାହାଡରେ ଥିବା ମହାବୀରଙ୍କ ପୀଠ, ରତାମାର୍ଟସ୍ଥିତ ପାହାଡରେ ଥିବା ମହାବୀରଙ୍କ ପୀଠ, ଡିଆ ପଞ୍ଚାୟତ କାଶିପୁର ଚିତ୍ରକୂଟ ପାହାଡରେ ଥିବା ମହାବୀର ପ୍ରାଙ୍ଗଣ ସମେତ ଏହାର ଆଖପାଖ ଅଞ୍ଚଳରେ ଥିବା ମହାବୀରଙ୍କ ପୀଠରେ ଓଡ଼ିଆ ନବବର୍ଷ ସହିତ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି।

### ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର



**ବାଲୁଗାଁ/ବାଣପୁର, ୧୪।୪ (ଡି.ଏନ୍.ଏ.)**

ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଶୁକ୍ରବାର ବାଲୁଗାଁ ଏବଂ ବାଣପୁର ସହର ଉତ୍ସବମୁଖର ହୋଇଉଠିଥିଲା। ବିଭିନ୍ନ ଶୈବପୀଠ ଉମାମହେଶ୍ୱର ଦେବ, ସଙ୍ଗେଶ୍ୱର ଦେବ, ରାମେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, କଳିଯୁଗେଶ୍ୱର ଦେବ, ନୀଳକଣ୍ଠେଶ୍ୱର ଦେବ, ପ୍ରତାପେଶ୍ୱର ଦେବ ଏବଂ ଗୁପ୍ତେଶ୍ୱର ଦେବ ଆଦି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ମନ୍ଦିର ଏବଂ ବିଭିନ୍ନ ଛକରେ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। ଅପରାହ୍ନରେ ବାଲୁଗାଁ ମାମୁଁଭଣଜା ପାହାଡ଼ ନିକଟରୁ ବଜରଙ୍ଗୀ ଦଳ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ବାଲୁଗାଁ ଗାନ୍ଧୀ ଛକଠାରେ ପହଞ୍ଚିଥିଲା। ଜୟ ଶ୍ରୀରାମ ଧ୍ୱନିରେ ବାଲୁଗାଁ ସହର ପ୍ରକମ୍ପିତ ହୋଇଉଠିଥିଲା। ପରେ ଏହି ଶୋଭାଯାତ୍ରା ବାଣପୁର ସହର ପରିକ୍ରମା କରି ଐତିହାସିକ ପଲ୍‌ଟଣ ପଡ଼ିଆଠାରେ ପହଞ୍ଚିଥିଲା। ଶୋଭାଯାତ୍ରା ବେଳେ ରାସ୍ତାପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଯୁବ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ ପାତ୍ର, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଣପୁର, ବାଲୁଗାଁ ଓ ନାଚୁଣୀ ଆଇଆଇସିଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

# ଟ୍ରେନ୍‌ରୁ ଜବତ ବିସ୍ଫୋରକ ନଷ୍ଟକଲା ବମ୍ ସ୍କ୍ୱାଡ୍

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

**ବଡ଼ ତଦନ୍ତ ଦାବି**
■ଭୁବନେଶ୍ୱର ଷ୍ଟେଶନରେ କୋଣାର୍କ ଏକ୍ସପ୍ରେସ୍‌ରୁ ମିଳିଥିଲା
■ ଚାଲାଣକାରୀଙ୍କ ସମ୍ପର୍କରେ ସୁରାକ ପାଉନି ଆର୍‌ପିଏଫ୍

ଭୁବନେଶ୍ୱର ରେଳ ଷ୍ଟେଶନରେ ଅଟକିଥିବା କୋଣାର୍କ ଏକ୍ସପ୍ରେସ୍‌ରୁ ଜବତ ବିସ୍ଫୋରକକୁ ଶୁକ୍ରବାର ନଷ୍ଟ କରିଦିଆଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ପକ୍ଷରୁ କୁଆଖାଇ ନଦୀପଠାର ଏକ ସୁରକ୍ଷିତ ସ୍ଥାନରେ ଏହାକୁ ନିଷ୍କ୍ରିୟ କରାଯାଇଥିଲା। ତେବେ ଏହି ବିସ୍ଫୋରକ ସାମଗ୍ରୀ ସଂକ୍ରାନ୍ତରେ ବମ୍ ସ୍କ୍ୱାଡ୍ ପରବର୍ତ୍ତୀ ସମୟରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)କୁ ଏକ ରିପୋର୍ଟ ପ୍ରଦାନ କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ବିସ୍ଫୋରକ ସାମଗ୍ରୀକୁ କିଏ ଓ କେଉଁ ଉଦ୍ଦେଶ୍ୟରେ ଟ୍ରେନ୍‌ରେ ଆଣୁଥିଲେ ସେନେଇ ଆର୍‌ପିଏଫ୍ ଏପର୍ଯ୍ୟନ୍ତ ଜାଣିପାରିନାହିଁ। ଚାଲାଣ ନା ବିସ୍ଫୋରଣ ଉଦ୍ଦେଶ୍ୟରେ ରଖାଯାଇଥିଲା, ତାହା ବି ସ୍ପଷ୍ଟ କରିପାରୁନି। ତେବେ ଆର୍‌ପିଏଫ୍ ପକ୍ଷରୁ ଭୁବନେଶ୍ୱର ଷ୍ଟେଶନ ସମେତ ଟ୍ରେନ୍ ଆସିଥିବା ଅନ୍ୟାନ୍ୟ ଷ୍ଟେଶନର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଥିବା ସୂଚନା ଦିଆଯାଇଛି। କିନ୍ତୁ ଶୁକ୍ରବାର ସୁଦ୍ଧା ଘଟଣାକୁ ୩୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିସ୍ଫୋରକ ରଖିଥିବା ସମ୍ପୃକ୍ତ ଅଭିଯୁକ୍ତ ଧରା ନ ପଡ଼ିବାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ବିସ୍ଫୋରକ ନଷ୍ଟ କରାଯାଉଥିବା ସମୟର ଦୃଶ୍ୟ ଦେଖିଲେ, ଟ୍ରେନ୍‌ରେ ଯଦି ସେଭଳି ବିସ୍ଫୋରଣ ହୋଇଥାନ୍ତା, ତାହା ହେଲେ ବଡ଼ଧରଣର ଧନଜୀବନ ହାନି ଘଟିଥାନ୍ତା। ଘଟଣାରେ ବଡ଼ ତଦନ୍ତର ଆବଶ୍ୟକତା ରହିଥିବା ଦାବି ହେଉଛି।

ସୂଚନା ଅନୁଯାୟୀ, କୋଣାର୍କ ଏକ୍ସପ୍ରେସ୍ ବୁଧବାର ମୁମ୍ବାଇରୁ ଆସି ରାତି ପ୍ରାୟ ୧୧ଟା ୩୦ରେ ଭୁବନେଶ୍ୱର ରେଳ ଷ୍ଟେଶନର ୨.ନଂ ପ୍ଲାଟଫର୍ମରେ ଲାଗିଥିଲା। ରାତି ପ୍ରାୟ ୩ଟାବେଳେ ସଫେଇ କର୍ମଚାରୀମାନେ ଟ୍ରେନ୍ ସଫା କରୁଥିବାବେଳେ ସାଧାରଣ ବଗିରୁ ଶବ୍ଦ ଶୁଣିବାକୁ ପାଇଥିଲେ। କର୍ମଚାରୀମାନେ ସେଠାକୁ ଯିବା ପରେ ଉକ୍ତ ବଗିରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇ ଆର୍‌ପିଏଫ୍‌କୁ ଜଣାଇଥିଲେ। ଆର୍‌ପିଏଫ୍ ଅଧିକାରୀମାନେ ସେଠାକୁ ଯାଇ ତଦନ୍ତ କରିଥିଲେ। ପରେ ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ପରେ ଏଗୁଡ଼ିକ ଦହନଶୀଳ ସାମଗ୍ରୀ ବୋଲି କୁହାଯାଇଥିଲା। ତେବେ ଅଧିକ ଯାଞ୍ଚ ପାଇଁ ବମ୍ ସ୍କ୍ୱାଡ୍‌କୁ ଖବର ଦିଆଯାଇଥିଲା। ଜବତ ସାମଗ୍ରୀରେ ୮ଟି ରେଡ୍ ପାରାଚ୍ୟୁଟ ସିଗ୍‌ନାଲ, ୧୫ଟି ରକେଟ ପାରାଚ୍ୟୁଟ ଫ୍ଲାର୍ସ ଏବଂ ଗୋଟିଏ ପାଥ୍ ଫାଇଣ୍ଡର ଶର୍ଟ ରହିଥିବା ବେଳେ ଏଗୁଡ଼ିକ ଦୂର ସମୁଦ୍ରରେ ଥିବା ଜାହାଜର ସିଗ୍‌ନାଲ ଦେବା ପାଇଁ ବ୍ୟବହାର କରାଯାଏ ବୋଲି ଆର୍‌ପିଏଫ୍ ପକ୍ଷରୁ କୁହାଯାଇଥିଲା।

# ସଂସ୍କୃତି ସୁରକ୍ଷା ମଞ୍ଚର ବାଇକ୍ ଶୋଭାଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୧୪।୪(ଡି.ଏନ୍.ଏ.)**

ଓଡ଼ିଆ ନବବର୍ଷ ଓ ବିଷୁବ ପଣାସଂକ୍ରାନ୍ତି ଅବସରରେ ଚମ୍ପାଗଡ଼, କନ୍ଦନୟାଗଡ଼, ଚାନ୍ଦପୁର, ଟାଙ୍ଗୀ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଚମ୍ପାଗଡ଼ ଗ୍ରାମଠାରୁ ବାହାରି କନ୍ଦନୟାଗଡ଼, ଚାନ୍ଦପୁର ଓ ଟାଙ୍ଗୀ ଗ୍ରାମ ପରିକ୍ରମା କରିବା ପରେ ଚାନ୍ଦପୁର ଦଶଦୋଳ ପଡ଼ିଆରେ ଶେଷ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ସଂସ୍କୃତିର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା ଆୟୋଜନ ହୋଇଥିଲା। ପାଞ୍ଚଶହରୁ ଉର୍ଦ୍ଧ୍ୱ ଯୁବକ ଶୋଭାଯାତ୍ରାରେ ସାମିଲ ହୋଇ ସଂସ୍କୃତି ସୁରକ୍ଷା ସମ୍ପର୍କିତ ସ୍ଲୋଗାନ୍ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଙ୍ଗୀ, ଚାନ୍ଦପୁର ପୋଲିସ ମୁତୟନ ହୋଇଥିଲେ।



ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ୩୫ ମୌଜା ପଣାଯାତ୍ରା ଆରମ୍ଭ

**ବିରାଜମାନ କଲେ ୧୭ ଠାକୁର**

**କୃଷ୍ଣପ୍ରସାଦ,୧୪।୪(ଡି.ଏନ୍.ଏ.)**



ଯାତ୍ରା ପଡିଆରେ ବିରାଜମାନ ହୋଇଥିବା ଠାକୁର।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଦ୍ୱିତୀୟ ବାଲିଯାତ୍ରା ଭାବେ ଖ୍ୟାତି ଅର୍ଜନ କରିଥିବା ପଣାଯାତ୍ରା ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ୩୫ ମୌଜାର ମୁଖ୍ୟ ପିଠାଧୀଶ କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପୂଜା ମଣ୍ଡପରେ ବିରାଜମାନ କରିଛନ୍ତି। ଶେଷଦିନ ଏକ ବିଦାୟ ମିଳନ ପରେ ଠାକୁରମାନେ ସ୍ୱମନ୍ଦିରକୁ ଫେରିଥା'ନ୍ତି। ଦେଉଳପଡ଼ା ଟିଟିପଠାରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଠାକୁରଙ୍କ ବିଦାୟ ପରେ ମଧ୍ୟ ଦୋକାନ, ବଜାର ୧୫ ଦିନ ଧରି ରହିଥାଏ। ଏଠାରେ କାଠ ଓ ପଥର ସାମଗ୍ରୀ, ଗୃହ ଉପକରଣ, ରାମଦୋଳି ଆକର୍ଷଣ ସାଜିଥାଏ। ୩୫ ମୌଜା ପରିଚାଳନା କମିଟି ସଭାପତି ଡ. ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ କୁମାର ସାହୁ ଉତ୍ସବ ପରିଚାଳନା କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ସଂକ୍ଷେପରେ

### ଆଜବେଷ୍ଟସ ଭାଙ୍ଗି ୪୦ ଦାମୀ ମୋବାଇଲ ଚୋରି

**ଭୁବନେଶ୍ୱର,୧୪।୪ (ବ୍ୟୁରୋ):** ରାଜଧାନୀରେ ପୁଣି ମାତିଲେ ରାତିଅଧିଆ ଲୁଟେରା। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ମୁହଁରେ କଳା କପଡା ବାନ୍ଧି ସାଇ ଟେଲିପଏଣ୍ଟ ଦୋକାନର ଆଜବେଷ୍ଟସ ଭାଙ୍ଗି ବିଭିନ୍ନ କମ୍ପାନୀର ୪୦ଟି ଦାମୀ ମୋବାଇଲ ଫୋନ ଲୁଟି ନେଇଯାଇଛନ୍ତି। ଯାହାର ଦାମ ୨୫ ଲକ୍ଷରୁ ଅଧିକ ହେବ ବୋଲି ଜଣାପଡିଛି। ଏନେଇ ଦୋକାନ ମାଲିକ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଚୋରି ବେଳର ସମସ୍ତ ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। କିଛି ଦୁର୍ବୃତ୍ତ ମୁହଁରେ କଳା କପଡା ଗୁଡାଇ ଆଜବେଷ୍ଟସ କଣାକରି ଦୋକାନରେ ପଶିବାପରେ ସବୁ ଥାକରୁ ମୋବାଇଲ ଫୋନ ଓ ବାକ୍ସରୁ ୧୨ ହଜାର ଟଙ୍କାନେଇ ପଳାଇଛନ୍ତି। ପୋଲିସ ସିସିଟିଭି ଫୁଟେଜକୁ ସଂଗ୍ରହକରି ସେଥିରୁ ଚୋରମାନଙ୍କୁ ଚିହ୍ନଟ କରିବାପାଇଁ ଚେଷ୍ଟା ଚଲାଇଛି। ସୂଚନାନୁସାରେ ଦୋକାନ ମାଲିକ ଶୁକ୍ରବାର ସକାଳେ ଦୋକାନ ଖୋଲିବା ପରେ ଘଟଣା ବିଷୟରେ ଜାଣିବାକୁ ପାଇଥିଲେ।

### ବିଦ୍ୟାଳୟର ବାର୍ଷିକୋତ୍ସବ

**ବାଲିପାଟଣା,୧୪।୪(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୮ମ ବାର୍ଷିକ ଉତ୍ସବ ମେଲଣ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ମୀନକେତନ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା, ଶିକ୍ଷା ବିକାଶ ସମିତିର ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, କୁନି ପର୍ବତାରୋହୀ ଆରାଧା ଜେନା, ଉମାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ଘନଶ୍ୟାମ ଭୋଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଭରତ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ରବି କୁମାର ସଙ୍ଗୀତ ପରିବେଷଣ କରିଥିଲେ। ଆରାଧା ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଶେଷରେ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବଡ଼ଗଡ଼ ମା' ମଙ୍ଗଳା ପୀଠରେ ଝାମୁଯାତ୍ରା

**ପୁରୁଣା ଭୁବନେଶ୍ୱର,୧୪।୪(ଡି.ଏନ୍.ଏ.):** ମହାବିଷୁବ ସଂକ୍ରାନ୍ତି ଅବସରରେ ବଡ଼ଗଡସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଝାମୁ ଯାତ୍ରାରେ ଅଂଶଗ୍ରହଣ କରିଥିବା ଅଗ୍ନି ଉପାସକଗଣ ସ୍ଥାନୀୟ ଗୋପାଳୁଣି ଗଡ଼ିଆରେ ସ୍ନାନ କରି ଗୌରୀ ଠାକୁରାଣୀଙ୍କ ପୀଠରୁ ଆଜ୍ଞାମାଳ ଆଣିଥିଲେ। ମଧାହ୍ନରେ ବିଧି ମୁତାବକ ମେରୁ ପୂଜା, ନିଆଁ ଖନ୍ଦାରେ ପୂଜା ସମ୍ପନ୍ନ ହୋଇଥିଲା। ଉପାସକଗଣ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପତିତପାବନ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ଦର୍ଶନ କରି ନିଆଁ ଖନ୍ଦା ଅଭିମୁଖେ ବାହାରିଥିଲେ। ମା' ମଙ୍ଗଳାଙ୍କ ପୀଠରେ ଅଗ୍ନି ପ୍ରଜ୍ୱଳିତ ନିଆଁ ଖନ୍ଦାରେ ଚାଲିଥିଲେ। ଏହାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଖଦୀ ବୋର୍ଡର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଥିଲେ। ବଡ଼ଗଡ଼ ଗ୍ରାମର ଯୁବନେତା ସଂଗ୍ରାମ ମାର୍ଥା ପାଇକରାୟଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଆଦିତ୍ୟ ଗଜେନ୍ଦ୍ର, ପ୍ରତାପ ରାଉତରାୟ, ରବୀନ୍ଦ୍ର କୁମାର ଦଳେଇ, ଦେବା ମହାନ୍ତି, ବାପି ବେଉରା, ସୌମ୍ୟ ରଞ୍ଜନ ସେଠୀ , ନିରଞ୍ଜନ ମହାନ୍ତି, ପ୍ରଶାନ୍ତ ଗଜେନ୍ଦ୍ର, ହରିହର ବେହେରା, ରଞ୍ଜିତ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।

# ଭୁବନେଶ୍ୱର ମାଟି ବିଶ୍ୱକୁ ଆଧ୍ୟାତ୍ମିକ ବାର୍ତ୍ତା ଦେଉଛି

## ଘୁମୁରା, ପଶୁମୁଖା ନୃତ୍ୟ ମନ ଜିଣିଲା



ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଉତ୍କଳ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ସାଂସ୍କୃତି କାର୍ଯ୍ୟକ୍ରମ।

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ମନ୍ଦିରମାଳିନୀ ଭୁବନେଶ୍ୱର ମାଟିରେ ଆଧ୍ୟାତ୍ମିକ ଭାବ ରହିଛି। ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିବା ସ୍ମାରକୀ ଧଉଳି ଶାନ୍ତିସ୍ତୂପ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଉଛି। କଳା, ସାହିତ୍ୟ ଓ ସଂସ୍କୃତିର ଅପୂର୍ବ ସମ୍ମିଶ୍ରଣ ଏହାର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଛି ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ, ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ପ୍ରକାଶ କରିଛନ୍ତି। ୭୫ତମ ରାଜଧାନୀ ପ୍ରତିଷ୍ଠା ଦିବସର ଶୁକ୍ରବାର ଦ୍ୱିତୀୟ ଦିବସ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଲେ, ବିଶ୍ୱରେ ଭୁବନେଶ୍ୱରର ସ୍ୱତନ୍ତ୍ର ପରିଚୟ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଭୁବନେଶ୍ୱରକୁ ଦେଶର ଏକ ଅଗ୍ରଣୀ ସହରରେ ପରିଣତ କରିବା ପାଇଁ ଯେଉଁ ବିକାଶର ଧାରା ଜାରି ରହିଛି, ସେଥିରେ ସମସ୍ତେ ସାମିଲ ହେବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହ ବିଏମ୍‌ସିର ସ୍ୱଚ୍ଛ ଭୁବନେଶ୍ୱର ମିଶନକୁ ସଫଳ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଛନ୍ତି, ଭୁବନେଶ୍ୱ ଦେଶର ଶିକ୍ଷା ହବ୍‌ରେ ପରିଣତ ହୋଇଛି। ଦେଶର ପ୍ରତିଷ୍ଠିତ ଆଇଟି କମ୍ପାନୀମାନେ ଭୁବନେଶ୍ୱରରେ ଅଫିସ ଖୋଲିବା ଦ୍ୱାରା ଏହା ଦେଶର ପ୍ରମୁଖ ଆଇଟି ହବ୍ ରୂପେ ମଧ୍ୟ ବିକଶିତ ହୋଇଛି। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗଦେଇ ରାଜଧାନୀ ପ୍ରତିଷ୍ଠା ଓ ଏପରି କାର୍ଯ୍ୟକ୍ରମ ଆୟୋଜନର ପୃଷ୍ଠଭୂମି ସଂପର୍କରେ ଆଲୋକପାତ କରିଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ନିଗମର କମିଶନର ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ କଳାହାଣ୍ଡିର ଚମ୍ପେଶ୍ୱର ଘୁମୁରା ଅନୁଷ୍ଠାନ ପକ୍ଷରୁ ଘୁମୁରା ନୃତ୍ୟ, ଗଞ୍ଜାମ ଦିଗପହଣ୍ଡିର ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ପକ୍ଷରୁ ପଶୁମୁଖା ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଏଥିସହ କଣ୍ଠଶିଳ୍ପୀ ନାଜିଆ ଆଲାମ ଓ ସାଥୀଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ଶ୍ରୀନିବାସ ଘଟୁଆରୀ ଓ ସୁଲଗ୍ନା ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ମାନବ ଜାତି ପାଇଁ ନୂତନ ଇତିହାସ ଲେଖିଯାଇଛନ୍ତି'

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଡ.ଆମ୍ବେଡକର ଜୟନ୍ତୀ ପାଳିତ

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ସାରା ବିଶ୍ୱରେ ଜ୍ଞାନାଲୋକର ପ୍ରତୀକ, ମହାମାନବ ତଥା ଭାରତରତ୍ନ ଡ.ଭୀମରାଓ ଆମ୍ବେଡକରଙ୍କ ନୀତି ଓ ଆଦର୍ଶ ପରିବ୍ୟାପ୍ତ ହେବାରେ ଲାଗିଛି। ପାଶ୍ଚାତ୍ୟ ଦେଶଗୁଡିକରେ ବାବାସାହେବଙ୍କ ଜ୍ଞାନ ଓ ଗାରିମାର ଭରପୂର ଚର୍ଚ୍ଚା ହେଉଥିବାବେଳେ ସମାଜର ସବୁ ପ୍ରକାର ବାଧାବିଘ୍ନକୁ ଏଡାଇ ଏ ଦେଶ, ଏ ମାନବ ଜାତି ପାଇଁ ଏକ ନୂତନ ଇତିହାସ ସେ ଲେଖିଯାଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରେ ବାବା ସାହେବ ଡ.ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଏପରି ମତ ରଖିଛନ୍ତି। ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ 'ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଡରଙ୍କ ସ୍ୱଦେଶୀତା ଓ ଭାରତରେ ଆଦିବାସୀ ଅଧିକାର' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରଗଠନରେ ଆମ୍ବେଡକରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। କୁସଂସ୍କାର, ଜାତିଭେଦ, ବର୍ଣ୍ଣବୈଷମ୍ୟ, ଭାଷାଗତ ଓ ଆଞ୍ଚଳିକ ବିଭେଦ ଦୂର ତଥା ଆଦିବାସୀଙ୍କ ଜମି ଓ ଅଧିକାର ପାଇଁ ସେ ଉଦ୍ୟମ ଜାରି ରଖିଥିଲେ ଏବଂ ସମାଜର ଅବହେଳିତ ବର୍ଗଙ୍କୁ ମୁଖ୍ୟସ୍ରୋତରେ ଆଣିବା ଦିଗରେ ତାଙ୍କର ସଂଗ୍ରାମ ପ୍ରତ୍ୟେକ ପିଢ଼ି ପାଇଁ ଉଦାହରଣ ହୋଇରହିବ ବୋଲି କୁଳପତି ଆଚାର୍ଯ୍ୟ କହିଥିଲେ। ପୂର୍ବତନ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କୁ ଆଧୁନିକ ଭାରତର ନିର୍ମାତା ବୋଲି ଦର୍ଶାଇଥିଲେ। ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଆମ୍ବେଡକର ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଡ.ରବୀନ୍ଦ୍ର ଗର ଅତିଥି ପରିଚୟ ଦେଇଥିଲେ। ଲୋକ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଜ୍ୟୋତିର୍ମୟୀ ଟୁଡୁ ଧନ୍ୟବାଦ ଦେଇଥିଲେ।




ଆମ୍ବେଡକର ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ବୁଦ୍ଧ ମନ୍ଦିରରେ ଶୁକ୍ରବାର ଆମ୍ବେଡକର ଜୟନ୍ତୀ ପାଳନ ଅବସରରେ ଯୋଗଦେଇଥିବା ଅତିଥି।

# 'ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ପ୍ରାଚୀନ'

## ନୌବାଣିଜ୍ୟ ସଂଗ୍ରହାଳୟ ପରିଦର୍ଶନ କଲେ ବିଦେଶୀ ପ୍ରତିନିଧି ଦଳ

**କଟକ ଅଫିସ, ୧୪।୪**

ଇଣ୍ଡିଆନ୍ କାଉନସିଲ ଫର୍ କଲଚରାଲ ରିଲେସନ୍ସଙ୍କ ତତ୍ତ୍ୱାବଧାନରେ ୨୬ ଜଣିଆ ବିଦେଶୀ ପ୍ରତିନିଧି ଦଳ ଶୁକ୍ରବାର କଟକସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଭାରତ ଓ ଅନ୍ୟଦେଶ ମଧ୍ୟରେ ସାଂସ୍କୃତିକ ସମନ୍ୱୟ କାର୍ଯ୍ୟକ୍ରମ ମାଧ୍ୟମରେ ବିଦେଶୀ ପ୍ରତିନିଧିମାନେ ସଂଗ୍ରହାଳୟ ପରିଦର୍ଶନ କରି ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ସଂଗ୍ରହାଳୟରେ ଅତୀତର ଉତ୍କଳୀୟ ନୌବାଣିଜ୍ୟର ପରମ୍ପରାକୁ ଆଧାର କରି ସାମଗ୍ରୀ ରହିଛି। ବିଦେଶୀ ପ୍ରତିନିଧି ଦଳରେ ବେଲ୍‌ଜିୟମ, ବ୍ରାଜିଲ, ବୁଲ୍‌ଗାରିଆ, ପର୍ତ୍ତୁଗାଲ, ସାଉଥ୍ ଆଫ୍ରିକା, ମଙ୍ଗୋଲିଆ, ଗୁୟାନା ରାଷ୍ଟ୍ରର ୨୬ ଜଣ ସଦସ୍ୟ ରହିଛନ୍ତି। ଏହି ଦଳରେ ପାର୍ଲାମେଣ୍ଟ ସଦସ୍ୟ, ଖବରକାଗଜ ସମ୍ପାଦକ, ଉଦ୍ୟୋଗୀ ଓ ଗବେଷକମାନେ ସାମିଲ ଅଛନ୍ତି। ଏହି ଅବସରରେ ବ୍ରାଜିଲର ଜଣେ ମହିଳା ପ୍ରତିନିଧି କହିଥିଲେ, ଓଡ଼ିଶାର ଇତିହାସ ମହାନ। ଏହା ମୋତେ ଉଦ୍‌ବୁଦ୍ଧ କରିଛି। ମୁଁ ଆମ ରାଷ୍ଟ୍ରରେ ଓଡ଼ିଶା ଇତିହାସ ସମ୍ପର୍କରେ ଅବଗତ କରାଇବି। ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଓ ସଂସ୍କୃତି ବହୁ ପ୍ରାଚୀନ। ଏ ସମ୍ପର୍କରେ ବହୁ ତଥ୍ୟ ଏହି ସଂଗ୍ରାହାଳୟରେ ରହିଛି। ଯାହାକି ଭବିଷ୍ୟତ ବଂଶଧରମାନଙ୍କୁ ସଂସ୍କୃତି, ପରମ୍ପରା, କଳା, ବାଣିଜ୍ୟ ସମ୍ପର୍କରେ ଖୋରାକ ଯୋଗାଇବ। ଏହି ପ୍ରତିନିଧି ଦଳରେ ଥିବା ଆହ୍ଲେକ୍ସୁ ଜାଣ୍ଡ୍ରେ ପୋକୋ, ସୋଫିଆ ମାଟୋସ, କାଟ୍ରିନା କାରିଆ, ବ୍ରୁନୋ କୋଇମ୍ବ୍ରା, ପର୍ବିନ ବେଦାନ, ରୋହିଣୀ ମୁକ୍କା, ଗଣେଶ ଆଦିତ୍ୟ ମହିପଲ୍ଲ ପ୍ରମୁଖ ନୌବାଣିଜ୍ୟ ସଂଗ୍ରହାଳୟ ବୁଲି ଦେଖିଥିଲେ।



ନୌବାଣିଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ବିଦେଶୀ ପ୍ରତିନିଧି ଦଳ।

# ନିଶା ନିବାରଣ କେନ୍ଦ୍ର ମାଲିକଙ୍କୁ ଗିରଫ ଦାବିରେ ଥାନା ଘେରିଲେ ପରିବାର



ବିକ୍ରମଙ୍କ ପରିବାର ଓ ସମ୍ପର୍କୀୟମାନେ ଧଉଳି ଥାନା ଘେରାଉ କରିଛନ୍ତି।

## ବିକ୍ରମ ମୃତ୍ୟୁ ଘଟଣା

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ଧଉଳି ଅଞ୍ଚଳରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ବିକ୍ରମ କେଶରୀ ଲଙ୍କାଙ୍କ ମୃତ୍ୟୁ ଘଟଣାରେ ନିବାରଣ କେନ୍ଦ୍ର ମାଲିକଙ୍କୁ ଗିରଫ ଦାବିରେ ଶୁକ୍ରବାର ଧଉଳି ଥାନା ଘେରିଛନ୍ତି ମୃତ ବିକ୍ରମଙ୍କ ପରିବାର ଓ ସମ୍ପର୍କୀୟ ଲୋକେ। ଏହାସହ ଘଟଣାର ଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରି ଥାନା ଆଗରେ ୨ ଘଣ୍ଟା କାଳ ଧାରଣ ଦେଇ ହୋହଲ୍ଲା କରିଥିଲେ। ପରେ ପୋଲିସ ବହୁ ବୁଝାଶୁଝା କରିବା ପରେ ଧାରଣାସ୍ଥଳରୁ ହଟିଥିଲେ ଲୋକେ। ସୂଚନା ଅନୁଯାୟୀ, ବିକ୍ରମ କିଛିଦିନ ହେଲା ଅତ୍ୟଧିକ ନିଶା ସେବନ କରୁଥିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ତେଣୁ ବିକ୍ରମଙ୍କୁ ଧଉଳି ଅଞ୍ଚଳରେ ଥିବା ନିଶା ନିବାରଣ କେନ୍ଦ୍ରରେ ତାଙ୍କୁ ମାର୍ଚ୍ଚ ୧୪ରେ ପରିବାର ଲୋକ ପଠାଇଥିଲା। ହେଲେ ବୁଧବାର ଅପରାହ୍ନରେ ନିବାରଣ କେନ୍ଦ୍ର ଭିତରେ ବିକ୍ରମ ଏକ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ନେଇ କର୍ମଚାରୀମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଏକ ଘରୋଇ ମେଡିକାଲରେ ବିକ୍ରମଙ୍କୁ ଅଣାଯାଇଥିବା ଜଣାପଡ଼ିବା ପରେ ବାପା ଓ ଅନ୍ୟମାନେ ସେଠାକୁ ଆସିଥିଲେ। କିନ୍ତୁ ସେଠାରେ ପୁଅକୁ ମୃତ ଅବସ୍ଥାରେ ଦେଖି ସହଜରେ ଗ୍ରହଣ କରିପାରି ନ ଥିଲେ। ଏ ନେଇ ବିକ୍ରମକୁ ପିଟି ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିଥିଲେ। ହତ୍ୟା ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ପ୍ଲଟ୍ ଦେବା ନାଁରେ ୧୨ଲକ୍ଷ ଠକେଇ, ବିଲ୍ଡର ଗିରଫ

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ରାଜଧାନୀ ଉପକଣ୍ଠରେ ପ୍ଲଟ ଦେବାକୁ କହି ୨ ଜଣଙ୍କଠାରୁ ୧୨ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ବିଲ୍ଡରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସତ୍ୟବିହାରରେ ରହୁଥିବା କେନ୍ଦ୍ରାପଡାର ମନୋଜ ସାହୁ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଅଭିଯୋଗକାରୀ ସୌରଭ ଏକ ଘର ତିଆରି ପାଇଁ ସହର ଭିତରେ ଏକ ପ୍ଲଟ୍ କିଣିବାକୁ ଚାହୁଁଥିଲେ। ପରେ ବଜ୍ରସେଣ ନିର୍ମାଣ ପ୍ରକଳ୍ପର ଏମ୍‌ଡି ମନୋଜଙ୍କୁ ଯୋଗାଯୋଗ କରିପ୍ଲଟ୍‌କିଣିବାକୁକହିଥିଲେ। ୨ହଜାର ବର୍ଗଫୁଟର ଏକ ପ୍ଲଟ୍‌କୁ ୪୩ ଲକ୍ଷ ଟଙ୍କାରେ ଚୂଡ଼ାନ୍ତ ହେବା ପରେ ଆଡ୍‌ଭାନ୍ସ ବାବଦକୁ ସୌରଭ ପ୍ରଥମେ ୨ଲକ୍ଷ ଟଙ୍କା ମନୋଜଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ହେଲେ ସେ ଜମି ନ ଦେଇ ସମୟ ଗଡ଼ାଇଥିଲେ। ଏପରିକି ଆଡ୍‌ଭାନ୍ସ ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଏନେଇ ସୌଭର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ବିଲ୍ଡର ମନୋଜଙ୍କ ନାମରେ ଥାନାରେ ଆଉଏକ ଅଭିଯୋଗ ଆସିଥିଲା। ଜମି ଯୋଗାଇ ଦେବାକୁ କହି ମନୋଜ ଅନ୍ୟଜଣଙ୍କଠାରୁ ୧୦ଲକ୍ଷ ଠକିନେଇଥିବା ଅଭିଯୋଗ ହେବା ପରେ ପୋଲିସ ଆଉଏକ ମାମଲା (ନଂ.୧୫୮/୨୦୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ପୋଲିସ ଅଭିଯୁକ୍ତ ମନୋଜଙ୍କୁ ଧରି ଥାନାଙ୍କୁ ଆଣିବା ପରେ ଗିରଫ କରିଥିଲା।

# ଲୋକଙ୍କ ମାର୍ଗଦର୍ଶିକା ପାଲଟିଛନ୍ତି ଆମ୍ବେଡକର

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ସ୍ୱାଧୀନତା ପୂର୍ବରୁ ଏବଂ ସ୍ୱାଧୀନୋତ୍ତର ଭାରତବର୍ଷରେ ଯେଉଁ କେତେଜଣ ମହାମନୀଷୀ ନିଜର ସାଧନା, ନିଷ୍ଠା, ଅଧ୍ୟବସାୟ ଓ କଠୋର ତପସ୍ୟା ବଳରେ ସାଂପ୍ରତିକ ସମାଜ ତଥା ରାଜନୈତିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛନ୍ତି, ସେମାନଙ୍କ ମଧ୍ୟରେ ଭାରତରତ୍ନ ବାବାସାହେବ ଆମ୍ବେଡକର ଥିଲେ ଅନ୍ୟତମ। ସମୟ ବିତିବା ସହିତ ଡ. ଆମ୍ବେଡକରଙ୍କ ଜୀବନ ଓ ଦର୍ଶନର ପ୍ରାସଙ୍ଗିକତା ବଢ଼ିଛି। ଅଧିକାର ଓ ଦାବି ହାସଲ ଦିଗରେ ତାଙ୍କର ଶିକ୍ଷା ଓ ଦର୍ଶନ, ଆଜି ଲୋକମାନଙ୍କ ପାଇଁ ଏକ ମାର୍ଗଦର୍ଶିକା ଭାବେ କାର୍ଯ୍ୟକରୁଛି। ଭାରତରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ତାଙ୍କୁ ଜଣେ ଅଗ୍ରଦୂତ ଭାବେ ଗ୍ରହଣ କରାଯାଉଛି ବୋଲି ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସୂଚନା ଭବନରେ ଶୁକ୍ରବାର ଆୟୋଜିତ ଆମ୍ବେଡକରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏଭଳି ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ଏବଂ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ। ଶେଷରେ ବିଏମ୍‌ସି ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, କପିଳପ୍ରସାଦ, ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର, ୟୁନିଟ-୮, ପୋଖରୀପୁଟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୪ର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଓପନ ଲର୍ଣ୍ଣିଂ ସ୍କୁଲର ଦୁଇଜଣ ଛାତ୍ରଙ୍କ ଦ୍ୱାରା ସ୍କେଟିଂ କୌଶଳ ପରିବେଷିତ ହୋଇଥିଲା। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିଲେ।




ଆମ୍ବେଡକର ଜୟନ୍ତୀ ଅବସରରେ ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ଶୁକ୍ରବାର ଏଜି ଛକ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।






ଏଜି ଛକଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

**କଟକ ଅଫିସ,୧୪।୪:** ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବାଗଧରାପୁରର ରଜତ କୁମାର ବେହେରା। ତାଙ୍କ ନିକଟରୁ ୧୧ ଗ୍ରାମ୍‌ରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ଓ ଏକ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଆମଣ ଗ୍ରାମକୁ ସଂଯୋଗ କରୁଥିବା ମୁସ୍‌ଲିମ୍‌ସାହି କେନାଲ ରୋଡ୍ ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ବେଳେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୨୦୫/୨୩) ରୁଜୁ ହୋଇଛି।

### କନକଦୁର୍ଗାଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି

**ଖୁଣ୍ଟୁଣୀ,୧୪।୪(ଡି.ଏନ୍.ଏ.):** ଖୁଣ୍ଟୁଣୀର ପ୍ରସିଦ୍ଧ ଗ୍ରାମଦେବତୀ ମା' କନକଦୁର୍ଗାଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଭୋର ୫ଟାରେ ମା'ଙ୍କ ସ୍ନାନ, ମଙ୍ଗଳ ଆଳତି ସହ ମଧାହ୍ନରେ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ମା' କନକଦୁର୍ଗା ଟ୍ରଷ୍ଟବୋର୍ଡ ଓ ବାଲୁଙ୍କେଶ୍ୱର ଟ୍ରଷ୍ଟବୋର୍ଡ ମିଳିତ ସହଯୋଗରେ ପଣା ତିଆରି କରାଯାଇ ମା'ଙ୍କ ପାଖରେ ଲାଗି କରାଯାଇଥିଲା। ପରେ ଦୁଇ ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସାମନ୍ତରାୟ, ବିପିନି ବିହାରୀ ପ୍ରଧାନ, ରଜନୀକାନ୍ତ ଜେନା, ଦିଲୀପ କୁମାର ଶେଠ, ବିଜୟ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ବେହେରା, ପୂଜକ କୈଳାସ ଚନ୍ଦ୍ର ରଣା ପ୍ରମୁଖ ଉକ୍ତ ପଣାକୁ ବଜାର ଓ ସାହି ବସ୍ତିର ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାଣ୍ଟିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଚୌଦ୍ୱାର,୧୪।୪(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ଅଧୀନ



ଅଲାରପୁର ଗ୍ରାମର ଜେମାମଣି ବେଓ୍ୱା(୭୬)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ୨୦୧୫ରେ ସେ ନିଜର ଅଙ୍ଗଦାନ ପାଇଁ ଚୁକ୍ତି କରିଥିଲେ। ମୃତ୍ୟୁ ଖବରପାଇ ହାଟେଶ୍ୱର ଜନକଲ୍ୟାଣ ସମିତି ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମରେ ବିଧିବଦ୍ଧ ଭାବେ ସମସ୍ତ କାର୍ଯ୍ୟ ସମାପନ ପରେ କଟକ ବଡ ଡାକ୍ତରଖାନାକୁ ମରଶରୀର ହସ୍ତାନ୍ତର କରାଯାଇଥିଲା। ସେ ଜଣେ ସ୍ନେହୀ, ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ।

### ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା

**କଟକ ଅଫିସ,୧୪।୪:** ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ଶୁକ୍ରବାର କଟକ ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳେ ଦେବଦେବୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ବିଶେଷକରି ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଅଧିକ ଗହଳି ଦେଖିବାକୁ ମିଳିଥିଲା। ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପାଇଁ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଥିଲା। ଏଥିସହ ସନ୍ଧ୍ୟାରେ ମନ୍ଦିର ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ ହିନ୍ଦୁସେନା ପକ୍ଷରୁ କଟକ ବାଲିଯାତ୍ରା ପଡ଼ିଆରୁ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ମୁଖ୍ୟ ଆକର୍ଷଣ ସାଜିଥିଲେ ହରିୟାଣାରୁ ଆସିଥିବା ୮ ଫୁଟ ଉଚ୍ଚତାର ହନୁମାନ ବେଶଧାରୀ। ଅପରପକ୍ଷରେ ସହରର ଅନେକ ସ୍ଥାନରେ ଘଣ୍ଟ ପାଟୁଆମାନେ ଝାମୁନିଆଁରେ ଚାଲିଥିବା ଦେଖିବାକୁ ମିଳିଥିଲା।

# ଯୋଜନାରେ ସୀମିତ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର

**କଟକ ଅଫିସ,୧୪।୪**

ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଅତ୍ୟାଧୁନିକ ହେବ। ପାଠାଗାରରେ ଇ-ଲାଇବ୍ରେରି ସୁବିଧା ରହିବ। ଏକାବେଳେ ୫୦୦ ଜଣ ବସି ପାଠ ପଢିଲା ଭଳି ହଲ୍ ନିର୍ମାଣ କରାଯିବ। ବସିବା ଓ ପଢିବା ପାଇଁ ଅଲଗା ପ୍ରକୋଷ୍ଠ, ବରିଷ୍ଠ ନାଗରିକ ଓ ମହିଳା ପାଠକଙ୍କ ନିମନ୍ତେ ସ୍ୱତନ୍ତ୍ର ସୁବିଧା, ପୁସ୍ତକଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ, ନୂଆ ପୁସ୍ତକ କିଣାଯିବା ବ୍ୟବସ୍ଥା, ପାଠାଗାରର କମ୍ପ୍ୟୁଟରୀକରଣ କରିବା ଭଳି ଯୋଜନା ପ୍ରସ୍ତୁତ କରାଯାଇ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିଲା। ମାତ୍ର ଏହାର ନିର୍ମାଣ ଯୋଜନାରେ ସୀମିତ ରହିଯାଇଛି।

ବାଦାମବାଡି ବସ୍‌ଷ୍ଟାଣ୍ଡକୁ ଖାନ୍‌ନଗରକୁ ସ୍ଥାନାନ୍ତର କରି ଅତ୍ୟାଧୁନିକ ଶୈଳୀରେ ନେତାଜୀ ସୁଭାଷ ବସ୍ ଟର୍ମିନାଲ କୋଠା ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାରକୁ ଭାଙ୍ଗି ଦିଆଯାଇଛି। ବସ୍‌ଷ୍ଟାଣ୍ଡ ପାଇଁ ନିର୍ମାଣ କୋଠା ୫ ମହଲା ଛୁଇଁଥିଲାବେଳେ ପ୍ରସ୍ତାବିତ ଏହି ପାଠାଗାରର ନୂତନ କୋଠା ପାଇଁ ସରକାର ଜମି ଚିହ୍ନଟ କରିଥିବା ଜାଗାରେ ଶିଳାନ୍ୟାସ ବି କରିନାହାନ୍ତି। ପାଠାଗାର ନିର୍ମାଣ ପାଇଁ ୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହା ଓଡ଼ିଶାର ସର୍ବବୃହତ୍ତମ ପାଠାଗାର ହେବ ବୋଲି କୁହାଯାଉଛି। ହେଲେ ୨ ବର୍ଷ ଭିତରେ ପାଠାଗାର ନିର୍ମାଣ କାମ ବ୍ଲୁପ୍ରିଣ୍ଟରେ ଅଟକି ଯାଇଛି। ନିର୍ମାଣରେ ବିଳମ୍ବ ଘଟିଲେ ପାଠାଗାରରେ ପୂର୍ବରୁ ରହିଥିବା ପ୍ରାୟ ୬୦ ହଜାର ବହି ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପାଠାଗାର ୧୯୮୧ ମସିହାରେ ପ୍ରଥମେ ଶହୀଦ ଭବନରେ ଆରମ୍ଭ ହୋଇଥିଲା। ପରେ ୧୯୯୮ରେ ଏହାକୁ ଖାନ୍‌ନଗରକୁ ସ୍ଥାନାନ୍ତର କରାଯାଇଥିଲା। କଟକ ତଥା ଆଖପାଖ ଅଞ୍ଚଳର ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରମାନେ ଏହି ପାଠାଗାର ଉପରେ ନିର୍ଭର କରୁଥିଲେ। ଏହି ପାଠାଗାରରେ ଅଧ୍ୟୟନ କରି ଅନେକ ବ୍ୟକ୍ତି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି। ମାତ୍ର ସରକାର ବିକାଶ ଆଳରେ ଏହି ପୁରାତନ ପାଠାଗାରକୁ ଭାଙ୍ଗି ଦେଇଛନ୍ତି। ତତ୍କାଳୀନ ସିଏମ୍‌ସି କମିଶନର ଅନନ୍ୟା ଦାସ ସେତେବେଳେ ସହରବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ, ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ୩.୭୫ ଏକର ଜମିରେ ଏକ ଅତ୍ୟାଧୁନିକ ପାଠାଗାର ନିର୍ମାଣ କରାଯିବ। ଏହି କାର୍ଯ୍ୟ ୬ ମାସ ଭିତରେ ସରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଚିହ୍ନଟ ଜମିରେ କାମ ଆରମ୍ଭ ହୋଇପାରିଲା ନାହିଁ। ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ୩୦ କୋଟି ବ୍ୟୟବରାଦ



ଅତ୍ୟାଧୁନିକ ପାଠାଗାର ନିର୍ମାଣ କରିବା ପାଇଁ ଆମର ଯୋଜନା ରହିଛି। ସିଏମ୍‌ସି ପକ୍ଷରୁ ୭/୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଥାନ୍ତା। ହେଲେ ଏହି ଟଙ୍କାରେ ଅତ୍ୟାଧୁନିକ ପାଠାଗାର ନିର୍ମାଣ କରିବା ସମ୍ଭବ ନୁହେଁ। ଓଡ଼ିଶାର ସର୍ବବୃହତ ପାଠାଗାର ନିର୍ମାଣ କରିବାକୁ ଯୋଜନା କରିଛୁ। ପ୍ରାୟ ୩୦ କୋଟି ଟଙ୍କା ମଞ୍ଜୁର ନିମନ୍ତେ ୧୫ ଦିନ ହେବ ରାଜ୍ୟ ସରକାରଙ୍କ ନିକଟକୁ ସମସ୍ତ କାଗଜପତ୍ର ପଠାଯାଇଛି। ଟଙ୍କା ମଞ୍ଜୁର ହେଲେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏହା ରାଜ୍ୟର ୧ନଂ. ଅତ୍ୟାଧୁନିକ ପାଠାଗାର ହେବ।

**ସୁବାସ ସିଂ, ମେୟର, କଟକ ମହାନଗର ନିଗମ**

# ୩ ପ୍ରତିଭାଧାରୀଙ୍କୁ ନୀଳଚକ୍ର ଜାତୀୟ ସମ୍ମାନ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ।

**କଟକ ଅଫିସ, ୧୪।୪**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳଚକ୍ରର ୫୩ତମ ଜନ୍ମୋତ୍ସବ ଓ ଓଡ଼ିଆ ନବବର୍ଷ ଶୁକ୍ରବାର ପାଳିତ ହୋଇଯାଇଛି। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ଉକ୍ତ ଉତ୍ସବକୁ ଜଷ୍ଟିସ ଶଶିକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ନଟବର ଶତପଥୀ ଓ ସମ୍ମାନିତ ବକ୍ତା ଭାବେ ଡା. ରବି ନାରାୟଣ ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ବର୍ତ୍ତମାନ ସ୍ଥିତି ଏବଂ ନୀଳଚକ୍ରର ଭୂମିକା ସମ୍ପର୍କରେ ମତ ଦେଇଥିଲେ। ଅନୁଷ୍ଠାନର ସଭାପତି ନମିତା ପଣ୍ଡା ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସାହିତ୍ୟିକା ଡ. ସୁଲୋଚନା ଦାସ, ଡା. ରବିରଞ୍ଜନ ସାହୁ, ନୃତ୍ୟଗୁରୁ ଆଶିଷ ଦାସଙ୍କୁ ନୀଳଚକ୍ର ଜାତୀୟ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ଏଥିସହ ଦୁଇଟି ସ୍ମୃତି ସମ୍ମାନ ସାମାଜିକ କର୍ମୀ ବାଳକୃଷ୍ଣ ବେହେରା ଓ ମୁରଲୀଧର ଶତପଥୀଙ୍କୁ ଦିଆଯାଇଥିଲା। ଏଥିରେ କାହ୍ନୁ ଚରଣ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ, ଦୀପକ ମହନ୍ତ, ରମାକାନ୍ତ ମହାପାତ୍ର, ରଞ୍ଜନ ମହାନ୍ତି, ଆକାଶ ଭୂୟାଁ, ବିଜୟ ତ୍ରିପାଠୀ ମାନପତ୍ର ପାଠ କରିଥିଲେ। ଡା. ନୀଳାଦ୍ରି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ପ୍ରାଚୀନ'



ନୌବାଣିଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ବିଦେଶୀ ପ୍ରତିନିଧି ଦଳ।

**କଟକ ଅଫିସ, ୧୪।୪**

**ନୌବାଣିଜ୍ୟ ସଂଗ୍ରହାଳୟ ପରିଦର୍ଶନ କଲେ ବିଦେଶୀ ପ୍ରତିନିଧି ଦଳ**

ଇଣ୍ଡିଆନ୍ କାଉନସିଲ ଫର୍ କଲଚରାଲ ରିଲେସନ୍ସଙ୍କ ତତ୍ତ୍ୱାବଧାନରେ ୨୬ ଜଣିଆ ବିଦେଶୀ ପ୍ରତିନିଧି ଦଳ ଶୁକ୍ରବାର କଟକସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଭାରତ ଓ ଅନ୍ୟଦେଶ ମଧ୍ୟରେ ସାଂସ୍କୃତିକ ସମନ୍ୱୟ କାର୍ଯ୍ୟକ୍ରମ ମାଧ୍ୟମରେ ବିଦେଶୀ ପ୍ରତିନିଧିମାନେ ସଂଗ୍ରହାଳୟ ପରିଦର୍ଶନ କରି ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ସଂଗ୍ରହାଳୟରେ ଅତୀତର ଉତ୍କଳୀୟ ନୌବାଣିଜ୍ୟର ପରମ୍ପରାକୁ ଆଧାର କରି ସାମଗ୍ରୀ ରହିଛି। ବିଦେଶୀ ପ୍ରତିନିଧି ଦଳରେ ବେଲ୍‌ଜିୟମ, ବ୍ରାଜିଲ, ବୁଲ୍‌ଗାରିଆ, ପର୍ତ୍ତୁଗାଲ, ସାଉଥ୍ ଆଫ୍ରିକା, ମଙ୍ଗୋଲିଆ, ଗୁଏନା ରାଷ୍ଟ୍ରର ୨୬ ଜଣ ସଦସ୍ୟ ରହିଛନ୍ତି। ଏହି ଦଳରେ ପାର୍ଲାମେଣ୍ଟ ସଦସ୍ୟ, ଖବରକାଗଜ ସମ୍ପାଦକ, ଉଦ୍ୟୋଗୀ ଓ ଗବେଷକମାନେ ସାମିଲ ଅଛନ୍ତି। ଏହି ଅବସରରେ ବ୍ରାଜିଲର ଜଣେ ମହିଳା ପ୍ରତିନିଧି କହିଥିଲେ, ଓଡ଼ିଶାର ଇତିହାସ ମହାନ। ଏହା ମୋତେ ଉଦ୍‌ବୁଦ୍ଧ କରିଛି। ମୁଁ ଆମ ରାଷ୍ଟ୍ରରେ ଓଡ଼ିଶା ଇତିହାସ ସମ୍ପର୍କରେ ଅବଗତ କରାଇବି। ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଓ ସଂସ୍କୃତି ବହୁ ପ୍ରାଚୀନ। ଏ ସମ୍ପର୍କରେ ବହୁ ତଥ୍ୟ ଏହି ସଂଗ୍ରହାଳୟରେ ରହିଛି। ଯାହାକି ଭବିଷ୍ୟତ ବଂଶଧରମାନଙ୍କୁ ସଂସ୍କୃତି, ପରମ୍ପରା, କଳା, ବାଣିଜ୍ୟ ସମ୍ପର୍କରେ ଖୋରାକ ଯୋଗାଇବ। ଏହି ପ୍ରତିନିଧି ଦଳରେ ଥିବା ଆହ୍ଲେକ୍ସୁ ଜାଣ୍ଡ୍ରେ ପୋକୋ, ସୋଫିଆ ମାଟୋସ, କାତ୍ରିନା କାରିଆ, ବ୍ରୁନୋ କୋଇମ୍ବ୍ରା, ପର୍ବିନ ବେଦାନ, ରୋହିଣୀ ମୁକ୍ଲା, ଗଣେଶ ଆଦିତ୍ୟ ମହିପଲ୍ଲ ପ୍ରମୁଖ ନୌବାଣିଜ୍ୟ ସଂଗ୍ରହାଳୟ ବୁଲି ଦେଖିଥିଲେ।

# ବିରୂପା ନଦୀରେ ନିର୍ମାଣ ହେବ ସେତୁ

**ମଙ୍ଗୁଳି-ଜଗତପୁର,୧୪।୪(ଡି.ଏନ୍.ଏ.)**

ଜଗତପୁର ଥାନା ଅଧୀନ ୪୮ ନମ୍ବର ୱାର୍ଡର ବଟଛକଠାରୁ ମଣ୍ଡାପଡ଼ାକୁ ଯିବା ପାଇଁ ବିରୂପା ନଦୀ ଉପରେ ୬୦ କୋଟି ଟଙ୍କା ବ୍ୟୟବରାଦରେ ୫ଶହ ମିଟର ସେତୁ ନିର୍ମାଣ ହେବ। ଏଥିପାଇଁ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ମହାନ୍ତି, ଏସ୍‌ଡିଓ ବସନ୍ତ କୁମାର ବେହେରା, ଯନ୍ତ୍ରୀ ପ୍ରଦ୍ୟୁମ୍ନ ବିଶ୍ୱାଳ ପ୍ରମୁଖ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହି ସେତୁ ନିର୍ମାଣ ପାଇଁ ଚୌଦ୍ୱାର, ଜଗତପୁର ଓ କଟକବାସୀଙ୍କର ଦୀର୍ଘଦିନର ଦାବି ରହିଥିଲା। ସେତୁ ନିର୍ମାଣ ଦ୍ୱାରା ଜଗତପୁର-ମଣ୍ଡାପଡା ମଧ୍ୟରେ ୧୦ କିମି ଦୂରତା କମିଯିବ। ଆସନ୍ତା ୧ ମାସ ମଧ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ବିଧାୟକ ବିଶ୍ୱାଳ କହିଛନ୍ତି। ଏହି ପରିଦର୍ଶନବେଳେ କଟକ ମହାନଗର ନିଗମ ଡେପୁଟି ମେୟର ଦମୟନ୍ତୀ ମାଝି, ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା, ତ୍ରିଲୋଚନ ପଣ୍ଡା, କାଳିଙ୍କିକର ମୁଖାର୍ଜୀ, ତାପସ ମହାନ୍ତି, ବିଜୟ ଭୂୟାଁ ଓ ବିଭୂତି ଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଆଜାଦୀ କା ଅମୃତ ମହୋତ୍ସବର ସକାରାତ୍ମକ ଦିଗ ରହିଛି'



କାର୍ଯ୍ୟକ୍ରମରେ ଅଭିନେତା ଶ୍ରୀତମ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଟକ ଅଫିସ, ୧୪।୪**

ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଓ ସମ୍ବର୍ଦ୍ଧନା ମହୋତ୍ସବ କଟକ ଗାନ୍ଧୀଭବନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ମାନବିକ ଅଧିକାର ଆୟୋଗର ପୂର୍ବତନ ସଦସ୍ୟ ଜଷ୍ଟିସ ରଘୁବୀର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ସଂଘ ଉପସଭାପତି ବିଦ୍ୟାଧର ପ୍ରଧାନ ଯୋଗଦେଇ ଆଜାଦୀ କା ଅମୃତ ମହୋତ୍ସବ ପାଳନର ଆଭିମୁଖ୍ୟ ଓ ସକାରାତ୍ମକ ଦିଗ ସମ୍ପର୍କରେ କହିଥିଲେ। ସେହିପରି ଭାଜପା ନେତା ଶ୍ରୀତମ ଦାସ କହିଥିଲେ, ଆଜାଦୀ କା ଅମୃତ ମହୋତ୍ସବ ଦେଶବ୍ୟାପୀ ପାଳନ କରାଯାଉଛି। ଏହି ମହୋତ୍ସବକୁ ଫୋରମ ପକ୍ଷରୁ ପାଳନ କରାଯାଉଥିବାରୁ କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ପ୍ରସନ୍ନ କୁମାର ପାଢୀ, ଚିତ୍ରଶିଳ୍ପୀ ରବି ରଥ, ଅଭିନେତା ଶ୍ରୀତମ ଦାସ, ବଂଶୀବାଦକ ଡ. ହରେକୃଷ୍ଣ ନାୟକ, ହାଇକୋର୍ଟ ଆଇନଜୀବୀ ସଂଘ ଉପସଭାପତି ବିଦ୍ୟାଧର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଚିତ୍ତରଞ୍ଜନ କର, ସୁଭାଶିଷ ମହାପାତ୍ର, ଗିରିଧାରୀ ରାଉତ, ଦିଲୀପ ରାୟ, ପଦ୍ମନାଭ ସେଠୀ, ବିବର୍ଦ୍ଧନ ମେଣ୍ଡାଲି, ରଶ୍ମିରଞ୍ଜନ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

**କଟକ ଅଫିସ/ କଣ୍ଟାପଡା, ୧୪।୪(ଡି.ଏନ୍.ଏ.)**

ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ପଦ୍ମିନୀ କେୟାର ହସ୍ପିଟାଲ ଏବଂ ଡ୍ରିମ୍‌ସ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜଳ ବିତରଣ କେନ୍ଦ୍ର ଟାଙ୍ଗୀ ବସ୍‌ଷ୍ଟାଣ୍ଡଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଫେସର ଶିଶୁଶଙ୍କର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. କଲ୍ୟାଣ ସାହୁ, ଅଜିତ୍ କୁମାର ମହାପାତ୍ର, ପ୍ରାଧ୍ୟାପକ ରାଜୀବ ଅଗ୍ରୱାଲ, ସୁଶାନ୍ତ କୁମାର ସେଠୀ, ଅଧ୍ୟାପିକା ସାଇ ସମର୍ପିତା, ସାଗରିକା ନାୟକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି କବିରାଜ ବାଉରୀବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ଗୋବିନ୍ଦପୁର ବଜାରରେ ଔଷଧୀୟ ଜଳଛତ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଗୋବିନ୍ଦପୁର ଥାନାଧିକାରୀ ରବିନାରାୟଣ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସରୋଜ କୁମାର ମହାନ୍ତି, ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ, ସହଦେବ ପାତ୍ର, ସରପଞ୍ଚ ଅନନ୍ତ ଚରଣ ବେହେରା, କାଳୀଚରଣ ଦାସ, କିଶୋର ବେଉରା, ବିଭୂତି ସ୍ୱାଇଁ, ସଞ୍ଜୟ କୁମାର ଦାସ ଉପସ୍ଥିତ ଥିଲେ। ଆସନ୍ତା ୯୦ ଦିନ ଧରି ଏହା ଚାଲୁରହିବ ବୋଲି ସଂସଦର ଆବାହକ ସୂର୍ଯ୍ୟକାନ୍ତ ପଣ୍ଡା କହିଛନ୍ତି।

# 'ବିଶ୍ୱବିଦିତ ହେଉ ଓଡ଼ିଆ ଭାଷା ସାହିତ୍ୟ'

**କଟକ ଅଫିସ,୧୪।୪**



କାର୍ଯ୍ୟକ୍ରମରେ ସାରସ୍ୱତ ସାଧକ ବିଜୟ କୁମାର ନାୟକଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଉଛି।

**'ଝଙ୍କାର'ର ୭୪ତମ ଜନ୍ମୋତ୍ସବ ଓ ବିଷୁବ ମିଳନ**

ଓଡ଼ିଆ ସାହିତ୍ୟ ପତ୍ରିକା 'ଝଙ୍କାର'ର ୭୪ତମ ଜନ୍ମୋତ୍ସବ ଓ ବିଷୁବ ମିଳନ 'ପ୍ରଜାତନ୍ତ୍ର' ପରିସରସ୍ଥ ବିଷୁବ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ମୈଥିଳି ଭାଷା ସାହିତ୍ୟର ସାହିତ୍ୟିକ ଅଜିତ୍ ଆଜାଦ୍ କହିଥିଲେ, ସମ୍ପ୍ରତି ସାହିତ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି। ଲେଖକମାନେ ଲୋକଙ୍କ ସମାଲୋଚନାକୁ ନ ଡରି ସ୍ପଷ୍ଟ ମତ ପ୍ରଦାନ କରିବା ପାଇଁ ଆଗେଇ ଆସିବା ଉଚିତ୍। ସାହିତ୍ୟ ଜନତାଙ୍କର ପକ୍ଷ ଗ୍ରହଣ କରୁ, ଜନତାଙ୍କର ସ୍ୱରକୁ ମାନ୍ୟତା ଦେଉ। ବିଶେଷକରି ଓଡ଼ିଆ ଭାଷା ସାହିତ୍ୟ ବିଶ୍ୱବିଦିତ ହେଉ ବୋଲି ସେ କହିଥିଲେ। ସମ୍ପାଦକ ଭର୍ତ୍ତୃହରି ମହତାବ କହିଥିଲେ, ସମୟ ସହିତ ମନୁଷ୍ୟ ତାଳ ଦେଇ ଚାଲିଛି। ସକାରାତ୍ମକ ଭାବନା ନେଇ ଆମ ସାହିତ୍ୟ ଚାଲିପାରିଲେ ଉନ୍ନତି ସାଧିତ ହେବ ବୋଲି ସେ କହିଥିଲେ। ସାହିତ୍ୟିକ ରାଜେନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରି କହିଥିଲେ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସବୁ ସମୟରେ ଜାତୀୟ ସ୍ତରରେ ତାହାର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଆସିଛି। ଉତ୍ତମ ଲେଖା ଓ ଲେଖକଙ୍କୁ ସମ୍ମାନ ଦିଆଗଲେ ସ୍ରଷ୍ଟା ଏବଂ ସୃଷ୍ଟିର ସଂଜ୍ଞା ପରିଭାଷିତ ହେବ। ଚଳିତବର୍ଷର ବିଷୁବ ପୁରସ୍କାର ବିଜେତା ବିଜୟ ନାୟକ କହିଥିଲେ, ସାହିତ୍ୟ ଚେତନାର କଥା କହେ ତେଣୁ ସେ କାଳଜୟୀ।

ଝଙ୍କାରର ଅନ୍ୟତମ ସମ୍ପାଦକ ତରୁଣ କୁମାର ସାହୁ ଝଙ୍କାର ପୁରସ୍କାର ଏବଂ ଏହାର ଧାରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅନ୍ୟତମ ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସମାରୋହରେ ଯୋଗଦେଇଥିବା ଅତିଥିମାନଙ୍କୁ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ସ୍ୱତନ୍ତ୍ର ଉପଢୌକନ ପ୍ରଦାନ କରାଯାଇଥିଲା। ଅନ୍ୟତମ ସମ୍ପାଦକ ଡ ବାବାଜୀ ଚରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ହନୁମାନ ଜୟନ୍ତୀ ଅବସରରେ ଶୁକ୍ରବାର କଟକ ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।



ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ଶୁକ୍ରବାର ହିନ୍ଦୁ ସେନା ପକ୍ଷରୁ କଟକ ଉପର ବାଲିଯାତ୍ରା ପଡିଆ ନିକଟରୁ ବାହାରିଥିବା ଶୋଭାଯାତ୍ରା।



କଟକ ବକ୍ସିବଜାର ବଡେଇସାହି ବାସ୍ତୁରୀମଠ ଶ୍ରୀଯୁଗଳ କିଶୋର ମନ୍ଦିର ପ୍ରାଙ୍ଗଣରେ ଝାମୁନିଆଁରେ ମାନସିକଧାରୀ ଚାଲୁଛନ୍ତି।

## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**ପୁରୀ ଅଫିସ, ୧୪।୪:** ବାସେଲିସାହି ଥାନା ଅଧୀନ ମଶାଣିଚଣ୍ଡୀ ଛକରେ ଗୁରୁବାର ରାତିରେ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୋଖାସାହିର ନରସିଂହ ବେହେରା ଓରଫ କୁନା (୪୧)। ପୋଲିସ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଗୋଟିଏ କାତି ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୯୪/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ମଶାଣିଚଣ୍ଡୀ ଛକରେ ମନୋରଞ୍ଜନ ପଟ୍ଟନାୟକଙ୍କର ଏକ ହାର୍ଡୱେୟାର ଦୋକାନ ରହିଛି। ଗୁରୁବାର ରାତି ପ୍ରାୟ ୯ଟାରେ ସେ ଦୋକାନ ବନ୍ଦ କରି ଘରକୁ ବାହାରୁଥିବାବେଳେ ଅଭିଯୁକ୍ତ କୁନା ତାଙ୍କ ନିକଟକୁ ଯାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ କାତିରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆକ୍ରମଣ ନେଇ ମନୋରଞ୍ଜନଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି ବାସେଲିସାହି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଭକ୍ତ, ପର୍ଯ୍ୟଟକଙ୍କୁ ଟଙ୍କ ତୋରାଣି ବିତରଣ

**ପୁରୀ ଅଫିସ, ୧୪।୪:** ପଣା ସଂକ୍ରାନ୍ତି ଅବସରରେ ଶୁକ୍ରବାର ଓଡ଼ିଶା ପୋଲିସ ହାବିଲଦାର ଓ କନଷ୍ଟେବଲ ସଂଘର ପୁରୀ ଶାଖା ପକ୍ଷରୁ ନିଃଶୁଳ୍କ ଟଙ୍କ ତୋରାଣି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୋଲିସ ରିଜର୍ଭ ପଡ଼ିଆ ଗେଟ ପାର୍ଶ୍ୱରେ ଟଙ୍କ ତୋରାଣି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପୋଲିସ ରିଜର୍ଭ ଆର୍‌ଆଇ ଚନ୍ଦ୍ରଶେଖର ଦାସ ଓ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। କନଷ୍ଟେବଲ ସଂଘ ସଭାପତି ପ୍ରକାଶ କୁମାର ଆଚାର୍ଯ୍ୟ ଓ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ। ଭକ୍ତ ଓ ପର୍ଯ୍ୟଟକ ଆସି ଟଙ୍କ ତୋରାଣି ପାନ କରିଥିଲେ। ସେହିପରି ଦଶାବତାର ମଠ ନିକଟରେ 'ଉର୍ଜାବାନ ଓଡ଼ିଶା' ପକ୍ଷରୁ ନିଃଶୁଳ୍କ ଟଙ୍କ ତୋରାଣି ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ସୁରେନ୍ଦ୍ରନାଥ ଦାସ, ପୁଷ୍ପଜିତ ମହାପାତ୍ର ଏବଂ ସୁରେଶ କର ଉଦଘାଟନ କରିଥିଲେ। ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ଗିରିଜା ଶଙ୍କର ଦାଶ, ସୂର୍ଯ୍ୟନାରାୟଣ ପଣ୍ଡା, ଝାନ୍ସିରାଣୀ ମିଶ୍ର, ସସ୍ମିତା ଜେନା, ଜିତେନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

### ସିଲିଣ୍ଡର ଚୋରି କରି ଯୁବକ ଗିରଫ

**ପୁରୀ ଅଫିସ, ୧୪।୪:** ଗ୍ୟାସ ସିଲିଣ୍ଡର ଚୋରି ଅଭିଯୋଗରେ ବାସେଲିସାହି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମଙ୍ଗଳାଘାଟ ପାଇକ ସାହିର ସୁମନ୍ତ ବାରିକ୍ (୩୬)। ପୋଲିସ ଏ ସଂକ୍ରାନ୍ତରେ କେସ୍ ନଂ. ୪/୨୩ ରୁଜୁ କରିଛି। ଗତ ଜାନୁୟାରୀ ୩ରେ ଲୋକନାଥ ରୋଡସ୍ଥିତ ଏକ ଗ୍ୟାସ ବିତରଣ ଗାଡ଼ିରୁ ସୁମନ୍ତ ସିଲିଣ୍ଡର ଚୋରାଇ ନେଇଥିଲେ। ଡେଲିଭରି ମ୍ୟାନ୍ ମହେଶ୍ୱର ପ୍ରଧାନ ଏ ନେଇ ଏତଲା ଦେଇଥିଲେ।

# ମହାବୀରଙ୍କ ସୁନାବେଶ, ଝାଡ଼େଶ୍ୱରୀ ପୀଠରେ ଝାମୁଯାତ୍ରା

**ପୁରୀ ଅଫିସ, ୧୪।୪**

ଶ୍ରୀମନ୍ଦିର ସମେତ ପୁରୀ ସହରର ବିଭିନ୍ନ ହିନ୍ଦୁ ପରିବାରରେ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଛି। ସକାଳୁ ହନୁମାନ ମନ୍ଦିର ସମେତ ବିଭିନ୍ନ ଦେବଦେବୀ ପୀଠରେ ଶ୍ରଦ୍ଧାଳୁଙ୍କ ଧାଡ଼ି ଲାଗିଥିଲା। ସେହିପରି ଘରର ଇଷ୍ଟ ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଚଉରାର ତୁଳସୀ ଗଛ ଉପରେ ନଡ଼ିଆ ପତ୍ରରେ ଛାମୁଣ୍ଡିଆ କରାଯାଇ ଠେକିରେ ଜଳ ଅର୍ପଣ ସହ ମା' ବୃନ୍ଦାବତୀଙ୍କ ନିକଟରେ ପଣା ଭୋଗ କରାଯାଇଥିଲା। ପ୍ରସିଦ୍ଧ ଶିରୁଳି ମହାବୀର ପୀଠରେ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ମହାବୀରଙ୍କ ସୁନାବେଶ ଦର୍ଶନ କରିଥିଲେ। ସେହିପରି ଚକ୍ରତୀର୍ଥ ରୋଡ୍‌ସ୍ଥିତ ବେଢ଼ି ହନୁମାନ, ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟସ୍ଥ ମହାବୀର, ଶ୍ରୀଜଗନ୍ନାଥ ବଲ୍ଲଭ ମଠସ୍ଥିତ ସୁଗ୍ରୀବ ମହାବୀର, ଦଇତାପଡ଼ା ସାହିସ୍ଥିତ ପୋଖରିଆ ମହାବୀର, ଭିଆଇପି ରୋଡସ୍ଥିତ ସତ୍ୟ ମହାବୀର, ବାଲିସାହିସ୍ଥିତ ମଶାଣି ମହାବୀରଙ୍କ ସମେତ ପୁରୀ ସହରରେ ଥିବା ହନୁମାନ ମନ୍ଦିରଗୁଡିକରେ ଭକ୍ତଙ୍କ ଭିଡ଼ ଜମିଥିଲା। ଭକ୍ତମାନେ ଶ୍ରୀହନୁମାନଙ୍କ ଦର୍ଶନ କରିବା ସହ ପଣା ଓ ଛତୁଆ ଭୋଗ ପାଇଥିଲେ। ଶ୍ରୀମନ୍ଦିର ପରିସରସ୍ଥ ହନୁମାନ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଗହଳି ହୋଇଥିଲା। ଏହି ଅବସରରେ ଦକ୍ଷିଣ ଦ୍ୱାର ନିକଟରେ ଥିବା ମହାବୀରଙ୍କର ନାଗାବେଶ ହୋଇଥିଲା। ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା। ପୁରୀର ଅନ୍ୟତମ ପ୍ରମୁଖ ଦେବୀପୀଠ ମା' ଝାଡ଼େଶ୍ୱରୀ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ପାଟୁଆମାନେ ନିଆଁରେ ଚାଲିବା ସହ ହଳଦୀ ପାଣିରେ ଗୋଡ଼ ଧୋଇ ମା'ଙ୍କ ପ୍ରସାଦ ପାଇ ବ୍ରତ ସମାପନ କରିଥିଲେ। ଝାମୁଯାତ୍ରା ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା।

# ଇନ୍ଦ୍ରଦ୍ୟୁମ୍ନ ତୀର୍ଥ ପୁଷ୍କରିଣୀରେ ଆଳତି



ଇନ୍ଦ୍ରଦ୍ୟୁମ୍ନ ତୀର୍ଥ ପୁଷ୍କରିଣୀ ତଟରେ ଆଳତି କରାଯାଉଛି।

**ପୁରୀ ଅଫିସ, ୧୪।୪**

ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଶୁକ୍ରବାର ଶ୍ରୀକ୍ଷେତ୍ରର ଇନ୍ଦ୍ରଦ୍ୟୁମ୍ନ ତୀର୍ଥ ପୁଷ୍କରିଣୀ ତଟରେ ଚତୁର୍ଥ ବାର୍ଷିକ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହିଭାଇ ଅନୁଷ୍ଠାନ ତରଫରୁ ଗତ ୪ବର୍ଷ ପୂର୍ବେ ୨୦୧୯ ଗୋବିନ୍ଦ ଦ୍ୱାଦଶୀ ତିଥିରୁ ଜଗଦଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ମାର୍ଗଦର୍ଶନରେ ଶ୍ରୀକ୍ଷେତ୍ର ଧାମର ପଞ୍ଚତୀର୍ଥ ପୁଷ୍କରିଣୀ ଆଳତି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରତ୍ୟେକ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ବାଲିସାହିସ୍ଥିତ ନୀଳମାଧବ ବିନାୟକ ସମିତି ସହଯୋଗରେ ଶ୍ୱେତଗଙ୍ଗା ପୁଷ୍କରିଣୀ, ସଂକ୍ରାନ୍ତି ତିଥିରେ ମଧୁବନସ୍ଥିତ ଜୀବନଜ୍ୟୋତି ଗ୍ରୁପ୍ ସହଯୋଗରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଏବଂ ଶୁକ୍ଳ ସପ୍ତମୀ ତିଥିରେ ମାର୍କଣ୍ଡେୟ ସାହିସ୍ଥିତ ସାଥି ସଂଘ କ୍ଲବ ସହଯୋଗରେ ମାର୍କଣ୍ଡେୟ ପୁଷ୍କରିଣୀ ତଟରେ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସହରରେ ଥିବା ବିଭିନ୍ନ ତୀର୍ଥ ପୁଷ୍କରିଣୀର ସୁରକ୍ଷା ଓ ପବିତ୍ରତାକୁ ଅକ୍ଷୁଣ୍ଣ ରଖିବା ସହିତ ଶ୍ରୀକ୍ଷେତ୍ରର ସଂସ୍କୃତି ଓ ପରମ୍ପରାକୁ ସୁଦୂର ପ୍ରସାର କରିବା ଏହି ଆଳତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ପଣା ସଂକ୍ରାନ୍ତିରେ ଇନ୍ଦ୍ରଦ୍ୟୁମ୍ନ ତୀର୍ଥ ପୁଷ୍କରିଣୀ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣମାନଙ୍କ ମନ୍ତ୍ରୋଚାରଣ ସହ ଭକ୍ତଙ୍କ ହରିବୋଲ ଓ ହୁଳହୁଳି ଶବ୍ଦରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡ. ରବୀନ୍ଦ୍ର କୁମାର ପଣ୍ଡା, ପ୍ରଫେସର ଲକ୍ଷ୍ମୀଧର ପଣ୍ଡା ଏବଂ ଭାରତୀୟ ସ୍ଥଳସେନାର ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଆଳତି କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା ଓ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଅଶୋକା ମଞ୍ଜରୀ ନାୟକ ଧନ୍ୟବାଦ ଦେଇଥିଲେ।

# ଜାଗା ଆଖଡ଼ାରେ କୁସ୍ତି ଖେଳିଲେ



ବାରବାଟୀ ଜାଗା ଆଖଡ଼ାରେ ପହିଲିମାନମାନେ କୁସ୍ତି କରୁଛନ୍ତି।

**ପୁରୀ ଅଫିସ, ୧୪।୪**

ପବିତ୍ର ହନୁମାନ ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଶୁକ୍ରବାର ଶ୍ରୀକ୍ଷେତ୍ରରେ ଉତ୍କଳୀୟ କଳା, ସଂସ୍କୃତି ଏବଂ ସମରକଳାର ନିଦର୍ଶନ ଦେଖିବାକୁ ମିଳିଛି। ପୁରୀର ବିଭିନ୍ନ ଜାଗାଘରୁ ନିଆମ ବାହାରି ଶ୍ରୀମନ୍ଦିର ଚାରିପାଖ ପରିକ୍ରମା କରିବା ସହ ଜାଗାଘର ସରଞ୍ଜାମଗୁଡ଼ିକୁ ମହାବୀରଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଜାଗାଘରଗୁଡ଼ିକ ପକ୍ଷରୁ ନିଶାଣ ଶୋଭାଯାତ୍ରା ବାହାରି ଆଖଡ଼ା ନିକଟକୁ ଯାଇଥିଲା। ଶୋଭାଯାତ୍ରାରେ ସମରକଳା, ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଜାଗା ଆଖଡ଼ାର ସଦସ୍ୟମାନେ ମହାବୀରଙ୍କ ନିକଟରେ ନୂତନ ବସ୍ତ୍ର ଲାଗିକରାଇ ପରମ୍ପରା ମୁତାବକ ପରସ୍ପର ସହ କୁସ୍ତି ଖେଳିଥିଲେ। କୁସ୍ତିବିଦ୍ୟା ଶିକ୍ଷା କରିବାକୁ ଇଚ୍ଛୁକ ପିଲାମାନେ ହନୁମାନ ଜୟନ୍ତୀରୁ କୁସ୍ତିବିଦ୍ୟା ଆରମ୍ଭ କରିଥିଲେ। ପଣା ସଂକ୍ରାନ୍ତିଠାରୁ କୁସ୍ତି କସରତର ପ୍ରାଥମିକ ଶିକ୍ଷା ଦିଆଯାଏ।

### ଭକ୍ତ ଦାସିଆ ପୀଠରେ ମହାବୀର ଜୟନ୍ତୀ

**ପିପିଲି,୧୪।୪(ଡି.ଏନ୍.ଏ.)**

ପିପିଲି ବ୍ଲକର ବାଲିଗାଁସ୍ଥିତ ଭକ୍ତ ଦାସିଆଙ୍କ ଜନ୍ମ ଓ ସାଧନା ପୀଠରେ ଭକ୍ତ ଦାସିଆ ସ୍ମୃତି କମିଟି ପକ୍ଷରୁ ମହାବୀର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତଥା ପାର୍ଶ୍ୱଦେବଦେବୀଙ୍କ ନୀତି, ନାମ ସଂକୀର୍ତ୍ତନ, ହନୁମାନ ଚାଳିଶା ପାଠ ସହ ସମାଧି ପୀଠରେ ଅଖଣ୍ଡ ନାମ ସଂକୀର୍ତ୍ତନ ଓ ଏକ ଦିବସୀୟ ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ହୋମରେ ସଦସ୍ୟ ବ୍ରଜମୋହନ ମହାନ୍ତି ଓ ତାଙ୍କ ସ୍ତ୍ରୀ କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ନେଇଥିଲେ। ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀ, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତ ହୋମ କର୍ମ କରିଥିଲେ। ପରେ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ଡା.ଅଶୋକ ମହାପାତ୍ରଙ୍କ ସଭାପତିତ୍ୱରେ ଆଞ୍ଚଳିକ କମିଟି ସଦସ୍ୟଙ୍କୁ ନେଇ ଏକ ସଭା ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ଘନସ୍ୱାମୀ ସ୍ୱାଇଁ ଏହି ମାସରେ ୮ଜଣ ପ୍ରାଥମିକ ସଦସ୍ୟଙ୍କ ନାମ ତାଲିକା ପାଠ କରି ସଦସ୍ୟତା ମଞ୍ଜୁର କରିଥିଲେ। ସଭାରେ ସଦସ୍ୟ ଚିତ୍ତରଞ୍ଜନ ସେନାପତି, ଆଇନଜୀବୀ ସରୋଜ ପରିଡ଼ା, ଅନନ୍ତ ସାହୁ, ରାଜନ ଛାଟୋଇ, ଜୟକୃଷ୍ଣ ରାଉତ, ସ୍ୱୟଂପ୍ରକାଶ ପରିଡ଼ା, ପବିତ୍ର ମଲ୍ଲିକ, ଅକ୍ଷୟ ବେହେରା, ସଞ୍ଜୟ ସାହୁ, ଚନ୍ଦ୍ରଶେଖର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ସାମାଜିକ ନ୍ୟାୟ ବ୍ୟବସ୍ଥାର ପ୍ରତୀକ ଥିଲେ ଆମ୍ବେଡ୍‌କର

**ପୁରୀ ଅଫିସ, ୧୪।୪**

ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ପୁରୀ ଜିଲା ପ୍ରଶାସନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଏବଂ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ କହିଛନ୍ତି, ଆମ୍ବେଡକର ସାମାଜିକ ନ୍ୟାୟ ବ୍ୟବସ୍ଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସାମାଜିକ ଗଣତନ୍ତ୍ର, ସାମାଜିକ ନ୍ୟାୟ ଓ ଅର୍ଥନୈତିକ ସ୍ଥିରତା ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କ ଅବଦାନ ଆମକୁ ପ୍ରେରଣା ଦେଉଥିବ। ସେହିପରି ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ, ସମ୍ବିଧାନ ପ୍ରସ୍ତୁତି ଓ ପ୍ରଣୟନରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଆମ୍ବେଡକରଙ୍କ ଜୀବନୀ, ଆଦର୍ଶ ଓ ସଂଘର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଦେଇଥିଲେ।




ଆମ୍ବେଡ୍‌କରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

### ଆମ୍ବେଡକର ଜୟନ୍ତୀ ପାଳିତ

**ପୁରୀ ଅଫିସ, ୧୪।୪**

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ନେହେରୁ ଯୁବକେନ୍ଦ୍ର ଏବଂ ଭାଗବତ ବିନାୟକ ଯୁବକ ସଂଘର ମିଳିତ ଆନୁକୁଲ୍ୟରେ ଶୁକ୍ରବାର ଆମ୍ବେଡକର ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ରାକେଶ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟାପକ ରବିନାରାୟଣ ମିଶ୍ର ଏବଂ ଜିଲା ଯୁବ ଅଧିକାରୀ ଜୟଶଙ୍କର ଯୋଶୀ ଯୋଗ ଦେଇଥିଲେ। କ୍ଲବ ସଭାପତି ମହିମୋହନ ପ୍ରଧାନ ସଭାପତିତ୍ୱ କରିଥିଲେ। ପଛୁଆବର୍ଗ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ଯୋଡ଼ିବା ପାଇଁ ଆମ୍ବେଡକର ଅନବରତ ଉଦ୍ୟମ କରୁଥିଲେ ବୋଲି ଅତିଥିମାନେ କହିଥିଲେ। ଶିବାନନ୍ଦ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନେ 'ଶିଶୁ ପ୍ରତିଭା' ପତ୍ରିକା ଉନ୍ମୋଚନ କରୁଛନ୍ତି।

**ପିପିଲି,୧୪।୪(ଡି.ଏନ୍.ଏ./ସ୍ୱ.ପ୍ର.)**

ପିପିଲିର ଜଇସପାଟଣାସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ସଞ୍ଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିପିଲି ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ନନ୍ଦ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ, ସୁରେନ୍ଦ୍ର ନାଥ ଖୁଣ୍ଟିଆ, ମଙ୍ଗୁଳିଚରଣ ମହାନ୍ତି, ରମେଶ ଚନ୍ଦ୍ର ମହାପାତ୍ର, ଚିନ୍ତାମଣି ଓଝା(ସିଆର୍‌ସିସି), ବିପ୍ଲବୀ ନେତା ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ 'ଶିଶୁ ପ୍ରତିଭା' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏଥିସହ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପରେ ଅଞ୍ଚଳର କେତେଜଣ ସଫଳ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ସହ ସାମ୍ବାଦିକ ହେମନ୍ତ କୁମାର ସେଠୀଙ୍କୁ ଆଦର୍ଶ ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଶ୍ୱିନୀ ପାଣ୍ଡେ ଧନ୍ୟବାଦ ଦେଇଥିଲେ।

# ସର୍ବେ ଭବନ୍ତୁ ସୁଖୀନଃ କାର୍ଯ୍ୟକ୍ରମରେ ସମସ୍ତଙ୍କ ମଙ୍ଗଳ ମନାସିଲେ

**ପୁରୀ ଅଫିସ, ୧୪।୪**

ରୋଟାରୀ କ୍ଲବ ଅଫ୍ ପୁରୀ ସାଗର ପକ୍ଷରୁ ଶୁକ୍ରବାର ଉତ୍କଳୀୟ ନବବର୍ଷ ପାଳନ ସହ 'ସର୍ବେ ଭବନ୍ତୁ ସୁଖୀନଃ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉତ୍କଳୀୟଙ୍କ ମନରେ ନୂତନ ଆଶା, ଚେତନା, ଉଦ୍ଦୀପନା ଓ ଉତ୍ସାହ ଭରିଦେବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନୀତ ପ୍ରଣତି ଅର୍ପଣ କରାଯାଇଛି। ସମସ୍ତଙ୍କର ସୁଖ ସମୃଦ୍ଧି ଓ ନିରାମୟ ଜୀବନ କାମନା କରି ସିଂହଦ୍ୱାର ସମ୍ମୁଖରେ ସାମୂହିକ ଦୀପଦାନ କରାଯାଇଥିଲା। ଏଠାରେ ରୋଟାରୀ କ୍ଲବ ୩୨୬୨ର ଜିଲା ଗଭର୍ନର ରୋଟାରିଆନ୍ ପ୍ରଭୁଦତ୍ତ ସୁବୁଦ୍ଧି, ୨୦୨୩-୨୪ ବର୍ଷର ଜିଲା ଗଭର୍ନର ଜୟଶ୍ରୀ ମହାନ୍ତି, ୨୦୨୪-୨୫ ବର୍ଷର ଜିଲା ଗଭର୍ନର ଯଜ୍ଞାଶିଷ ମହାପାତ୍ର ଏବଂ ୨୦୨୫-୨୬ ବର୍ଷର ଜିଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ସିଂହଦ୍ୱାର ସମ୍ମୁଖରେ ବେଦଧ୍ୱନୀ ପ୍ରକମ୍ପିତ ହେଉଥିବା ବେଳେ ରୋଟାରୀ କ୍ଲବ ଅଫ୍ ପୁରୀ ସାଗର ପକ୍ଷରୁ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ଧବଳେଶ ମହାପାତ୍ର ଓ ସମ୍ପାଦକ ପ୍ରମୋଦ ସ୍ୱାଇଁଙ୍କ ସଂଯୋଜନାରେ ଜିଲା ଗଭର୍ନରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ କ୍ଲବ ପରିସରରେ କ୍ଲବର ସାପ୍ତାହିକ ବୈଠକ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ କ୍ଲବର ୨୦୨୩-୨୪ ବର୍ଷର ସଭାପତି ରାଜଦୀପ ଘୋଷ, ସମ୍ପାଦକ ହରିହର ଖୁଣ୍ଟିଆ, ଚାର୍ଟର ସଭାପତି ଅଶୋକ ପାତ୍ର, ପୂର୍ବତନ ସଭାପତି ଯୁଧିଷ୍ଠିର ଲେଙ୍କା ଓ ଅନ୍ୟ ସଦସ୍ୟାସଦସ୍ୟ ପରିଚାଳନା କରିଥିଲେ।



ରୋଟାରୀ କ୍ଲବ ଅଫ୍ ପୁରୀ ସାଗର ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।

# 'ମହାବୀର ଉପାସନା ସହ ଜଗନ୍ନାଥବଲ୍ଲଭ ମଠ ସମ୍ପୃକ୍ତ'

**ପୁରୀ ଅଫିସ, ୧୪।୪**

ଶ୍ରୀକ୍ଷେତ୍ରରେ ହନୁମାନ ଉପାସନା ବହୁ ପ୍ରାଚୀନ ପରମ୍ପରା। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ଶ୍ରୀକ୍ଷେତ୍ରର ମହାବୀର ଉପାସନା ସହିତ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସମ୍ପୃକ୍ତ। ମହାବିଷୁବ ସଂକ୍ରାନ୍ତି ଦିନ ମଠ ପକ୍ଷରୁ ଶ୍ରୀମନ୍ଦିର ପୂର୍ବଦ୍ୱାରରେ ବିଜେ କରିଥିବା ଫତେ ମହାବୀର, ପଶ୍ଚିମଦ୍ୱାର ମହାବୀର ଓ ଦକ୍ଷିଣଦ୍ୱାର ମହାବୀରଙ୍କୁ ପ୍ରଥମେ ପନ୍ତିଭୋଗ ଲାଗେ। ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ଜଗନ୍ନାଥ ବଲ୍ଲଭ ମଠକୁ ଯାଇ ମଠ ପରିସରରେ ବଡ଼ ମହାବୀର ନାମରେ ପ୍ରସିଦ୍ଧ ସୁଗ୍ରୀମ ମହାରାଜଙ୍କ ନିକଟରେ ପହଞ୍ଚିଥାଏ। ଶ୍ରୀମନ୍ଦିର ପୂଜାପଣ୍ଡା ସୁଗ୍ରୀବ ମହାରାଜାଙ୍କୁ କାନ୍ତି ଓ ଶିର୍‌ପା ସମର୍ପଣ କରିବା ପରେ ଆଜ୍ଞାମାଳ ଲାଗି ହୁଏ। ପୁନଃ ମଠ ପରିସରରେ ଥିବା ଗୁମ୍ଫା ମହାବୀରଙ୍କ ପାଖକୁ ଆଜ୍ଞାମାଳ ଯାଏ। ଗୁମ୍ଫା ମହାବୀର, ମନ୍ତ୍ରୀ ଜାମ୍ବବାନ ରୂପେ ପ୍ରସିଦ୍ଧ। ସେଠାରେ ନୀତି ସରିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳର କିଛି ଅଂଶ ଜାମ୍ବବାନଙ୍କୁ ଲାଗିହୁଏ। ପୂର୍ବରୁ ସୁଗ୍ରୀବ ମହାରାଜାଙ୍କୁ ମଧ୍ୟ ଆଜ୍ଞାମାଳର କିଛି ଅଂଶ ଲାଗି ହୋଇସାରିଥାଏ। ସୁଗ୍ରୀବ ମହାରାଜ, ମନ୍ତ୍ରୀ ଜାମ୍ବବାନଙ୍କ ପରେ ଆଜ୍ଞାମାଳ ମଠ ପରିସରରେ ଗୁଆବାରୀ ମହାବୀର ରୂପେ ଲୋକପ୍ରସିଦ୍ଧି ଲାଭ କରିଥିବା ଶ୍ରୀହନୁମାନଙ୍କ ପାଖକୁ ଯାଏ। ଏଠାରେ ପୂଜାନୀତି ସରିବା ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳର କିଛି ଅଂଶ ଶ୍ରୀହନୁମାନଙ୍କୁ ଲାଗି କରନ୍ତି। ଏହାପରେ ଆଜ୍ଞାମାଳ ପୋଖରିଆ ମହାବୀରଙ୍କ ପାଖକୁ ଯାଏ। ବର୍ତ୍ତମାନ ବଡ଼ଦାଣ୍ଡରେ ଥିବା ମ୍ୟୁନିସିପାଲିଟି ମାର୍କେଟ, ଯାହାକି ବଳଭଦ୍ର ବଲ୍ଲଭ ରୂପେ ପରିଚିତ ଥିଲା, ତାହାର ପୂର୍ବ ଦିଗକୁ ଏହି ପୋଖରିଆ ଅବସ୍ଥିତ। ପୂର୍ବେ ଏହା ଶ୍ରୀସୁଦର୍ଶନ ବଲ୍ଲଭ ରୂପେ ପରିଚିତ ଥିଲା। ପୋଖରିଆ ମହାବୀର ଶ୍ରୀଜଗନ୍ନାଥବଲ୍ଲଭ ମଠର ଉପାସନା ଭିତ୍ତିରେ ରାମାୟଣର 'ନୀଳ' ରୂପେ ଉପାସିତ। ଏଠାରେ ନୀତି ହେବା ପରେ ଆଜ୍ଞାମାଳର କିଛି ଅଂଶ ଲାଗି କରାଯାଏ। ଏହାପରେ ମହାପ୍ରଭୁଙ୍କଠାରୁ ଆସିଥିବା ଅବଶିଷ୍ଟ ଆଜ୍ଞାମାଳ ସହ ପୂଜାପଣ୍ଡା ସାମନ୍ତ ଚକ୍ରତୀର୍ଥ ଅଞ୍ଚଳରେ ବିଜେ କରିଥିବା 'ବେଢ଼ି ହନୁମାନଙ୍କ' ନିକଟକୁ ପଟୁଆରରେ ଯାଆନ୍ତି। ବେଢ଼ି ହନୁମାନ ଅଥବା ଦରିଆ ମହାବୀର ରୂପେ ପ୍ରସିଦ୍ଧି ଲାଭ କରିଥିବା ଏହି ମହାବୀର, ଶ୍ରୀଜଗନ୍ନାଥ ବଲ୍ଲଭ ମଠର ଉପାସନା ଧାରାରେ 'ନଳ' ରୂପେ ପରିଚିତ। ସେଠାରେ କାନ୍ତି ଶିରିପା ଲାଗି ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି ହୁଏ। ସେଠାରୁ ଉକ୍ତ ପଟୁଆର ପୁନଃ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ଆସେ। ଶ୍ରୀଜଗନ୍ନାଥ ବଲ୍ଲଭରେ ସେତେବେଳକୁ ଶ୍ରୀମନ୍ଦିରର ଭଣ୍ଡାର ମହାବୀର ପାଲିଙ୍କିରେ ଆସି ବିଜେ କରିଥାନ୍ତି। ମହାପ୍ରଭୁଙ୍କ ଆଜ୍ଞାମାଳ ପଟୁଆର ମଠକୁ ଫେରିବା ବେଳକୁ ଭଣ୍ଡାର ମହାବୀର ଅପେକ୍ଷା କରିଥାନ୍ତି। ପୂଜାପଣ୍ଡା ସେବକ ଭଣ୍ଡାର ମହାବୀରଙ୍କୁ ଏଠାରେ ମାଜଣା କରି କାନ୍ତିଶିରପା ଲାଗି କରିବା ପରେ ଭଣ୍ଡାର ମହାବୀର ଶ୍ରୀମନ୍ଦିରକୁ ଫେରିଥାନ୍ତି। ତେବେ ଅତୀତରେ ଶ୍ରୀକ୍ଷେତ୍ରରେ ଅଷ୍ଟ ମହାବୀରଙ୍କ ଉପାସନା ହେଉଥିବା ସୂଚନା ମିଳେ। ମାତ୍ର ଏବେ ୫ ମହାବୀରଙ୍କ ନିକଟକୁ ଆଜ୍ଞାମାଳ ଯାଉଥିବାବେଳେ ଅନ୍ୟ ୩ ମହାବୀର କିଏ ତାହା ଏବେ ଲୁକ୍କାୟିତ ହୋଇ ରହିଥିବା ମିଶ୍ର କହିଛନ୍ତି।

**ପୂର୍ବରୁ ହେଉଥିଲା ଅଷ୍ଟ ମହାବୀରଙ୍କ ଉପାସନା, ଏବେ ହେଉଛନ୍ତି ୫**



**୧୦୮ ହନୁମାନ ଚାଲିଶା ପାଠ**

**ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.):** ପୁରୁଣା ଭୁବନେଶ୍ୱରସ୍ଥିତ ଭୀମଟାଙ୍ଗୀ ଫେଜ-୨ ରେ ଅବସ୍ଥିତ ମା'ମଙ୍ଗଳାଙ୍କ ପୀଠରେ ଥିବା ପଞ୍ଚମୁଖୀ ହନୁମାନଙ୍କ ନିକଟରେ ମହାବିଷୁବ ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷ ଉପଲକ୍ଷେ ୧୦୮ ହନୁମାନ ଚାଲିଶା ପାଠ କରାଯାଇଥିଲା। ଏଥିରେ ପୂଜକ ବାବନ କୁମାର ପଣ୍ଡା, ୬୧ ନଂ.ୱାର୍ଡ କର୍ପୋରେଟର ଶିବନାରାୟଣ ରାୟ, ରମାକାନ୍ତ ଜେନା, ଲକ୍ଷ୍ମଣ କୁମାର ପଣ୍ଡା, ପ୍ରଦୀପ କୁମାର ପୃଷ୍ଟି, ଅଶୋକ ସାହୁ, ସ୍ନେହାଞ୍ଜଳି ସେଠୀ, ସ୍ୱାଗତିକା ରାଓ, ସ୍ମିତା ମହାନ୍ତି, କବିତା ପଟ୍ଟନାୟକ ପ୍ରମୁଖ ହନୁମାନ ଚାଲିଶା ପାଠ କରିଥିଲେ।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ, ହନୁମାନ ଜୟନ୍ତୀ

ଭୁବନେଶ୍ୱର, ୧୪।୪(ବ୍ୟୁରୋ)- ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ସ୍ଥାନୀୟ ରସୁଲଗଡ଼ ନୂଆସାହିସ୍ଥିତ ମା'ସନ୍ତୋଷୀ ଓ ହନୁମାନ ମନ୍ଦିରରେ ମହାସମାରୋହରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଓ ୧୦୮ ହନୁମାନ ଚାଲିଶା ପାଠ କରାଯାଇଥିଲା। ସନ୍ଧ୍ୟାରେ ୨୦୦ ଲିଟର କ୍ଷୀରରେ ପ୍ରସ୍ତୁତ ପଣା ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ଉକ୍ତ ପଣା ବାତ, ପିତ, କଫ ତ୍ରିଦୋଷନାଶକ ବୋଲି କେଉଁ ଆବହମାନ କାଳରୁ ଭକ୍ତମାନଙ୍କ ମନରେ ବିଶ୍ୱାସ ରହିଛି। ମନ୍ଦିରର ତତ୍ତ୍ୱାବଧାରକ ସୁବାସ ଚନ୍ଦ୍ର ରାଉତରାୟ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାରେ ଏହି ପର୍ବ ସମାପନ ହୋଇଛି।

### କାଇପଦରରେ ତୀର୍ଥଯାତ୍ରୀ ଆବାସିକସ୍ଥଳୀ ଲୋକାର୍ପିତ

ଖୋର୍ଦ୍ଧା ଅଫିସ,୧୪।୪
ଖୋର୍ଦ୍ଧା ଉପକଣ୍ଠ କାଇପଦରସ୍ଥିତ ବାବା ବୋଖାରୀ ପୀରବାବାଙ୍କ ପୀଠସ୍ଥଳୀରେ ନିର୍ମିତ ତୀର୍ଥଯାତ୍ରୀ ଆବାସିକସ୍ଥଳୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ ଭର୍ଚୁଆଲରେ ଲୋକାର୍ପଣ କରିଛନ୍ତି। କୋଟିଏ ଟଙ୍କା ବିନିମୟରେ ୧୧ କୋଠରି ବିଶିଷ୍ଟ ଏହି କୋଠା ନିର୍ମାଣ କରାଯାଇଛି। ଏନେଇ ପୀଠରେ ଆୟୋଜିତ ସଭାରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରାନ୍ଦ୍ର ନାଥ ମିତ୍ର ସଭାପତିତ୍ୱ କରିଥିଲେ। ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମିଜିବୁଲ୍ଲା ଖାଁ, ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ, ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ବୋଖାରୀ ବାବା ପୀଠ ପରିଚାଳନା କମିଟି ସଭାପତି ସନାଉଲ୍ଲା ଖାନ, ଏମ୍‌ଡି ନିଜାମୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ଏହି ରହଣିସ୍ଥଳ କୋଠା ରମଜାନ ମାସରେ ବିଶେଷ ଉପକାରୀ ହେବ ବୋଲି ଅତିଥିମାନେ କହିଥିଲେ।

# ଟ୍ରେନ୍‌ରୁ ଜବତ ବିସ୍ଫୋରକ ନଷ୍ଟକଲା ବମ୍ ସ୍କ୍ୱାଡ୍



**ବଡ଼ ତଦନ୍ତ ଦାବି**

- ଭୁବନେଶ୍ୱର ଷ୍ଟେଶନରେ କୋଣାର୍କ ଏକ୍ସପ୍ରେସ୍‌ରୁ ମିଳିଥିଲା
- ଚାଲାଣକାରୀଙ୍କ ସମ୍ପର୍କରେ ସୁରାକ ପାଉନି ଆର୍‌ପିଏଫ୍

ଭୁବନେଶ୍ୱର,୧୪।୪(ବ୍ୟୁରୋ)



କୁଆଖାଇ ନଦୀପଠାରେ ଜବତ ବିସ୍ଫୋରକକୁ ବିସ୍ଫୋରଣ କରାଯାଇ ନଷ୍ଟ କରାଯାଉଛି।

ଭୁବନେଶ୍ୱର ରେଳ ଷ୍ଟେଶନରେ ଅଟକିଥିବା କୋଣାର୍କ ଏକ୍ସପ୍ରେସ୍‌ରୁ ଜବତ ବିସ୍ଫୋରକକୁ ଶୁକ୍ରବାର ନଷ୍ଟ କରିଦିଆଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ପକ୍ଷରୁ କୁଆଖାଇ ନଦୀପଠାର ଏକ ସୁରକ୍ଷିତ ସ୍ଥାନରେ ଏହାକୁ ନିଷ୍କ୍ରିୟ କରାଯାଇଥିଲା। ତେବେ ଏହି ବିସ୍ଫୋରକ ସାମଗ୍ରୀ ସଂକ୍ରାନ୍ତରେ ବମ୍ ସ୍କ୍ୱାଡ୍ ପରବର୍ତ୍ତୀ ସମୟରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)କୁ ଏକ ରିପୋର୍ଟ ପ୍ରଦାନ କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ବିସ୍ଫୋରକ ସାମଗ୍ରୀକୁ କିଏ ଓ କେଉଁ ଉଦ୍ଦେଶ୍ୟରେ ଟ୍ରେନ୍‌ରେ ଆଣୁଥିଲେ ସେନେଇ ଆର୍‌ପିଏଫ୍ ଏପର୍ଯ୍ୟନ୍ତ ଜାଣିପାରିନାହିଁ। ଚାଲାଣ ନା ବିସ୍ଫୋରଣ ଉଦ୍ଦେଶ୍ୟରେ ରଖାଯାଇଥିଲା, ତାହା ବି ସ୍ପଷ୍ଟ କରିପାରୁନି। ତେବେ ଆର୍‌ପିଏଫ୍ ପକ୍ଷରୁ ଭୁବନେଶ୍ୱର ଷ୍ଟେଶନ ସମେତ ଟ୍ରେନ୍ ଆସିଥିବା ଅନ୍ୟାନ୍ୟ ଷ୍ଟେଶନର ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଥିବା ସୂଚନା ଦିଆଯାଇଛି। କିନ୍ତୁ ଶୁକ୍ରବାର ସୁଦ୍ଧା ଘଟଣାକୁ ୩୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିସ୍ଫୋରକ ରଖିଥିବା ସମ୍ପୃକ୍ତ ଅଭିଯୁକ୍ତ ଧରା ନ ପଡ଼ିବାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ବିସ୍ଫୋରକ ନଷ୍ଟ କରାଯାଉଥିବା ସମୟର ଦୃଶ୍ୟ ଦେଖିଲେ, ଟ୍ରେନ୍‌ରେ ଯଦି ସେଭଳି ବିସ୍ଫୋରଣ ହୋଇଥାନ୍ତା, ତାହା ହେଲେ ବଡ଼ଧରଣର ଧନଜୀବନ ହାନି ଘଟିଥାନ୍ତା। ତେଣୁ ଏଭଳି ସମ୍ବେଦନଶୀଳ ଘଟଣାରେ ବଡ଼ ତଦନ୍ତର ଆବଶ୍ୟକତା ରହିଥିବା ଦାବି ହେଉଛି। ସୂଚନା ଅନୁଯାୟୀ, କୋଣାର୍କ ଏକ୍ସପ୍ରେସ୍ ବୁଧବାର ମୁମ୍ବାଇରୁ ଆସି ରାତି ପ୍ରାୟ ୧୧ଟା ୩୦ରେ ଭୁବନେଶ୍ୱର ରେଳ ଷ୍ଟେଶନର ୨.ନଂ ପ୍ଲାଟଫର୍ମରେ ଲାଗିଥିଲା। ରାତି ପ୍ରାୟ ୩ଟାବେଳେ ସଫେଇ କର୍ମଚାରୀମାନେ ଟ୍ରେନ୍ ସଫା କରୁଥିବାବେଳେ ସାଧାରଣ ବଗିରୁ ଶବ୍ଦ ଶୁଣିବାକୁ ପାଇଥିଲେ। କର୍ମଚାରୀମାନେ ସେଠାକୁ ଯିବା ପରେ ଉକ୍ତ ବଗିରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇ ଆର୍‌ପିଏଫ୍‌କୁ ଜଣାଇଥିଲେ। ଆର୍‌ପିଏଫ୍ ଅଧିକାରୀମାନେ ସେଠାକୁ ଯାଇ ତଦନ୍ତ କରିଥିଲେ। ପରେ ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ପରେ ଏଗୁଡ଼ିକ ଦହନଶୀଳ ସାମଗ୍ରୀ ବୋଲି କୁହାଯାଇଥିଲା। ତେବେ ଅଧିକ ଯାଞ୍ଚ ପାଇଁ ବମ୍ ସ୍କ୍ୱାଡ୍‌କୁ ଖବର ଦିଆଯାଇଥିଲା। ଜବତ ସାମଗ୍ରୀରେ ୮ଟି ରେଡ୍ ପାରାସ୍ୟୁଟ ସିଗ୍ନାଲ, ୧୫ଟି ରକେଟ ପାରାସ୍ୟୁଟ ଫ୍ଲାର୍ସ ଏବଂ ଗୋଟିଏ ପାଥ୍ ଫାଇଣ୍ଡର ଶର୍ଟ ରହିଥିବା ବେଳେ ଏଗୁଡ଼ିକ ଦୂର ସମୁଦ୍ରରେ ଥିବା ଜାହାଜର ସିଗ୍ନାଲ ଦେବା ପାଇଁ ବ୍ୟବହାର କରାଯାଏ ବୋଲି ଆର୍‌ପିଏଫ୍ ପକ୍ଷରୁ କୁହାଯାଇଥିଲା। ଆର୍‌ପିଏଫ୍ ଏନେଇ ଏକ ମାମଲା (ନଂ. ସିଆସି/୩୭୭/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତମାନେ ଚିହ୍ନଟ ନ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ଓଡ଼ିଆଙ୍କର ନୂଆବର୍ଷ ବିଷୁବ ସଂକ୍ରାନ୍ତି ଅବସରରେ ଏକାମ୍ର ହାଟରେ ଚାଲିଥିବା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ପଣାର ମହକ ମଧ୍ୟରେ ଓଡ଼ିଆଣୀମାନେ ପାରମ୍ପରିକ ବେଶ ପୋଷାକ ପରିଧାନ କରି ସଜ୍ଜିତ ହୋଇଥିଲେ ଏବଂ ଓଡ଼ିଆ ପରମ୍ପରା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଉଥିଲେ। ସେହିଭଳି ପ୍ରଥମଥର ପାଇଁ ଆୟୋଜିତ ଦଳଗତ ଆଲୋଚନା ପ୍ରତିଯୋଗିତାରେ ଓଡ଼ିଆଣୀମାନେ ଅଂଶଗ୍ରହଣ କରି ମଞ୍ଚରେ ନିଜ ଯୁକ୍ତି ବାଢୁଥିଲେ। ଓଡ଼ିଆଣୀମାନଙ୍କ ବେଶଭୂଷାର ଦକ୍ଷତାର ବିଚାର କରୁଥିଲେ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢୀ, ଅମ୍ବୁଜ ଶତପଥୀ ଓ ପ୍ରଫେସର ଡ.ସନ୍ତୋଷ ତ୍ରିପାଠୀ। ସନ୍ଧ୍ୟାରେ ଅତିଥି ଭାବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାହିତ୍ୟିକ ଓ ବକ୍ତା ଦାଶ ବେନ୍‌ହୁର, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ସଂଗଠିକା ଡ.ରୋଜାଲିନୀ ପାଇକଶାଣୀ, ଦିନଲିପିର ସମ୍ପାଦିକା ଅନ୍ନପୂର୍ଣ୍ଣା ଦାଶ ଏବଂ ୨୦୨୨ ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ନୂଆବର୍ଷ ଅବସରରେ ଏକାମ୍ର ହାଟରେ ''ସଂଭାବନା ସମ୍ପର୍କ କେନ୍ଦ୍ର'' ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଏହାର ସଂଯୋଜିକା ଭାବେ ସଙ୍ଗୀତା ପଟ୍ଟନାୟକ ରହିଛନ୍ତି। ସଂଭାବନାର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମ୍ପାଦକ ଦେବ ପ୍ରସାଦ ପରିଜାଙ୍କ ପ୍ରାରମ୍ଭିକ ସୂଚନା ଦେଇଥିଲେ। ତ୍ରିଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟେକ୍ଷ ପରିଚାଳନା କରିଥିଲେ। ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଫଳାଫଳ ଘୋଷଣା ଓ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଏପ୍ରିଲ ୨୭ରେ ସୂଚନା ଭବନରେ ଅନୁଷ୍ଠିତ ହେବ।

## ଭ୍ୟୁ ସୋନିକ୍ ପକ୍ଷରୁ ଏଲ୍‌ଇଡି ପାର୍ଟନର ମିଟ୍

ଭୁବନେଶ୍ୱର,୧୪।୪(ବ୍ୟୁରୋ)




ଏଲ୍‌ଇଡି ପାର୍ଟନର ମିଟ୍‌ରେ ଭ୍ୟୁ ସୋନିକ୍ ଟେକ୍ନୋଲୋଜି ଇଣ୍ଡିଆର ଆସୋସିଏଟ୍ ବିଜ୍‌ନେସ ନିର୍ଦ୍ଦେଶକ ଓମ୍ ପ୍ରକାଶ ଦୁବେ ଓ ଅନ୍ୟମାନେ।

ଭ୍ୟୁ ସୋନିକ୍ ଟେକ୍ନୋଲୋଜି ଇଣ୍ଡିଆର ଏଭି ଡିଭିଜନ ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଇଭେଣ୍ଟ ଏଲ୍‌ଇଡି ପାର୍ଟନର ମିଟ୍ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟ୍ ବିଜ୍‌ନେସ ମେସିନ ଏବଂ ବୋଷ ଆକୋଷ୍ଟିକ୍ସର ଆଞ୍ଚଳିକ ବିତରକଙ୍କ ସମେତ ସହରରୁ ୬୦ରୁ ଅଧିକ ଅଂଶୀଦାର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆସୋସିଏଟ୍ ବିଜ୍‌ନେସ ନିର୍ଦ୍ଦେଶକ ଓମ୍ ପ୍ରକାଶ ଦୁବେ ସ୍ୱାଗତ ଜଣାଇଥିଲେ। ମାର୍କେଟିଂ ସ୍ପେଶାଲିଷ୍ଟ ସ୍ନେହା ସାଲୋନି, ଆଞ୍ଚଳିକ ବିକ୍ରୟ ପରିଚାଳକ ଇନ୍ଦ୍ରୋନିଲ ନିୟୋଗି ଏବଂ କ୍ଷେତ୍ର ବିକ୍ରୟ ପରିଚାଳକ ସତ୍ୟବ୍ରତ ପ୍ରମୁଖ ଉପସ୍ଥିତ ଥିଲେ। ଓମ୍ ପ୍ରକାଶ ଦୁବେ ନିକଟରେ ବଜାର ପ୍ରବେଶ ହୋଇଥିବା ତଥା ଆଗାମୀ ଦିନରେ ଆସିବାକୁ ଥିବା ଭ୍ୟୁ ସୋନିକ୍ ପ୍ରୋଜେକ୍ଟର ସମ୍ପର୍କରେ କହିଥିଲେ। ଏଥିସହ ଭ୍ୟୁ ସୋନିକ ଏଲ୍‌ଇଡି ପ୍ରୋଜେକ୍ଟରଗୁଡ଼ିକ କାହିଁକି ସର୍ବୋତ୍ତମ ତାହା ଉପରେ ସେ ସୂଚନା ଦେଇଥିଲେ। ସ୍ନେହା ସାଲୋନି ମଧ୍ୟ ଆରମ୍ଭ ହୋଇଥିବା ନୂଆ ଉତ୍ପାଦଗୁଡ଼ିକ ଉପରେ ମତ ରଖିଥିଲେ। ଏଭି ବଜାରର ଭବିଷ୍ୟତ ବିଷୟରେ ସେ କହିଲେ, ଲ୍ୟାମ୍ପ ପ୍ରୋଜେକ୍ଟର୍ ଉପରେ ଏଲଇଡି ପ୍ରୋଜେକ୍ଟର ପ୍ରାଧାନ୍ୟ ରହିବ। ଅଂଶୀଦାରମାନେ ଏହାର ପାର୍ଥକ୍ୟ ଦେଖିପାରିବେ ଏବଂ ଅନୁଭବ କରିପାରିବେ। ଲଗାତର ୩ବର୍ଷ ଧରି ଇଣ୍ଟରାକ୍ଟିଭ ଡିସ୍‌ପ୍ଲେ ମାର୍କେଟରେ ଭ୍ୟୁ ସୋନିକ ଭାରତରେ ନମ୍ବର ୧ ବ୍ରାଣ୍ଡ ହୋଇ ରହିଥିବା ସେ କହିଛନ୍ତି।

# ଆନନ୍ଦ, ଉଲ୍ଲାସରେ ପାଳନ ହେଲା ଓଡ଼ିଆ ନବବର୍ଷ

## ଠାକୁର ଦର୍ଶନ ସହ ପଣା ପିଇ ସ୍ମରଣୀୟ କଲେ ରାଜଧାନୀବାସୀ

ଓଡ଼ିଆ ନବବର୍ଷ ସହ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଶୁକ୍ରବାର ଧୁମ୍‌ଧାମ୍‌ରେ ସବୁଠି ପାଳନ କରାଯାଇଛି। ରାଜଧାନୀଓଡ଼ିଆ ଜାତିର ଅସ୍ମିତା ବହନ କରୁଥିବା ଏହି ଦିନକୁ ରାଜଧାନୀବାସୀ ଆନନ୍ଦ, ଉଲ୍ଲାସରେ କାଟିଛନ୍ତି। ସକାଳୁ ମନ୍ଦିର ଯାଇ ଠାକୁର ଦର୍ଶନ କରିଥିଲେ। ନବବର୍ଷର ଶୁଭେଚ୍ଛା ଜଣାଇ ପଣା ପିଇବା ସହ ଅନ୍ୟମାନଙ୍କୁ ବାଣ୍ଟି ଦିନଟିକୁ ଅଧିକ ସ୍ମରଣୀୟ କରିଥିଲେ ସହରବାସୀ। ନୂଆବର୍ଷ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣା ବଣ୍ଟନ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



କଟକ ରୋଡ୍‌ରେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ପକ୍ଷରୁ ପଣା ବଣ୍ଟନ କରାଯାଉଛି।



ବାପୁଜୀନଗର କେଦାରପଲ୍ଲୀଠାରେ ଅନୁଷ୍ଠିତ ଝାମୁଯାତ୍ରା।

## ନମାମି ମନ୍ଦାକିନୀ ପକ୍ଷରୁ ନବବର୍ଷ ମହୋତ୍ସବ



ରବୀନ୍ଦ୍ର ମଣ୍ଡପଠାରେ ନମାମୀ ମନ୍ଦାକିନୀ ଅନୁଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ନବବର୍ଷ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥିଭାବେ ବାଗ୍ମୀ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀ, ସ୍ତମ୍ଭକାର ଦାଶବେନହୁର, କୈଳାସ ଟିକ୍କାୟତରାୟ, ଡ. ସଂଘମିତ୍ରା ପତି ପ୍ରମୁଖ ଯୋଗଦେଇ ଉତ୍କଳର କଳା, ସଂସ୍କୃତି, ଭାଷା ଓ ପରମ୍ପରା ମହାନ୍ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭାଷା ,ସାହିତ୍ୟ ପ୍ରତି ଅବଦାନ ଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ୪୨ ଚିତ୍ରଶିଳ୍ପୀଙ୍କ କଳାକୃତି ପ୍ରଦର୍ଶନ

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ଭୁବନେଶ୍ୱରସ୍ଥିତ ପାନ୍ଥନିବାସରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ପାଳିତ ହୋଇଥିଲା। ଉତ୍ସବକୁ ଓଟିଡିସି ଅଧକ୍ଷ ଡ. ଲେନିନ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। ଆଇଏଚ୍‌ଏମ୍ ଅଧକ୍ଷ ଶାରଦା ଘୋଷ ଓ ସ୍ୱର୍ଣ୍ଣ ଏଜୁକେଶନାଲ ଟ୍ରଷ୍ଟର ପ୍ରତିଷ୍ଠାତା ଜିତୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଟକର ୪୨ଜଣ ଚିତ୍ରଶିଳ୍ପୀଙ୍କ ଦ୍ୱାରା ସ୍ୱତନ୍ତ୍ର କଳାକୃତି ପ୍ରଦର୍ଶିତ ହେବା ସହ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା। ପର୍ଯ୍ୟଟନ ବିଭାଗ ଯୁଗ୍ମ ଶାସନ ସଚିବ ରାଜକିଶୋର ପଲେଇ, ପର୍ଯ୍ୟଟନ ବିଭାଗ ଓଏସ୍‌ଡି ଅଂଶୁମାନ ରଥ, ଡେପୁଟି ମ୍ୟାନେଜର ଅଭିଜିତ ସ୍ୱାଇଁ, ପ୍ରଶାନ୍ତ ପଣ୍ଡା ଏବଂ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।







ୟୁନିଟ୍-୩ସ୍ଥିତ ସାଇ ଜନନୀ ହଲ୍‌ରେ ସାଇ ୟୁଥ୍‌ସ ଅଫ୍ ଭୁବନେଶ୍ୱର ପକ୍ଷରୁ ୧୦୮ ହନୁମାନ ଚାଲିଶା ପାଠ କରାଯାଉଛି।



ହନୁମାନ ଜୟନ୍ତୀ ପାଳନ ଅବସରରେ ୟୁନିଟ୍-୧ସ୍ଥିତ ୧୦୮ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନୂଆବର୍ଷ ଅପାର ଖୁସି ଓ ଉତ୍ତମ ସ୍ୱାସ୍ଥ୍ୟ ନେଇ ଆସିବା ସହ ସମସ୍ତ ଇଚ୍ଛା ପୂରଣ ହେଉ ବୋଲି ସେ ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟୁଇଟ ମାଧ୍ୟମରେ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, ପବିତ୍ର ପଣା ସଂକ୍ରାନ୍ତି ଓଡ଼ିଶାର ପୁରପଲ୍ଲୀରେ ହର୍ଷୋଲ୍ଲାସରେ ପାଳିତ ହେଉଛି। ପଣାପାଣିର ଆସର ସାଙ୍ଗକୁ ବିଭିନ୍ନ ସାରସ୍ୱତ ସଭାସମିତି ମଧ୍ୟ ଆୟୋଜିତ ହେଉଛି। ଏହି ଓଡ଼ିଆ ନବବର୍ଷ ଓଡ଼ିଶାର ପ୍ରିୟ ଭଉଣୀଭାଇଙ୍କ ପାଇଁ ସୁଖସମୃଦ୍ଧି ଭରିଦେଉ। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ମାଧ୍ୟମରେ ବାର୍ତ୍ତା ଦେବା ସହ ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ନୂଆ ସୁଯୋଗ ଓ ସମ୍ଭାବନା ନେଇ ଆସୁ ବୋଲି ସେ ଟୁଇଟରେ ଲେଖିଛନ୍ତି।

## ଦୁର୍ଗାଦେବୀଙ୍କ ପୀଠରେ ଝାମୁଯାତ୍ରା

ଟିଗିରିଆ (ଡି.ଏନ.ଏ.): ଟିଗିରିଆ ବ୍ଳକର ଆରାଧ୍ୟା ଶକ୍ତି ପୀଠ ମହାନଦୀ କୂଳରେ ମା' ଦୁର୍ଗାଦେବୀଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା ପବିତ୍ର ପଣା ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ପୀଠରେ ଠାକୁରାଣୀଙ୍କ ସ୍ୱତନ୍ତ୍ର ପୂଜା ସେବା ହେବାପରେ ମଧ୍ୟାହ୍ନରେ ଝାମୁ ଯାତ୍ରା ଆୟୋଜନ କରାଯାଇଥିଲା। ୨ ଝାମୁରେ ସାମପୁର ଗ୍ରାମର ରମେଶ ବେହେରା ୧୬୦ ହାତ ଏବଂ ହାଟମାଳର ସୁର ଦାସ ୭ ହାତ ନିଆଁ ରଡ଼ରେ ଚାଲିଥିଲେ। ପୀଠ ମୁଖ୍ୟସେବିକା ବ୍ରହ୍ମଚାରିଣୀ ବ୍ରହ୍ମପ୍ରିୟା ଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବାୟତ ଶଶୀଭୂଷଣ ମହାପାତ୍ର, ଶ୍ରୀନିବାସ ମହାପାତ୍ର, କାଳେସୀ ପ୍ରକାଶ ରଣା, ସେବାୟତ ବୃନ୍ଦାବନ ରଣା, ଅଜୟ ରଣା, ପ୍ରତାପ ରଣା ପ୍ରମୁଖ ଯୋଗଦେଇ ପାରମ୍ପରିକ ପୂଜା ନୀତି ସଂପାଦନ କରିଥିଲେ। ଗ୍ରାମ ସଭାପତି ମାୟାଧର ପତି, ବ୍ରଜବନ୍ଧୁ ପଣ୍ଡା, ପ୍ରତାପ ପତି ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବୀମା ଜାଲିଆତି ଅଭିଯୋଗରେ ଯୁବକ ଗିରଫ

ଚୌଦ୍ୱାର,୧୪।୪(ଡି.ଏନ୍.ଏ.): ବୀମା ଜାଲିଆତି କରି ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ୪୨ ମୌଜା ବ୍ରହ୍ମପୁର ଗ୍ରାମର ବିପ୍ଳବ ପରିଡ଼ା। ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ, ଏକ ସ୍ୱାଇପ୍ ମେଶିନ୍, ଗୋଟିଏ ଲାପ୍‌ଟପ୍ ସହିତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଚୌଦ୍ୱାରସ୍ଥିତ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସର ଶାଖା ପରିଚାଳକ ଲୋକନାଥ ରାଉତ ଚୌଦ୍ୱାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, କଟକ ଜିଲା ୪୨ ମୌଜା ଅଞ୍ଚଳରେ ବିପ୍ଳବ ଜନସେବା କେନ୍ଦ୍ର ଖୋଲିଥିଲେ। ସେ ଇ-ପୋର୍ଟାଲର ଅପବ୍ୟବହାର କରି ଲୋକମାନଙ୍କ ଗାଡ଼ିର ତୃତୀୟପକ୍ଷ ବୀମା କାର୍ଯ୍ୟ କରୁଥିଲେ। ବାରଙ୍ଗ ଥାନା ଅଧୀନ ବ୍ରାହ୍ମଣ ଗାଁର ପୀତବାସ ଦାସ ତାଙ୍କ ଗାଡ଼ିର ବୀମା ନବୀକରଣ କରିବାବେଳେ ଜାଲିଆତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଚୌଦ୍ୱାରସ୍ଥିତ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ସହିତ ଯୋଗାଯୋଗ କରିବାରୁ ସେ ଦେଇଥିବା ବୀମାରାଶି ପରିମାଣଠାରୁ ବହୁ କମ୍ ଅର୍ଥ ପଇଠ କରାଯାଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଆସ୍ୟୁରାନ୍ସ ପକ୍ଷରୁ ଯାଞ୍ଚ କରାଯିବାରୁ ବିପ୍ଳବ ଜାଲିଆତି କରି ମୋଟ ୧୭୦ ଜଣଙ୍କର ଗାଡ଼ି ପଲିସି ବାବଦକୁ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଜଣାପଡ଼ିଥିଲା। ବିପ୍ଳବ କଟକ ଆର୍‌ଟିଓ ଅଫିସ୍‌ର ବିଭିନ୍ନ କାର୍ଯ୍ୟରେ ସମ୍ପୃକ୍ତ ରହି ଲୋକଙ୍କ କାର୍ଯ୍ୟ କରାଇଦେବା ନାମରେ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୦/୨୩) ରୁଜୁ ହୋଇଛି।

### ଦୋକାନ ଭାଙ୍ଗି ସିରିଜ ଚୋରି

କଣ୍ଟାପଡ଼ା,୧୪।୪ (ଡି.ଏନ୍.ଏ.): ଓଲଟପୁର ଥାନା ନିକଟସ୍ଥ କଣ୍ଟାପଡ଼ା ବଜାରରୁ ବୁଧବାର ରାତିରେ ୭ଟି ଦୋକାନର ତାଲାଭାଙ୍ଗି ସିରଜ ଚୋରି ହୋଇଛି। ତେବେ ଏ ସମ୍ପର୍କରେ ଓଲଟପୁର ଥାନାରେ ୩ଟି ଅଭିଯୋଗ ହୋଇଛି। ଖବର ଅନୁଯାୟୀ, ବୁଧବାର ରାତିରେ ଦୋକାନୀମାନେ ନିର୍ଦ୍ଦିଷ୍ଟ ସମୟରେ ଦୋକାନ ବନ୍ଦକରି ଘରକୁ ଚାଲି ଯାଇଥିଲେ। ସକାଳୁ ସେମାନେ ଦୋକାନ ଖୋଲିବାକୁ ଆସିବା ବେଳେ ତାଲାଭାଙ୍ଗି ଦୋକାନରୁ ଚୋରି ହୋଇଥିବା ଦେଖିଥିଲେ। ବଜାରରେ ଥିବା ସର୍ବେଶ୍ୱର ମୁଦୁଲିଙ୍କ ଇଲେକ୍ଟ୍ରିକାଲ ଦୋକାନରୁ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ତାର ଓ ନଗଦ ୭୦୦୦ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିବାବେଳେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଗ୍ରୋସରୀ ସାମଗ୍ରୀ, ସୁଧାକର ବାରିକଙ୍କ ଭେରାଇଟି ଷ୍ଟୋରରୁ ବିଭିନ୍ନ ସାମଗ୍ରୀ, ଏବଂ ଉପେନ୍ଦ୍ର ସାହୁ, କାଳନ୍ଦୀ ମୁଦୁଲି ଓ ଉମ୍ବରୁଧର ସ୍ୱାଇଁଙ୍କ ପାନଦୋକାନ ତାଲାଭାଙ୍ଗି ଚୋରି ହୋଇଥିବା ଜଣାପଡିଛି। ତେବେ ଥାନାଠାରୁ ମାତ୍ର ୧୦୦ ମିଟର ବ୍ୟବଧାନରେ ଥିବା ଏହି ଦୋକନଗୁଡିକରୁ ଚୋରି ହେବା ଘଟଣାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଦନ୍ତକାରୀ ଅଧିକାରୀ ରାଜକିଶୋର ସେଠୀ କୁହନ୍ତି ଅଭିଯୋଗ ଅନୁଯାୟୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରାଯାଉଛି। ଖବର ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

### ଗଣେଶଙ୍କ ବିଗ୍ରହ ସ୍ଥାପନ

ମାହାଙ୍ଗା,୧୪।୪(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ଗଣେଶଙ୍କ ବିଗ୍ରହ ସ୍ଥାପନ କରାଯାଇଛି। ଏଥିରେ ପୁରାତନ ଛାତ୍ର ଜ୍ଞାନେନ୍ଦ୍ର କୁମାର ବିଶ୍ୱାଳ ମୁଖ୍ୟ ସହଯୋଗୀ ଥିବାବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ମୋ ସ୍କୁଲ ପରିଚାଳନା କମିଟି ସଦସ୍ୟ ଦଉହରି ସାହୁ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିକ୍ରମ ମହାନ୍ତି, ସୁରେନ୍ଦ୍ର ସାହୁ, ସାମାଜିକକର୍ମୀ ରଞ୍ଜନ ରାଉତ, ରାଜକିଶୋର ସାହୁ, ହଳଧର ଦାସ ଓ ସୁରେନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।

### ଥାନା ପକ୍ଷରୁ ଖୋଲିଲା ଜଳଛତ୍ର

ମଙ୍ଗୁଳି-ଜଗତପୁର, ୧୪।୪ (ଡି.ଏନ୍.ଏ.): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରଖି ପଥିକ ଓ ସ୍ଥାନୀୟ ବ୍ୟବସାୟୀ ଏବଂ ଥାନାକୁ ଅଭିଯୋଗ ନେଇ ଆସୁଥିବା ଜନସାଧାରଣଙ୍କ ଶୋଷ ମେଣ୍ଟାଇବା ପାଇଁ ଜଗତପୁର ଥାନା ପକ୍ଷରୁ ଗୁରୁବାର ଏକ ଜଳଛତ୍ର ଖୋଲାଯାଇଛି। ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଗ୍ରୀଷ୍ମ ପ୍ରବାହ ଶେଷ ପ୍ରଯ୍ୟନ୍ତ ଏଠାରେ ସମସ୍ତଙ୍କୁ ଦହି ପାଣି, ଥଣ୍ଡା ପାଣି ଯୋଗାଇ ଦିଆଯିବ ବୋଲି ଥାନା ଅଧିକାରୀ ମେହେର କହିଛନ୍ତି। ଉଦ୍‌ଘାଟନ ସମୟରେ ସବଇନ୍‌ସ୍ପେକ୍ଟର ଦିଲୀପ ମହାନ୍ତି, ଏସ୍.ରାଉତ, ପ୍ରିୟା ସାହୁ, ସୁମିତ ଷଡ଼ଙ୍ଗୀ, ଅଶୋକ ପାତ୍ର ଉପସ୍ଥିତ ଥିଲେ।

# ହଷ୍ଟେଲରେ ନିମ୍ନମାନର ଖାଦ୍ୟ, ଧାରଣାରେ ବସିଲେ ଛାତ୍ର

## ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ

■ ନୂଆ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି

କଟକ ଅଫିସ,୧୪।୪

ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ (ବୋସ)ର ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଯୋଗାଣକୁ ନେଇ ଛାତ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ନିମ୍ନମାନର ଖାଦ୍ୟ ଯୋଗାଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାକୁ ବାହାର କରି ନୂତନ ସଂସ୍ଥାକୁ ଦାୟିତ୍ୱ ଦେବାକୁ ଦାବିକରି ହଷ୍ଟେଲ ସମ୍ମୁଖରେ ଛାତ୍ରମାନେ ଧାରଣାରେ ବସିଥିଲେ। ପରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସଂଗ୍ରାମ ମହାନ୍ତି ପହଞ୍ଚି ଛାତ୍ରମାନଙ୍କ ସହିତ ଆଲୋଚନା କରିବା ସହ ପୁଣିଥରେ ଟେଣ୍ଡର ଡକାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ମିଳିଥିବା ସୂଚନା ମୁତାବକ, ବୋସରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରମାନଙ୍କ ନିମନ୍ତେ ହଷ୍ଟେଲରେ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଏହାକୁ ପରିଚାଳନା କରିବା ପାଇଁ ଟେଣ୍ଡର ମାଧ୍ୟମରେ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ କିଛି ହଷ୍ଟେଲର ନବୀକରଣ କାର୍ଯ୍ୟ ଚାଲିଥିବାରୁ ଗୋଟିଏ ସ୍ଥାନରେ ସବୁ ବର୍ଷର ଅନ୍ତେବାସୀ ଖାଦ୍ୟ ଖାଉଛନ୍ତି। ହଷ୍ଟେଲରେ ରହୁଥିବା ୧୬୩ ଜଣ ଛାତ୍ରଙ୍କ ନିମନ୍ତେ ଗୁରୁବାର ରାତିରେ ଭୋଜନ ପ୍ରସ୍ତୁତ ହୋଇଥିଲା। ସୋୟାବିନ ତରକାରୀ ନିମ୍ନମାନର ହୋଇଥିବାବେଳେ ଏହାକୁ ଅଧିକ ରାଗଯୁକ୍ତ କରାଯାଇଥିଲା। ଏ ନେଇ ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରି ଧରଣାରେ ବସିଥିଲେ। ଖବରପାଇ ମଙ୍ଗଳାବାଗ ପୋଲିସ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ମହାନ୍ତି ଓ ଅଧ୍ୟାପକ ଶିଶିର ସାହୁ ପହଞ୍ଚି ଧାରଣାରତ ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରୀକ୍ଷା ଚାଲୁଥିବାରୁ ଖାଦ୍ୟ ଯୋଗାଣ ବନ୍ଦ ହୋଇଗଲେ ଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ତେଣୁ ପରୀକ୍ଷା ଶେଷ ହେବା ପରେ ଟେଣ୍ଡର ମାଧ୍ୟମରେ ନୂଆ ସଂସ୍ଥାକୁ ଦାୟିତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।


ଜେମାଦେଈପୁରଠାରେ ମାନସିକଧାରୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।


କଟକ ଶହୀଦ ଭବନରେ ବୀଣାପାଣି ମହାନ୍ତିଙ୍କ ସ୍ମୃତିସନ୍ଧ୍ୟାରେ ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ କଥା ସାହିତ୍ୟର ସୃଜନ ବିଦ୍ଧାଣି ବୀଣାପାଣି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଅଜଣାମଠରେ ମହାବିଷୁବ ସଂକ୍ରାନ୍ତି ଉତ୍ସବ

ମାହାଙ୍ଗା,୧୪।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତାଙ୍ଗ ସ୍ଥିତ ପୁରାଣ ପ୍ରସିଦ୍ଧ ଅଜାଣମଠ ପରିସରରେ ମହାବିଷୁବ ପଣା ସଂକ୍ରାନ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ହନୁମାନ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗନେଇ ମାନସିକ ପୂରଣ ପାଇଁ ପୂଜାର୍ଚ୍ଚନା କରିଥିଲେ । ବରିଷ୍ଠ ପଣ୍ଡିତ ଉତ୍କଳମଣୀ ଦାସ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଭାସ୍କର ଲେଙ୍କା, ବିଜୟ କୁମାର ମଲିକ, ଦାମୋଦର ଦାସ, କ୍ଷେତ୍ରବାସୀ ଆଚାର୍ଯ୍ୟ ଓ ଅନନ୍ତ ମଲିକ ଗୀତାପାଠ କରିଥିଲେ । ଏଥିସହ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି ଅବସରରେ ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ଏଏସ୍‌ଆଇ ଭୀଷ୍ମ ପ୍ରଧାନ, ଖବରଦାତା ଅଶୋକ ଦାଶ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ସ୍ୱାଇଁ, ଖବରଦାତା ରମେଶ ଚନ୍ଦ୍ର ସାହୁ ଓ ଆର୍ତ୍ତତ୍ରାଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ମହାବିଷୁବ ସଂକ୍ରାନ୍ତି ସମ୍ପର୍କରେ ଆଲୋଚନା କରିଥିଲେ । ଉତ୍ସବରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାହାଙ୍ଗା ଆଇଆଇସି ବିଜୟ କୁମାର ମଲିକ ଓ ଖବରଦାତା ଅଶୋକ କୁମାର ଦାଶଙ୍କୁ ପୁଷ୍ପଗୁଚ୍ଛ,ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କୃଷ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକକର୍ମୀ ଶିବଚରଣ ଜେନା, ଭରତ ରାଉତ, ସୁବାଷ ବାରିକ, ସୁକାନ୍ତ ଦଳେଇ, ମହେନ୍ଦ୍ର ସାମଲ, ମନୋରଞ୍ଜନ ଜେନା, ପୁରୁଷୋତ୍ତମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପାଟଣା, ଜେମାଦେଈପୁରରେ ଖଣ୍ଡାପାଟ ଯାତ୍ରା

ଟିଗିରିଆ,୧୪।୪(ଡି.ଏନ.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ହସ୍ତତନ୍ତ ଗ୍ରାମ ଜେମାଦେଈପୁର ଓ ନୂଆପାଟଣାଠାରେ ଶୁକ୍ରବାର ମହାବିଷୁବ ସଂକ୍ରାନ୍ତି ଅବସରରେ ଖଣ୍ଡାପାଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାତ୍ର ୧ ଘଣ୍ଟାର ଯାତ୍ରାରେ ହଜାରହଜାର ମହିଳା ପୁରୁଷ ଯୋଗଦେଇ ଯାତ୍ରାକୁ ଉପଭୋଗ କରିଥିଲେ। ଅପରାହ୍ନ ୫ଟା ପରେ ଜେମାଦେଈପୁରର ମାନସିକଧାରୀ ଉଦ୍ଧବ ନାହା ନିକଟସ୍ଥ ଭଇଁଚ ପୋଖରୀଠାରୁ ସୁସଜିତ ବିମାନର ଖଣ୍ଡାରେ ଠିଆ ହୋଇ ପଟୁଆରରେ ଗାଁ ପରିକ୍ରମା କରି କାଳେସି ପ୍ରକାଶ ପାତ୍ରଙ୍କ ସହିତ ନୂଆପାଟଣା ରାମେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସେହିପରି ନୂଆପାଟଣାର ମାନସିକଧାରୀ ଶ୍ରୀବତ୍ସ ଭଞ୍ଜ ନୂଆପାଟଣା ପୁରୁଣାପୋଖରୀରୁ ବିମନରେ ସଜିତ ଖଣ୍ଡାରେ ଠିଆ ହୋଇ ନୂଆପାଟଣା ରାମେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ଶତାଧିକ ଲୋକଙ୍କ ଗହଣରେ ଆସିଥିଲେ। ତାଙ୍କ ସାଥିରେ କାଳେସି ସୁଶାନ୍ତ ଦାସ ନୂଆପାଟଣା ଗ୍ରାମ ପରିକ୍ରମା କରିଥିଲେ। ଶୃଙ୍ଖଳା ରକ୍ଷା ପାଇଁ ଟିଗିରିଆ ପୋଲିସ ତରଫରୁ ସବୁ ବ୍ୟବସ୍ଥା କରାଯାଇଥିଲା। ଉଭୟ ଗ୍ରାମ୍ୟ କମିଟି ସହଯୋଗ କରିଥିଲେ।

## ବଜରଙ୍ଗ ଦଳର ବାଇକ ଶୋଭାଯାତ୍ରା


ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିବା ବଜରଙ୍ଗ ଦଳର କର୍ମୀମାନେ।

ଟିଗିରିଆ,୧୪।୪ ( ଡି.ଏନ.ଏ .)

ଟିଗିରିଆ ବ୍ଲକ ବଜରଙ୍ଗ ଦଳ ପକ୍ଷରୁ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଶୁକ୍ରବାର ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୈଳାସ ବର୍ଦ୍ଧନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶୋଭାଯାତ୍ରା ନୂଆପାଟଣା ଗୋପୀନାଥ ମନ୍ଦିରଠାରୁ ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ନୂଆପାଟଣା ବଜାର, ବିନ୍ଧାଣିମା ଗ୍ରାମ, ଗୋପୀନାଥପୁର ଶାସନ, ନିଜିଗଡ଼, ପୁରୁଣା ଟିଗିରିଆ, ଏବଂ ପାଞ୍ଚଗାଁ ପରିକ୍ରମା କରି ହାଟ ପଡ଼ିଆ ଠାରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦର ପୂର୍ଣ୍ଣକାଳୀନ କର୍ମକର୍ତ୍ତା ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ କର, ସନ୍ତୋଷ କୁମାର ରାଉତ, ଚିନ୍ମୟ ମଲ୍ଲିକ, ପ୍ରତାପ ଦତ୍ତ, ପ୍ରସନ୍ନ କଟୁଆଳ, ବିଦ୍ୟାଧର ପୃଷ୍ଟି, ଚିନ୍ମୟ ବେହେରା, ଦିପୁନା ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

# ପିଣ୍ଡଦାନ କଲେ ୬ ହଜାରରୁ ଊର୍ଦ୍ଧ୍ୱ ପରିବାର

ଟିଗିରିଆ,୧୪।୪ (ଡି.ଏନ.ଏ.)

ଟିଗିରିଆ ବ୍ଲକ୍ ଗଦାଧରପୁର ଶ୍ରୀରଘୁନାଥଜୀଉ ପୀଠ ସନ୍ନିକଟ ଖଳିନଦୀ ବାଲିତୁଠରେ ପାରମ୍ପରିକ ସାମୂହିକ ବାଲିଶ୍ରାଦ୍ଧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ତତନ୍ତ ପ୍ରସିଦ୍ଧ ନୂଆପାଟଣା, ଜେମାଦେଇପୁର ଏଂ ମାଣିଆବନ୍ଧ ଅଞ୍ଚଳର ଅଶ୍ୱିନୀ, ବୈଷ୍ଣବ ଏଂ ସରାକ ସମ୍ପ୍ରଦାୟର ପରିବାରବର୍ଗ ନିଜର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବାଲି ଶ୍ରାଦ୍ଧ କରି ପିଣ୍ଡ ଦାନ କରିଛନ୍ତି। ଶୁକ୍ରବାର ପ୍ରତ୍ୟୁଷରୁ ପରିବାରମାନଙ୍କ ପକ୍ଷରୁ ମୁଖ୍ୟ ପୁରୁଷ ଓ ମହିଳା ସଦସ୍ୟ ବିଭିନ୍ନ ପୂଜା ସାମଗ୍ରୀ ଆଣି ଖଳିନଦୀ ବାଲିତୁଠରେ ବ୍ରାହ୍ମଣଙ୍କ ଦ୍ୱାରା ହୋମ ଓ ବୈଦିକ କର୍ମକାଣ୍ଡ କରାଇ ବାଲିଶ୍ରାଦ୍ଧ ଦେଇଥିଲେ। ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଏହି ସମ୍ପ୍ରଦାୟର ପରିବାର ପକ୍ଷରୁ ଶ୍ରାଦ୍ଧ ଦିଆଯାଇଥିଲା। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ଶ୍ରାଦ୍ଧ ଚାଲୁ ରହିଥିଲା। ନଦୀକୂଳରେ ଥିବା ବିଭିନ୍ନ ବୃକ୍ଷ ଛାଇ ତଳେ ବ୍ରାହ୍ମଣଙ୍କ ହୋମ ଓ ମନ୍ତ୍ର ଧ୍ୱନି ମଧ୍ୟରେ ପିଣ୍ଡଦାନର ପରମ୍ପରା ପୂର୍ବଜଙ୍କ ପ୍ରତି ରହିଥିବା ଶ୍ରଦ୍ଧା ଓ ସମ୍ମାନର ଆଧ୍ୟାତ୍ମିକ ସମାବେଶ ପରି ପ୍ରତୀୟମାନ ହୋଇଥିଲା। ଉପରୋକ୍ତ ଅଞ୍ଚଳର ହସ୍ତତନ୍ତ ବୁଣାକାର ପ୍ରଧାନ ଏହି ପରିବାରବର୍ଗ ନବଦୀପ ନଦିୟା ଅଞ୍ଚଳର ପୂର୍ବଜଙ୍କ ଉତ୍ତର ଦାୟାଦ ବୋଲି ଦାବିକରିଆସନ୍ତି। ଭଗବାନ ରାମଚନ୍ଦ୍ର ବନବାସ ସମୟରେ ପିତା ଦଶରଥଙ୍କୁ ସରଜୁ ନଦୀ କୂଳରେ ବାଲିଶ୍ରାଦ୍ଧ ପ୍ରଦାନ କରିଥିଲେ। ସେହିଭଳି ନବଦୀପ ନଦୀୟାରେ ପୂର୍ବଜଙ୍କୁ ନଦୀ କୂଳରେ ବାଲି ଶ୍ରାଦ୍ଧ ଦେବାର ପରମ୍ପରା ରହିଥିବାବେଳେ ଏଠାକାର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବୁଣାକାର ପରିବାର ବହୁ ପୁରୁଣା କାଳରୁ ଏହି ଶ୍ରାଦ୍ଧକୁ ପାଳନ କରି ଆସୁଥିବା ଜଣାଯାଏ। ବାଲିଶ୍ରାଦ୍ଧ ପାଇଁ ଗଦାଧରପୁର ଗ୍ରାମବାସୀଙ୍କ ପକ୍ଷରୁ ବାଲିତୁଠ ସଫା କରାଯାଇଥିଲା।


ଖଳିନଦୀ ବାଲିତୁଠରେ ସାମୂହିକ ବାଲିଶ୍ରାଦ୍ଧ ଦିଆଯାଉଛି।

# 'ଆମ୍ବେଡକରଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ'

କଟକ ଅଫିସ/କଟକ ସଦର/ଚୌଦ୍ୱାର/ମାହାଙ୍ଗା/ଆଠଗଡ଼/ନରସିଂହପୁର/ଟିଗିରିଆ, ୧୪।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ଭାରତରତ୍ନ ବାବାସାହେବ ଡ. ବି.ଆର୍.ଆମ୍ବେଡକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ପୃଥିବୀର ସର୍ବଶ୍ରେଷ୍ଠ ସମ୍ବିଧାନ। ବିଭିନ୍ନତା ମଧ୍ୟରେ ଜାତୀୟ ଏକତା, ସଂହତି, ସମାନତା ଏବଂ ଧର୍ମ ନିରପେକ୍ଷତାକୁ ସମ୍ବିଧାନର ମୁଖ୍ୟ ଅଙ୍ଗ ଭାବେ ପ୍ରତିପାଦିତ କରାଯାଇଛି। ସମ୍ବିଧାନ ପ୍ରଣୟନ ହେବାର ୭୩ ବର୍ଷ ପରେ ମଧ ଏହା ଅନେକ ବିଭିନ୍ନତା ମଧ୍ୟରେ ଭାରତକୁ ଅଖଣ୍ଡ କରି ରଖିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ଜନସାଧାରଣ ସାମ୍ବିଧାନିକ ବ୍ୟବସ୍ଥାକୁ ସମ୍ମାନ ଜଣାଇଥାନ୍ତି। ଏଣୁ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବପିଢ଼ି ଏକ ସମୃଦ୍ଧ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନରେ ବ୍ରତୀ ହେବାକୁ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଚାନ୍ଦିନୀଚୌକ ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ସମାରୋହରେ ମେୟର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ଆମ୍ବେଡକର ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ନିଜର ଅଧ୍ୟବସାୟ ବଳରେ ଅସାଧାରଣ ଜ୍ଞାନ ଓ ଦକ୍ଷତାର ଅଧିକାରୀ ହେବା ସହ ବିଶ୍ୱରେ ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ ଶ୍ରେଷ୍ଠତ୍ୱର ମର୍ଯ୍ୟାଦା ପ୍ରଦାନ କରିଛନ୍ତି। ଆମେରିକା, ଇଂଲଣ୍ଡ ଓ ଜର୍ମାନୀ ଗସ୍ତ କରି ଅର୍ଥନୀତି, ଦର୍ଶନ, ସଂସ୍କୃତି, ଇଂଲିଶ, ଆଇନ, ରାଜନୀତି ବିଜ୍ଞାନ ଇତ୍ୟାଦି ଶାସ୍ତ୍ରରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ ବୋଲି ଜିଲାପାଳ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଭାଜପା ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ, କର୍ପୋରେଟର ଦୀପାଞ୍ଜଳି ସିଂ, ମୋନାଲିସା ଦାସ, ଆରତୀ ସାହୁ, ଲକ୍ଷ୍ମୀଧର ବେହେରା, ଡା. ରବିରଞ୍ଜନ ସାହୁ ଉପସ୍ଥିତ ଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱୟଂସେବକମାନେ ହାଇକୋର୍ଟ ନିକଟସ୍ଥ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମଜଦୁର ନେତା ସରୋଜ ମିତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଦଳିତ, ନିଷ୍ପେଷିତମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆମ୍ବେଡକର ଆପ୍ରାଣ ଉଦ୍ୟମ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସଂଘର ପ୍ରାନ୍ତ ସମ୍ପର୍କ ପ୍ରମୁଖ ଆଡ୍‌ଭୋକେଟ ସର୍ବେଶ୍ୱର ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ କର, ଚିତ୍ତରଞ୍ଜନ ମହାନ୍ତି, ତୁଷାରକାନ୍ତି ସିଂ, ସତ୍ୟବ୍ରତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଆଲୋକ କୁମାର ଖଟୁଆ, ଲକ୍ଷ୍ମୀଧର ପରିଡ଼ା, ମୁକ୍ତେଶ ମିଶ୍ର ଉପସ୍ଥିତ ଥିଲେ।

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାରଠାରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଟକ ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରୋଜ ଲେଙ୍କା, ମଧୁସୂଦନ ସେନାପତି, ପ୍ରଭାତ ଖଟୁଆ, ଋଷି କାଣ୍ଡି, ମିହିର ଦାସ, ଯୋଗେନ୍ଦ୍ର ଭୋଇ, ଅଜୟ ମଲ୍ଲିକ, ଭାସ୍କର ଦାସ, ଅଶୋକ ରାଉତ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରବୀନ୍ଦ୍ର ନାଥ ଦାସ ଧନ୍ୟବାଦ ଦେଇଥିଲେ।

ଚୌଦ୍ୱାର ଭାଜପା ମଣ୍ଡଳ ପକ୍ଷରୁ ପୌରପାଳିକାର ନୂଆସାହି ଓ ହରିଜନ ସାହିରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ବଡଜେନା, ସନ୍ତୋଷ କୁମାର ସାହୁ, ସଞ୍ଜିତ୍ ମହାନ୍ତି, ହଂସଚରଣ ସାହୁ, ସୁଷମା ବଡ଼ଜେନା, ମୌସୁମୀ ନାୟକ, କ୍ରିଷ୍ଣା ରାଓ, ତନ୍ମୟ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଓ ବସ୍ତିବାସିନ୍ଦା ଉପସ୍ଥିତ ଥିଲେ।

ମାହାଙ୍ଗା ବ୍ଲକ ଚାହାପଡା ପଞ୍ଚାୟତସ୍ଥିତ ମା'ତରିଣୀ ଛକ ନିକଟରେ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଶିବଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପ୍ରମୋଦ କୁମାର ଜେନା ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ପିତାମାତା ସେବକ ସଂଘର ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ସୁଦର୍ଶନ ବେହେରା, ଗୋବର୍ଦ୍ଧନ ଜେନା,ସମୀର ଜେନା ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

ଆଠଗଡ଼ ମହୋତ୍ସବ ପଡ଼ିଆରେ ଦଳିତ, ଆଦିବାସୀ ସମିତି ସମୂହ ଆଠଗଡ, ବିଜୁ ଯୁବ ଛାତ୍ର ଦଳ, ଆଦିବାସୀ ଓ ଦଳିତ ସେଲ ତରଫରୁ ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ ସମାବେଶରେ ଆୟୋଜନ କରାଯାଇଥିଲା। ପୂର୍ବତନ ନଗରପାଳ ରମେଶ ଚନ୍ଦ୍ର ଘଡ଼େଇ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ନୃସିଂହ ମହାପାତ୍ର, ରବୀନ୍ଦ୍ରନାଥ ରାଉତ,ଗଣେଶର ନାଏକ, କାଶୀନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜଧାନୀକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଆଦିବାସୀ, ଦଳିତ, ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଆମ୍ବେଡକର ସାମାଜିକ ଭବନ ନିର୍ମାଣ ଦାବିରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା।


ସମ୍ବିଧାନ ପ୍ରଣେତା ବି.ଆର୍.ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ହାଇକୋର୍ଟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

ନରସିଂହପୁର ପ୍ରେସ କ୍ଲବ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରିୟ ଗୌରବ ଅଧ୍ୟକ୍ଷ ଡ. ଲୋକନାଥ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଗାନ୍ଧିବାଦୀ କର୍ମୀ ଜ୍ଞାନ ରଞ୍ଜନ ନାୟକ, ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ, ଆଇନଜୀବୀ ରବୀନ୍ଦ୍ରନାଥ ସାହୁ, ଶିକ୍ଷାବିତ ଦେବରାଜ ସ୍ୱାଇଁ ପରିମଳ ନାୟକ, ସନାତନ ସ୍ୱାଇଁ ଓଡିଶା ଭୀମ ଆର୍ମି ଶାଖା ମହିଳା ସଂଯୋଜିକା ଚନ୍ଦ୍ରକାନ୍ତି ବୌଦ୍ଧ ପ୍ରମୁଖ ଯୋଗଦେଇଥିଲେ।

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଅର୍ଜୁନ ସୁବୁଦ୍ଧି ହାଇସ୍କୁଲ ଖେଳ ପଡ଼ିଆରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।ବ୍ଲକ ବିଜୁ ଯୁବ, ଛାତ୍ର ଜନତା ଦଳ ଓ ଦଳିତ ଆଦିବାସୀ ମଞ୍ଚ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଦଳିତ ନେତା ହରେନ୍ଦ୍ର ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଦୁଷ୍ମନ୍ତ ନାଏକ,ସଚି ନାଏକ, ପ୍ରଶାନ୍ତ ନାଏକ, ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଜଳିଗଲା ବ୍ୟାଟେରି ସ୍କୁଟି



ଝାଁଳା,୧୪।୪(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଇନ୍ଫୋଭ୍ୟାଲି ଥାନା ଅଧୀନ ଗୌଡକାଶିପୁର ଗ୍ରାମର ବୃନ୍ଦାବନ ପରିଡାଙ୍କ ଏକ ବ୍ୟାଟେରିଚାଳିତ ସ୍କୁଟି ଜଳିଯାଇଛି। ଶୁକ୍ରବାର ମଧାହ୍ନ ୧୨ଟାରେ ବୃନ୍ଦାବନ ଓ ତାଙ୍କ ପୁଅ ଭୁବନେଶ୍ୱର ଯିବା ପାଇଁ ଉକ୍ତ ଗାଡିକୁ ବାହାର କରି ଷ୍ଟାର୍ଟ କରିଥିଲେ। ସେଥିରୁ ଧୂଆଁ ବାହାରିବା ପରେ ହଠାତ୍ ଜଳିଉଠିଥିଲା। ଫଳରେ ନିକଟରେ ଥିବା ପାଇପ ଦ୍ୱାରା ନିଆଁ ଲିଭାଇଥିଲେ। ସେତେବେଳକୁ ଗାଡ଼ିର ୭୫ ଭାଗ ଜଳିଯାଇଥିଲା। ଏହାପରେ ଉକ୍ତ ଗାଡ଼ିର କମ୍ପାନୀ ନମ୍ବରକୁ ଯୋଗାଯୋଗ କରିଥିଲେ। ଖବରପାଇ କମ୍ପାନୀ କର୍ମଚାରୀ ପହଞ୍ଚି ଉକ୍ତ ସ୍କୁଟିକୁ ନେଇଯାଇଥିଲେ।

### କବିତା ପାଠୋତ୍ସବ

ବେଗୁନିଆ,୧୪।୪(ଡି.ଏନ୍.ଏ.): ବେଗୁନିଆ ସଦର ମହକୁମାସ୍ଥିତ ଶ୍ୱେତପଦ୍ମା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶୁକ୍ରବାର ମହାବିଷୁବ ସଂକ୍ରାନ୍ତି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ତଥା କବି ଜଗଦୀଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଠୋତ୍ସବରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସିକା ସଂଘମିତ୍ରା ରଥ, ପଣ୍ଡିତ ସୁଧାକର ସାମନ୍ତରାୟ, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦେ ପ୍ରାରମ୍ଭିକ ପ୍ରାର୍ଥନା ଗାନ କରାଯାଇଥିଲା। ସମ୍ପାଦିକା ପ୍ରତିମା ପ୍ରଧାନ ସ୍ୱରଚିତ କବିତା ଗାନ କରି ସଭିଙ୍କୁ ଓଡ଼ିଆ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ସଭ୍ୟା ମାନସୀ ଦାସ ମଙ୍ଗଳା ଚରଣ ପାଠ କରିଥିଲେ। କବି ସୁରେନ୍ଦ୍ର ସୁବୁଦ୍ଧି, ରାଜକିଶୋର ସାହୁ, ଶ୍ରୀବତ୍ସ ପାଣିଗ୍ରାହୀ, ପ୍ରସନ୍ନ ବାରିକ, ବିଜୟ କୁମାର ପ୍ରଧାନ ଓ ମମତା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଭ୍ୟା ବାସନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଶ୍ରୀମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲୁଗାଁ,୧୪।୪(ଡି.ଏନ୍.ଏ.): ବାଲୁଗାଁ ନିକଟ ଅଲାଇଡ଼ିହ ଛକଠାରେ ଶ୍ରୀମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଠାରୁ ଅଙ୍କୁରାରୋପଣ, ଜଳଯାତ୍ରା, ଦେବତାର୍ଚ୍ଚନ, ଦେବସ୍ନାନ ଏବଂ ପ୍ରାଣପ୍ରତିଷ୍ଠା ଉତ୍ସବ ଆଦି ଦୈନନ୍ଦିନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗୁରୁବାର ହନୁମାନ ଗୀତା ହୋମ ଏବଂ ସନ୍ଧ୍ୟା ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ହୋମଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଏହି ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଆଖପାଖ ଗ୍ରାମାଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅଲାଇଡ଼ିହ ଛକ ମହାବୀର କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,୧୪।୪(ଡି.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅଧୀନ ବାମଡିହ ଛକ ନିକଟରେ ଶୁକ୍ରବାର 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଘମାରି ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭରା କରଙ୍କ ନେତୃତ୍ୱରେ ଉପନିରୀକ୍ଷକ ଚନ୍ଦନ ଦାସ, ଅତିରିକ୍ତ ଉପନିରୀକ୍ଷକ ରଣଜିତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସିଟ୍ ବେଲ୍ଟ ଓ ହେଲମେଟ ପିନ୍ଧିବା, ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର କରିବା ନାହିଁ, ମାଦକ ଦ୍ରବ୍ୟ ସେବନ କରି ଗାଡି ଚଳାଇବା ନାହିଁ ଆଦି ବିଭିନ୍ନ ମୋଟର ଚାଳନା ଓ ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ, ଶିକ୍ଷାବିତ ଗୌର ଚରଣ ପ୍ରହରାଜ, ପତିତପାବନ ବଳବନ୍ତରାୟ, ବେଗୁନିଆ ବ୍ଲକ ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର, କୃଷକ ନେତା କାହ୍ନୁ ଚରଣ ବେହେରା, ସାମାଜିକ କର୍ମୀ ଦିଲୀପ ସାହୁ, ରଞ୍ଜନ ପଣ୍ଡା, ଆର୍ତ୍ତତ୍ରାଣ ଗୁରୁ, ବିବେକାନନ୍ଦ ମିଶ୍ର, ସୁରେଶ ଚନ୍ଦ୍ର ସେଠୀ, ତ୍ରିନାଥ ପରିଡା, ଦିଲୀପ ସିଂହ, ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ପରିଚାଳନା କରିଥିଲେ।

# 'ସକାରାତ୍ମକ ଚିନ୍ତନ ଦ୍ୱାରା ସାହିତ୍ୟ ସମୃଦ୍ଧ ହେବ'

ଖୋର୍ଦ୍ଧା ଅଫିସ,୧୪।୪



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋରଧା ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଓ ବିଷୁବ ଆସର**
- ରଞ୍ଜନଙ୍କୁ ବିଷୁବ ସମ୍ମାନ

ଖୋରଧା ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଓ ବିଷୁବ ଆସର ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ୍ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଅଧ୍ୟାପକ ଗୋପାଳ କୃଷ୍ଣ ଦାସଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ବିଶିଷ୍ଟ କଥାଶିଳ୍ପୀ ପ୍ରଫେସର ପଦ୍ମଜ ପାଳ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, କବି ଶଙ୍କର୍ଷଣ ପରିଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଆ ଯୁବ ଲେଖକ ସମ୍ମେଳନ ସମ୍ପାଦକ ବନୋଜ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସଦ ସମ୍ପାଦକ ବିଭୁପ୍ରସାଦ ହରିଚନ୍ଦନ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ବିଶିଷ୍ଟ କବି ତଥା ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସଙ୍କୁ ଚଳିତ ବର୍ଷ ବିଷୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ତୃତୀୟ ଓ ଚତୁର୍ଥ ପର୍ବରେ ଯଥାକ୍ରମେ ସମକାଳ ଓଡ଼ିଆ ଗଳ୍ପ ଏବଂ ଓଡ଼ିଆ ନୂଆ କବିତା ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଶିଷ୍ଟ କବି, ଲେଖକମାନେ ଆଲୋଚକଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ମିତ୍ର କହିଥିଲେ, ଏବେ ଲେଖକଙ୍କ ତୁଳନାରେ ପାଠକଙ୍କ ସଂଖ୍ୟା କମିବାରେ ଲାଗିଛି। ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ। ସମ୍ମାନିତ ଅତିଥି ଶ୍ରୀଚନ୍ଦନ କହିଥିଲେ, ଓଡ଼ିଶାର ଏକ ଗୌରବମୟ ଇତିହାସ ରହିଛି। ଅତିବଡି ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଆଦି ଓଡ଼ିଆ ସଂସ୍କୃତି, ସାହିତ୍ୟକୁ ସମୃଦ୍ଧ କରିଛି। ଖୋର୍ଦ୍ଧା ମାଟି ଅନେକ କବି, ସାହିତ୍ୟକଙ୍କୁ ଜନ୍ମ ଦେଇଛି। ସାରସ୍ୱତ ଜଗତକୁ ଏ ମାଟିର ଅବଦାନ ଅତୁଳନୀୟ। ଅନ୍ୟତମ ସମ୍ମାନିତ ଅତିଥି ପରିଡା କହିଥିଲେ, ଓଡ଼ିଆ ସଂସ୍କୃତି, ପରମ୍ପରା ପଛରେ ବୈଜ୍ଞାନିକ କାରଣ ନିହିତ ରହିଛି। ଭାଷା ହେଉଛି ଜାତିର ସ୍ପନ୍ଦନ। ଭାଷାଭିତ୍ତିକ ପ୍ରଦେଶ ଗଠନ ହେବାର ୮୮ବର୍ଷ ବିତିଲାଣି। ତଥାପି ଓଡ଼ିଆ ଭାଷା ସରକାରୀ ସ୍ତରରେ ସ୍ୱୀକୃତିଲାଭ କରିପାରିନି। ଏଥିପ୍ରତି ଗୁରୁତ୍ୱ ଦିଆଯିବା ଉଚିତ। କଥାଶିଳ୍ପୀ ପାଳ କହିଥିଲେ, ଓଡ଼ିଆ ସାହିତ୍ୟ, ସଂସ୍କୃତି ସର୍ବଦା ଦିଗଦର୍ଶନ ଦେଇ ଆସିଛି। ଏହାର ସମୃଦ୍ଧି ପାଇଁ ସମସ୍ତେ ମିଳିମିଶି ଉଦ୍ୟମ କରନ୍ତୁ। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦାସ କହିଥିଲେ, ଓଡ଼ିଶାର ସାଂସ୍କୃତିକ ପରମ୍ପରା ଏବଂ ସମୃଦ୍ଧ ଇତିହାସ ରହିଛି। ସାହିତ୍ୟ ଅର୍ଥ ସହିତ, ଯାହା ସମସ୍ତଙ୍କୁ ନେଇ ଗଢିଥାଏ କିମ୍ବା ଯୋଡିଥାଏ ତାହା ସାହିତ୍ୟ। ଏବେ ସାହିତ୍ୟର ଭାଷା ବଦଳି ଯାଇଛି। ଜାତୀୟସ୍ତରରେ ଅତୀତର ଗୌରବମୟ ଇତିହାସକୁ ନେଇ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ସାହିତ୍ୟରେ ଈର୍ଷାଭାବ ବଢିବାରେ ଲାଗିଛି। ଜଣେ ଅନ୍ୟ ଜଣଙ୍କ ପ୍ରତି ଇର୍ଷାନ୍ୱିତ ହେଉଥିବା ଦେଖିବାକୁ ମିଳେ। ନିଜ ଭିତରେ ରହିଥିବା ନକାରାତ୍ମକ ଭାବକୁ ଭୁଲି ସକାରାତ୍ମକ ଚିନ୍ତନ ନେଇ ଆଗକୁ ବଢିଲେ ଓଡ଼ିଆ ସାହିତ୍ୟ, ଭାଷା ସମୃଦ୍ଧ ହୋଇପାରିବ ବୋଲି ସେ କହିଥିଲେ।

## ହରିଣକୁ ଉଦ୍ଧାର କଲା ବନ ବିଭାଗ

ବାଲୁଗାଁ,୧୪।୪(ଡି.ଏନ୍.ଏ.)

ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ଖଣତ ଗ୍ରାମସ୍ଥିତ ପଡ଼ିଆରେ କୁକୁରଗୁଡ଼ିକ କବଳରୁ ଆହତ ଅବସ୍ଥାରେ ଏକ ହରିଣକୁ ଉଦ୍ଧାର କରିଛି ବାଲୁଗାଁ ବନ ବିଭାଗ। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅପରାହ୍ନ ୩ଟାରେ ସୋଲରୀ ଜଙ୍ଗଲରୁ ଏକ ହରିଣ ଜନବସତି ଅଭିମୁଖେ ପଳାଇ ଆସିଥିଲା। ତେବେ ଖଣତ ଗ୍ରାମ ନିକଟ ପଡ଼ିଆରେ କେତେକ କୁକୁର ଉକ୍ତ ହରିଣଟିକୁ ଆକ୍ରମଣ କରିଥିଲେ। ଏହି ସମୟରେ କେତେଜଣ ଗ୍ରାମବାସୀ ଦେଖି ବାଲୁଗାଁ ବନ ବିଭାଗକୁ ଜଣାଇଥିଲେ। ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ପହଞ୍ଚି କ୍ଷତାକ୍ତ ହରିଣକୁ ଉଦ୍ଧାର କରି କାର୍ଯ୍ୟାଳୟକୁ ନେଇଥିଲା। ସେଠାରେ ହରିଣର ଚିକିତ୍ସା କରାଯାଇଥିବା ବେଳେ ସୁସ୍ଥ ଥିବା ଜଣାପଡ଼ିଛି। ଶନିବାର ସକାଳେ ହରିଣଟିକୁ ସୋଲରୀ ଜଙ୍ଗଲରେ ଛଡ଼ାଯିବ ବୋଲି ବନ ଅଧିକାରୀ ମହାନ୍ତି କହିଛନ୍ତି।

# ଆମ୍ବେଡକର ରଥ ବାଣ୍ଟିଲା ଭାଇଚାରା ବାର୍ତ୍ତା



ଆମ୍ବେଡକର ରଥ ଉଦ୍‌ଘାଟନ ଅବସରରେ ଜିଲାପାଳ, ବିଧାୟକ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୪।୪

ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ପରିବାର ଏବଂ ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ମିଳିତ ଆନୁକୂଲ୍ୟରେ ଆମ୍ବେଡକରଙ୍କ ରଥ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ପରେ ଏହି ରଥ ଖୋର୍ଦ୍ଧା ସହର ପରିକ୍ରମା କରି ଭୁବନେଶ୍ୱର ଏଜି ଛକରେ ଥିବା ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଉପସ୍ଥିତ ଥିଲେ। ଭୁବନେଶ୍ୱର ବିଭିନ୍ନ ସ୍ଥାନ ପରିକ୍ରମା କରି କଟକ ଲାଲବାଗ ଛକରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ସହର ପରିକ୍ରମା କରିଥିଲେ। ଏଥିରେ ଉଭୟ ସଙ୍ଗଠନ ରାଜ୍ୟ ସଭାପତି ମୋହନ ନାୟକ ପରିଚାଳନା କରିଥିବା ବେଳେ ସରସ୍ୱତୀ ମୁଖୀ, ଅଶୋକ ନାୟକ, ରିନା ନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଏକାଧିକ ଠିକା ସଫେଇ କର୍ମଚାରୀ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ବାବା ସାହେବ ଆମ୍ବେଡକର ଦଳିତ, ନିଷ୍ପେଷିତ, ଅବହେଳିତ, ଗରିବ ଲୋକଙ୍କୁ ସାମାଜିକ ସ୍ରୋତରେ ସାମିଲ ପାଇଁ ଉଦ୍ୟମ କରିଥିଲେ। ସାମାଜିକ ସମାନତା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ସଙ୍ଗଠନ ପକ୍ଷରୁ ଜୟନ୍ତୀ ପାଳନ ସହ ରଥ ପରିକ୍ରମା କରାଯାଇ ଏକ ଭାଇଚାରା ବାର୍ତ୍ତା ଦିଆଯାଇଛି ବୋଲି ଆୟୋଜକ କମିଟି ସଭାପତି ମୋହନ କହିଛନ୍ତି।

## ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

ବୋଲଗଡ଼,୧୪।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ ସିଉଳାସ୍ଥିତ ମା'ଡାହାଳିଆଣୀ ପୀଠରେ ନବନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହ ଅଧ୍ୟକ୍ଷତା କରିଥିବା ବେଳେ ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ଅକ୍ଷୟ ରାଉତରାୟ ଅତିଥିଭାବେ ଉପସ୍ଥିତ ଥିଲେ। ବୈଠକରେ ଚାଷୀମାନଙ୍କ ପାଇଁ ଆସୁଥିବା ବିଭିନ୍ନ ପ୍ରକାର ସରକାରୀ ସହାୟତାକୁ କର୍ମଚାରୀମାନେ ସୁବିଧାରେ ଚାଷୀଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାର ଆତ୍ମସାତ ନ ହେବା ପାଇଁ ଗ୍ରାମମାନଙ୍କରେ ଚାଷୀ କମିଟି ଗଠନ କରାଯାଇ ଏହା ମାଧ୍ୟମରେ ସବୁ ଅସୁବିଧାର ସମାଧାନ ଦାୟିତ୍ୱ ନେବା ସମ୍ପର୍କରେ ଜିଲା ସଂଯୋଜକ ମାନସିଂହ ମତ ରଖିଥିଲେ। ଏହି ଅବସରରେ ଚାଷୀ କମିଟିର ଉପଦେଷ୍ଟାଭାବେ ବୈରାଗୀ ଛୁଆଳସିଂହଙ୍କୁ ମନୋନୟନ କରାଯିବା ସହ ଗାଁ ଗାଁରେ ଚାଷୀ କମିଟି ଗଠନ ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ମଦନ ଛୁଆଳସିଂହ, ମୋହନ ଗୁମାନସିଂହ, ବାଲୁଙ୍କେଶ୍ୱର ଜଗଦ୍ଦେବ, ରଞ୍ଜିତ ଚମ୍ପତି, ହାଡୁବନ୍ଧୁ ନାୟକ, ଲକ୍ଷ୍ମଣ ବଳିୟାରସିଂହ, ଅରୁଣ ସାମନ୍ତରାୟ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ହନୁମାନ ଜୟନ୍ତୀ

ବୋଲଗଡ଼,୧୪।୪(ଡି.ଏନ୍.ଏ.)

ବୋଲଗଡ ବ୍ଲକର ବିଭିନ୍ନ ହନୁମାନ ମନ୍ଦିର ଓ ରାମମନ୍ଦିରରେ ସଙ୍କଟ ମୋଚନ ହନୁମାନଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସଂପୁର ପଥରଚକଡ଼ା ହନୁମାନ ମନ୍ଦିର, ବଡ଼ସାହି ହନୁମାନ ମନ୍ଦିର, ତାଳଦଣ୍ଡା ହନୁମାନ ମନ୍ଦିର, ଗବଡିହ ଗ୍ରାମସ୍ଥିତ ଜଖଲା ମହାବୀର ଆଶ୍ରମ, ମାଣିବନ୍ଧସ୍ଥିତ ସିଦ୍ଧ ମହାବୀର ଆଶ୍ରମ ଓ ବୋଲଗଡ଼ ସଦରମହକୁମା ସ୍ଥିତ ଗୋପବନ୍ଧୁ ବିହାର ହନୁମାନ ମନ୍ଦିର ଯୋଡ଼ାପଡ଼ା ସ୍ଥିତ ରାମମନ୍ଦିର, ଦିଘିରୀସ୍ଥିତ ଝିଙ୍କିମିକି ପୀଠ ଓ ମଣ୍ଡନଗିରି ରାମମନ୍ଦିରରେ ହନୁମାନ ଜୟନ୍ତୀ ପାଳନ ହୋଇଥିଲା।

## ୧୨ ଫୁଟ ଅହିରାଜ ଉଦ୍ଧାର

ବାଲୁଗାଁ,୧୪।୪(ଡି.ଏନ୍.ଏ.)

ବାଣପୁର ସବ୍‌ଜେଲ ମୁଖ୍ୟ ଫାଟକ ସମ୍ମୁଖରୁ ଏକ ୧୨ଫୁଟ ଲମ୍ବର ଅହିରାଜ ସାପକୁ ସ୍ନେକ୍ ହେଲ୍ପଲାଇନ୍ ଟିମ୍ ଉଦ୍ଧାର କରିଛି। ଜେଲ ସମ୍ମୁଖ ଘଣ୍ଟଶୀଳା ପାହାଡ଼ରୁ ଏହି ସାପଟି ଆସିଥିବା ଅନୁମାନ କରାଯାଉଛି। ଗୁରୁବାର ରାତିରେ ସାପଟି ଜେଲ ମୁଖ୍ୟ ଫାଟକ ପାର୍ଶ୍ୱ ନାଳରେ ଚେକା ବାନ୍ଧି ରହିଥିବା ବେଳେ ଜଣେ କର୍ମଚାରୀ ଦେଖି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସ୍ଥାନୀୟ ଏକ ସ୍ନେକ୍ ହେଲ୍ପଲାଇନ ଟିମ୍ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲା। ଶୁକ୍ରବାର ସକାଳେ ନାରାୟଣୀ ଜଙ୍ଗଲ ପାହାଡ଼ରେ ସାପଟିକୁ ଛଡ଼ାଯାଇଥିବା ଜଣାପଡ଼ିଛି।

## ତୀର୍ଥଯାତ୍ରୀ ଆବାସିକସ୍ଥଳୀ ଲୋକାର୍ପିତ





ତୀର୍ଥଯାତ୍ରୀ ଆବାସିକସ୍ଥଳୀ ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଅଫିସ,୧୪।୪

- ୧ କୋଟି ବ୍ୟୟରେ ନିର୍ମାଣ ହୋଇଛି
- ଭର୍ଚୁଆଲରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା ଉପକଣ୍ଠ କାଇପଦରସ୍ଥିତ ବାବା ବୋଖାରୀ ପୀରବାବାଙ୍କ ପୀଠସ୍ଥଳୀରେ ନିର୍ମିତ ତୀର୍ଥଯାତ୍ରୀ ଆବାସିକସ୍ଥଳୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ ଭର୍ଚୁଆଲରେ ଲୋକାର୍ପଣ କରିଛନ୍ତି। କୋଟିଏ ଟଙ୍କା ବିନିମୟରେ ୧୧ କୋଠରି ବିଶିଷ୍ଟ ଏହି କୋଠା ନିର୍ମାଣ କରାଯାଇଛି। ଏନେଇ ପୀଠରେ ଆୟୋଜିତ ସଭାରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଭାପତିତ୍ୱ କରିଥିଲେ। ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମିଜିବୁଲ୍ଲା ଖାଁ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ବୋଖାରୀ ବାବା ପୀଠ ପରିଚାଳନା କମିଟି ସଭାପତି ସନାଉଲ୍ଲା ଖାନ, ଏମ୍‌ଡି ନିଜାମୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ଏହି ରହଣିସ୍ଥଳ କୋଠା ରମଜାନ ମାସରେ ବିଶେଷ ଉପକାରୀ ହେବ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ବିଭାସ ପାଣିଗ୍ରାହୀ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ରାଜକିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ବୋଖାରୀ ବାବାଙ୍କ ପୀଠ ଉଭୟ ହିନ୍ଦୁ ମୁସଲିମଙ୍କ ସମନ୍ୱୟ ପୀଠ। ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସାମୟିକ ରହଣିସ୍ଥଳର ଆବଶ୍ୟକତା ଥିଲା। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପରେ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ଏହି କୋଠା ନିର୍ମାଣ କରାଯାଇଛି।

# 'ନିଜ ଦାୟିତ୍ୱ ପ୍ରତି ସଚେତନ ହୁଅ'

ଖୋର୍ଦ୍ଧା ଅଫିସ,୧୪।୪

ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଆନୁକୂଲ୍ୟରେ ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ ଅଧ୍ୟକ୍ଷ ରାମଶଙ୍କରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ମୁଖ୍ୟ ଅତିଥି, ଆଇନଜୀବୀ ଶିଶିର ପରିଡ଼ା ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ରାଷ୍ଟ୍ର ପ୍ରତି ବାବା ସାହେବଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କଂଗ୍ରେସ ନେତା ପଦ୍ମଚରଣ ରାୟ କହିଥିଲେ, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଦେଶବାସୀ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସୌମ୍ୟରଞ୍ଜନ ବରାଳ, ଶିଳାଦିତ୍ୟ ପଟ୍ଟନାୟକ, ରମେଶ ଚନ୍ଦ୍ର ପ୍ରଧାନ, ହେମନ୍ତ ବେହେରା, ରାଜେଶ ନାୟକ, ପ୍ଲାବନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ମୋର୍ଚ୍ଚା ପକ୍ଷରୁ ନରଣଗଡ ପଞ୍ଚାୟତର ହାଡପଦାଠାରେ ପାଳିତ ହୋଇଯାଇଛି। ଦିବାକର ଭୋଇ ଆମ୍ବେଡକରଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଖୋକନ ଚନ୍ଦ୍ର ନାକ୍ର, ସାମାଜିକ କର୍ମୀ ଯୁଧିଷ୍ଠିର ନାୟକ, ବଳଭଦ୍ର ବେହେରା, ରବୀନ୍ଦ୍ର ନାଥ ଦାସ, ପ୍ରମୋଦ କାଣ୍ଡି ପ୍ରମୁଖ ଆମ୍ବେଡକରଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ଗ୍ରାମବାସୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଦଣ୍ଡପର୍ବ ଉଦ୍‌ଯାପିତ

ବୋଲଗଡ଼,୧୪।୪(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅଞ୍ଚଳର ବହୁ ଗ୍ରାମରେ ଦଣ୍ଡ ପର୍ବ ନିଷ୍ଠାର ସହ ପାଳିତ ହୋଇଯାଇଛି। ଏହି ପର୍ବ ଚଳିତ ଚୈତ୍ର ମାସରେ ମୁଖ୍ୟ ପାଟ ଦଣ୍ଡୁଆଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ପ୍ରତିଦିନ ମୁଖ୍ୟ ପାଟଦଣ୍ଡୁଆଙ୍କ ସମେତ ସମସ୍ତ ମାନସିକଧାରୀ ଦଣ୍ଡୁଆମାନେ ମା'କାଳିକା ଠାକୁରାଣୀଙ୍କୁ ସାଙ୍ଗରେ ଧରି ନିର୍ଦ୍ଦିଷ୍ଟ ପୋଖରୀକୁ ଯାଇ ବିଳମ୍ବିତ ରାତ୍ରରେ ବିଧି ଅନୁସାରେ ହୋମ ଯଜ୍ଞ, ପୂଜା ପାଠ କରି ପାଣିତୋଳି କାଳିକା ମନ୍ଦିରକୁ ଫେରିଥାନ୍ତି। ପ୍ରତିଦିନ ରାତିରେ ଦଣ୍ଡୁଆମାନେ କାଳିକାଙ୍କୁ ସଙ୍ଗରେ ଧରି ପ୍ରତ୍ୟେକ ଗ୍ରାମ ପରିକ୍ରମା କରି ଘର ସମ୍ମୁଖରେ କାଳିକାଙ୍କୁ ଝୁଣା ଧୂପ ଦେଇ ସମସ୍ତଙ୍କର ମଙ୍ଗଳ କାମନା କରିଥାନ୍ତି। ଦଣ୍ଡୁଆମାନେ ଦଣ୍ଡ ପର୍ବରେ ଉପବାସ ରହି ପାଣିତୋଳା ପରେ ଗଜାମୁଗ ଓ ପଣା ସେବନ କରି ଫଳ ଖାଇଥାନ୍ତି। ଶେଷ ଦିନ ତଥା ପଣା ସଂକ୍ରାନ୍ତିରେ ମାନସିକଧାରୀ ଦଣ୍ଡୁଆ ଓ ଭକ୍ତମାନେ ଝାମୁ ଯାତ୍ରାରେ ନିଆଁ ଉପରେ ଚାଲିଥିଲେ। ଏହି ଝାମୁ ଯାତ୍ରା ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ମୁଖ୍ୟ କାଳିସିଙ୍କ ନେତୃତ୍ୱରେ ଦଣ୍ଡୁଆ ଓ ଗ୍ରାମବାସୀ ମିଳିତଭାବେ ଗ୍ରାମର ଚତୁର୍ଦ୍ଦିଗରେ ଦୁଷ୍ଟ ଆତ୍ମାମାନଙ୍କୁ ଶାନ୍ତି କରିବା ଉଦ୍ଦେଶ୍ୟରେ ପଣା ପାଣି ପ୍ରଦାନ କରିଥାନ୍ତି। ଶନିବାର ମଣିମାଙ୍କ ଶୁଦ୍ଧଘର ପରେ ଏହି ପର୍ବ ଶେଷ ହେବ।



ନିଆଁଗାଡ଼ରେ ଚାଲୁଛନ୍ତି ମାନସିକଧାରୀ।

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ସଂଘର୍ଷ କର'

ଖୋର୍ଦ୍ଧା ଅଫିସ,୧୪।୪



ସମାରୋହରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଜିଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ବାବା ସାହେବ ଆମ୍ବେଡ୍‌କରଙ୍କ ଜୟନ୍ତୀ ସମାରୋହ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଆମ୍ବେଡ୍‌କରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ କହିଥିଲେ, ଏକ ସାଧାରଣ ପରିବାରରେ ଜନ୍ମିତ ଆମ୍ବେଡ୍‌କର ମଧ୍ୟ ଶୀର୍ଷସ୍ଥାନରେ ପହଞ୍ଚିପାରିଥିଲେ। ତେଣୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସୁଶାନ୍ତ ସାହୁ ଯୋଗଦେଇ ଆମ୍ବେଡ୍‌କର ସମ୍ବିଧାନର ପ୍ରଣେତା ସହିତ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ବୋଲି କହିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଥିଲେ, କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି, ଲଣ୍ଡନରୁ ଅର୍ଥଶାସ୍ତ୍ରରେ ଡିଲିଟ୍ ଏବଂ ବାରିଷ୍ଟରୀ ପାସ୍ କରିଥିଲେ। ଆମ୍ବେଡ୍‌କର ଭାରତକୁ ଫେରି ଆସି ରାଷ୍ଟ୍ରସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ଅନେକ ପତ୍ରିକାରେ ବ୍ରିଟିଶ କିପରି ଭାରତକୁ ଲୁଣ୍ଠନ କରୁଛି, ଅର୍ଥନୀତିକୁ ଦୁର୍ବଳ କରିବାକୁ ଚାହୁଁଛି ତାହା ନିର୍ଭୀକ ଭାବେ ପ୍ରକାଶ କରୁଥିଲେ। ସେହି ସମୟରେ ସେ ବିଭିନ୍ନ ପତ୍ରିକା ସମ୍ପାଦନା କରି ଭାରତର ଅତୀତ, ଭବିଷ୍ୟତ, ଗୌରବମୟ ଇତିହାସ ସମ୍ପର୍କରେ ଲେଖନି ଚାଳନା କରି ସମାଜ ତଥା ଯୁବପିଢ଼ିଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ। ତାଙ୍କ ଜୀବନରେ ସେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତଥାପି ସେ ଥକି ନ ପଡ଼ି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଚାଲିଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ସଭାପତିତ୍ୱ ଭାଷଣରେ କହିଥିଲେ, ଆମ୍ବେଡ୍‌କର ଜୀବନବ୍ୟାପୀ ସଂଘର୍ଷ କରିଛନ୍ତି। ଛାତ୍ରୀଛାତ୍ରମାନେ ହେଉଛନ୍ତି ଦେଶର ଭବିଷ୍ୟତ। କଠିନ ସାଧନା, ଅସୀମ ଧୈର୍ଯ୍ୟ, ନିରନ୍ତର ପ୍ରୟାସ ଜାରି ରଖିଲେ ଶୀର୍ଷରେ ପହଞ୍ଚିପାରିବ। ସାଧାରଣ ଜୀବନଶୈଳୀ, ଉନ୍ନତ ଚିନ୍ତାଧାରା, ଏକାଗ୍ରତା ରହିଲେ ସଫଳତା ପାଇବ। ନାହିଁ ନାହିଁ ଭିତରେ ଜୀବନକୁ ଗଢ଼ିପାରିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି କହିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀଙ୍କ ସମେତ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଏହାକୁ ସଂଯୋଜନା କରିଥିଲେ। ସଂସ୍କୃତି ଅଧିକାରୀ ଅରବିନ୍ଦ ଦାସଙ୍କ ସମେତ ସୂଚନା ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।

# କଳା ଓ ସଂସ୍କୃତିର ପରିଚୟ ଖାଇଫୋଡ଼ ଯାତ୍ରା

## ପିଠିରେ କଣ୍ଟା ଫୋଡ଼ି ନିଆଁରେ ଝୁଲିଲେ ପାଟୁଆ

ସାକ୍ଷୀଗୋପାଳ,୧୪।୪ (ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଭୀମପୁର ଓ ଦାସ ବିଦ୍ୟାଧରପୁର ଗ୍ରାମରେ ବେଶ୍ ଧୁମଧାମ୍‌ରେ ପାଳିତ ହୋଇଯାଇଛି ପାରମ୍ପରିକ ଖାଇଫୋଡ଼ ଯାତ୍ରା। ମହାବିଷୁବ ସଂକ୍ରାନ୍ତି ଅବସରରେ ଭୀମପୁର ଗ୍ରାମର ମା' ଗଡ଼ଚଣ୍ଡୀଙ୍କ ମନ୍ଦିର ଏବଂ ଦାସବିଦ୍ୟାଧରପୁର ବଡ଼ ପୋଖରୀରେ ଖାଇଫୋଡ ଯାତ୍ରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଠାକୁରାଣୀଙ୍କ ସମସ୍ତ ନୀତିକାନ୍ତି ସରିବା ପରେ କାଳଶି ବିଜେ କରିଥିଲେ। ମାନସିକଧାରୀ ପାଟୁଆମାନେ ପୋଖରୀରେ ଗାଧୁଆ ସାରି ଛଅରୁ ଦଶଇଞ୍ଚ ଲମ୍ବ ଦୁଇରୁ ଚାରୋଟି ଲେଖାଏ ଲୁହାବାଙ୍କ କଣ୍ଟା ପିଠିରେ ଫୁଟାଇ କୋଡ଼ିଏ ହାତ ଉଚ୍ଚ ଖାଇରୁ ତଳକୁ ଝୁଲିବା ଏବଂ ଠାକୁରାଣୀଙ୍କ ଜୟ ଜୟକାର ଧ୍ୱନି ଦେଇ ଖାଇ ଚାରିପଟେ ବୁଲିବା ଏକ ସାଧନା। ଚୈତ୍ର ମାସ ସାରା ଏହି ପାଟୁଆମାନେ ହବିଷ୍ୟାନ୍ନରେ ରହିଥିଲେ। ପ୍ରତି ମଙ୍ଗଳବାର ମାଆଙ୍କୁ ପୂଜା କରୁଥିଲେ। ମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ମା' ଗଡ଼ଚଣ୍ଡୀ,ବସନ୍ତେଇ, ଜାଗୁଳାଇ,ମଙ୍ଗଳା ଓ ବାଟ ମଙ୍ଗଳାଙ୍କର ପାଞ୍ଚଜଣ କାଳଶି ବିଜେ ହୋଇ ନିକଟବର୍ତ୍ତୀ ନଳିତା ପୋଖରୀକୁ ଯାଇଥିଲେ। ପୋଖରୀ ଚତୁଃପାର୍ଶ୍ୱରେ ସମବେତ ଭକ୍ତମାନଙ୍କ ଗହଣରେ ଜଣକ ପରେ ଜଣେ ପାଟୁଆମାନଙ୍କ ପିଠିରେ କାଳଶିମାନେ କଣ୍ଟା ଫୁଟାଇଥିଲେ ମଧ କ୍ଷତ ସ୍ଥାନରୁ ରକ୍ତସ୍ରାବ ହୋଇ ନ ଥିଲା। କଣ୍ଟାର ଗୋଟିଏ ମୁଣ୍ଡରେ ଲଗାଯାଇଥିବା ରଶିରେ ପାଟୁଆମାନେ ବନ୍ଧା ହୋଇ ଖାଇ ଦଣ୍ଡରୁ ତଳକୁ ଝୁଲିଥିଲେ। ଖାଇରେ ଝୁଲିବା ସମୟରେ ପାଟୁଆମାନେ ଖଜୁରି, କୋଳି, ଆମ୍ବ ଆଦି ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପକାଇଥିଲେ। ଛୋଟ ଶିଶୁଙ୍କୁ ଖାଇରେ ଧରି ପାଟୁଆମାନେ ବୁଲୁଥିବା ଦେଖାଯାଇଥିଲା। ଅସାଧ ରୋଗ ପୀଡାରୁ ଉପଶମ ଲଭିବା ଏବଂ ନିଃସନ୍ତାନମାନେ ସନ୍ତାନ ସନ୍ତତି ଆଶାରେ ଏଭଳି କଷ୍ଟକର ତପ ସାଧନ କରିଥାନ୍ତି ବୋଲି ଜଣାପଡିଥାଏ। ସେହିପରି ଦାସବିଦ୍ୟାଧରପୁର ବଡ଼ ପୋଖରୀରେ ଖାଇଫୋଡ ଯାତ୍ରା ହୋଇଛି।


ସାକ୍ଷୀଗୋପାଳରେ ବିଷୁବ ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ଖାଇଫୋଡ଼ ଯାତ୍ରାରେ ଜଣେ ପାଟୁଆ ପିଠିରେ କଣ୍ଟାଫୋଡ଼ି ଝୁଲୁଛନ୍ତି।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍‌ରେ ପିଟିହୋଇ ବାଇକ୍ ଚାଳକ ମୃତ

ଗୋପ,୧୪।୪(ଡି.ଏନ୍.ଏ.): ମା' ରାମଚଣ୍ଡୀ ମନ୍ଦିରରୁ ଭୋଜି ଖାଇ ଫେରୁଥିବା ବେଳେ ଗୋପ- କୋଣାର୍କ ରାସ୍ତାର ଶାରଦା ଛକ ନିକଟରେ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ପଛରେ ଗୋଟିଏ ବାଇକ୍ ପିଟି ଦେବାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋପ ଥାନା ଅନ୍ତର୍ଗତ ଗଳଦରି ଗ୍ରାମର ଦିବାକର ପ୍ରଧାନ (୪୫)। ସେହି ଗ୍ରାମର ସୌମ୍ୟରଞ୍ଜନ ମଲ୍ଲିକ ଗୁରୁତର ହୋଇଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୨ଟି ଗାଡ଼ିକୁ ଜବତ କରିଛି। ପ୍ରକାଶ ଯେ, ଶୁକ୍ରବାର ପଣା ସଂକ୍ରାନ୍ତି ଥିବାରୁ ଦିବାକର, ସୌମ୍ୟରଞ୍ଜନ ୫/୬ଜଣ ସାଙ୍ଗ ସାଥିମିଶି ମା' ରାମଚଣ୍ଡୀଙ୍କ ନିକଟରେ ଭୋଜି କରିଥିଲେ। ଭୋଜି ଖାଇ ସାରି ସାରିବା ପରେ ୩ ବାଇକ ଯୋଗେ ଅପରାହ୍ନରେ ଫେରୁଥିଲେ। ଏହି ରାସ୍ତାର ଶାରଦା ଛକ ନିକଟରେ ଗୋଟିଏ ଘରୋଇ ଦୁଗ୍ଧ କମ୍ପାନୀର ଓଡି ୦୫ ଏଟି-୬୫୪୪ ପିକଅପ ଭ୍ୟାନଟି କ୍ଷୀର ନେଇ ଭୁବନେଶର ଯାଉଥିବା ବେଳେ ପଛରୁ ଆସୁଥିବା ବାଇକ ନମ୍ବର ଓଡି୧୩-ଜେ-୪୧୩୭ ପଛରୁ ପିଟି ହୋଇ ରାସ୍ତାରେ ୨ଜଣ ଛିଟିକି ପଡ଼ିଥିଲେ। ଦିବାକରଙ୍କ ମୁଣ୍ଡ ଓ ମୁହଁରେ ଶକ୍ତ ଆଘାତ ଲାଗିଥିବା ବେଳେ ସୌମରଞ୍ଜନଙ୍କ ଛାତି, ହାତ ଓ ମୁଣ୍ଡରେ ମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତରଦ୍ୱୟଙ୍କୁ ୧୦୮ ଆମ୍ବୁଲାନ୍ସ ଡକାଇ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦିବାକରଙ୍କୁ ମୃତ ଘୋଷଣା କରିଥିଲେ। ସେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗୋପ ଅଧକ୍ଷା ଝୁନୁ ମଲ୍ଲିକ ଓ ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରା ଦାବି କରିଛନ୍ତି। ଗୁରୁତର ସୌମ୍ୟରଞ୍ଜନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟଶମ୍ଭୁ ମିଳନ

କାକଟପୁର,୧୪।୪(ଡି.ଏନ୍.ଏ.)- ପୌରାଣିକ ପ୍ରାଚୀ ନଦୀ ଅବବାହିକାର ମୁଦୁଗଲଠାରେ ଅବସ୍ଥିତ ସିଦ୍ଧେଶ୍ୱର ପୀଠରେ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟଶମ୍ଭୁ ମିଳନ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅମୂଲ୍ୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଉପସ୍ଥିତ ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣ ଓ ବେଦଧ୍ୱନୀ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇ, ଜଗତରୁ କରୋନା ବିଲୋପ ହେବାସହ ଜଗତର ମଙ୍ଗଳ ପାଇଁ ଆବାଳ ବୃଦ୍ଧ ବନିତା ଶିବଶମ୍ଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସିଦ୍ଧେଶ୍ୱର ମନ୍ଦିର ସୁରକ୍ଷା ସମିତିର ସଭାପତି ଶ୍ରୀନିବାସ ପଣ୍ଡାଙ୍କ ସଂଯୋଜନାରେ ସୁରକ୍ଷା ସମିତିର ସମସ୍ତ ସଭ୍ୟ ଏବଂ ସେବକ ମଣ୍ଡଳୀଙ୍କ ସହଯୋଗରେ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ଶମ୍ଭୁ ମିଳନରେ କଣ୍ଟାପଡାର ଗୋକନେଶ୍ୱର, କାଳିଆଘାଇର ଅନ୍ଧକପିଳେଶ୍ୱର, ପିତାପଡାର ଅଙ୍ଗେଶ୍ୱର, କଣମଣର ବେଲେଶ୍ୱର, ନାସିକେଶ୍ୱରର ନାଟେଶ୍ୱର, ଅମରେଶ୍ୱରର ବାବା ଅମରେଶ୍ୱର, ନିଆଳିର ଶୋଭନେଶ୍ୱର ଏବଂ କାକଟପୁରର ସୋମେଶ୍ୱରଙ୍କ ଚଳନ୍ତି ପ୍ରତିମାମାନ ସାମିଲ ଥିଲେ।

### କବିତା ପାଠୋତ୍ସବ

ସାକ୍ଷୀଗୋପାଳ,୧୪।୪(ଡି.ଏନ୍.ଏ./ସ୍ୱ.ପ୍ର.): ଓଡ଼ିଆ ନବବର୍ଷ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଅଞ୍ଚଳରେ ସାରସ୍ୱତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତ ବିକାଶ ପରିଷଦର ସତ୍ୟବାଦୀ ଶାଖା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ରୂପେ ପରିଷଦର ରାଷ୍ଟ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ମୁଖ୍ୟବକ୍ତା ରୂପେ ସତ୍ୟବାଦୀ ଦାସ, ସମ୍ମାନିତ ଅତିଥି ରୂପେ ବୃନ୍ଦାବନ ଚନ୍ଦ୍ର ରଥ ଓ ନବଘନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଭାର୍ଗବୀ ସାହିତ୍ୟ ସଂସଦର ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା, ବିଶାଖା ଦେବୀ, ସୁନନ୍ଦା ମହାନ୍ତି, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ଓ ନଳିନୀ ପ୍ରଭା ପଟ୍ଟନାୟକ ପ୍ରମୁଖ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ମାନସ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ବିଜୟ କୁମାର ପରିଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଫକୀରଚରଣ ପାଢ଼ୀଙ୍କର ପୁସ୍ତକ ଶିଷ୍ଟାଚାର ଅତିଥିମାନେ ଉନ୍ମୋଚନ କରିଥିଲେ।

# ମହିଳା ହତ୍ୟା ଘଟଣା: ୨ ଦିଅର, ଯାଆ ଗିରଫ

ସାକ୍ଷୀଗୋପାଳ,୧୪।୪ (ଡି.ଏନ୍.ଏ./ସ୍ୱ.ପ୍ର.)

ପାରିବାରିକ ବିବାଦକୁ କେନ୍ଦ୍ର କରି ସତ୍ୟବାଦୀ ଥାନା ସନ୍ତପଡା ଗ୍ରାମରେ ଡଲି ପାତ୍ର ନାମକ ମହିଳାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ମୃତାଙ୍କ ୨ ଦିଅର ଓ ଯାଆଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ସନ୍ତପଡ଼ା ଗ୍ରାମର ବିଦ୍ୟାଧର ପାତ୍ର, ଲକ୍ଷ୍ମୀଧର ପାତ୍ର ଏବଂ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ମମତା। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିଦ୍ୟାଧର, ଲକ୍ଷ୍ମୀଧର ଓ ଧର୍ମପଦ ୩ ଭାଇଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ଗଣ୍ଡଗୋଳ ହୋଇ ଉଗ୍ରରୂପ ନେଇଥିଲା। ଏଥିରେ ବିଦ୍ୟାଧର, ଲକ୍ଷ୍ମୀଧର ଏବଂ ତାଙ୍କ ସ୍ତ୍ରୀ ମମତା ମିଶି ଧର୍ମପଦଙ୍କ ସ୍ତ୍ରୀ ଡଲିଙ୍କ ଚୁଟି ଧରି ଟଣାଟଣି କରିବା ସହ କାନ୍ଥରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ସଂଜ୍ଞା ହରାଇ ପଡଯିବାରୁ ତାଙ୍କୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଧର୍ମପଦ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲେ। ପରେ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍କ୍ୱାଡ ଟିମ୍ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ଅତିରିକ୍ତ ଏସପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ସମେତ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ୧୬ ନବନିଯୁକ୍ତ କନଷ୍ଟେବଲ୍‌ଙ୍କୁ ସମ୍ବର୍ଦ୍ଧନା


ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଥାନାରେ ୧୬ ନବନିଯୁକ୍ତ କନଷ୍ଟେବଲ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଗୋପ,୧୪।୪(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ଚଳିତବର୍ଷ କନଷ୍ଟେବଲ୍ ଚୟନରେ ୧୬ଜଣ ନବନିଯୁକ୍ତ କନଷ୍ଟେବଲ୍‌ଙ୍କୁ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଭବିଷ୍ୟତ କାମନା କରିବା ସହ ସମସ୍ତଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧନା କରିଥିଲେ। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳର ଶତାଧିକ ଯୁବକ, ଯୁବତୀ ଚଳିତ ବର୍ଷ କନଷ୍ଟେବଲ ପଦବୀ ଚୟନରେ ଭାଗ ନେଇଥିଲେ। ହେଲେ ଗୋପର ୧୬ଜଣ ଯୁବକ ଚୟନ ହୋଇଥିଲେ। ଏହି ୧୬ନିଯୁକ୍ତ କନଷ୍ଟେବଲ୍ ଆସନ୍ତା ୧୭ତାରିଖରେ ଜିଲା ପୋଲିସ ବିଭାଗର ମୁଖ୍ୟ କାର୍ଯ୍ୟାଳୟରେ ଯୋଗ ଦେବେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗୋପ ଥାନା ଅଧିକାରୀ ପ୍ରଧାନ ଗୋପ ବ୍ଲକ ଅଞ୍ଚଳର ୧୬ଜଣ ନବନିଯୁକ୍ତ କନଷ୍ଟେବଲ୍‌ଙ୍କୁ ଥାନାକୁ ଡାକି ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ଗୋପ ଥାନା ଏସ୍‌ଆଇ ନାୟିକା ମହାରଣା, ଏଏସ୍‌ଆଇ ଜହୁର୍ ଖାଁ, ଭାସ୍କର ମାଣିଆ ପ୍ରମୁଖ ଯୋଗଦେଇଥିଲେ। ନିଯୁକ୍ତ ରାକେଶ ବାଘ, ରମେଶ ରାଉତ, ରମାକାନ୍ତ ସାହୁ, ଚିତ୍ତରଞ୍ଜନ ପଣ୍ଡା, ସତ୍ୟଜିତ ପାଣ୍ଡି, ଦିଗେଶ ବେହେରା, ପ୍ରଶାନ୍ତ ବେହେରା, ଶିବ ପ୍ରସାଦ ସାହୁ, ଚିନ୍ମୟ ପ୍ରଧାନ, କୁନି ସ୍ୱାଇଁ, ମନୋରମା ଦାସ, ଲୋପାମୁଦ୍ରା ବରାଳଙ୍କ ସମେତ ମୋଟ ୧୬ଜଣ ଉପସ୍ଥିତ ଥିଲେ।


ପୁରୀର 'ଆପଣଙ୍କ ସେବାରେ' ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ସମ୍ମୁଖରେ ଓଡ଼ିଆ ନବବର୍ଷକୁ ସ୍ୱାଗତ କରାଯାଉଛି।

# ବାଟ ମହାବୀରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ପିପିଲି,୧୪।୪(ଡି.ଏନ୍.ଏ.)

ପୁରୀ– ଭୁବନେଶ୍ୱର ଜାତୀୟ ରାଜପଥର ପିପିଲି ପ୍ରବେଶ ପଥରେ ଅବସ୍ଥିତ ପିପିଲି ବିଜେଡି କାର୍ଯ୍ୟାଳୟ ନିକଟରେ ଥିବା ବାଟ ମହାବୀରଙ୍କ ୨୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ପ୍ରାତଃ ସମୟରେ ଶ୍ରୀ ଶ୍ରୀ ହନୁମାନଙ୍କ ସୂର୍ଯ୍ୟ ପୂଜା ସମସ୍ତ ନୀତିକାନ୍ତି ସରିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ହୋଇଥିବାବେଳେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ତାଙ୍କ ସ୍ତ୍ରୀ ଜାଗୃତି ପଣ୍ଡା ମହାରଥୀ ମୁଖ୍ୟ ପୁରୋଧାଙ୍କ କାର୍ଯ୍ୟ ସମାପନ କରିଥିଲେ। ପିପିଲି–ଡେଲାଙ୍ଗ ଅଞ୍ଚଳର ଶାନ୍ତି ଓ ପ୍ରଗତି ପାଇଁ ଶ୍ରୀ ଶ୍ରୀ ହନୁମାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ଜିଲା ବିଜେଡି ସଭାପତି ନାରାୟଣ, ପୁରୀ–ନିମାପଡ଼ା କୋଅପରେଟିଭ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସରପଞ୍ଚ, ସମିତିସଭ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ଥିଲେ।

# 'ପ୍ରାରମ୍ଭ' ପ୍ରଶିକ୍ଷଣ ନେଲେ ୩୫୦ ଶିକ୍ଷକ

କୋଣାର୍କ,୧୪।୪(ଡି.ଏନ୍.ଏ.)

ଜାତୀୟ ଶିକ୍ଷା ନୀତି – ୨୦୨୦ ଆଧାରରେ ପ୍ରଣିତ 'ନିପୁଣ ଭାରତ'ର ମୂଳ ଲକ୍ଷ୍ୟ ଶିଶୁମାନଙ୍କ ପ୍ରାଥମିକ ଶିକ୍ଷା ପରିପ୍ରେକ୍ଷୀରେ ତୃତୀୟ ଶ୍ରେଣୀ ମଧ୍ୟରେ ପ୍ରତ୍ୟେକ ଶିଶୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ହାସଲ କରିବେ। ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ 'ପ୍ରାରମ୍ଭ' ଶୀର୍ଷକ ନାମକ ଏକ ସ୍ୱତନ୍ତ୍ର ମଡ୍ୟୁଲ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସମଗ୍ର ଶିକ୍ଷା, ପୁରୀ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୋପ ବ୍ଲକର ୩୫୦ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଆଉ ୫୦ଜଣ ଶିକ୍ଷକଙ୍କୁ ଆସନ୍ତା ସପ୍ତାହରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ପ୍ରକାଶ କରିଛନ୍ତି। ଗୋପ ବ୍ଲକର ସାରଡା ୟୁଜିୟୁପି, ନୟାହାଟ ହାଇସ୍କୁଲ, ନିଗମାନନ୍ଦ ହାଇସ୍କୁଲ, ଗଣେଶ୍ୱରପୁର ଏନ୍‌ୟୁପିଏସ ଓ ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲରେ ୭ଟି ପର୍ଯ୍ୟାୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ। ବିଇଓ ବ୍ରହ୍ମାଙ୍କ ସମେତ ବିଆର୍‌ସିସି ବେଣୁଧର ମଲ୍ଲିକ, ଏବିଇଓ ଅଶୋକ କୁମାର ବେହେରା ଓ ଏବିଇଓ ବିଳାସିନୀ ମଲ୍ଲ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରିଥିଲେ। ସାରଡା ୟୁଜିୟୁପି ସ୍କୁଲରେ ବରିଷ୍ଠ ସାଧନକର୍ମୀ ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ରାଜେଶ ନାୟକ ଓ ବିଦ୍ୟାଧର ମିଶ୍ର ଏବଂ ନୟାହାଟ ହାଇସ୍କୁଲରେ ସାଧନକର୍ମୀ ଲଲାଟ ବେହେରା, ବିନୋଦ ମିଶ୍ର, ତାପସ ନାୟକ ଓ ସିଆରସିସି ସୁଚରିତା ପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିଗମାନନ୍ଦ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ଗଣେଶ୍ୱରପୁର ସ୍କୁଲ ପ୍ରଧାନଶିକ୍ଷକ ସୁବ୍ରତ ରଞ୍ଜନ ନାୟକ, ନୟାହାଟ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ସେଠୀ, ସାରଡା ୟୁଜିୟୁପି ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାସ, ସିଆରସିସି ସ୍ମୃତିରେଖା ରାଳ ଓ ସିଆରସିସି ଦେବାଶିଷ ପ୍ରଧାନ ପ୍ରଶିକ୍ଷଣ ଶିବିରର ପରିଚାଳନା କରିଥିଲେ।

# ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା


ନିମାପଡ଼ାର ଏକ ପେଟ୍ରୋଲ ଟାଙ୍କିରେ ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କରାଯାଉଛି।

ନିମାପଡ଼ା,୧୪।୪(ଡି.ଏନ୍.ଏ.)

ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ଅବସରରେ ନିମାପଡ଼ା ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ଓ ଆଗ୍ନିକ କର୍ମଚାରୀମାନେ ନିମାପଡ଼ା ଏନ୍‌ଏସି, ବିଷ୍ଣୁପୁରରେ ଡାକବାଜି ଯନ୍ତ୍ରରେ ପ୍ରଚାର କରି ଜନସଚେତନତା କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ସାଇ ସନ୍ତୋଷୀ ନର୍ସିଂହୋମ, ଆନନ୍ଦ ନର୍ସିଂ ହୋମ, ପେଟ୍ରୋଲ ପମ୍ପରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରି ନିଆଁକୁ ଆୟତ୍ତ କରିବା ସମ୍ପର୍କରେ ଅବଗତ କରାଇଥିଲେ। ବ୍ୟବସାୟ ପ୍ରତିଷ୍ଠାନରେ ଠିକ୍‌ମାନର ଅଗ୍ନିନିର୍ବାପକ ଯନ୍ତ୍ର ବ୍ୟବହାର କରିବା, ଗୁହାଳ ଘରେ ମଶା ଧୂଆଁ ଦେବା ପୂର୍ବରୁ ସମସ୍ତ ପ୍ରକାରର ସତର୍କତା ଅବଲମ୍ବନ କରିବା, କୌଣସି ସ୍ଥାନକୁ ଯିବାବେଳେ ସାଙ୍ଗରେ ପେଟ୍ରୋଲ, ଡିଜେଲ, ବାଣ ଆଦି ନ ନେବା, ଶୋଇବା ପୂର୍ବରୁ ଚୁଲାକୁ ଠିକ୍ ଭାବେ ବନ୍ଦ କରିବା, କୌଣସି ଦୁର୍ଘଟଣା ନଜରକୁ ଆସିଲେ ତୁରନ୍ତ ଅଗ୍ନିସେବାକୁ ଜଣାଇବା, ଆଗ୍ନିକ କର୍ମଚାରୀଙ୍କୁ ସହଯୋଗ କରିବା ସମ୍ପର୍କରେ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଅଧିକାରୀ ଓ ଆଗ୍ନିକ ବନ୍ଧୁମାନେ ବାର୍ତ୍ତା ବାଣ୍ଟିଥିଲେ।

# ଅସାବଧାନତାରୁ ଘଟୁଛି ୯୦ ଭାଗ ଅଗ୍ନିକାଣ୍ଡ

## ଅଗ୍ନିଶମ ସପ୍ତାହ ପାଳିତ

ସାକ୍ଷୀଗୋପାଳ, ୧୪।୪(ଡି.ଏନ୍.ଏ/ସ୍ୱ.ପ୍ର.)

ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସପ୍ତାହ ପାଳନ ଅବସରରେ ସତ୍ୟବାଦୀ ଦମକଳ କେନ୍ଦ୍ର ପକ୍ଷରୁ ଏକ ଜନସଚେତନତା ଅଭିଯାନ ଶୁକ୍ରବାର ଆରମ୍ଭ ହୋଇଛି। ଅସାବଧାନତା କାରଣରୁ ଶତକଡା ୯୦ ପ୍ରତିଶତ ଅଗ୍ନିକାଣ୍ଡ ଘଟି ଧନ ଜୀବନ ନଷ୍ଟ ହେଉଛି। ଜଳନ୍ତା ଦିଆସିଲ, ବିଡି, ସିଗାରେଟ ଏଣେତେଣେ ନ ପକାଇବା, କୌଣସି ଅନାବଶ୍ୟକ ସ୍ଥାନରେ ନିଆଁ, ଧୂଆଁର ଗନ୍ଧ ବାରିଲେ ଭଲଭାବରେ ଅନୁସନ୍ଧାନ କରିବା, ଘର ବନ୍ଦ କରି ବାହାରକୁ ଯିବା ପୂର୍ବରୁ ନିଆଁ ଲାଗିବାର କାରଣନେଇ ସତର୍କତା ଅବଲମ୍ବନ, ବିଦ୍ୟୁତ୍ ଶର୍ଟସର୍କିଟ, ବାଣ, ଦିଆସିଲ, ଡିବିର, ଲ୍ୟାମ୍ପ, ଏଲପିଜି, ପେଟ୍ରୋଲ, ଡିଜେଲ, ଛୋଟ ପିଲାମାନଙ୍କ ଠାରୁ ଦୂରେଇ ରଖିବା ଜରୁରୀ ବୋଲି କହିଥିଲେ। ସାକ୍ଷୀଗୋପାଳ ମନ୍ଦିର ନିକଟରେ ଦମକଳ କେନ୍ଦ୍ର ଅଧିକାରୀ ମନୋଜ ପାତ୍ରଙ୍କ ନେତୃତ୍ୱରେ ଆଗ୍ନିକ ଜୟରାମ ସାହୁ, ଲିପନ ବେହେରା, ଜୀବା କୁମାର ଜେନା, ପପୁନ ସାହୁ, ହାବିଲଦାର ଡ୍ରାଇଭର ଗଣେଶ ମାଝୀ ପ୍ରମୁଖ ୧୬ଟି ଦିଗରେ ସତର୍କତା ଅବଲମ୍ବନ କରିବାକୁ ପ୍ରଚାରପତ୍ର ଜରିଆରେ ସଚେତନ କରିଥିଲେ। ଅଗ୍ନିକାଣ୍ଡ ଦୁର୍ଘଟଣା ସମୟରେ ତୁରନ୍ତ ବିପଦର ବନ୍ଧୁ ଆଗ୍ନିକମାନଙ୍କୁ ଖବର ଦିଅନ୍ତୁ ଓ ସେମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ।


ପୁରୀ ସହରରେ ଡ. ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବିରେ ଶୁକ୍ରବାର ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

# ଜୟ ହନୁମାନ ଧ୍ୱନିରେ କମ୍ପିଲା ଅଞ୍ଚଳ

ନିମାପଡ଼ା,୧୪।୪(ଡି.ଏନ୍.ଏ.)

ଓଡ଼ିଆ ନବବର୍ଷ ପାଳନ ଓ ମହାବିଷୁବ ସଂକ୍ରାନ୍ତି ହନୁମାନ ଜୟନ୍ତୀ ହିନ୍ଦୁ ସଂଗଠନ ପକ୍ଷରୁ ନିମାପଡ଼ାରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଓ ବାଇକ୍ ରାଲି ନୂଆବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରିଥିଲେ। ନୂଆ ବସଷ୍ଟାଣ୍ଡଠାରୁ ପାଟପୁର ଛକ ପର୍ଯ୍ୟନ୍ତ ଦୀର୍ଘ ୪ କି.ମି. ଧରି ଏହି ଶୋଭାଯାତ୍ରା ହୋଇଥିଲା। ହଜାର ହଜାର ସଂଖ୍ୟାରେ ହନୁମାନ ପ୍ରେମୀ ଏଥିରେ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ଓ ଜୟ ହନୁମାନ ଧ୍ୱନି, ବାଜା, ବାଣ, ଘଣ୍ଟ ଘଣ୍ଟା ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

# ବିଷୁବ ମିଳନ, କବିତା ପାଠୋତ୍ସବ

ନିମାପଡ଼ା,୧୪।୪(ଡି.ଏନ୍.ଏ.)

ଚାରିଛକ ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ, ମହାବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ତୁଳସୀପୁରସ୍ଥିତ ଜୟଦୁର୍ଗା କଲ୍ୟାଣମଣ୍ଡପରେ ବିଷୁବ ମିଳନ ଉତ୍ସବ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି, ଶିକ୍ଷାବିତ ଡ. ବଂଶୀଧର ଷଡ଼ଙ୍ଗୀ, ବିଜେବି କଲେଜର ଅଧ୍ୟାପକ ଗିରିଜାକାନ୍ତ ଦାଶ, କୋଣାର୍କ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ କୁମାର ପ୍ରଧାନ, ନିମାପଡ଼ା କଲେଜର ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢୀ, ଅଧ୍ୟାପକ ଜୀବନ ଦାଶ, ସମାପ୍ତ ମହାନ୍ତି, ସୁରେଶ ଚନ୍ଦ୍ର କର, ଆଇନଜୀବୀ ଗଙ୍ଗାଧର ପୀଠ, ରଜନୀକାନ୍ତ ତ୍ରିପାଠୀ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାତ ବାହିନୀପତି, ବନ ବିହାରୀ ଦାଶ ପ୍ରମୁଖ ଯୋଗଦେଇ ଏହି ଦିବସ, ଉତ୍ସବ ସମ୍ପର୍କରେ କହିଥିଲେ। ଉତ୍ସବରେ ସାହିତ୍ୟ ସଂସଦ ସଭାପତି ପ୍ରଫେସର ଗୋପୀନାଥ କର ଅଧକ୍ଷତା କରିଥିଲେ। ସମ୍ପାଦକ ଶିକ୍ଷାବିତ ଡ.ସନ୍ତୋଷ ମିତ୍ର ସ୍ୱାଗତ ଭାଷଣ ଦେବା ସହ ସମାଜରେ ଓଡ଼ିଆ ସାହିତ୍ୟର ଅବଦାନ ଦର୍ପଣ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ଅଧକ୍ଷ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ ନିରଞ୍ଜନ କର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବହୁ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଫେସର ସ୍ୱର୍ଗତ ମନମୋହନ ଦାଶଙ୍କ ସ୍ତ୍ରୀ ଚପଳା ଦାଶଙ୍କୁ ସଂସଦ ପକ୍ଷରୁ ମରଣୋତ୍ତର ସମ୍ମାନ, ନିଆଳିର ଡା.ରାଧାନାଥ ପଣ୍ଡାଙ୍କୁ ସମାଜସେବୀ ଓ ଆଧ୍ୟାତ୍ମିକବାଦୀ ସମ୍ମାନ, ଚାରିଛକ ପ୍ରେସ୍ କ୍ଲବ ପ୍ରଫୁଲ୍ଲ କରଙ୍କୁ ସାମ୍ବାଦିକ ଗୌରବ ସମ୍ମାନ, କବି ଚିତ୍ତରଞ୍ଜନ ପୃଷ୍ଟି ଓ କବି ଅମରେଶ୍ୱର ତ୍ରିପାଠୀ ପ୍ରମୁଖଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସାହିତ୍ୟ ସଂସଦର ଉପସଭାପତି ଶିକ୍ଷାବିତ ଡ. ପ୍ରଭାତି ମିଶ୍ର, କୋଷାଧ୍ୟକ୍ଷ କୈଳାସ ତ୍ରିପାଠୀ, ଶିକ୍ଷାବିତ ପଞ୍ଚାନନ ସାହୁ, ଦ୍ୱିଜବର ମୁଦୁଲି, ତ୍ରିଲୋଚନ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୪।୨୦୨୩

| ୪,୮୧,୭୪୪ ଟଙ୍କା | |
|---|---|
| ସୁନା | ୨୫.୩୦୦ ଗ୍ରାମ |
| ରୁପା | ୪୨.୭୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ସାଇକଲଥନ, ବିଧାନସୌଧ ସମ୍ମୁଖ, ସକାଳ ୬ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ମା' ତାରିଣୀଙ୍କର ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା, ମନ୍ଦିର ପରିସର, ୨ୟ ପୋଷ୍ଟାଲ କଲୋନୀ ନିକଟ, ଭିଏସ୍ଏସ୍ ନଗର, ସକାଳ ୮ଟା।
- କିଟ୍ ୟୁନିଭରସିଟି ପକ୍ଷରୁ ୟୁଥ୍-୨୦ କନସ୍ୟୁଲେଶନ ୨୦୨୩, କନଭେନ୍ସନ ସେଣ୍ଟର, ମେ ଫେୟାର, ପୂର୍ବାହ୍ନ ୧୧ଟା। ମିଡିଆ ସେସନ, ଅପରାହ୍ନ ୪ଟା।
- ତ୍ରୈମାସିକ ପତ୍ରିକା ଯୁଗ ପ୍ରବର୍ତ୍ତକର ଉନ୍ମୋଚନ ଓ ଆଲୋଚନାଚକ୍ର, ମିନି କନଫରେନ୍ସ ହଲ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ଚିନ୍ତା ଓ ଚେତନାର ୪୫ତମ ବୈଶାଖୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ପତ୍ରିକା ପ୍ରତିଶ୍ରୁତିର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ରେଡ୍‌କ୍ରସ ଭବନ(ପ୍ରଥମ ମହଲା), ୟୁନିଟ-୯, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ବାଲିଅନ୍ତା ଥାନାର ନୂତନ ଗୃହ ଉଦ୍‌ଘାଟନ ଉତ୍ସବ, ଥାନା ପରିସର, ପୂର୍ବାହ୍ନ ୧୦ଟା।
- ବାଟ ମହାବୀରଙ୍କ ଦଶମ ଜନ୍ମବାର୍ଷିକୀ ପାଳନ ଓ ମହାଯଜ୍ଞର ପୂର୍ଣ୍ଣାହୁତି, ହଂସପାଳ, ରାତି ସାଢ଼େ ୭ଟା।
- ବାଦୀ ପାଲା ପରିବେଷଣ, ମହାନ୍ତି ପାଟଣା ଗ୍ରାମର ମା' ବନଦୁର୍ଗାଙ୍କ ପୀଠସ୍ଥଳୀ, ରାତି ୭ଟା।
- ବାଦୀ ପାଲା ପରିବେଷଣ, ସୁନ୍ଦରାପାଟଣା-ରୁଦ୍ରପୁର ଗ୍ରାମର ମା' ଗେହ୍ଲାଦେବୀଙ୍କ ପୀଠ, ରାତି ୭ଟା।
- ରାମ ଲୀଳାର ମଞ୍ଚସ୍ଥ ହେବ ନାଟକ କୁମ୍ଭକର୍ଣ୍ଣ ବଧ, ଗୋତଲିନ୍ଧା ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ରାତି ୧୧ଟା।
- ରାମ ଲୀଳାର ମଞ୍ଚସ୍ଥ ହେବ ନାଟକ, ଇନ୍ଦ୍ରଜିତର ମୋହନାସ୍ତ୍ର ପ୍ରୟୋଗ ଓ କୁମ୍ଭକର୍ଣ୍ଣ ବଧ, ବେଣୁପର ରାମଲୀଳା ପଡ଼ିଆ, ରାତି ୧୧ଟା।
- ରାମ ଲୀଳାର ମଞ୍ଚସ୍ଥ ହେବ ନାଟକ,' ମହିରାବଣ ଓ ରାବଣ ବଧ, କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ ପଡ଼ିଆ, ରାତି ୧୧ଟା।

କଟକ

- ବିଜିନେସ୍ କ୍ଲବ ଅଫ ଏଣ୍ଟରପ୍ରିନିୟର୍ସ ପକ୍ଷରୁ ଯୋଗ, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସତ୍ୟବ୍ରତ ଷ୍ଟାଡିୟମ, ସକାଳ ୬ଟା।
- ଆମେ ଓଡ଼ିଆ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହାସମ୍ମିଳନୀର ଦ୍ୱିତୀୟ ଦିବସ, ଉପର ବାଲିଯାତ୍ରା ପଡ଼ିଆ, ସକାଳ ୯ଟା।
- ଆଇନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ଆଇନ କୁଇଜ ପ୍ରତିଯୋଗିତା, ଓଡ଼ିଶା ଜୁଡିସିଆଲ ଏକାଡେମୀ ପ୍ରେକ୍ଷାଳୟ, ଅପରାହ୍ନ ୫ଟା ।

ବ୍ରହ୍ମଗିରି

- ଦେକୁଦୀ ଗ୍ରାମବାସୀ ଓ ତାରିଣୀ ଉନ୍ନୟନ କମିଟି ପକ୍ଷରୁ ତାରିଣୀ ମହୋତ୍ସବର ସୂର୍ଯ୍ୟ ପୂଜା ଓ ଚଣ୍ଡୀପାଠ, ଦେକୁଦୀ, ବ୍ରହ୍ମଗିରି, ସକାଳ ୭ଟାରୁ ଆରମ୍ଭ।

# ଯୁବଗୋଷ୍ଠୀ ଭାରତର ବିଶ୍ୱ ନେତୃତ୍ୱ ଲକ୍ଷ୍ୟ ହାସଲ କରିବାକୁ ଆହ୍ୱାନ

## କିଟ୍‌ରେ ୟୁଥ୍-୨୦ କନ୍‌ସଲଟେଶନ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୪(ବ୍ୟୁରୋ)




ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଓ ଅନ୍ୟ ଅତିଥିମାନେ।

ଯୁବଶକ୍ତି ହେଉଛନ୍ତି ରାଷ୍ଟ୍ରଶକ୍ତି। ସେମାନଙ୍କ ମଧ୍ୟରେ ଦକ୍ଷତା, ସର୍ଜନଶୀଳତା, ଅପାର ଶକ୍ତି ଓ ଉତ୍ସାହ ଭରି ରହିଛି। ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ନୀତିକୁ ଅନୁସରଣ କରି ଏକ ବିଂଶ ଶତାବ୍ଦୀରେ ଭାରତ ଯେପରି ସମଗ୍ର ବିଶ୍ୱର ନେତୃତ୍ୱ ନେବ ସେହି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ ହେବ। ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୟୁଥ-୨୦ କନ୍‌ସଲଟେଶନ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ଯୋଗାଣ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଏହା କହିବା ସହ ଏଥିପାଇଁ ଯୁବଗୋଷ୍ଠୀ ଓ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।

ଅନ୍ୟତମ ଅତିଥି ଭାବେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପର ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କହିଲେ, ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ସଂସ୍କୃତି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଯୁବଗୋଷ୍ଠୀକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଯୁବକମାନେ ଚାହିଁଲେ ଏକ ଶାନ୍ତ, ସମୃଦ୍ଧ ଓ ସ୍ଥାୟୀ ବିଶ୍ୱ ସମ୍ଭବ ହୋଇପାରିବ ବୋଲି ସୁଇଜରଲ୍ୟାଣ୍ଡ ଏମ୍‌ପି ତଥା କିଟ୍ ଓ କିସ୍‌ର ବ୍ରାଣ୍ଡ୍ ଆମ୍ବାସାଡାର ଡ. ନିକୋଲସ୍ ସାମୁଏଲ ଗର୍ଗ ମତ ରଖିଥିଲେ। ଯୁବକମାନେ କଠିନ ପରିଶ୍ରମ, ଦକ୍ଷତା ଓ ନିଷ୍ଠା ବଳରେ ସମାଜ, ଦେଶ ତଥା ବିଶ୍ୱରେ ପରିବର୍ତ୍ତନ ଆଣିପାରିବେ ବୋଲି ବ୍ରିଟେନ ଏମ୍‌ପି ବୀରେନ୍ଦ୍ର ଶର୍ମା କହିଥିଲେ। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ସଚିବ ମିତା ରାଜୀବ ଲୋଚନ ଭବିଷ୍ୟତ ବିଶ୍ୱ କିପରି ହେବା ଦରକାର ତାହା କଳ୍ପନା କରିବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣରେ କହିଲେ, ୟୁଥ୍-୨୦ କନ୍‌ସଲଟେଶନ ଭାରତ ସମେତ ଜି-୨୦ ରାଷ୍ଟ୍ର ସମୂହର ଛାତ୍ର, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ରାଷ୍ଟ୍ରନୀତିଜ୍ଞ, କୂଟନୀତିଜ୍ଞ, ଟେକ୍ନୋକ୍ରାଟ, ବିଜ୍‌ନେସ ଲିଡର ଓ ଆଧ୍ୟାତ୍ମିକ ଗୁରୁ ସମସ୍ତଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିପାରିଛି। ଆମେରିକାର ପୂର୍ବତନ ଏମ୍‌ପି ରବର୍ଟ ପିଟେନ୍‌ୟଞ୍ଜର, ଭାରତରେ ଅବସ୍ଥାପିତ ମାଲ୍ଟା ହାଇକମିଶନର୍ ରିୟୁବେନ ଗୁସି ଓ ଗ୍ରାମୀ ପୁରସ୍କାରପ୍ରାପ୍ତ ସଙ୍ଗୀତଜ୍ଞ ରିକି କେଜ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ବକ୍ତବ୍ୟ ରଖିଥିବାବେଳେ ଉପକୁଳପତି ସରନଜିତ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନିଦିନିଆ ୟୁଥ୍ ସମ୍ମିଳନୀରେ ଭାରତ ସମେତ ବିଭିନ୍ନ ଦେଶର ଏମ୍‌ପି, ଶିକ୍ଷାବିତ୍, ବୁଦ୍ଧିଜୀବୀ କୂଟନୀତିଜ୍ଞ, ଟେକ୍ନୋକ୍ରାଟ, ବିଜିନେସ ଲିଡର ପ୍ରମୁଖ ଯୋଗଦେଇଛନ୍ତି।



ମହାବିଷୁବ ସଂକ୍ରାନ୍ତି ଅବସରରେ ଶୁକ୍ରବାର ସୁସଜ୍ଜିତ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ବ୍ରାଉନସୁଗାର ଜବତ, ୨ ଭାଇ ଗିରଫ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ବ୍ରାଉନସୁଗାର କାରବାର ଅଭିଯୋଗରେ ମୈତ୍ରୀ ବିହାର ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆ ସାହିରେ ରହୁଥିବା କଟକ ଜିଲା ନିଆଳି ଥାନାଞ୍ଚଳର ଚିକୁ ସ୍ୱାଇଁ ଓ ଚିଣ୍ଟୁ ସ୍ୱାଇଁ। ସେମାନଙ୍କଠାରୁ ୬ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଜାମିନ ନ ମିଳିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଚିକୁ ଓ ଚିଣ୍ଟୁ ଏକାମ୍ରେଶ୍ୱର ପ୍ରକଳ୍ପ ବିଦ୍ୟାଳୟ ନିକଟରେ ବ୍ରାଉନସୁଗାର ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ ପୋଲିସ ଧରିଥିଲା।

# ଆପତ୍‌କାଳୀନ ବିପତ୍ତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ସବୁବେଳେ ପ୍ରସ୍ତୁତ

## ୭୯ତମ ଅଗ୍ନିଶମ ସପ୍ତାହ ଓ ଶହୀଦ ଦିବସ ସମାରୋହ

ଭୁବନେଶ୍ୱର,୧୪।୪ (ବ୍ୟୁରୋ)





ସମାରୋହରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ବିଭାଗ ପକ୍ଷରୁ ଅନୁଷ୍ଠିତ ପରେଡ୍।

ଓଡିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ସଂସ୍ଥା ପକ୍ଷରୁ ୭୯ତମ ଅଗ୍ନିଶମ ସପ୍ତାହ ଓ ଶହୀଦ ଦିବସ ସମାରୋହ ଶୁକ୍ରବାର ବରମୁଣ୍ଡାସ୍ଥିତ ଓଡିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଶହୀଦ ହୋଇଥିବା ଅଗ୍ନିଶମ ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆୟୋଜିତ ପରେଡ୍‌ରେ ଅଭିବାଦନ ଦେଇ ମନ୍ତ୍ରୀ କହିଲେ, ଅଗ୍ନିଶମ କର୍ମଚାରୀମାନେ ସବୁବେଳେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ଜୀବନ ବଞ୍ଚାଇବା ଲାଗି ତତ୍ପର ଅଛନ୍ତି। ଓଡିଶା ଅଗ୍ନିଶମ ବିଭାଗ ଭଲ କାର୍ଯ୍ୟ କରି କେବଳ ରାଜ୍ୟ ଭିତରେ ବା ଦେଶରେ ନୁହେଁ, ବିଦେଶରେ ମଧ୍ୟ ଉଚ୍ଚ ପ୍ରଶଂସିତ ହୋଇଛି। ବାହାର ରାଜ୍ୟରେ ଟ୍ରେନିଂ ସହ ଏଠାରେ ମଧ୍ୟ ଉଚ୍ଚ ପ୍ରଶିକ୍ଷଣ ଦିଆଯାଉଛି। ବନ୍ୟା, ବାତ୍ୟା, ମରୁଡି ସହ ଅନ୍ୟ ଆପତ୍‌କାଳୀନ ବିପତ୍ତିର ମୁକାବିଲା କରିବାକୁ ଅଗ୍ନିଶମ ବିଭାଗ ସବୁବେଳେ ପ୍ରସ୍ତୁତ ରହିଛି। ଅଗ୍ନିଶମ ବାହିନୀର ଚ୍ୟାଲେଞ୍ଜପୂର୍ଣ୍ଣ ଉଦ୍ୟମ ଯୋଗୁ ନିକଟରେ ପୁରୀରେ ଘଟିଥିବା ବଡ଼ ଅଗ୍ନିକାଣ୍ଡକୁ ଆୟତ୍ତ କରାଯିବା ସହ ଜୀବନହାନିକୁ ରୋକାଯାଇପାରିଥିଲା। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗକୁ ଆଧୁନିକୀକରଣ କରାଯିବା ସହ ଆଗକୁ ନିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଅଗ୍ନିଶମ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ , ଅଗ୍ନିଶମ ଡିଆଇଜି ଚରଣ ସିଂ ମୀନା, ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ମାଝି, ଓଏଫ୍‌ଡିଆର୍‌ଏ ନିର୍ଦ୍ଦେଶକ ତ୍ରିଲୋକ କୁମାର ବାବୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଗ୍ନିଶମ ଶହୀଦଙ୍କ ଉଦ୍ଦେଶ୍ୟରେ ଶହୀଦ ସ୍ତମ୍ଭଠାରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ୨୦୨୨-୨୩ରେ କାର୍ଯ୍ୟରତ ସମୟରେ ଶହୀଦ ହୋଇଥିବା ଅଧିକାରୀ ଓ କର୍ମଚାରୀଙ୍କ ନାମ ପାଠ କରାଯାଇଥିଲା। ବର୍ଷର ଶ୍ରେଷ୍ଠ ଅଗ୍ନିଶମ ସେବା କର୍ମଚାରୀ ଏବଂ କ୍ରୀଡା ଓ ପ୍ରଫେଶନାଲ ଡ୍ୟୁଟି ମିଟ୍ ଇଭେଣ୍ଟର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅଗ୍ନିଶମ ସେବା କର୍ମଚାରୀଙ୍କୁ ଜୀବନବ୍ୟାପୀ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ କୌଣସି ଘରେ କିମ୍ବା ଟ୍ରାନ୍ସଫର୍ମରରେ ନିଆଁ ଲାଗିଲେ ଅବା କୌଣସି ପିଲର ତଳେ କେହି ଚାପି ହୋଇଯାଇଥିଲେ କିପରି ତୁରନ୍ତ ଉଦ୍ଧାର କରାଯିବ ସେନେଇ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା କୌଶଳ ପ୍ରଦର୍ଶନ କରାଯାଇଥିଲା। ସୂଚନାଯୋଗ୍ୟ, ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ ବର୍ଷା



@ ବୁଦ୍ଧିଆ



@ ଗିରିଜା ଶଙ୍କର



@ ପ୍ରିୟଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ପ୍ରବଳ ଖରାକୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ମରୀଚିକୋଟ ଛକ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଛତା ବ୍ୟବସ୍ଥା କରାଯାଇଛି।



ଭୁବନେଶ୍ୱରସ୍ଥିତ ଗୁରୁଦ୍ୱାରା ସିଂ ସଭାରେ ଶୁକ୍ରବାର ବୈଶାଖୀ ଉତ୍ସବ ପାଳନ କରାଯାଉଛି।

**ଜୁଲାଇ ୧ରୁ ଅମରନାଥ ଯାତ୍ରା**

ଅମରନାଥ ପୀଠକୁ ବାର୍ଷିକ ତୀର୍ଥଯାତ୍ରା ଜୁଲାଇ ୧ରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ପ୍ରଶାସନ ପକ୍ଷରୁ ଏହା ଘୋଷଣା କରାଯାଇଛି। ୩,୮୮୦ ମିଟର ଉଚ୍ଚରେ ଅବସ୍ଥିତ ଅମରନାଥକୁ ଯିବା ଲାଗି ଆସନ୍ତା ୧୭ରୁ ଯାତ୍ରୀ ପଞ୍ଜୀକରଣ ଆରମ୍ଭ ହେବ। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ଲ୍ୟୁଟ୍‌ନାଣ୍ଟ ଜେନେରାଲ ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ରାଜଭବନରେ ଶ୍ରୀଅମରନାଥଜୀ ଶ୍ରାଇନ୍ ବୋର୍ଡର ୪୪ତମ ବୈଠକ ବସି ଯାତ୍ରା ସମୟ ସ୍ଥିର କରାଯାଇଥିଲା।

## କର୍ଣ୍ଣାଟକରେ ନିର୍ବାଚନ ଲଢ଼ିବ ଏନ୍‌ସିପି

**ନୂଆଦିଲ୍ଲୀ, ୧୪।୪:** ବିରୋଧୀ ଏକତା ନାଁରେ ଶରଦ ପାୱାର କଂଗ୍ରେସ ନେତାମାନଙ୍କୁ ଭେଟିବାର ଦିନକ ପରେ ତାଙ୍କ ଦଳ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛି। ମେ' ୧୦ରେ ହେବାକୁ ଥିବା ନିର୍ବାଚନରେ ଏନ୍‌ସିପି ୪୦ରୁ ୪୫ ଆସନରେ ଲଢ଼ିପାରେ। ଫଳରେ ସହଯୋଗୀ କଂଗ୍ରେସକୁ ବଡ଼ ଝଟକା ଲାଗିଛି। କାରଣ କର୍ଣ୍ଣାଟକରେ ମୁଖ୍ୟତଃ ଭାଜପା, କଂଗ୍ରେସ ଏବଂ ଜେଡିଏସ୍ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାକୁ ଥିବାବେଳେ ନିର୍ବାଚନ ରଣାଙ୍ଗନରେ ଏନ୍‌ସିପିର ପ୍ରବେଶ କଂଗ୍ରେସ ଭୋଟ ଭାଙ୍ଗିବ ବୋଲି କୁହାଯାଉଛି। ଉକ୍ତ ନିଷ୍ପତ୍ତି ବିରୋଧୀ ଏକତାକୁ ମଧ୍ୟ ପ୍ରଭାବିତ କରିବ। ତେବେ ନିକଟରେ ଏନ୍‌ସିପିର ଜାତୀୟ ମାନ୍ୟତା ପ୍ରତ୍ୟାହାର ହେବା ପରେ ଦଳ ପୁନର୍ବାର ତାହା ଫେରିପାଇବାକୁ ଉଦ୍ୟମ ଆରମ୍ଭ କରିବ ବୋଲି ଏହାର ନେତା ପ୍ରଫୁଲ ପଟେଲ କହିଛନ୍ତି।

## ଭାଜପା ଛାଡ଼ି କଂଗ୍ରେସରେ ମିଶିଲେ ଲକ୍ଷ୍ମଣ ସବାଦୀ



**ନୂଆଦିଲ୍ଲୀ, ୧୪।୪:** କର୍ଣ୍ଣାଟକର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସବାଦୀ ଶୁକ୍ରବାର କଂଗ୍ରେସ ରାଜ୍ୟ ସଭାପତି ଡି.କେ. ଶିବକୁମାର ଏବଂ ସିଦ୍ଦରମୈୟାଙ୍କୁ ଭେଟିବା ପରେ ଦଳରେ ସାମିଲ ହୋଇଛନ୍ତି। କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଲଢ଼ିବା ଲାଗି ଭାଜପା ଟିକେଟ ନ ଦେବାରୁ ୨ ଦିନ ପୂର୍ବରୁ ଲକ୍ଷ୍ମଣ ଇସ୍ତଫା ଦେଇଥିଲେ। ସେ କଂଗ୍ରେସରେ ଯୋଗ ଦେଇଥିବା ସମ୍ପର୍କରେ ଶିବକୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ସେ କୌଣସି ସର୍ତ୍ତ ରଖି ଦଳକୁ ଆସିନାହାନ୍ତି। ଏଭଳି ଜଣେ ମହାନ ନେତାଙ୍କୁ କଂଗ୍ରେସରେ ସାମିଲ କରିବା ଆମର କର୍ତ୍ତବ୍ୟ। ୯ରୁ ୧୦ ଜଣ ବିଧାୟକ କଂଗ୍ରେସରେ ସାମିଲ ହେବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ଥଇଥାନ କରିବା ପାଇଁ ଦଳରେ ସ୍ଥାନ ନ ଥିବା ଶିବକୁମାର କହିଛନ୍ତି।

# ଯୋଗୀଙ୍କ ଅମଳରେ ୧୮୩ ଏନ୍‌କାଉଣ୍ଟର ହତ୍ୟା

**ଭାଜପା ପାଇଁ ରାଜନୈତିକ ଅସ୍ତ୍ର: ଅଖିଳେଶ**



କାନ୍‌ପୁର ନିକଟରେ ବିକାଶଙ୍କୁ ଏନ୍‌କାଉଣ୍ଟର କରାଯାଇଥିବା ସ୍ଥାନ।

**ଲକ୍ଷ୍ନୌ,୧୪।୪**

ଉତ୍ତର ପ୍ରଦେଶରେ ଯୋଗୀ ଆଦିତ୍ୟନାଥ ସରକାର କ୍ଷମତାକୁ ଆସିବା ପରଠାରୁ ୬ ବର୍ଷ ମଧ୍ୟରେ ୧୮୩ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରି ହତ୍ୟା କରାଯାଇଛି। ଝାନ୍ସୀ ଜଙ୍ଗଲରେ ଗୁରୁବାର ଏନ୍‌କାଉଣ୍ଟର କରାଯାଇଥିବା ଅସଦ୍ ଅହମ୍ମଦ ଓ ଗୁଲାମ ମହମ୍ମଦ ଏହି ମୃତକମାନଙ୍କ ମଧ୍ୟରେ ସାମିଲ ଥିବା ୟୁପି ପୋଲିସ କହିଛି।

ପୋଲିସ ତଥ୍ୟାନୁସାରେ ୨୦୧୭ ମାର୍ଚ୍ଚରେ ଯୋଗୀ ଆଦିତ୍ୟନାଥ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେବେଠୁ ଅଦ୍ୟାବଧି ପୋଲିସ ୧୦,୯୦୦ରୁ ଊର୍ଦ୍ଧ୍ୱ ଥର ଏନ୍‌କାଉଣ୍ଟର କଲାଣି। ଏହି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବେଳେ ୨୩,୩୦୦ ଅପରାଧୀଙ୍କୁ ଗିରଫ କରାଯାଇଥିବାବେଳେ ୫,୦୪୬ ଜଣ ଆହତ ହୋଇଛନ୍ତି। ଆହତ ପୋଲିସ କର୍ମଚାରୀଙ୍କ ସଂଖ୍ୟା ୧,୪୪୩ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୧୩। ମୃତ ୧୩ ପୋଲିସଙ୍କ ମଧ୍ୟରୁ ୮ ଜଣ କାନ୍‌ପୁରରେ କୁଖ୍ୟାତ୍ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ ସହଯୋଗୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ। ବିକାଶଙ୍କୁ ମଧ୍ୟପ୍ରଦେଶର ଉଜ୍ଜୟିନୀରୁ ୟୁପିକୁ ଅଣାଯାଉଥିବାବେଳେ ଗାଡ଼ି ଓଲଟିପଡ଼ିବାରୁ ଫେରାର ଉଦ୍ୟମ ବେଳେ ତାଙ୍କୁ ଏନ୍‌କାଉଣ୍ଟର କରାଯାଇଥିବା କୁହାଯାଇଥିଲା। ସ୍ପେଶାଲ ଡିଜିପି (ଆଇନ ଶୃଙ୍ଖଳା) ପ୍ରଶାନ୍ତ କୁମାରଙ୍କ ମତରେ ୧୮୩ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିବା ଅପରାଧ ପ୍ରତି ଯୋଗୀ ସରକାରଙ୍କ ଶୂନ ସହନଶୀଳତାକୁ ଦର୍ଶାଉଛି। କିନ୍ତୁ ସରକାରଙ୍କ ସମାଲୋଚକ ଓ ବିରୋଧୀ ଦଳଗୁଡ଼ିକ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ 'ଫେକ୍ ଏନ୍‌କାଉଣ୍ଟର' ଭାବେ ଅଭିହିତ କରି ସତ ପଦାକୁ ଆଣିବା ପାଇଁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ନିର୍ବାଚନକୁ ଦୃଷ୍ଟିରେ ରଖି ଏନ୍‌କାଉଣ୍ଟରକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସେହିପରି ଅସଦ ଅହମ୍ମଦ ଓ ଗୁଲାମ ମହମ୍ମଦଙ୍କ ଏନ୍‌କାଉଣ୍ଟର ଧର୍ମ ନାମରେ କରାଯାଇଥିବା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ଅନ୍ୟପକ୍ଷେ ଗୁଲାମଙ୍କ ମା' ଖୁଶନୁଦା ଶୁକ୍ରବାର ତାଙ୍କ ମୃତଦେହ ନେବାକୁ ମନା କରିବା ସହ ପୋଲିସର ନ୍ୟାୟ ବହିର୍ଭୂତ ହତ୍ୟାକୁ ଯଥାର୍ଥ ଦର୍ଶାଇଛନ୍ତି। ଗୁଲାମ ନିଜ ପରିବାରକୁ କଳଙ୍କିତ କରିଥିବା ତାଙ୍କ ଭାଇ ରାହିଲ ହାସନ କହିଛନ୍ତି। ଅସଦଙ୍କୁ ପ୍ରୟାଗରାଜରେ ସମାଧି ଦିଆଯିବା ପୂର୍ବରୁ ତାଙ୍କ ବାପା ଥାନାରେ କାନ୍ଦି କାନ୍ଦି କହିଥିଲେ, ଆମେ ମାଟିରେ ମିଶିଗଲୁ।

## କ'ଣ କହୁଛି ସୁପ୍ରିମକୋର୍ଟ ଗାଇଡ୍‌ଲାଇନ୍

୨୦୧୪ ସେପ୍ଟେମ୍ବର ୨୩ରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ଆର୍.ଏମ୍. ଲୋଧା ଏବଂ ବିଚାରପତି ଜଷ୍ଟିସ୍ ଆର୍.ଏଫ୍ ନରିମାନ ମୁମ୍ବାଇ ପୋଲିସର ୯୯ ଏନ୍‌କାଉଣ୍ଟରକୁ ନେଇ ଉଠିଥିବା ପ୍ରଶ୍ନ ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି କରିଥିଲେ। ୧୯୯୫ରୁ ୧୯୯୭ ମଧ୍ୟରେ ଘଟିଥିବା ଏହି ଏନ୍‌କାଉଣ୍ଟରଗୁଡ଼ିକରେ ୧୩୫ ଜଣଙ୍କ ଜୀବନ ଯାଇଥିଲା। ଦୁଇଜଣିଆ ଖଣ୍ଡପୀଠ କହିଥିଲେ, ପୋଲିସ ଏନ୍‌କାଉଣ୍ଟରଜନିତ ହତ୍ୟା ଦେଶର ଆଇନ ଏବଂ ଆପରାଧିକ ନ୍ୟାୟ ବ୍ୟବସ୍ଥା ପାଇଁ ଥିବା ପ୍ରଶାସନର ବିଶ୍ୱସନୀୟତାକୁ ପ୍ରଭାବିତ କରୁଛି। ଏଥିସହ ସୁପ୍ରିମକୋର୍ଟ ଏନ୍‌କାଉଣ୍ଟର ଉପରେ ତଦନ୍ତ ପାଇଁ ଅନୁସରଣୀୟ କେତୋଟି ନିର୍ଦ୍ଦେଶାବଳୀ ଜାରି କରିଥିଲେ। ପିପୁଲ୍ସ ୟୁନିୟନ୍ ଫର୍ ସିଭିଲ୍ ଲିବର୍ଟିଜ୍ ଏବଂ ଓଗେର ବନାମ ମହାରାଷ୍ଟ୍ର ସରକାର ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ଅସଦ ଓ ଗୁଲାମଙ୍କ ଏନ୍‌କାଉଣ୍ଟର ପରିପ୍ରେକ୍ଷୀରେ ତାତ୍ପର୍ଯ୍ୟପୂର୍ଣ୍ଣ। ଖଣ୍ଡପୀଠ କହିଥିଲେ, ସମ୍ବିଧାନର ଅନୁଚ୍ଛେଦ ୨୧ରେ ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାକୁ ସୁରକ୍ଷା ଅଧିକାର ଦିଆଯାଇଛି। ରାଷ୍ଟ୍ର କିମ୍ବା ସରକାର ଏହାକୁ ଉଲ୍ଲଂଘନ କରିପାରିବେ ନାହିଁ। ଆଇନ ଦ୍ୱାରା ପରିଚାଳିତ ସମାଜରେ ନ୍ୟାୟ ବହିର୍ଭୂତ ହତ୍ୟାକୁ ନେଇ ଉପଯୁକ୍ତ ଓ ନିରପେକ୍ଷ ଭାବେ ତଦନ୍ତ କରାଯିବା ଆବଶ୍ୟକ। ଏପରି କରାଗଲେ ହିଁ ନ୍ୟାୟ ପ୍ରଦାନ ସମ୍ଭବ। ଏହା ପୂର୍ବରୁ ୨୦୧୧ ମେ' ୧୩ରେ ପ୍ରକାଶ କଦମ ଏବଂ ଓଗେର ବନାମ ରାମପ୍ରସାଦ ବିଶ୍ୱନାଥ ଗୁପ୍ତା ମାମଲାରେ ସୁପ୍ରିମକୋର୍ଟ ଜଷ୍ଟିସ୍ ମାର୍କଣ୍ଡେୟ କାଟ୍‌ଜୁ ଓ ଜ୍ଞାନସୁଧା ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ, ଫେକ୍ ଏନ୍‌କାଉଣ୍ଟର ହେଉଛି ଆଇନ ରକ୍ଷକଙ୍କ ବର୍ବର ହତ୍ୟା।

## ଅସଦଙ୍କ ଟାର୍ଗେଟରେ ଥିଲା ଅତିକ୍‌ଙ୍କ ଗାଡ଼ି


ଅସଦ୍ ଅହମ୍ମଦ


ଗୁଲାମ ମହମ୍ମଦ

ପ୍ରୟାଗରାଜର ଉମେଶ ପାଲ୍ ହତ୍ୟା ମାମଲାରେ ଗୁଜରାଟର ସାବରମତୀ ଜେଲରୁ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦଙ୍କୁ ଯେଉଁ ରାସ୍ତା ଦେଇ ୟୁପି ଅଣାଯାଉଥିଲା ତା' ନିକଟରେ ଗୁରୁବାର ପୁଅ ଅସଦଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଗଲା। ଏହା ଏକ ଆକସ୍ମିକ ସଂଯୋଗ ନୁହେଁ, ବରଂ ଅସଦ ଓ ତାଙ୍କ ସହଯୋଗୀ ଗୁଲାମ ମହମ୍ମଦଙ୍କ ଭୁଲ୍ ଯୋଗୁଁ ଏପରି ହୋଇଛି। ଅତିକ୍‌ଙ୍କୁ ଅଣାଯାଉଥିବା ସୁରକ୍ଷା ଗାଡ଼ିକୁ ଦୁହେଁ ଟାର୍ଗେଟ କରିବାକୁ ଚାହୁଁଥିଲେ। ଭ୍ୟାନ୍‌କୁ ଆକ୍ରମଣ କରି ଅତିକ୍‌ଙ୍କୁ ଛଡ଼ାଇବା ସେମାନଙ୍କ ଯୋଜନା ନ ଥିଲା। ଅସଦ ଓ ଗୁଲାମ ଚାହୁଁଥିଲେ ଅତିକ୍‌ଙ୍କ ସାଙ୍ଗରେ ଯାଉଥିବା କାର୍‌କେଡ୍ ଉପରକୁ କିଛି ରାଉଣ୍ଡ ଗୁଳି ଫୁଟାଇ ଆତଙ୍କ ଖେଳାଇବା। ଏପରି କରାଯାଇପାରିଲେ ୟୁପି ସରକାର ପାଇଁ ଲଜ୍ଜାଜନକ ସ୍ଥିତି ସୃଷ୍ଟି ହେବ ଏବଂ ତାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଲେ ସାବରମତୀ ଜେଲରୁ ୟୁପିକୁ ଅଣାଯିବା ଯୋଜନା ବନ୍ଦ ହୋଇଯିବ।

## ଓଡ଼ିଶାରେ ଖ୍ରୀଷ୍ଟିଆନଙ୍କ ଉପରେ ୮ ଆକ୍ରମଣ ମାମଲା

**ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**

**ନୂଆଦିଲ୍ଲୀ, ୧୪।୪**

ଓଡ଼ିଶାରେ ଖ୍ରୀଷ୍ଟିଆନଙ୍କ ଉପରେ ଆକ୍ରମଣ ନେଇ ୮ଟି ମାମଲା ରହିଥିବା କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଓଡ଼ିଶାର ଖ୍ରୀଷ୍ଟିଆନ ସଂଗଠନଗୁଡ଼ିକ ପକ୍ଷରୁ ୧୪ଟି ଆକ୍ରମଣ ଅଭିଯୋଗ ହୋଇଥିବାବେଳେ ମାତ୍ର ୮ ମାମଲା ରୁଜୁ ହୋଇଛି। ସେଥିରୁ ଗୋଟିଏ ମାମଲାର ଆପୋସ ସମାଧାନ ହୋଇଯାଇଛି। ୭ଟି ମାମଲାରେ ଏତଲା ଦାଏର ହୋଇଛି। ସେଥିରୁ ୫ଟିର ତଦନ୍ତ ଶେଷ ହୋଇଥିବା ସରକାର ସତ୍ୟପାଠ ଜରିଆରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। ଅନ୍ୟୂନ ୬ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଅନ୍ୟମାନଙ୍କୁ ସମନ ଜାରି କରାଯାଇଛି। ୬ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି। ୨୦୨୧-୨୨ ବର୍ଷରେ ଓଡ଼ିଶା ସମେତ ୮ ରାଜ୍ୟରେ ଖ୍ରୀଷ୍ଟିଆନଙ୍କ ଉପରେ ମୋଟ ୪୯୫ଟି ଟାର୍ଗେଟ ଆକ୍ରମଣ କରାଯାଇଥିବା ଜଣେ ଆବେଦନକାରୀ ଅଭିଯୋଗ ଆଣିଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ହେଲେ ବିହାର, ଛତିଶଗଡ଼, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ। ତେବେ କେନ୍ଦ୍ର ସରକାର ଉକ୍ତ ଅଭିଯୋଗକୁ ଖଣ୍ଡନ କରି ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ମୋଟ ୧୫୫ଟି ମାମଲାରେ ଏତଲା ଦାଏର ହୋଇଥିବା କହିଛନ୍ତି। ଅବଶିଷ୍ଟ ୨୬୩ ଅଭିଯୋଗ ସମ୍ପର୍କରେ କୌଣସି ରିପୋର୍ଟ ହୋଇ ନ ଥିବା କେନ୍ଦ୍ର କହିଛି।

## ତିହାର ଜେଲରେ ଲରେନ୍ସଙ୍କ ସହଯୋଗୀ ପ୍ରିନ୍ସଙ୍କୁ ହତ୍ୟା



**ନୂଆଦିଲ୍ଲୀ,୧୪।୪**

ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ସହଯୋଗୀ ପ୍ରିନ୍ସ ତେୱାତିଆଙ୍କୁ ଶୁକ୍ରବାର ତିହାର ଜେଲରେ ହତ୍ୟା କରାଯାଇଛି । ଜେଲ ଭିତରେ ଥିବା ଅନ୍ୟ ଏକ ଗୋଷ୍ଠୀ ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ କହିଛି। ସନ୍ଧ୍ୟା ସାଢ଼େ ୫ଟାବେଳେ ସେଲ୍‌ରେ ଥିବା ପ୍ରତିଦ୍ୱନ୍ଦ୍ୱୀ ଗ୍ୟାଙ୍ଗର କଏଦୀ ଆତାତୁର ରେହମାନଙ୍କ ସହ କୌଣସି କାରଣରୁ ତେୱାତିଆଙ୍କ ଝଗଡ଼ା ହୋଇଥିଲା। ତେୱାତିଆ ପ୍ରଥମେ ଆତାତୁରଙ୍କୁ ଆକ୍ରମଣ କରିବା ପରେ ଜେଲରେ ଥିବା ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ୪ ଜଣ ଆହତ ହୋଇଥିବାବେଳେ ଗୁରୁତର ଅବସ୍ଥାରେ ତେୱାତିଆଙ୍କୁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେୱାତିଆଙ୍କ ନାଁରେ ମୋଟ ୧୬ଟି ଆପରାଧିକ ମାମଲା ରହିଛି। ଏକ ଚୋରି ମାମଲାରେ ଗତ ଡିସେମ୍ବରରେ ସେ ଗିରଫ ହୋଇଥିଲେ।

## ମହିଳା ସଶକ୍ତୀକରଣ: ଭାରତକୁ ବିଶ୍ୱବ୍ୟାଙ୍କର ପ୍ରଶଂସା

**ୱାଶିଂଟନ, ୧୪।୪(ପି.ଟି.)**

ମହିଳା ସଶକ୍ତୀକରଣରେ ଭାରତର ଭୂମିକାକୁ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଡାଭିଡ୍ ମାଲ୍‌ପାସ୍ ଉଚ୍ଚ ପ୍ରଶଂସା କରିଛନ୍ତି। ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳା ସଶକ୍ତୀକରଣ ଦିଗରେ ଅତ୍ୟନ୍ତ ଆଗ୍ରହୀ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ୱାଶିଂଟନସ୍ଥିତ ମୁଖ୍ୟାଳୟରେ ଗୁରୁବାର ବିଶ୍ୱବ୍ୟାଙ୍କ ଏବଂ ଆଇଏମ୍‌ଏଫ୍‌ର ବୈଠକ ଅବସରରେ ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସହ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ମାଲ୍‌ପାସ୍ 'ଉଦ୍ୟୋଗୀ ଏବଂ ନେତ୍ରୀ ଭାବେ ସଶକ୍ତ ମହିଳା' ଶୀର୍ଷକରେ ଆଲୋଚନା କରିଥିଲେ।

**ରାଜ୍ୟ ଖବର**

# ୩ କେନାଲ ଜଳ ପ୍ରଦୂଷିତ

**ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗକୁ ଜଣାଇଲା ଏସ୍‌ପିସିବି**

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ଭୁବନେଶ୍ୱର, କଟକ ଓ ପୁରୀବାସୀ ନିର୍ଭର କରୁଥିବା ରାଜ୍ୟର ୩ଟି କେନାଲ ଜଳ ଅତିମାତ୍ରାରେ ପ୍ରଦୂଷିତ ହୋଇଛି। କେବଳ ଜଳସେଚନ ପାଇଁ ଛାଡ଼ିଦେଲେ ଏହି କେନାଲଗୁଡ଼ିକର ପାଣି ସାଧାରଣ ଲୋକଙ୍କ ଉପଯୋଗ ନିମନ୍ତେ ପ୍ରଯୁଜ୍ୟ ନୁହେଁ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ରିପୋର୍ଟରୁ ଜଣାପଡ଼ିଛି । ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ପିସିବି ପକ୍ଷରୁ ଜଳସମ୍ପଦ ବିଭାଗକୁ ଅନୁରୋଧ କରାଯାଇଛି।

୨୦୨୨ରେ କେନାଲଗୁଡ଼ିକରେ ଛଡ଼ାଯାଇଥିବା ଜଳର ଗୁଣାତ୍ମକ ମାନ ଓ ବିଭିନ୍ନ ଉପଯୋଗ ନିମନ୍ତେ ଏହା ପ୍ରଯୁଜ୍ୟ କି ନୁହେଁ ତାହା ପରୀକ୍ଷା କରାଯାଇଥିଲା। ତାଳଦଣ୍ଡା କେନାଲର ଜଳକୁ କଟକର ଯୋବ୍ରା, ରାଣୀହାଟ, ଛତ୍ରବଜାର, ନୂଆବଜାର, ବିରିବାଟି ଓ ଅଠରବାଙ୍କି ସମେତ ପୁରୀ କେନାଲର ହଂସପାଳ, ଜଗନ୍ନାଥପୁର ଓ ଚନ୍ଦନପୁରଠାରେ ଜଳର ନମୁନା ସଂଗ୍ରହ କରାଯାଇ ପରୀକ୍ଷାନିରୀକ୍ଷା କରାଯାଇଥିଲା। ଏହି ପରୀକ୍ଷା ପରେ ଜଣାପଡ଼ିଛି ଯେ ଏହି କେନାଲଗୁଡ଼ିକର ଜଳରେ କୋଲିଫର୍ମ ଓ ଫିକଲ କୋଲିଫର୍ମ ପରିମାଣ ରହୁଛି, ଯାହାକି ଗାଧୋଇବା ଓ ପାନୀୟ ଜଳ(କୀଟାଣୁଶୋଧନ କରାଯାଇ ପାରମ୍ପରିକ ବିଶୋଧନ ପରେ ପିଇବାଯୋଗ୍ୟ) ନିମନ୍ତେ ଶରୀରର ସହନଶୀଳତାର ପରିମାଣଠୁ ଅଧିକ । ସେହିପରି ଅଠରବାଙ୍କିଠାରେ ତାଳଦଣ୍ଡା କେନାଲ ଜଳରେ ବାୟୋକେମିକାଲ ପରିମାଣ ମଧ୍ୟ ମିଳିଛି । ତେବେ ସମସ୍ତ ସ୍ଥାନରେ ସଂଗୃହୀତ ଜଳକୁ ଚାଷ କାର୍ଯ୍ୟ ପାଇଁ ଜଳସେଚନ ନିମନ୍ତେ ଉପଯୋଗ କରିବାରେ କୌଣସି ସମସ୍ୟା ନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି।

ସେହିପରି ଦୟା ୱେଷ୍ଟ କେନାଲର ୮ଟି ସ୍ଥାନ ଯଥା- କେନ୍ଦୁପାଟଣାସ୍ଥିତ କୁଞ୍ଜବିହାରୀ କଲେଜ ନିକଟ, କେନ୍ଦୁପାଟଣା ଗାଁ, କାଳିଖମା ବ୍ରିଜ୍, ଭୋଟପଡ଼ା, ମୁଣ୍ଡାସାହି ନିକଟ ଗଙ୍ଗୁଆ ନାଳ, ବମିଖାଲ ନିକଟ ଜଗନ୍ନାଥ ଆଭିନ୍ୟୁ, ଗ୍ୟାରେଜ ଛକ-ସାମନ୍ତରାପୁର ଓ କୋଇଲାପୁଟଠାରେ କେନାଲ ଜଳର ନମୁନାକୁ ୨୦୨୨ ମେ'ରୁ ସଂଗ୍ରହ କରାଯାଇ ନିୟମିତ ଭାବେ ପରୀକ୍ଷାନିରୀକ୍ଷା କରାଯାଉଛି । ଦୟା ୱେଷ୍ଟ କେନାଲ ଜଳର ଅଧିକାଂଶ ସ୍ଥାନରେ ଟୋଟାଲ କୋଲିଫର୍ମ, ଫିକଲ କୋଲିଫର୍ମ, ବାୟୋକେମିକାଲ ଅକ୍ସିଜେନ୍ ଡିମାଣ୍ଡ(ବିଓଡି) ଆଦି ଅଧିକମାତ୍ରା ରହୁଥିବାରୁ ଏହି କେନାଲଗୁଡ଼ିକର ଜଳ ଲୋକଙ୍କ ପାଇଁ ଉପଯୋଗୀ ନୁହେଁ।

## ଫୁଲମାଳ ଦେଇ ବାଛିଲେ ଜୀବନସାଥୀ


କନ୍ୟା ମାତାପିତା, ବର ମାତାପିତାଙ୍କ ଗହଣରେ ନବଦମ୍ପତି ।

**ଆଦର୍ଶ ଗଣବିବାହ**

**ବରଗଡ଼ ଅଫିସ୍,୧୪।୪**

ବିବାହରେ ନ ଥିଲା ଯାନି ଯୌତୁକ। ଫୁଟି ନ ଥିଲା ବାଣ କି ଫୋଟକା। କେବଳ ୨ ଫୁଲମାଳାରେ ପରସ୍ପରକୁ ଜୀବନସାଥୀ ଭାବେ ବାଛି ନେଇଥିଲେ। ଶୁକ୍ରବାର ଏଭଳି ଏକ ଆଦର୍ଶ ଗଣବିବାହ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆମ୍ବେଡ଼କର ଚାରିଟେବୁଲ ଟ୍ରଷ୍ଟ ଏବଂ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ହୋଇଥିବା ଏହି ଗଣବିବାହରେ ଜିଲା ତଥା ଜିଲା ବାହାରର ୬ଯୋଡ଼ି ବରକନ୍ୟା ପରସ୍ପରକୁ ଜୀବନସାଥୀ ଭାବେ ବାଛି ନେଇଥିଲେ । ସେମାନଙ୍କ ମଧ୍ୟରେ ଗୋଡ଼ଭଗାର ନିରାକାର ବିଭାର ଓ ପୂଜା ବିଭାର, ବୁର୍ଲାର କୃପାଳୁ ବାରିକ ଓ ସୀତା ମାଲିକ, କୁଦ ଗୁଣ୍ଡେରପୁର ଗ୍ରାମର ପ୍ରଦୀପ କୁମାର ବାଦୀ ଓ ଅମ୍ବିକା ଗଡ଼ିଆ, ସତ୍ୟପ୍ରକାଶ ବାଦୀ ଓ ସ୍ନେହଲତା ଭୋଇ, କୁଟେନପାଲିର ଚୈତନ୍ୟ ବାଗ ଓ ବର୍ଷା ପାତ୍ର ଏବଂ ତୋରାର ପ୍ରେମ ସୁନା ଓ ଲିପିକା ଧରୁଆ ରହିଛନ୍ତି ।

ଏହି ଗଣବିବାହରେ ସର୍ଦ୍ଦାର ପ୍ରୀତମ ସିଂ, ସ୍ତ୍ରୀ ହରବିନ୍ଦର କୌର କନ୍ୟାପକ୍ଷ ଏବଂ ପାଣ୍ଡବ କର୍ଣ୍ଣ, ସ୍ତ୍ରୀ ଅନୀତା ବରପକ୍ଷ ମାତାପିତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ଆଶୀର୍ବାଦ ସମାରୋହ ହୋଇଥିଲା। ଗଣବିବାହର ସଂସ୍ଥାପକ ପବିତ୍ର ଦେହେରୀ, ଆମ୍ବେଡ଼କର ଚାରିଟେବୁଲ ଟ୍ରଷ୍ଟ ସଭାପତି ଗୁଣମଣି ସୁନାନୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ନିପନ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। ଗତ ୨୦୧୭ ମସିହାରୁ ବରଗଡ଼ରେ ଏଭଳି ଗଣବିବାହ ହୋଇ ଆସୁଥିବାବେଳେ ଏପର୍ଯ୍ୟନ୍ତ ୧୮୨ଦମ୍ପତିଙ୍କ ଆଦର୍ଶ ବିବାହ ସରିଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ। ସାମାଜିକ ପରିବର୍ତ୍ତନ ଏବଂ ଆର୍ଥିକ ସମସ୍ୟାରୁ ମୁକ୍ତି ନେଇ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଗଣବିବାହର ସଂସ୍ଥାପକ ଦେହେରୀ କହିଛନ୍ତି।

## ହନୁମାନ ଜୟନ୍ତୀ ପୂଜା ବେଳେ ଯୁବକଙ୍କୁ ହତ୍ୟା

**ସମ୍ବଲପୁର,୧୪।୪(ବ୍ୟୁରୋ)**

ସମ୍ବଲପୁର ବରେଇପାଲି ଥାନା ରେମେଡ ଗ୍ରାମରେ ଶୁକ୍ରବାର ହନୁମାନ ଜୟନ୍ତୀ ପାଳନ ହେଉଥିବା ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ସନ୍ତୋଷ ବେହେରା (୨୫)ଙ୍କୁ ଗ୍ରାମର ଜଣେ ଯୁବକ ଛୁରିରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଆକ୍ରମଣ ପରେ ଗୁରୁତର ସନ୍ତୋଷଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଲାଗିରହିଛି। ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ବନ୍ଦ କରି ଦିଆଯାଇଛି। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୁକ୍ତ ଚିହ୍ନଟ ହୋଇଥିଲେ ମଧ୍ୟ ଗିରଫ ହୋଇ ନାହାନ୍ତି। ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସନ୍ତୋଷ ଘରୁ ପ୍ରାୟ ୧ କି.ମି. ଦୂର ନିଜ ପାନଦୋକାନକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତ ମଧ୍ୟ ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକ ଛୁରିରେ ସନ୍ତୋଷଙ୍କ ଛାତିକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ମେଡିକାଲ ନେଇଥିଲେ। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି ପୋଲିସ କହିଛି।

## ଏମ୍‌କେସିଜିରେ ଖୋଲିଲା ଭାଇରାଲ ଡିଜିଜ୍ ରିସର୍ଚ୍ଚ ଲାବରେଟୋରି

**ବ୍ରହ୍ମପୁର ଅଫିସ,୧୪।୪**

ଭାଇରାଲ ରୋଗର ଗବେଷଣା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସପିଟାଲରେ ଆଉ ଏକ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଗବେଷଣା ନିର୍ଦ୍ଦେଶାଳୟ ପକ୍ଷରୁ ଏମ୍‌କେସିଜି ମାଇକ୍ରୋବାୟୋଲୋଜି ବିଭାଗରେ ଭାଇରାଲ ରୋଗ ଗବେଷଣାଗାର (ଭାଇରାଲ ଡିଜିଜ ରିସର୍ଚ୍ଚ ଲାବୋରେଟୋରି) ଖୋଲାଯାଇଛି। ଏହି ଲାବୋରେଟୋରି ଦ୍ୱାରା କରୋନା ମହାମାରୀ ସହ ଅନ୍ୟାନ୍ୟ ଭାଇରାଲ ରୋଗର ଜେନେଟିକ ଷ୍ଟଡି କରାଯିବା ସହିତ ମଲିକୁଲାର କ୍ୟାରେକ୍ଟରାଇଜେସନ ଚିହ୍ନଟ କରାଯାଇପାରିବ ବୋଲି ଜଣାପଡ଼ିଛି। କରୋନା ମହାମାରୀ ଆସିବା ପରେ ଗଞ୍ଜାମ ସମେତ ଆଖାପାଖ ଜିଲାର ସନ୍ଦିଗ୍ଧ କରୋନା ରୋଗୀଙ୍କଠାରୁ ସଂଗ୍ରହ ହେଉଥିବା ନମୁନା ବ୍ରହ୍ମପୁର ଏମ୍‌କେସିଜିରେ ପରୀକ୍ଷା କରାଯାଉଥିଲା। ସଂଗୃହୀତ ନମୁନା ପରୀକ୍ଷା ପରେ ଜଣେ ରୋଗୀ କରୋନାରେ ପୀଡ଼ିତ କି ନୁହେଁ କେବଳ ତାହା ହିଁ ଜଣାପଡୁଥିଲା। ହେଲେ କେଉଁ ରୋଗୀଠାରେ କେଉଁପ୍ରକାର କରୋନା ଭୂତାଣୁ ରହିଛି ତାହା ଜଣାପଡୁ ନ ଥିଲା। ଏଥିପାଇଁ ଏମ୍‌ଆରସି (ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର)କୁ ନମୁନା ପଠାଇବାକୁ ପଡୁଥିଲା। ପୂର୍ବରୁ ବିଭିନ୍ନ ଭାଇରାଲ ରୋଗ ଗବେଷଣା ପାଇଁ ଏମ୍‌କେସିଜି ମାଇକ୍ରୋବାୟୋଲୋଜି ବିଭାଗରେ ବହୁମୁଖୀ ଗବେଷଣାଗାର ରହିଥିଲା। ହେଲେ ବିଭିନ୍ନ ଭାଇରାଲ ରୋଗର ଅଧିକ ଗବେଷଣା ପାଇଁ ନିର୍ଦ୍ଦିଷ୍ଟ ଲାବୋରେଟୋରି ନ ଥିଲା। ବର୍ତ୍ତମାନ ଏହି ନୂତନ ଗବେଷଣାଗାର ସ୍ଥାପନ ହେବା ପରେ କେବଳ କରୋନା ଭାଇରସ ନୁହେଁ ବରଂ ଡେଙ୍ଗୁ, ଜାପାନିଜ ଏନ୍‌ସେଫାଲାଇଟିସ, ହେପାଟାଇଟିସ ବି ଓ ସି, ଏଚ୍‌ଆଇଭି, ମିଜିଲ୍ସ, ରୁବେଲା ଭଳି ଭାଇରସ୍‌ର ନୂତନ ରୂପ ଓ ଗୁଣସୂତ୍ରକୁ ଅଧ୍ୟୟନ କରିହେବ। ଆଗାମୀ ଦିନରେ ଯଦି କିଛି ନୂତନ ଭାଇରସ ଆସୁଛି ତେବେ ତା' ବିଷୟରେ ମଧ୍ୟ ପରୀକ୍ଷା କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ କରୋନା ମହାମାରୀ ପୁଣିଥରେ ମୁଣ୍ଡ ଟେକିଥିବାରୁ ଏହି ଗବେଷଣାଗାର ଦକ୍ଷିଣ ଓଡ଼ିଶାର ଏକାଧିକ ଜିଲାବାସୀଙ୍କ ପାଇଁ ବେଶ୍ ସହାୟ ହୋଇପାରିବ ବୋଲି କୁହାଯାଇଛି। ଏହି ନୂତନ ଗବେଷଣାଗାରେ ୨ ଜଣ ବୈଜ୍ଞାନିକଙ୍କ ସମେତ ଜଣେ ଗବେଷଣା ସହାୟକ, ୨ ଜଣ ଲ୍ୟାବ୍ ଟେକ୍‌ନିସିଆନ, ଜଣେ ଅପରେଟର ଓ ଜଣେ ବହୁମୁଖୀ କର୍ମୀ ନିଯୁକ୍ତ ହୋଇଛନ୍ତି। ବର୍ତ୍ତମାନ ଏହି ଲାବୋରେଟୋରିକୁ ଦୈନିକ ୨୦୦ରୁ ଅଧିକ ନମୁନା ଆସୁଥିବା ସୂଚନା ମିଳିଛି।

## ଚାପୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଆନନ୍ଦପୁର/କୋଡ଼ପଡ଼ା, ୧୪।୪(ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦୁଝର ଜିଲା ଘସିପୁରା ଥାନା କେନ୍ଦୁଆ ଗ୍ରାମରେ ବଚସାକୁ ନେଇ ହତ୍ୟାକାଣ୍ଡ ଘଟିଛି। ମଦ୍ୟପାନ ପରେ ଦୁଇ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ପରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ କେନ୍ଦୁଆ ଗ୍ରାମର ରାମଚନ୍ଦ୍ର ପଲେଇ(୫୩)। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି। ପୋଲିସ ସୂଚନା ମୁତାବକ, ଗ୍ରାମର କନ୍ଦା ପଲେଇଙ୍କ ସହ ରାମଚନ୍ଦ୍ରଙ୍କ ମଧ୍ୟରେ ଗୁରୁବାର କୌଣସି କଥାକୁ ନେଇ ଯୁକ୍ତିତର୍କ ଓ ବିବାଦ ସୃଷ୍ଟି ହୋଇଥିଲା। କଥା କଟାକଟି ସମୟରେ ରାମଚନ୍ଦ୍ରଙ୍କୁ କନ୍ଦା ଏକ ଚାପୁଡ଼ା ମାରିଥିଲେ। ଚାପୁଡ଼ାରେ ରାମଚନ୍ଦ୍ର ତଳେ ପଡ଼ିଯିବା ପରେ କନ୍ଦା ଘରକୁ ପଳାଇଥିଲେ। ପରିବାର ଲୋକେ ରାମଚନ୍ଦ୍ରଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆମ୍ବେଡ଼କର ଜୟନ୍ତୀ ପାଳିଲେ କଂଗ୍ରେସ, ଭାଜପା

**ଭୁବନେଶ୍ୱର, ୧୪।୪(ବ୍ୟୁରୋ)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଭୀମରାଓ ଆମ୍ବେଡକରଙ୍କର ଜୟନ୍ତୀ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଏଜି ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ କଂଗ୍ରେସ ଭବନ ପରିସରରେ ଥିବା ଆମ୍ବେଡକର ପ୍ରତିମୂର୍ତ୍ତିରେ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ପିସିସି ସଭାପତି କହିଛନ୍ତି, ଭାରତ ରତ୍ନ ଆମ୍ବେଡକରଙ୍କ ରଚିତ ସମ୍ବିଧାନ ପ୍ରତିଟି ଭାରତୀୟଙ୍କୁ ଅନୁଶାସନ ଓ ନୀତି ଭିତରେ ବଞ୍ଚିବା ପାଇଁ ଆଲୋକ ପ୍ରଦାନ କରିଛି। ଆମ୍ବେଡକରଙ୍କ ପ୍ରଦତ୍ତ ସମ୍ବିଧାନ ସମସ୍ତଙ୍କୁ ଶୃଙ୍ଖଳା, ଶାନ୍ତି, ନିର୍ଭୀକ ଓ ସ୍ୱାଧୀନ ଭାବରେ ବଞ୍ଚି ରହିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛି ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଧ୍ୟ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଛି। ଭାଜପା ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଦଳିତ, ଶୋଷିତ, ଅବହେଳିତ, ଅତ୍ୟାଚାରିତ ଓ ଲାଞ୍ଛିତ ଲୋକଙ୍କୁ ଆଗଧାଡ଼ିକୁ ଆଣିବା ପାଇଁ ଆମ୍ବେଦକର ଉଦ୍ୟମ କରିଥିଲେ। ଆମ୍ବେଡକରଙ୍କ ଆଧୁନିକ ଭାରତ ଗଠନରେ ଅବଦାନ ଏବଂ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୋଲିସ ଦାୟୀ: ଭାଜପା

## ହନୁମାନ ଜୟନ୍ତୀ ବାଇକ ରାଲି ବେଳେ ଦଙ୍ଗା ଘଟଣା

ସମ୍ବଲପୁର,୧୪।୪(ବ୍ୟୁରୋ)

ସମ୍ବଲପୁର ହନୁମାନ ଜୟନ୍ତୀ ଉପଲକ୍ଷେ ଗୁରୁବାର ବାଇକ୍ ରାଲି ଚାଲିଥିବାବେଳେ ପଥରମାଡକୁ ନେଇ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଅନେକ ଆହତ ହୋଇଥିବା ବେଳେ ପୋଡ଼ାଜଳା, ଭଙ୍ଗାରୁଜା ହୋଇଥିଲା। ଶୁକ୍ରବାର ମଧ୍ୟ ସେଠାକାର ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। ଏହି ଘଟଣାକୁ ନେଇ ଭାଜପାର ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ଦଳୀୟ ପ୍ରବକ୍ତା ବିଦ୍ୟାଧର ତ୍ରିପାଠୀଙ୍କୁ ନେଇ ଏକ ପ୍ରତିନିଧି ଦଳ ସମ୍ବଲପୁର ଗସ୍ତ କରି ଆହତଙ୍କ ସମେତ ହନୁମାନ ଜୟନ୍ତୀ ସମନ୍ୱୟ ସମିତି, ଜିଲାପାଳ, ଏସ୍‌ପି ଏବଂ ବୁଦ୍ଧିଜୀବୀମାନଙ୍କୁ ଭେଟିଛନ୍ତି। ସେହିପରି ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ବି. ଗଙ୍ଗାଧରଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରତିନିଧି ଦଳ ଜୟନ୍ତୀ କାର୍ଯ୍ୟକାରିଣୀ ସଭାପତି ଦାମୋଦର କରଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଘରୋଇ ମେଡିକାଲକୁ ଯାଇ ଭେଟିଥିଲେ ଏବଂ ଚିକିତ୍ସାରେ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କଚେରୀ ରୋଡ୍ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଖବରଦାତା ସମ୍ମିଳନୀରେ ଏହି ଘଟଣା ପାଇଁ ଜିଲା ପ୍ରଶାସନ ଓ ମୁଖ୍ୟତଃ ପୋଲିସକୁ ଦାୟୀ କରାଯାଇଥିଲା। ପ୍ରତିନିଧି ଦଳ ସଦସ୍ୟମାନେ କହିଥିଲେ, ୧୫୦ରୁ ୨୦୦ ଲୋକଙ୍କ ଝଣ୍ଡାଯାତ୍ରା ସମୟରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ହେଲେ ୩ ହଜାରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ଆବଶ୍ୟକ ପୋଲିସ ମୁତୟନ ହୋଇ ନ ଥିଲେ। ଉକ୍ତ ଅଞ୍ଚଳରେ ଗତବର୍ଷ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ହେଲେ ପୋଲିସ ଚଳିତବର୍ଷ ଅବହେଳା କଲା ବୋଲି ଘଟଣାର ପୁନରାବୃତ୍ତି ହୋଇ ପରିସ୍ଥିତ ଅସମ୍ଭାଳ ହୋଇଛି। ପୋଲିସ ଗୁଇନ୍ଦା ଫେଲ୍ ମାରିଥିଲା। ପୂର୍ବରୁ ଆକ୍ରଣକାରୀ ମାନେ ପଥର, ପେଟ୍ରୋଲ ବୋମା ଘର ଉପରେ ରଖିଥିଲେ। ଯୋଜନାବଦ୍ଧ ଭାବେ ଆକ୍ରମଣ କରି ଶାନ୍ତ ସହରକୁ ଅଶାନ୍ତ କରାଯାଉଛି। ପୂର୍ବରୁ ପଦକ୍ଷେପ ପୋଲିସ ନେଇଥିଲେ ଏତେବଡ ଘଟଣା ହୋଇ ନ ଥାନ୍ତା। ଉକ୍ତ ଆକ୍ରମଣକାରୀମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଭାଜପା ଆଗକୁ ଆନ୍ଦୋଳନ କରିବ। ଏହି ଘଟଣାରେ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ମଧ୍ୟ ଆହତ ହୋଇଛନ୍ତି। ପୋଲିସ ଏବେ କ’ଣ କରୁଛି। ଶୀଘ୍ର ସହରରେ ଶାନ୍ତି ଫେରାଇ ଆଣି ସ୍ୱାଭାବିକ ପରିସ୍ଥିତି କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଥିଲେ। ଏହାର ରିପୋର୍ଟ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପ୍ରଦାନ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ରାମଚନ୍ଦ୍ର ମେହେର, ମାନସ ବକ୍ସି, ପୂର୍ବତନ ବିଧାୟକ ରବି ନାଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ବିଧାୟକ ପ୍ରତିନିଧି ଦଳ।

# ସ୍ୱର ଚାପିଦେବା ଧାରା ଗଣତନ୍ତ୍ରକୁ ଶେଷ କରିଦେବ: ଖାର୍ଗେ


ନୂଆଦିଲ୍ଲୀଠାରେ ଶୁକ୍ରବାର ଆମ୍ବେଡ୍‌କରଙ୍କ ଜୟନ୍ତୀ ଅବସରରେ ମଲ୍ଲିକାର୍ଜୁନ ଖାର୍ଗେ ଓ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ।

## ବିଭେଦ ସୃଷ୍ଟି ଲାଗି କ୍ଷମତାର ଦୁରୁପଯୋଗକାରୀ ପ୍ରକୃତ ଦେଶଦ୍ରୋହୀ: ସୋନିଆ

ନୂଆଦିଲ୍ଲୀ, ୧୪।୪

ଭାରତୀୟ ସମ୍ବିଧାନର ପ୍ରଣେତା ବି.ଆର୍. ଆମ୍ବେଡ୍‌କରଙ୍କ ୧୩୨ତମ ଜନ୍ମବାର୍ଷିକୀ ଅବସରରେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜୋର୍‌ଦାର ସମାଲୋଚନା କରିଛନ୍ତି। ଧର୍ମ, ଭାଷା, ଜାତି ଭିତ୍ତିରେ ଭାରତୀୟଙ୍କ ମଧ୍ୟରେ ବିଭେଦ ସୃଷ୍ଟି ପାଇଁ କ୍ଷମତାର ଦୁରୁପଯୋଗ କରୁଥିବା ଲୋକେ ପ୍ରକୃତ ଦେଶଦ୍ରୋହୀ ବୋଲି ସୋନିଆ କହିଛନ୍ତି। ଏହି ବ୍ୟବସ୍ଥିତ ଆକ୍ରମଣରୁ ସମ୍ବିଧାନକୁ ବଞ୍ଚାଇବା ପାଇଁ ଜନସାଧାରଣ ନିଶ୍ଚୟ ଆଗେଇ ଆସିବେ ବୋଲି ସେ ଏକ ନିବନ୍ଧରେ ଉଲ୍ଲେଖ କରିଛନ୍ତି। ଆଜି ବି ଆମେ ବାବାସାହେବଙ୍କ ଲିଗାସୀକୁ ସମ୍ମାନ ଦେଉଛୁ। ସମ୍ବିଧାନର ସଫଳତା ଶାସନ ପ୍ରତି କର୍ତ୍ତବ୍ୟ ସହ ଲୋକଙ୍କ ଆସ୍ଥା ଉପରେ ନିର୍ଭର କରେ ବୋଲି ଆମ୍ବେଡ୍‌କର କରାଇଥିବା ସତର୍କତାକୁ ନିଶ୍ଚୟ ମନେରଖିବୁ ବୋଲି କଂଗ୍ରେସ ନେତ୍ରୀ କହିଥିଲେ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହି ଅବସରରେ କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ଲୋକଙ୍କ ସ୍ୱରକୁ ଚାପିଦେବା ଓ ସେମାନଙ୍କଠାରେ ଦେଶଦ୍ରୋହର କଳଙ୍କ ଲଗାଇବା ସଂସ୍କୃତି ଏକ ବିପଜ୍ଜନକ ଧାରା। ଏହା ଆମ ଗଣତନ୍ତ୍ରକୁ ଶେଷ କରିବା ସହ ସମ୍ବିଧାନକୁ ଧ୍ୱଂସ କରିଦେବ ବୋଲି ଖାର୍ଗେ କହିଛନ୍ତି। ପାର୍ଲାମେଣ୍ଟ ଏବେ ବିତର୍କର ସ୍ଥାନ ପରିବର୍ତ୍ତେ ଯୁଦ୍ଧ ଆଖଡ଼ାରେ ପରିଣତ ହୋଇଛି। ବିରୋଧୀ ଦଳ ନୁହନ୍ତି, ବରଂ ଶାସକ ଦଳ ଗୃହକୁ ଅଚଳ କରିରଖିଛି ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ। ଆମ୍ବେଡ୍‌କରଙ୍କ ଜୟନ୍ତୀ ଅବସରରେ ତାଙ୍କର ମହାନ ଅବଦାନ ନିକଟରେ ଭାରତୀୟ ଜାତୀୟ କଂଗ୍ରେସ ମଥାନତ କରୁଛି। ବାବାସାହେବ ସ୍ୱାଧୀନତା, ସମାନତା, ଭ୍ରାତୃଭାବ ଓ ନ୍ୟାୟ ଆଦି ଗଣତାନ୍ତ୍ରିକ ନୀତିର ଚାମ୍ପିୟନ ଥିଲେ ବୋଲି ଖାର୍ଗେ କହିଛନ୍ତି।

# ରାଜସ୍ଥାନ କଂଗ୍ରେସରେ ବିବାଦ: କମଲନାଥଙ୍କୁ ମଧ୍ୟସ୍ଥତା ଦାୟିତ୍ୱ

ନୂଆଦିଲ୍ଲୀ, ୧୪।୪(ପି.ଟି.)



ରାଜସ୍ଥାନରେ ବସୁନ୍ଧରା ରାଜେ ନେତୃତ୍ୱାଧୀନ ଭାଜପା ସରକାର ସମୟର ଦୁର୍ନୀତି ମାମଲାଗୁଡ଼ିକର ତଦନ୍ତ ଦାବିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ଦିନିକିଆ ଧର୍ମଘଟରେ ବସିଥିଲେ। ନିଜ ସରକାର ବିରୋଧରେ ସଚିନଙ୍କ ଆନ୍ଦୋଳନକୁ ଦଳ ବିରୋଧୀ କାର୍ଯ୍ୟ ବୋଲି କୁହାଯାଉଥିବାବେଳେ ଏହାକୁ ନେଇ ରାଜସ୍ଥାନ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ପୁଣିଥରେ ପଦାରେ ପଡ଼ିଛି। ପରିସ୍ଥିତିର ସମାଧାନ ଲାଗି ବରିଷ୍ଠ କଂଗ୍ରେସ ନେତା କମଲନାଥଙ୍କୁ ଦଳ ପକ୍ଷରୁ ମଧ୍ୟସ୍ଥ ଭୂମିକା ନିଭାଇବାକୁ ଦାୟିତ୍ୱ ଦିଆଯାଇଛି। କମଲ ନାଥଙ୍କ ସହ ସାଂଗଠନିକ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସଚିନଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ତାଙ୍କର ଆନ୍ଦୋଳନ ଦୁର୍ନୀତି ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେବା ଲାଗି ଉଦ୍ଦିଷ୍ଟ। ଏହା ଆଦୌ ଦଳ ବିରୋଧୀ କାର୍ଯ୍ୟ ନୁହେଁ ବୋଲି ସଚିନ କହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ରାଜସ୍ଥାନ ପ୍ରସଙ୍ଗରେ ଦୁଇଦିନ ହେଲା ଆଲୋଚନା ଜାରି ରହିଥିବାବେଳେ ରାଜ୍ୟ ପ୍ରଭାରୀ ସୁଖଜିନ୍ଦର ସିଂ ରାନ୍ଧୱା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ୨୦୧୮ରେ କଂଗ୍ରେସ ରାଜସ୍ଥାନ ବିଧାନସଭା ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଉଭୟ ଅଶୋକ ଗେହଲଟ୍ ଓ ସଚିନ ପାଇଲଟ୍ ଦାବିଦାର ଥିଲେ। ତେବେ କଂଗ୍ରେସ ହାଇକମାଣ୍ଡ ଗେହଲଟ୍‌ଙ୍କୁ ଶୀର୍ଷ ପଦବୀ ଲାଗି ବାଛିଥିଲେ। ୨୦୨୦ ଜୁଲାଇରେ ସଚିନଙ୍କ ନେତୃତ୍ୱରେ କେତେଜଣ କଂଗ୍ରେସ ବିଧାୟକ ଗେହଲଟ୍‌ଙ୍କ ବିରୋଧରେ ଖୋଲା ବିଦ୍ରୋହ କରି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ଦାବି କରିଥିଲେ। ସେତେବେଳେ ସଚିନଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ସମେତ ପ୍ରଦେଶ କଂଗ୍ରେସ ସଭାପତି ପଦରୁ ହଟାଇ ଦିଆଯାଇଥିଲା। ଗତବର୍ଷ ସେପ୍ଟେମ୍ବରରେ ଗେହଲଟ୍ କ୍ୟାମ୍ପର କେତେଜଣ ଏମ୍‌ଏଲ୍‌ଏ କଂଗ୍ରେସ ବିଧାୟକ ଦଳ ବୈଠକ ବର୍ଜନ କରି ଏକ ସମାନ୍ତରାଳ ବୈଠକରେ ସାମିଲ ହୋଇଥିଲେ।

# ବିଜେଡିକୁ ବିରୋଧୀଙ୍କ ଟାର୍ଗେଟ

## ମନ୍ତ୍ରୀଙ୍କ ବିରୋଧରେ ନେତ୍ରୀଙ୍କ ଅଭିଯୋଗ

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

- ମନ୍ତ୍ରୀ ପଦ ନ ଛାଡ଼ିଲେ ରାଜରାସ୍ତାକୁ ଓହ୍ଲାଇବୁ: ଭାଜପା
- ଏମିତି ଅଭିଯୋଗ ପରେ ମନ୍ତ୍ରୀ ପଦ ଛାଡ଼ିଦେବା କଥା: କଂଗ୍ରେସ
- ତଦନ୍ତ ଠିକ୍ ହେବା ପରେ ଜଣାପଡ଼ିବ: ବିଜେଡି

ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ନେଇ ଏବେ ଅଡୁଆରେ ପଡ଼ିଛି ବିଜେଡି। ଖୋଦ୍ ଶାସକ ଦଳର ଜଣେ ନେତ୍ରୀ ମନ୍ତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ତେଣୁ ଶାସକ ଦଳ ଲାଗି ପୁଣି ଏକ ନୂଆ ସମସ୍ୟା ସୃଷ୍ଟି ହୋଇଯାଇଛି। ଏହି ଘଟଣାକୁ ନେଇ ବିରୋଧୀ ମଧ୍ୟ ଟାର୍ଗେଟ କରିବା ଆରମ୍ଭ କରିଦେଇଛନ୍ତି। ଯଦି ମନ୍ତ୍ରୀ ତାଙ୍କ ପଦରୁ ଇସ୍ତଫା ନ ଦିଅନ୍ତି ତେବେ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଭାଜପା ଅଭିଯୋଗ କରିବା ସହ କଂଗ୍ରେସ ମଧ୍ୟ ଆକ୍ରମଣ କରିଛି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଶୁକ୍ରବାର କହିଛନ୍ତି, ବିଜେଡି ଅପରାଧୀ ଓ ଯୌନ କେଲେଙ୍କାରୀ ବ୍ୟକ୍ତିଙ୍କ ଦଳ। ସମାଜର ଯେତେସବୁ ଅସାମାଜିକ, ଅପରାଧୀ ବ୍ୟକ୍ତି ଅଛନ୍ତି ସମସ୍ତେ ଯେମିତି ଖୋଜି ହୋଇ ବିଜେଡିରେ ସାମିଲ ହେଲା ଭଳି ଲାଗୁଛି। ବିଜେଡିରେ ୨୦ ବର୍ଷ ଧରି କାର୍ଯ୍ୟ କରିଥିବା ନେତ୍ରୀ ସଂଯୁକ୍ତା ମହଲା ମନ୍ତ୍ରୀ ସାହୁଙ୍କ ନାଁରେ ଯୌନ କେଲେଙ୍କାରୀର ଅଭିଯୋଗ ଆଣିଛନ୍ତି। ସଂଯୁକ୍ତା ଗୁରୁବାର ପୂର୍ବାହ୍ନ ୧୦ଟାରୁ ରାତି ୧୨ ପର୍ଯ୍ୟନ୍ତ ଭୁବନେଶ୍ୱର ମହିଳା ଥାନାରେ ମାମଲା ରୁଜୁ କରିବା ପାଇଁ ଉପସ୍ଥିତ ଥିଲେ। ଏହାପରେ ସଂଯୁକ୍ତାଙ୍କ ଡାକ୍ତରୀ ମାଇନା ହେଲା। ଏଥିରୁ ପ୍ରମାଣିତ ହେଉଛି ସେ ଶାରୀରିକ ଶୋଷଣର ଶିକାର ହୋଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏ ପର୍ଯ୍ୟନ୍ତ ପୋଲିସ ଘଟଣା ଉପରେ କିଛି ସ୍ପଷ୍ଟତା ଆଣିନାହିଁ କି ଏତଲାକୁ ଭିତ୍ତିକରି ମନ୍ତ୍ରୀଙ୍କୁ ପଚରାଉଚରା କରିନାହିଁ। ବିଜେଡିର ମନ୍ତ୍ରୀ ବୋଲି ସେ କ’ଣ ଆଇନରୁ ଊର୍ଦ୍ଧ୍ୱରେ କି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ମାମଲାକୁ ଚାପିଦେବାକୁ ବିଜେଡି ଏବେ ପୋଲିସ ଉପରେ ପ୍ରବଳ ଚାପ ପକାଉଛି। ବିଜେଡିର ବହୁ ଟାଣୁଆ ନେତା ଥାନାରେ ଉପସ୍ଥିତ ରହି ସଂଯୁକ୍ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସବୁ ପ୍ରମାଣ ଥିବା ବେଳେ ଘଟଣାକୁ ୨୪ ଘଣ୍ଟା ବିତିବା ସତ୍ତ୍ୱେ ମଧ୍ୟ ପୋଲିସ କିଛି ଟିପ୍ପଣୀ ନ ଦେବା ଆଶ୍ଚର୍ଯ୍ୟ କରୁଛି। ଯଦି ମନ୍ତ୍ରୀ ତୁରନ୍ତ ଇସ୍ତଫା ନ ଦିଅନ୍ତି ତେବେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଲେଖାଶ୍ରୀ କହିଛନ୍ତି।

କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ କହିଛନ୍ତି, ମନ୍ତ୍ରୀଙ୍କ ବିରୋଧରେ ତାଙ୍କ ଦଳର ଜଣେ ନେତ୍ରୀ ଏତଲା ଦେଇଛନ୍ତି। ତେଣୁ ଏଭଳି ସ୍ଥଳେ ମନ୍ତ୍ରୀଙ୍କୁ ତାଙ୍କ ପଦରୁ ବାହାର କରିବା କଥା ନା ନାହିଁ। ସେହିପରି ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଏମିତି କିଛି କରି କୋଉଁଠି ଲୁଚିଛନ୍ତି। ଦିବ୍ୟଶଙ୍କର ତ ଖସିଗଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛତାରେ ଯେତେବେଳେ ଦାଗ ଲାଗିବ ସେତେବେଳେ ଲୋକମାନେ ଆଉ ତାଙ୍କୁ ଚାହିଁବେନି କି ଅନେଇବେ ନାହିଁ ବୋଲି ଦେବାଶିଷ କହିଛନ୍ତି। ଅପରପକ୍ଷେ ଏ ପ୍ରସଙ୍ଗରେ ବିଜେଡି ବିଧାୟକ ରମେଶ ଚ୍ୟାଉ ପଟ୍ଟନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏଭଳି ଘଟଣାରୁ ସବୁବେଳେ ଦୂରେଇରୁହନ୍ତି। ଏବେ ସେନେଇ କିଛି କହି ହେବ ନାହିଁ। ଜଣେ ମହିଳା ଯେତେବେଳେ ଅଭିଯୋଗ କରିଛନ୍ତି ତେଣୁ ତାକୁ ଠିକ୍ ଭାବେ ତଦନ୍ତ କରିବା ପରେ ଜଣାପଡିବ ବୋଲି ରମେଶ କହିଛନ୍ତି।

## ବିଏମ୍‌ସିରେ ଆଇନଶୃଙ୍ଖଳା ପରିସ୍ଥିତି ସାଂଘାତିକ: କଂଗ୍ରେସ

ଭୁବନେଶ୍ୱର, ୧୪।୪(ବ୍ୟୁରୋ): ଭୁବନେଶ୍ୱର ସହର ୭୫ ବର୍ଷରେ ପର୍ଦାପଣ କଲା। ୭୫ ବର୍ଷ ପୂର୍ବରୁ ୪୦ ହଜାର ଲୋକଙ୍କ ପାଇଁ ଏ ସହରର ପରିକଳ୍ପନା କରାଯାଇଥିଲା। ମ୍ୟୁନିସିପାଲିଟିରୁ ମହାନଗରର ମାନ୍ୟତା ପାଇବାର ବହୁବର୍ଷ ପରେ ମଧ୍ୟ ସହରର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନ ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବାଶିଷ ପଟ୍ଟନାୟକ କହିଛନ୍ତି, ଭୁବନେଶ୍ୱର ମହାନଗର ନିଗମର ଆଇନ ଶୃଙ୍ଖଳା ପରିସ୍ଥିତି ସାଂଘାତିକ। ବୟସ୍କ ଲୋକମାନେ ଘରୁ ବାହାରିବାକୁ ଡରୁଛନ୍ତି। ପ୍ରତିଦିନ ରାହାଜାନି, ଚୋରି, ଡକାୟତି ବଢ଼ିଛି। ଏପରିକି ଛୋଟ ଛୋଟ ଘଟଣାରେ ବନ୍ଧୁକ, ବୋମା ଏବଂ ଖଣ୍ଡା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଘୁରି ବୁଲୁଛି। ଅଣ ସାମାଜିକତତ୍ତ୍ୱଙ୍କ ସଂଖ୍ୟା ବହୁମାତ୍ରାରେ ବୃଦ୍ଧି ପାଇବା ସହିତ ନିରୀହ ଜନସାଧାରଣଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ରାଜନୀତି

ଭୁବନେଶ୍ୱର, ୧୪।୪(ବ୍ୟୁରୋ)

- ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡୁଥିବା ଅଭିଯୋଗ ଆସୁଛି: କେନ୍ଦ୍ରମନ୍ତ୍ରୀ
- ନିର୍ବାଚନକୁ ଆଖି ଆଗରେ ରଖି ଦାୟିତ୍ୱହୀନ ମନ୍ତବ୍ୟ ଠିକ୍ ନୁହେଁ:ବିଜେଡି

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନକୁ ନେଇ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଆପତ୍ତି ଉଠାଇଛନ୍ତି। ଯୋଗ୍ୟ ଲୋକଙ୍କୁ ଆବାସ ଯୋଜନାରେ ଘର ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟ ତାହା ପୂରଣ କରୁନାହାନ୍ତି। ଯୋଗ୍ୟ ଲୋକମାନେ ତାଲିକାରୁ ବାଦ୍ ପଡୁଥିବା ନେଇ ଅଭିଯୋଗ ଆସୁଥିବା କହିବା ପରେ ରାଜନୀତି ଏବେ ଜୋର୍ ଧରିଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ ଜବାବ ରଖି ବିଜେଡି ପାଲଟା ଟାର୍ଗେଟ କରିଛି।

ଗିରିରାଜ କହିଛନ୍ତି, ୮ ବର୍ଷରେ ଉପା ସରକାର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ ଓଡ଼ିଶାକୁ ୨୬ ହଜାର କୋଟି ଟଙ୍କା ଗ୍ରାମୀଣ ବିକାଶ ପାଇଁ ଦେଇଥିଲା। କେନ୍ଦ୍ରରେ ମୋଦିସରକାର ଆସିବା ପରେ ତାଙ୍କ ମନ୍ତ୍ରଣାଳୟ ଓଡ଼ିଶାକୁ ୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି। ନିୟମକାନୁନ କିଛି ନ ଦେଖି ଓଡ଼ିଶା ପାଇଁ ୩୮ ଲକ୍ଷ ଘର ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାୟକ ପ୍ରଦୀପ ନାଏକଙ୍କୁ କହିଛି ଯାହା ଅଭିଯୋଗ ଆସୁଛି ତା’ର ସମୀକ୍ଷା କରାଯିବ। ଯଦି ପକ୍କାଘର ପାଇବାର ନିୟମ ଏବଂ ସର୍ତ୍ତ ପାଳନ ନ କରି ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯାଉଥିବ ତେବେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ମନ୍ତ୍ରୀ ଗିରିରାଜ କହିଛନ୍ତି। ଏ ପ୍ରସଙ୍ଗରେ ବିଜେଡି ବିଧାୟକ ଦେବୀ ମିଶ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ସମୀକ୍ଷା କାହିଁକି କରୁନାହାନ୍ତି। ଦାନରେ କେହି କାହାକୁ କିଛି ଦେଉନାହାନ୍ତି। ସଂଘୀୟ ବ୍ୟବସ୍ଥାରେ ଶତକଡା ୧୦୦ କେନ୍ଦ୍ରୀୟ ଯୋଜନା ରହିଥାଏ। ଭାରତବର୍ଷରେ ବିଭିନ୍ନ ଦଳର ଯିଏ ପ୍ରଧାନମନ୍ତ୍ରୀ ରହିଛନ୍ତି ସମସ୍ତେ ସଂଘୀୟ ବ୍ୟବସ୍ଥାରେ ବିଭିନ୍ନ ଯୋଜନାରେ ଦେଇ ଆସିଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ରମନ୍ତ୍ରୀ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଠିକ୍ ନୁହେଁ।


# Classified Everyday 0674-2580101, 2549949


REAL ESTATE

**SALE**

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Grandbazar** ସମ୍ମୁଖରୁ **walkable** ଦୂରତାରେ ଘର ଉପଯୋଗୀ **plot** କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। **8249310759.** D-74841

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ହଂସପାଳ ଓ ପାହାଳରେ **NH** ଠାରୁ **200/-300mtr** ମଧ୍ୟରେ ସଙ୍ଗେସଙ୍ଗେ ଘର କଲାଭଳି ଜାଗା ବିକ୍ରି କରାଯାଉଅଛି। **9437765989.** D-74843

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All type of professional full body massage by professional therapist at Rajmahal @ 999. Contact: 7855053566. D-0078

**Full Body massage by Experience Therapist @999 only- 9078484455. (Bhubaneswar).** D-3134

All types of professional body massage by professional therapy. Contact: 9556924059, 7077933109. D-0046

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74670

Newly open health benefits Spa special offer @999 Nayapalli. 7846814019. D-73699

Fullbody massage, refresh, relaxed by expert Lady Therapist. Contact: 8480939300. D-0029

Newly open Spa Positively health benefit with expert. Contact- 7749976301 D-74532

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

Newly open SPA positively health benefits with expert therapist. 7849011931. D-73698

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373


BUSINESS

**Sai Jagannath Waste consultancy services Please contact for any kind of solid waste (Industrial/ MSW) utilisation/ recycling/ solutions. Contact: 7436986437.** D-0103

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Prasanti Panda, W/o- Ananda Panda, D/o- N.N. Panigrahi, At- Indira Nagar near Forest Gate, P.O.- Paralakhemundi, P.S.- Paralakhemundi, Dist.- Gajapati, Pin- 761200 declared by affidavit No.-92 dated 03.04.2023 sworn before Executive Magistrate (BBSR) that now onwards I shall be known as Prasanti Panigrahi for all future purposes. D-0102

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE




**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଦେଶୀ ମୁଦ୍ରାଭଣ୍ଡାରରେ ବୃଦ୍ଧି

ନୂଆଦିଲ୍ଲୀ,୧୪।୪



ଗତ କିଛିଦିନ ହେବ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ପରିମାଣରେ ହ୍ରାସ ଦେଖାଦେଇଥିଲା। କାରଣ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ମାନ୍ଦାବସ୍ଥା ଯୋଗୁ ମୁଦ୍ରା ଭଣ୍ଡାରରେ ଚାପ ପଡ଼ିଥିବା କୁହାଯାଉଛି। ଏପରିକି ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଭାରତର ବିଦେଶୀ ମୁଦ୍ରାଭଣ୍ଡାର ୭ ଏପ୍ରିଲରେ ଶେଷ ହୋଇଥିବା ସପ୍ତାହକ କାରବାର ପରେ ୬,୩୦୬ ବିଲିୟନ ଡଲାର ବଢ଼ି ୫୮୪.୭୫୫ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷ କରି ବିଦେଶୀ ମୁଦ୍ରାଭଣ୍ଡାରରେ ବୃଦ୍ଧି ଘଟିଛି। ଏହି ବୃଦ୍ଧି ପରେ ଗତ ୨ ସପ୍ତାହ ଧରି ଲାଗି ରହିଥିବା ହ୍ରାସରେ ମଧ୍ୟ ପରିବର୍ତ୍ତନ ହୋଇଛି। ତେବେ ଏହା ପୂର୍ବରୁ ଗତ ସପ୍ତାହରେ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ୩୨.୯ କୋଟି ଡଲାର ଖସି ୫୭୮.୪୨ ବିଲିୟନ ଡଲାର ରହିଥିଲା। ଉଲ୍ଲେଖଯୋଗ୍ୟ, ୨୦୨୧ ଅକ୍ଟୋବରରେ ଦେଶର ସମୁଦାୟ ବିଦେଶୀ ମୁଦ୍ରା ଭଣ୍ଡାର ୬୪୫ ବିଲିୟନ ଡଲାରର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଏପରିକି ବୈଶ୍ୱିକ ଆର୍ଥିକ ସ୍ଥିତି ମଧ୍ୟରେ ଡଲାର ତୁଳନାରେ ମୁଦ୍ରାର ଦ୍ରୁତ ହ୍ରାସକୁ ରୋକିବା ପାଇଁ ମୁଦ୍ରା ଭଣ୍ଡାରର ବ୍ୟବହାର କରିବା କାରଣରୁ ଏଥିରେ ହ୍ରାସ ହୋଇଥିଲା। ଅପରପକ୍ଷରେ ସ୍ୱର୍ଣ୍ଣ ଭଣ୍ଡାରର ମୂଲ୍ୟ ମଧ୍ୟ ଉକ୍ତ ସପ୍ତାହରେ ୧.୪୯୬ ବିଲିୟନ ଡଲାର ବଢ଼ି ୪୬.୬୯୬ ବିଲିୟନ ଡଲାର ହୋଇଛି। ତଥ୍ୟ ଅନୁଯାୟୀ, ବିଶେଷ ଆହରଣ ଅଧିକାର (ଏସ୍‌ଡିଆର୍) ୫.୮ କୋଟି ଡଲାର ବଢ଼ି ୧୮.୪୫ ବିଲିୟନ ଡଲାର ହୋଇଛି। ଏହି ସପ୍ତାହରେ ଅନ୍ତଃରାଷ୍ଟ୍ରୀୟ ମୁଦ୍ରାଭଣ୍ଡାର (ଆଇଏମ୍ଏଫ୍)ରେ ରଖାଯାଇଥିବା ଦେଶର ମୁଦ୍ରାଭଣ୍ଡାର ୧.୩ କୋଟି ଡଲାର ବଢ଼ି ୫.୧୭୮ ହୋଇଥିବା ନେଇ ମଧ୍ୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି।

## ରିଅଲ୍‌ମି ନାର୍‌ଜୋ ଏନ୍ ୫୫ ଉନ୍ମୋଚିତ

ନୂଆଦିଲ୍ଲୀ,୧୪।୪

ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମିର ନାର୍‌ଜୋ ଏନ୍‌୫୫ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୬୪ଏମ୍‌ପି କ୍ୟାମେରା ଓ ୩୩ ୱାଟ୍ ଚାର୍ଜିଂକୁ ସୁଲଭ ମୂଲ୍ୟରେ ପ୍ରଦାନ କରୁଛି। ଏଥିରେ ମିନି କ୍ୟାପ୍‌ସୁଲ ଫିଚର ମଧ୍ୟ ରହିଛି, ଯାହା ୩ଟି ଗୁରୁତ୍ୱପୂର୍ଣ୍ଣ ଫିଚର, ଚାର୍ଜ ନୋଟିଫିକେଶନ, ଡାଟା ୟୁସେଜ୍ ନୋଟିଫିକେଶନ ଓ ଷ୍ଟେପ୍ ନୋଟିଫିକେଶନ ପ୍ରଦାନ କରୁଛି। ସେହିଭଳି ରିଅଲ୍‌ମି ନାର୍‌ଜୋ ଏନ୍‌୫୫ରେ ଥିବା ବିଶାଳ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି ଉପଭୋକ୍ତାଙ୍କୁ ଦୀର୍ଘସ୍ଥାୟୀ ପାୱାର ପ୍ରଦାନ କରୁଛି। ଏହି ସ୍ମାର୍ଟଫୋନ୍ ୩୩ ୱାଟ୍ ସୁପରଭିଓସି ଚାର୍ଜିଂ ସଲ୍ୟୁଶନ ସହ ଆସୁଛି ଯାହା ଶୀଘ୍ର ଚାର୍ଜିଂ ସୁବିଧା ଦେବା ପାଇଁ ହାଇ-ଭୋଲ୍‌ଟେଜ୍, ଲୋ-କରେଣ୍ଟ ଚାର୍ଜିଂ ଟେକ୍ନୋଲୋଜିର ବ୍ୟବହାର କରୁଛି।

## ଟିପିସିଓଡିଏଲ୍‌ର ୯ ବିଦ୍ୟୁତ୍ ସେବାକେନ୍ଦ୍ର ଉଦ୍‌ଘାଟିତ




ଭୁବନେଶ୍ୱର,୧୪।୪

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଶୁକ୍ରବାର ଅତ୍ୟାଧୁନିକ ବିଦ୍ୟୁତ୍ ସେବା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଗ୍ରାମୀଣ ଗ୍ରାହକଙ୍କୁ ଆବଶ୍ୟକ ସେବା ପ୍ରଦାନ କରିବା ଲାଗି କମ୍ପାନୀର ଆଠଗଡ଼ ବିଦ୍ୟୁତ୍ ଡିଭିଜନରେ ୯ନୂଆ ବିଦ୍ୟୁତ୍ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଟିପିସିଓଡିଏଲ୍ ଅଧୀନରେ ଥିବା ବିଭିନ୍ନ ବିଦ୍ୟୁତ୍ ସର୍କଲରେ ପ୍ରାୟ ୨୫ ବିଦ୍ୟୁତ୍ ସେବା କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଏହି ନୂଆ କେନ୍ଦ୍ରଗୁଡ଼ିକୁ ନେଇ କମ୍ପାନୀର ପରିଚାଳନା ଅଧୀନରେ ଏବେ ମୋଟ ବିଦ୍ୟୁତ୍ ସେବା କେନ୍ଦ୍ର ସଂଖ୍ୟା ୫୧୧ରେ ପହଞ୍ଚିଛି। ଏହି କେନ୍ଦ୍ରଗୁଡ଼ିକ ମୁଖ୍ୟତଃ ଗ୍ରାହକମାନଙ୍କ ନିଜ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ନ ଥିବା ଅଭିଯୋଗର ପରିଚାଳନା ଏବଂ ଗ୍ରାମୀଣ ଗ୍ରାହକଙ୍କ ପାଇଁ ଯୋଗାଯୋଗର ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ । ଏଠାରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ସେବା ଉପରେ ସହାୟତା ପାଇବା ଲାଗି ଗ୍ରାମୀଣ ଗ୍ରାହକମାନେ ଉକ୍ତ କେନ୍ଦ୍ର ସହ ଯୋଡ଼ି ହୋଇପାରିବେ।

# ୧୦,୦୦୦ କୋଟିର କାରବାର ଲକ୍ଷ୍ୟ

ନୂଆଦିଲ୍ଲୀ,୧୪।୪

ଦେଶର ଅଗ୍ରଣୀ ହୋମ୍ ଆପ୍ଲାଏନ୍ସ କମ୍ପାନୀ ହାୟର୍ ଆପ୍ଲାଏନ୍ସ ଇଣ୍ଡିଆ (ହାୟର ଇଣ୍ଡିଆ) ଆଗାମୀ ୨ ବର୍ଷ ମଧ୍ୟରେ ପ୍ରାୟ ୧୦,୦୦୦ କୋଟି ଟଙ୍କାର କାରବାର କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ୨୦୨୪ ଶେଷ ସୁଦ୍ଧା କମ୍ପାନୀର ସମସ୍ତ ଘରୋଇ ଉପକରଣ ଏବଂ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ପାଇଁ ୱାନ୍ ଷ୍ଟପ୍ ସଲ୍ୟୁସନ ହେବ ବୋଲି ହାୟର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ବିଶେଷକରି ୨୦୨୩ ଏବଂ ୨୦୨୪ ଆର୍ଥିକ ବର୍ଷରେ କମ୍ପାନୀ ପ୍ରାୟ ୪୦% ଏବଂ ୩୦% ରାଜସ୍ୱର ବୃଦ୍ଧି କରାଇବା ସହ ଅଭିବୃଦ୍ଧି ଦିଗରେ ଅନୁରୂପ ପଦକ୍ଷେପ ଗ୍ରହଣ କରିବ ବୋଲି ଆକଳନ କରାଯାଇଛି। ସେହିଭଳି ଉତ୍ପାଦର ନବୀକରଣ ଏବଂ ଶିଳ୍ପରେ ଉତ୍ପାଦନ ଉତ୍କର୍ଷ ପ୍ରତି କ୍ରମାଗତ ପ୍ରତିବଦ୍ଧତା ଦ୍ୱାରା ହାୟର୍ ଇଣ୍ଡିଆର ବଜାର ଦୃଷ୍ଟିକୋଣ ସମର୍ଥିତ ହୋଇଛି। ଏପରିକି ଗ୍ରାହକ କେନ୍ଦ୍ରିକତା ସହିତ କମ୍ପାନୀ ଅନେକ ଇଣ୍ଡଷ୍ଟ୍ରିରେ ପ୍ରଥମେ ଆରମ୍ଭ କରିବାକୁ ସକ୍ଷମ ହୋଇଛି। ବିଶେଷକରି ଗ୍ରାହକଙ୍କ ଚାହିଦା ଅନୁଯାୟୀ, ହାୟର୍ କ୍ରମାଗତ ଭାବେ ତା'ର ଉତ୍ପାଦନ କ୍ଷମତାକୁ ବିସ୍ତାରକରି ବିକ୍ରୟ ପରବର୍ତ୍ତୀ ସେବା ନେଟ୍‌ୱାର୍କକୁ ମଜଭୁତ କରିଛି। ଭାରତରେ ରଣନୀତି ପାଇଁ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ମେଡ୍ ଫର୍ ଇଣ୍ଡିଆ' ସହିତ ସମାନ୍ତରାଳ ଭାବରେ ସର୍ବଶ୍ରେଷ୍ଠ ଶ୍ରେଣୀ ଉତ୍ପାଦଗୁଡ଼ିକୁ ଭାରତକୁ ଆଣିଛି।

ଏ ସମ୍ପର୍କରେ ହାୟର ଇଣ୍ଡିଆର ସଭାପତି ସତୀଶ ଏନ୍‌ଏସ୍ କହିଛନ୍ତି, ଆମେ ସର୍ବଦା ଡିଜିଟାଲ ଏବଂ ଗ୍ରାହକ ରୂପାନ୍ତର ଧାରାକୁ ଉନ୍ନତମାନର ଶ୍ରେଣୀରେ ନୂତନତ୍ୱ ଆଣିବା ପାଇଁ ଚେଷ୍ଟା ଜାରି ରଖିଥାଉ, ଯାହାକି ଆଜିର ଭାରତୀୟ ଗ୍ରାହକଙ୍କୁ ପ୍ରକୃତରେ ଉପକୃତ କରାଇଥାଏ। ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ସହିତ ଆମର ଆଲାଇନମେଣ୍ଟକୁ ଦେଶର ସମସ୍ତ ଘରୋଇ ଯୋଗାଣ ପାଇଁ ବ୍ୟବହାର କରିବାକୁ ରାଜି ଅଛୁ। ଏପରିକି ଆମର ବୃହତମ ଉତ୍ପାଦନ ହବ୍ ଏବଂ ରପ୍ତାନି ଭିତ୍ତିଭୂମି ବିସ୍ତାର କରିବାରେ ସକ୍ଷମ ହୋଇପାରିଛୁ। ଉତ୍ପାଦର ନବୀକରଣ ଏବଂ ଗ୍ରାହକ-କେନ୍ଦ୍ରିକତା ଆମର ଅଭିବୃଦ୍ଧିର ପ୍ରମୁଖ କାରଣ ଏବଂ ଆମେ ସର୍ବୋତ୍ତମ-ସେଗ୍‌ମେଣ୍ଟ ଉତ୍ପାଦ ଆଣିବାକୁ ଧ୍ୟାନ ଦେଇଛୁ।

# ନେକ୍ସସ୍ ଏସ୍‌ପ୍ଲାନେଡ୍‌ର ଓଡ଼ିଆ ନବବର୍ଷ



ଭୁବନେଶ୍ୱର,୧୪।୪

ନେକ୍ସସ୍ ଏସ୍‌ପ୍ଲାନେଡ୍ ପରିସରରେ ଓଡ଼ିଆ ନବବର୍ଷ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ଲେନିନ୍ ମହାନ୍ତି (ଅଧ୍ୟକ୍ଷ, ଓଟିଡିସି), ସତ୍ୟବ୍ରତ ତ୍ରିପାଠୀ (ଅଧ୍ୟକ୍ଷ, ଓଏଫ୍‌ଡିସି), ସାର୍ଦ୍ଦା ଘୋଷ (ଅଧ୍ୟକ୍ଷା, ଆଇଏଚ୍‌ଏମ୍, ଭୁବନେଶ୍ୱର), ଅଂଶୁମାନ ରଥ (ଓଏସ୍‌ଡି-ଓଡ଼ିଶା ପର୍ଯ୍ୟଟନ) ପ୍ରମୁଖ ଉପସ୍ଥିତ ଥିଲେ। ସବୁ ସମୟରେ ଏହି ମଲ୍ ଲୋକମାନଙ୍କ ସହିତ ଓଡ଼ିଶାର ସଂସ୍କୃତି ଓ ପର୍ବପର୍ବାଣିକୁ ସମ୍ମାନ ପ୍ରଦର୍ଶନ କରୁଥିବାରୁ ଲେନିନ୍ ମହାନ୍ତି ପ୍ରଶଂସା କରିଥିଲେ। ସତ୍ୟବ୍ରତ ତ୍ରିପାଠୀ କହିଥିଲେ, ଆମେ ଯେତେ ଆଧୁନିକ ହେଲେ ସୁଦ୍ଧା ଆମର ପର୍ବ ପର୍ବାଣି ଓ ସଂସ୍କୃତିକୁ ଭୁଲିବା ଉଚିତ ନୁହେଁ। ଏହିପରି ଉତ୍ସବାନୁଷ୍ଠାନ ମାଧ୍ୟମରେ ଆମେ ଏହାକୁ ପାଳନକରି ଗର୍ବ ଅନୁଭବ କରିବା। ଏହି ଉତ୍ସବ ପରେ ସମସ୍ତଙ୍କୁ ପଣା ପରିବେଷଣ କରାଯାଇଥିଲା। ୧୫ଟି ଫୁଡ୍ ବ୍ଲଗର, ମଲ୍‌ର କର୍ମଚାରୀ ଓ ଗ୍ରାହକମାନେ ଏହାକୁ ଉପଭୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ସଂସ୍କୃତି, ପର୍ବପର୍ବାଣି ଆଦି ପାଳନ ଜରିଆରେ ଏହି ମଲ୍ ସ୍ଥାନୀୟ ଲୋକମାନଙ୍କ ମନରେ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିଆସୁଛି।

# ଟାଟା ପାୱାର ଡିସ୍‌କମ୍‌ଗୁଡ଼ିକୁ ଶ୍ରେଷ୍ଠ ରେଟିଂ

ନୂଆଦିଲ୍ଲୀ,୧୪।୪

ଦେଶର ପ୍ରମୁଖ ଘରୋଇ ଶକ୍ତି ବିତରଣ କମ୍ପାନୀ ଟାଟା ପାୱାରକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ବିତରଣ ସଂସ୍ଥାର ସ୍ୱୀକୃତି ପ୍ରଦାନ କରାଯାଇଛି। ବିଶେଷ କରି ପାୱାର ଫାଇନାନ୍ସ କର୍ପୋରେଶନ ଜରିଆରେ କରାଯାଇଥିବା ସର୍ଭେ ସହ କେନ୍ଦ୍ର ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ଜାରି କରାଯାଇଥିବା ରେଟିଂରେ ଟାଟା ପାୱାରର ବଣ୍ଟନ କମ୍ପାନୀ(ଡିସ୍‌କମ୍)ଗୁଡ଼ିକ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍ ହାସଲ କରିଛନ୍ତି। ଏପରିକି ବିଦ୍ୟୁତ୍ ବଣ୍ଟନ ୟୁଟିଲିଟିଙ୍କ ପାଇଁ ୧୧ତମ ବାର୍ଷିକ ସମନ୍ୱିତ ରେଟିଂରେ ମନ୍ତ୍ରଣାଳୟ ଜାତୀୟ ୟୁଟିଲିଟିଗୁଡ଼ିକ ମଧ୍ୟରେ ଟାଟା ପାୱାରର ବଣ୍ଟନ କମ୍ପାନୀଗୁଡ଼ିକୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍ ପ୍ରଦାନ କରିଛନ୍ତି। ସେହିଭଳି ପରିଚାଳନା ଓ ଆର୍ଥିକ ପ୍ରଦର୍ଶନ, ନିୟାମକ ନିୟମ ପାଳନ, ଗ୍ରାହକ ସେବା, ଶକ୍ତି ଦକ୍ଷତା ଆଦି ବିଭିନ୍ନ ମାନଦଣ୍ଡକୁ ଆଧାରକରି ଏଭଳି ଏକ ରେଟିଂ ପ୍ରଦାନ କରାଯାଇଛି। ଏହି ରେଟିଂ ରିପୋର୍ଟକୁ ମାକିନ୍‌ଜେ ଆଣ୍ଡ୍ କମ୍ପାନୀ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବେଳେ ଅନୁଶୀଳନ ପାଇଁ ୩ଟି ଆର୍ଥିକ ବର୍ଷ ୨୦୧୯-୨୦ରୁ ୨୦୨୨-୨୩ର ଆକାଉଣ୍ଟ(ହିସାବ) ବିଚାରକୁ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ଟାଟା ପାୱାର ମୁମ୍ବାଇ ଡିଷ୍ଟ୍ରିବ୍ୟୁଶନ ଓ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ୧୦୦ରୁ ଯଥାକ୍ରମେ ୮୯.୭ ଓ ୮୭.୨ ସ୍କୋର ସହ ଏ+ ଗ୍ରେଡ୍ ଲେଖାଏଁ ପାଇଥିବା ବେଳେ ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁଶନ ଓ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଯଥାକ୍ରମେ ୭୯.୦ ଓ ୭୯.୩ ସ୍କୋର ସହ ଏ ଗ୍ରେଡ୍ ଲେଖାଏଁ ପାଇଛନ୍ତି।

ଏ ସମ୍ପର୍କରେ ଟାଟା ପାୱାରର ସିଇଓ ତଥା ଏମ୍‌ଡି ଡ. ପ୍ରବୀର ସିହ୍ନା କହିଛନ୍ତି, ଦେଶର ବିଦ୍ୟୁତ୍ ବଣ୍ଟନ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବାକୁ ଟାଟା ପାୱାର ସମର୍ପିତ।

# ଟିଭିଏସ୍ ୟୁରୋଗ୍ରିପ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୪।୪

ଦେଶର ପ୍ରମୁଖ ଦୁଇ ଓ ତିନିଚକିଆ ଯାନର ଟାୟାର ବ୍ରାଣ୍ଡ ଟିଭିଏସ୍ ୟୁରୋଗ୍ରିପ୍‌ର ନୂତନ ଉତ୍ପାଦ ନିକଟରେ ସର୍ବଭାରତୀୟ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇପିଏଲ୍ ଟିମ୍ ସିଏସ୍‌କେ ଅଧିନାୟକ ଏମ୍.ଏସ୍. ଧୋନୀ ଓ ଅନ୍ୟ ସିଏସ୍‌କେ ଖେଳାଳି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଏପରିକି ବ୍ରାଣ୍ଡର ନୂତନ ଉତ୍ପାଦ ଆଡ୍‌ଭେଞ୍ଚର ଟୁରିଂ ଟାୟାର ଓ ସୁପରବାଇକ୍ ଟାୟାରର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଟିଭିଏସ୍ ଶ୍ରୀଚକ୍ର ଲିମିଟେଡ୍‌ର ଇଭିପି (ସେଲ୍‌ସ ଆଣ୍ଡ ମାର୍କେଟିଂ) ପି.ମାଧବନ କହିଛନ୍ତି, ଆଡ୍‌ଭେଞ୍ଚର ଟୁରିଂ ଓ ସୁପରବାଇକ୍ ଟାୟାରର ଶୁଭାରମ୍ଭ କରିବା ଆମ ପାଇଁ ଏକ ବୃହତ୍ ମାଇଲଖୁଣ୍ଟ। ଏହା ସହିତ ଆମେ ଆମର ଉତ୍ପାଦର ସମ୍ଭାରକୁ ଆହୁରି ଅଧିକ ବ୍ୟାପକ କରିପାରିଛୁ, ଯେଉଁଥିରେ ବ୍ୟାପକ ଶ୍ରେଣୀୟ ଉତ୍ପାଦ ପ୍ରଦାନ କରାଯାଉଛି। ଏପରିକି ଆମେ ଏହାକୁ ଆମର ବିଜ୍‌ନେସ୍ ପାର୍ଟନର ଓ ସିଏସ୍‌କେ ଷ୍ଟାର୍‌ଙ୍କ ଉପସ୍ଥିତିରେ କରିପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ସେହିଭଳି ଏଭଳି ଏକ ଉଚ୍ଚ କାର୍ଯ୍ୟ ଦକ୍ଷତାସମ୍ପନ୍ନ ଉତ୍ପାଦଗୁଡ଼ିକ ୟୁରୋପ ବଜାରରେ ଡିଜାଇନ କରାଯାଇଛି ଓ ଏହାକୁ ଭାରତୀୟ ରାସ୍ତାର ଅବସ୍ଥା ଅନୁସାରେ ପ୍ରସ୍ତୁତ କରାଯାଇଛି। ଏଥିମଧ୍ୟରୁ ଅଧିକାଂଶ ଉତ୍ପାଦ ଅନ୍ତର୍ଜାତୀୟ ଭାବେ ଶୁଭାରମ୍ଭ କରାଯାଇଛି ଓ ଆମର ଏହି ଉତ୍ପାଦ ସମ୍ପର୍କରେ ଗ୍ରାହକମାନଙ୍କଠାରୁ ସକାରାତ୍ମକ ମତାମତ ଗ୍ରହଣ କରିଛୁ। ତେଣୁ ଏହି ଉତ୍ପାଦକୁ ଆମେ ଭାରତୀୟ ବଜାରକୁଆଣିପାରିଥିବାରୁଅତ୍ୟନ୍ତଆନନ୍ଦ ଅନୁଭବ କରୁଛୁ। ଉକ୍ତ କାର୍ଯ୍ୟକ୍ରମରେ ବ୍ରାଣ୍ଡର ବିଜ୍‌ନେସ୍ ପାର୍ଟନର ଓ ପ୍ରମୁଖ ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୨୯ତମ ପ୍ରତିଷ୍ଠା ଦିବସ ଅବସରରେ ଏହାର ନୂତନ ନିଃଶୁଳ୍କ ଟୋଲ୍ ଫ୍ରି ନମ୍ବରକୁ ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅତୁଲ ଗୋଏଲଙ୍କ ସମେତ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଦୁବେ, କଲ୍ୟାଣ କୁମାର, ବିନୋଦ କୁମାର ଏବଂ ଏମ୍.ପରମଶିବମ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଅରୁନ୍ଧତୀର ସର୍ବଶ୍ରେଷ୍ଠ ଅକ୍ଷୟ ତୃତୀୟା ଅଫର

ଭୁବନେଶ୍ୱର,୧୪।୪




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ସର୍ବଶ୍ରେଷ୍ଠ ଅକ୍ଷୟ ତୃତୀୟା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାନର ଆକର୍ଷଣୀୟ ଡିଜାଇନ ଓ କଲେକ୍ସନ ସହ ୧୦,୦୦୦ରୁ ଅଧିକ ଡିଜାଇନ ଉପଲବ୍ଧ। ଏପରିକି ଏଚ୍‌ୟୁଆଇଡି ଗହଣାର କିଣା ମୂଲ୍ୟ ଉପରେ ମାଗଣା ସ୍ୱର୍ଣ୍ଣମୁଦ୍ରା ସହ ୩୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ସେହିଭଳି ପ୍ରତି କ୍ରୟ ଉପରେ ଭିଆଇପି ବ୍ୟାଗ୍ ଓ ପୁରୁଣା ଗହଣା ଆଦି ଉପରେ ୫୦୦ ଟଙ୍କାର ଅତିରିକ୍ତ ଏକ୍ସଚେଞ୍ଜ ବୋନସ ସହ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୧%ର ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଜରିଆରେ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଆଡଭାନ୍ସ ଗହଣା ବୁକିଂ କରୁଥିବା ଗ୍ରାହକଙ୍କ ପାଇଁ ବୁକିଂ ଗହଣା ଉପରେ ସର୍ବନିମ୍ନ ଫ୍ଲେକ୍ସିବଲ ସୁନା ଦର ଲାଗୁ ହେବ। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ପବିତ୍ର ଅକ୍ଷୟ ତୃତୀୟାରେ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ଅକ୍ଷୟ ତୃତୀୟା ଅଫର ପ୍ରଦାନକରି ଆମେ ବେଶ୍ ଆନନ୍ଦିତ । ଏହି ଅବସରରେ ଗ୍ରାହକମାନେ ଆକର୍ଷଣୀୟ ଅଳଙ୍କାର ଓ ଗହଣା ସୁଲଭ ମୂଲ୍ୟ ଓ ସ୍ୱତନ୍ତ୍ର ସୁବିଧା ଓ ରିହାତିରେ ପାଇପାରିବେ।

# ଲେଖ ଆପ୍ ଉନ୍ମୋଚନ ସମାରୋହ

ଭୁବନେଶ୍ୱର,୧୪।୪



ଅନ୍ତଃରାଷ୍ଟ୍ରୀୟ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ନିର୍ମାଲ୍ୟ ଲାବ୍ସ ପକ୍ଷରୁ ଏକ ଅତ୍ୟାଧୁନିକ ଆପ୍ 'ଲେଖ'ର ବିକଶିତ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିଜ୍ଞ ଆଇଟି ବିଶେଷଜ୍ଞଙ୍କ ଦ୍ୱାରା ଉକ୍ତ ଆପ୍‌ର ପରିକଳ୍ପନା ସହ ନିର୍ମାଣ ହୋଇଛି। ଏହି ପରିପ୍ରେକ୍ଷୀରେ ଦେଶର ପ୍ରମୁଖ ମସଲା କମ୍ପାନୀ ମହାରାଜା ମସଲା ଓ ନିର୍ମାଲ୍ୟ ଲାବ୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ହୋଇଥିବା ଜଣାପଡ଼ିଛି। ଯେହେତୁ ଆପ୍ ସେହି ଚିନ୍ତାଧାରାରେ ବିକଶିତ ହୋଇଥିବା ବେଳେ ମହାରାଜା ମସଲା ସହ ଅନୁବନ୍ଧିତ ହୋଇଛି, ସେଥିପାଇଁ ଉକ୍ତ ଆପ୍ ଗ୍ରୋସେରି ଶପ୍‌ରେ ବହୁଳ ବ୍ୟବହାର ହେବ। ଅପରପକ୍ଷରେ ଉଭୟ ନିର୍ମାଲ୍ୟ ଲାବ୍ସ ଓ ମହାରାଜା ମସଲାର ମିଳିତ ଉଦ୍ୟମରେ ଗୁରୁବାର ଉକ୍ତ ଆପ୍‌ର ଆନୁଷ୍ଠାନିକ ଉନ୍ମୋଚନ ହୋଇଯାଇଛି। ଏପରିକି ପବିତ୍ର ପଣାସଂକ୍ରାନ୍ତି ଅବସରରେ ଉଭୟ ସଂସ୍ଥା ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଉକ୍ତ ସମାରୋହରେ ମହାରାଜା ମସଲାର କଣ୍ଟ୍ରି ହେଡ୍ ଅଭିନାଶ ସାହାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମାଲ୍ୟ ଲାବ୍ସର ଭିପି ତୁଷାର ମହାନ୍ତି, ନିର୍ଦ୍ଦେଶିକା ସ୍ମୃତି ଦାଶଙ୍କ ସମେତ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଅଭିନାଶ ସାହାଣୀ କହିଛନ୍ତି, ଏହି ଆପ୍ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଏକ ସମତୁଲ ସମ୍ପର୍କ ସୃଷ୍ଟି ସହ କାରବାରରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା କରାଇବ। ସେହିପର ନିର୍ମାଲ୍ୟ ଲାବ୍ସର ଭିପି ତୁଷାର ମହାନ୍ତି କହିଥିଲେ, ଅଭିଜ୍ଞ ଆଇଟି ଟିମ୍ ଓ ଯୁବ ଇଞ୍ଜିନିୟରମାନଙ୍କ ଦ୍ୱାରା ବିକଶିତ ହୋଇଥିବା ଏହି ଆପ୍ ସମାଜରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଏପରିକି ସହରରୁ ଗାଁ ସବୁ ସ୍ଥାନରେ ଏହାର ବ୍ୟବହାରକୁ ସ୍ୱୀକୃତି ମିଳିବ। ଉକ୍ତ ଆପ୍ ଆଗାମୀ ଦିନରେ ଅନେକ ପରିବର୍ତ୍ତନ ଓ ବ୍ୟବସାୟରେ ସୁଧାର ଆଣିପାରିବ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଉକ୍ତ ପ୍ଲେ ଷ୍ଟୋରରେ ଉପଲବ୍ଧ ରହିଥିବା ବେଳେ ଆଗାମୀ ଦିନରେ ଅନ୍ୟ ପ୍ଲାଟ୍‌ଫର୍ମରେ ମଧ୍ୟ ଉପଲବ୍ଧ ହେବ।

# ମାରୁତି ସୁଜୁକି ଜିମ୍‌ନିର ଅନାବରଣ ଉତ୍ସବ

ଭୁବନେଶ୍ୱର,୧୪।୪




ନେକ୍ସା ଗଜପତିନଗରଠାରେ ମାରୁତି ସୁଜୁକି ଜିମ୍‌ନିର ୨ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ ଅବସରରେ ଉଭୟ ନେକ୍ସା ଓ ତୁସି ମୋଟର୍ସର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ଜିମ୍‌ନିର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏପରିକି ମାରୁତି ସୁଜୁକିର ପ୍ରିମିୟମ ରିଟେଲ ନେଟ୍‌ୱର୍କ ନେକ୍ସା ଜରିଆରେ ନ୍ୟୁ ଜିମ୍‌ନିକୁ ଦେଶବ୍ୟାପୀ ବିକ୍ରି କରାଯାଉଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ଗଜପତିଗନର (ତୁସି ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍) ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର ଅନାବରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ତୁସି ମୋଟର୍ସର ପରିଚାଳନା ନିର୍ଦ୍ଦେଶିକା ପ୍ରୀତିପଲ୍ଲବୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାରୁତି ସୁଜୁକି ନେକ୍ସା ଓ ତୁସି ମୋଟର୍ସର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ଜିମ୍‌ନିକୁ କମ୍ପାନୀ ତା'ର ପ୍ରଥମ ଅଫ୍-ରୋଡ୍ ଗାଡ଼ି ଭାବେ ଡିଜାଇନ କରିଥିବା ବେଳେ ଏଥିରେ ୧୦୫ ଏଚ୍‌ପି, ୧.୫ ଲିଟର କେ୧୫ବି ପେଟ୍ରୋଲ ଇଞ୍ଜିନ୍ ଅନ୍ତର୍ଭୁକ୍ତ ରହିଛି। ସେହିଭଳି ୫ସ୍ପିଡ୍ ମାନୁଆଲ୍ କିମ୍ବା ୪ ସ୍ପିଡ୍ ଟର୍କ କନ୍‌ଭର୍ଟର ଅଟୋମେଟିକ୍ ଟ୍ରାନ୍ସମିସନ ମଧ୍ୟ ସାମିଲ ରହିଛି। ଜିମ୍‌ନି ଅଫ୍‌ରୋଡ୍ ଗିୟରରେ ସୁଜୁକିର ଅଲ୍ ଗ୍ରିପ୍ ପ୍ରୋ ୪ଡବ୍ଲ୍ୟୁଡି ବ୍ୟବସ୍ଥା ସହିତ ଏକ ମାନୁଆଲ ଟ୍ରାନ୍ସଫର କେସ୍ ଏବଂ ୨ଡବ୍ଲ୍ୟୁଡି-ହାଇ, ୪ଡବ୍ଲ୍ୟୁଡି-ହାଇ ଓ ୪ଡବ୍ଲ୍ୟୁଡି-ଲୋ ମୋଡ୍ ଥିବା ଏକ ଲୋ-ରେଞ୍ଜ୍‌ର ଗିୟରବକ୍ସ ସହ ଏକ ଶକ୍ତ ଲାଡର-ଫ୍ରେମ୍ ଚେଚିସ୍ ମଧ୍ୟ ରହିଛି। ଉଲ୍ଲେଖଯୋଗ୍ୟ, ନ୍ୟୁ ଜିମ୍‌ନି ୨ଟି ଭାରିଆଣ୍ଟ ଜେଟା ଓ ଆଲ୍‌ଫା ସହ ୭ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ଏଥିରେ ଅନେକ ବୈଶିଷ୍ଟ୍ୟ ସହ ଆକର୍ଷଣୀୟ ଫିଚର ଅନ୍ତର୍ଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୩ ଓ ୧୪ ତାରିଖରେ ନେକ୍ସା ଗଜପତିନଗରଠାରେ ଜିମ୍‌ନିକୁ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ କରାଯାଇଥିଲା। ସୂଚନାଯୋଗ୍ୟ, ମାରୁତି ସୁଜୁକିର ଆଇକନିକ୍ ଜିପ୍ସିର ଅତ୍ୟାଧୁନିକ ଡିଜାଇନ ତଥା ପ୍ରିମିୟମ ଏସ୍‌ୟୁଭି ଭାବେ ଜିମ୍‌ନିକୁ ବଜାରରେ ଉପସ୍ଥାପନ କରାଯାଇଛି।

# ଗୁମ୍ଫାରେ ୫୦ ବର୍ଷୀୟାଙ୍କ ୫୦୦ ଦିନ

ମାଡ୍ରିଡ୍



ଆଦିମାନବ ଗୁମ୍ଫାରେ ରହୁଥିଲା। ଜଙ୍ଗଲରେ ଶିକାର କରି ଓ ଗଛରୁ ଫଳ ସଂଗ୍ରହ କରି ଖାଉଥିଲା। କ୍ରମବିକାଶ ଫଳରେ ଆଦିମ ମଣିଷ ଘର ତିଆରି କଲା। ଖାଦ୍ୟ ରୋଷେଇ କରିବା ଶିଖିଲା। ବର୍ତ୍ତମାନର ଆଧୁନିକ ମଣିଷ ଆଦିମାନବଙ୍କ ପରି ଗୁମ୍ଫାରେ ରହିପାରିବେ ନା ନାହିଁ ସେ ବିଷୟରେ ସ୍ପେନ୍‌ର ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି। ଏ ନେଇ ସ୍ପେନ୍‌ର ଆଥ୍‌ଲେଟ୍ ବିଟ୍ରିଜ୍ ଫ୍ଲାମିନିଙ୍କୁ ସ୍ପେନ୍‌ର ଗ୍ରାନାଡାରେ ଥିବା ଏକ ଗୁମ୍ଫାରେ ୫୦୦ ଦିନ ବିତାଇବାକୁ ପଡ଼ିଛି। ୭୦ ମିଟର ଗଭୀର ଗୁମ୍ଫାରେ ବିଟ୍ରିଜ୍ ଏକୁଟିଆ ରହିବା ପରେ ଏବେ ଫେରିଛନ୍ତି। ବିଟ୍ରିଜ୍ ଜଣେ ପର୍ବତାରୋହୀ।

ଗୁମ୍ଫାକୁ ଯିବା ସମୟରେ ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା। ଏବେ ବିଟ୍ରିଜ୍‌ଙ୍କ ବୟସ ୫୦ ବର୍ଷ। ବିଟ୍ରିଜ୍ ଗୁମ୍ଫାରେ ୨ ଥର ନିଜ ଜନ୍ମଦିନ ପାଳନ କରିଛନ୍ତି। ସାରା ବିଶ୍ୱ ଯେତେବେଳେ କରୋନା ଯୋଗୁ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା ସେହି ସମୟରେ ଅର୍ଥାତ୍ ୨୦୨୧ ନଭେମ୍ବର ୨୦ରେ ବିଟ୍ରିଜ୍ ଗୁମ୍ଫା ଭିତରକୁ ଯାଇଥିଲେ। ପାଖାପାଖି ଦେଢବର୍ଷ ଧରି ବିଟ୍ରିଜ୍ କାହା ସହିତ କଥା ନ ହୋଇ ଗୁମ୍ଫାରେ ରହିଥିଲେ। ତେବେ ସେ ଦେଢ ବର୍ଷ କାଳ ଗାଧୋଇ ନ ଥିବା ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି। ଗୁମ୍ଫାରେ ରହିବା ସମୟରେ ବିଟ୍ରିଜ୍ ଏକ୍ସରସାଇଜ୍ ସାଙ୍ଗକୁ ପେଣ୍ଟିଂ, ଡ୍ରଇଂ

## ଅଣ୍ଡରଗ୍ରାଉଣ୍ଡରେ ୨ ଥର ଜନ୍ମଦିନ ପାଳିଲେ

ଏବଂ ଉଲ୍‌ରେ ଟୋପି ବୁଣାବୁଣି କରି ନିଜ ସମୟ କାଟୁଥିବା ତାଙ୍କ ସପୋର୍ଟ ଟିମ୍ ସୂଚନା ଦେଇଛି। ଅନ୍ୟପକ୍ଷେ ବିଟ୍ରିଜ୍ ଗୁମ୍ଫାକୁ ୬୦ଟି ପୁସ୍ତକ, ୧,୦୦୦ ଲିଟର ଜଳ ନେଇ ଯାଇଥିଲେ। ଗୁମ୍ଫାରେ ରହିବା ଯୋଗୁ ମଣିଷ ଏବଂ ଏହାର ମସ୍ତିଷ୍କ ପ୍ରାୟତଃ ଶୂନ ପଡ଼ିଯାଏ। କାରଣ ସେଠାରେ ରହିବା ଦ୍ୱାରା ଦିନ, ରାତି ଜାଣି ହୁଏ ନାହିଁ କି ସମୟ କେମିତି ବିତିଯାଏ ତାହା ଜଣା ପଡ଼ି ନ ଥାଏ। ଗୁମ୍ଫାରେ ରହିବା ସମୟରେ ବିଟ୍ରିଜ୍‌ଙ୍କ ପ୍ରତିଟି ଗତି ଉପରେ ମନୋବିଜ୍ଞାନୀ, ଗବେଷକ, ସେଲେଓଲୋଜିଷ୍ଟ (ଗୁମ୍ଫାରେ ରହୁଥିବା ଲୋକଙ୍କ ସମ୍ବନ୍ଧରେ କରୁଥିବା ଅଧ୍ୟୟନ), ଫିଜିଓ ଟ୍ରେନର୍ ନଜର ରଖୁଥିଲେ।

# କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସନିଙ୍କ 'କେନେଡି'

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ସନି ଲେଓନ୍‌ଙ୍କ ଅଭିନୀତ ଫିଲ୍ମ 'କେନେଡି'କୁ ଚଳିତ ବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସ୍କ୍ରିନିଂ ପାଇଁ ଚୟନ କରାଯାଇଛି। ଶୁକ୍ରବାର ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ୍ ହୋଇଛି। ଏଥିରେ ସନି ଲେଓନ୍ ଏବଂ ରାହୁଲ ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। କେନେଡିରେ ସନି ଜଣେ ଧନୀ ମହିଳାଙ୍କ ଚରିତ୍ରରେ ଦେଖିବାକୁ ମିଳିବେ। ଫିଲ୍ମରେ ରାହୁଲଙ୍କ ଭୂମିକା ସ୍ପଷ୍ଟ ହୋଇପାରି ନାହିଁ। କେନେଡିର ଫାଷ୍ଟ ଲୁକ୍ ସୋସିଆଲ ମିଡିଆରେ ଶେୟାର କରାଯାଇଥିବାବେଳେ ୭୬ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହାର ପ୍ରିମିୟର ହେବାକୁ ଥିବା କ୍ୟାପ୍ସନ୍‌ରେ କୁହାଯାଇଛି। ଅନୁରାଗ କଶ୍ୟପ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଫାଷ୍ଟଲୁକ୍ ଭିଡିଓକୁ ସନି ପୁଣିଥରେ ଶେୟାର କରିଥିବାବେଳେ କାନ୍ସ ପାଇଁ ସେ ଖୁବ୍ ଏକ୍ସାଇଟେଡ୍ ଥିବା କହିଛନ୍ତି। ଆକ୍ଟର କମ୍ ମଡେଲ ରାହୁଲ ଭଟ୍ଟ ୨୦୦୨ରେ ଫିଲ୍ମ 'ୟେ ମହବତ ହେ' ଜରିଆରେ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିଲେ। ଅନେକ ଟେଲି ଧାରାବାହିକରେ ମଧ୍ୟ ତାଙ୍କ ଅଭିନୟ ଦର୍ଶକେ ଦେଖିଛନ୍ତି। ଅନ୍ୟପକ୍ଷେ ଗତବର୍ଷ ମୁକ୍ତିଲାଭ କରିଥିବା ଫିଲ୍ମ 'ଗନି ଭାଇ'ରେ ସନି ଲେଓନ୍‌ଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା।

# ଡକ୍ଟରେଟ୍ ପାଇଲେ ମାୟେ ମସ୍କ



ୱାଶିଂଟନ୍

ଟୁଇଟର ମାଲିକ ଏଲନ ମସ୍କଙ୍କ ମା' ମାୟେ ମସ୍କ ୭୪ ବର୍ଷ ବୟସରେ ଡକ୍ଟରେଟ୍ ପାଇଛନ୍ତି। ଦକ୍ଷିଣ ଆଫ୍ରିକାର ୟୁନିଭର୍ସିଟି ଅଫ୍ ଦ ଫ୍ରି ଷ୍ଟେଟ୍ ପକ୍ଷରୁ ମାୟେଙ୍କୁ ନ୍ୟୁଟ୍ରିଶନ୍ ରିସର୍ଚ୍ଚ କ୍ଷେତ୍ରରେ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ମାୟେ ସୋସିଆଲ ମିଡିଆରେ ଏକ ଫଟୋ ଓ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକ ଲାଲ୍ ରଙ୍ଗର ଗ୍ରାଜୁଏଶନ୍ ରୋବ୍ ପିନ୍ଧିଥିବା ଦେଖାଯାଇଛି। ଏନେଇ ମାୟେଙ୍କ ଦୁଇ ପୁଅ ଏଲନ୍ ଏବଂ କିମ୍ବଲ ମା'ଙ୍କୁ ଶୁଭେଚ୍ଛା ଜଣାଇଛନ୍ତ।

# ଇ-ମେଲ୍‌ରେ ବିବାହ ବିଚ୍ଛେଦ



**ୱାଶିଂଟନ୍:** ଆମେରିକୀୟ ବ୍ୟବସାୟୀ ରୁପର୍ଟ ମୁର୍ଡୋଚ୍ ସ୍ତ୍ରୀ ଜେରୀ ହାଲ୍‌ଙ୍କ ସହ ବିବାହ ସମ୍ପର୍କ ଛିନ୍ନ କରିଛନ୍ତି। ରୁପର୍ଟ ଜେରୀଙ୍କୁ ୧୧ଟି ଶବ୍ଦରେ ଏକ ଇ-ମେଲ୍ ପଠାଇ ବିବାହ ବିଚ୍ଛେଦର ସୂଚନା ଦେଇଥିବାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ୨୦୧୬ରେ ରୁପର୍ଟ ଜେରୀଙ୍କୁ ବିବାହ କରିଥିଲେ। ଫୋକ୍ସ ନ୍ୟୁଜ୍ କର୍ପୋରେଶନ୍‌ର ଅଧ୍ୟକ୍ଷ ୯୨ ବର୍ଷୀୟ ରୁପର୍ଟଙ୍କର ଏହା ଥିଲା ଚତୁର୍ଥ ବିବାହ। ପ୍ରକାଶିତ ରିପୋର୍ଟ ଅନୁସାରେ ରୁପର୍ଟ ଜେରୀଙ୍କୁ ପଠାଇଥିବା ଇମେଲ୍‌ରେ ସେ ଲେଖିଥିଲେ ଯେ, ଜେରୀ, ମୁଁ ଆମ ବିବାହ ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛି। ଏକାଠି ଆମେ ଖୁବ୍ ଭଲ ସମୟ ବିତାଇଛେ, କିନ୍ତୁ ଏବେ ମୋତେ ବହୁତ କିଛି କରିବାକୁ ଅଛି। ରୁପର୍ଟଙ୍କ ଓକିଲ ଜେରୀଙ୍କୁ ତୁରନ୍ତ ଯୋଗାଯୋଗ କରିବେ ବୋଲି ସେ କହିଥିଲେ। ରୁପର୍ଟ ଏବେ ଆନ୍ ଲେସ୍‌ଲି ସ୍ମିଥଙ୍କ ସହ ଛୁଟି କାଟୁଥିବାର ଦେଖାଯାଇଛି। ଗତ ମାର୍ଚ୍ଚ ୧୭ରେ ସେ ଆନ୍‌ଙ୍କୁ ପ୍ରୋପୋଜ୍ କରିଥିଲେ।

## ଖେଳ ଖବର

# 'ଓଡ଼ିଶାରେ ଶୁଟିଂର ବିକାଶ ପାଇଁ ପଦକ୍ଷେପ ନିଆଯିବ'

ଭୁବନେଶ୍ୱର, ୧୪।୪
(କ୍ରୀଡ଼ା ପ୍ରତିନିଧି)

### ଜାତୀୟ ରାଇଫଲ ସଂଘ ସଭାପତି କଳିକେଶ ନାରାୟଣ ସିଂଦେଓଙ୍କୁ ସମ୍ବର୍ଦ୍ଧନା



କଳିକେଶ ନାରାୟଣ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ରାଜ୍ୟ ରାଇଫଲ ଆସୋସିଏଶନ କର୍ମକର୍ତ୍ତା ଓ ଅନ୍ୟମାନେ।

ପ୍ରଥମ ଓଡ଼ିଆ ଭାବେ ଜାତୀୟ ରାଇଫଲ ସଂଘ (ଏନ୍‌ଆରଏଆଇ)ର ସଭାପତି ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶା ରାଇଫଲ ସଂଘର ପୃଷ୍ଠପୋଷକ ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ। ଶୁକ୍ରବାର ଉତ୍କଳ କରାଟେ ସ୍କୁଲ ପରିସରରେ କଳିକେଶଙ୍କୁ ରାଜ୍ୟ ରାଇଫଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କଳିକେଶ କହିଛନ୍ତି ଯେ ''ଓଡ଼ିଶାରେ ଶୁଟିଂର ବିକାଶ ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଜିଲା ଏବଂ ରାଜ୍ୟ ସ୍ତରରେ ପ୍ରତିଯୋଗିତାମାନ ଆୟୋଜନ ଉପରେ ଗୁରୁତ୍ୱ ଦିଆଯିବ। ଏହାବ୍ୟତୀତ ଭାରତରେ ୫୦୦ କୋଚ୍ ସୃଷ୍ଟି କରାଯିବ। ଏହାଦ୍ୱାରା ପିଲାମାନେ ଟ୍ରେନିଂ ପାଇବା ସହଜ ହେବ''।

ଅନ୍ୟପକ୍ଷରେ ପୂର୍ବରୁ ଜାତୀୟ ସଂଘର ବରିଷ୍ଠ ଉପସଭାପତି ଥିବା କଳିକେଶ ସଭାପତି ହେବା ପରେ ଓଡ଼ିଶା ରାଇଫଲ ସଂଘରେ ଉତ୍ସାହ ପରିଲକ୍ଷିତ ହୋଇଛି। ଓଡ଼ିଶା ରାଇଫଲ ସଂଘର ନିଜସ୍ୱ ଟ୍ରାପ୍ ଶୁଟିଂ ରେଞ୍ଜ୍ ନାହିଁ। ଏବେ କଳିକେଶଙ୍କ ସହାୟତାରେ ଏହା ପ୍ରତିଷ୍ଠା ହୋଇପାରିବ ବୋଲି ରାଜ୍ୟ ସଂଘ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଏହା ହେଲେ ଓଡ଼ିଶାରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହୋଇପାରିବେ। ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ, ସହସମ୍ପାଦକ ଆଶିଷ ନାୟକ, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଦେବାଶିଷ ଭଟ୍ଟାଚାର୍ଯ୍ୟ, ତାଳଚେର ରାଇଫଲ କ୍ଲବର ଶରତ ଚନ୍ଦ୍ର ଦେବ, କଟକ ରାଇଫଲ କ୍ଲବର ଅଶୋକ କୁମାର ସ୍ୱାଇଁ, ଉପସଭାପତି ରୋମିଓ ନନ୍ଦ, ଗନ୍ ଫର୍ ଗ୍ଲୋରି (ଜିଏଫ୍‌ଜି)ର ସୋନି ପଣ୍ଡାଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମୁସେଟିଙ୍କଠାରୁ ହାରି ଜୋକୋଭିଚ୍‌ଙ୍କ ବିଦାୟ

**ମୋନାକୋ, ୧୪।୪ (ଏପି):** ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାରେ କ୍ରମାଗତ ତୃତୀୟ ବର୍ଷ ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତ ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍। ଇଟାଲିର ଲୋରେଞ୍ଜୋ ମୁସେଟିଙ୍କଠାରୁ ସେ ୪-୬, ୭-୫, ୬-୪ ସେଟ୍‌ରେ ହାରିଯାଇଛନ୍ତି। ଦୁଇଥର ମଣ୍ଟେ କାର୍ଲୋ ଚାମ୍ପିୟନ ଜୋକୋଭିଚ୍ ଗତବର୍ଷ ତାଙ୍କ ଓପନିଂ ମ୍ୟାଚରେ ପରାସ୍ତ ହୋଇଥିଲେ। ୨୦୨୧ରେ ସେ ଟୁର୍ନାମେଣ୍ଟରୁ ତୃତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ଆଗାମୀ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଲାଗି ଜୋକୋଭିଚ୍ ନିଜକୁ ପ୍ରସ୍ତୁତ କରୁଛନ୍ତି। ଆସନ୍ତା ସପ୍ତାହରେ ସେ ବୋସନିଆ-ହର୍ଜଗୋଭିନାଠାରେ ସର୍ପସ୍କା ଓପନ୍ ଟେନିସ ଟୁର୍ନାମେଣ୍ଟ ଖେଳିବେ।

# ଅନ୍‌ଲାଇନ ବେଟିଂ ବିଜ୍ଞାପନରେ ମ୍ୟାକ୍‌କୁଲମ

ଲଣ୍ଡନ, ୧୪।୪ (ପି.ଟି.)



ଇଂଲଣ୍ଡ ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କୁ ଅନ୍‌ଲାଇନ ବେଟିଂ ବିଜ୍ଞାପନରେ ଦେଖିବାକୁ ମିଳିବା ପରେ ସେ ଅଡୁଆରେ ପଡ଼ିଛନ୍ତି। ସେ ଦୁର୍ନୀତି ନିରୋଧୀ ନିୟମର ଉଲ୍ଲଂଘନ କରିଛନ୍ତି କି ନା ତାହା ଯାଞ୍ଚ କରି ଦେଖୁଛି ଦେଶର କ୍ରିକେଟ ବୋର୍ଡ ଇସିବି (ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ)। ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଗତ ଜାନୁୟାରୀରେ '୨୨ ବେଟ୍' ନାମକ ଏକ ବେଟିଂ ସଂଗଠନରେ ଜଣେ ଆମ୍ବାସାଡର ଭାବେ ଯୋଗ ଦେଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୨୨ବେଟ୍ସର ମାର୍କେଟ ପ୍ରମୋଟ କରିବା ଲାଗି ସେ ଏକ ଭିଡିଓ ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ବ୍ରେଣ୍ଡନଙ୍କର ୨୨ ବେଟ୍ ସହ କି ସମ୍ପର୍କ ରହିଛି ସେ ସମ୍ପର୍କରେ ତାଙ୍କ ସହିତ ଆଲୋଚନା ଚାଲିଛି। ତେବେ ତାଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ତଦନ୍ତ ଆରମ୍ଭ ହୋଇ ନ ଥିବା ଇସିବି କହିଛି। ନ୍ୟୁଜିଲାଣ୍ଡର ପ୍ରୋବ୍ଲେମ ଗ୍ୟାମ୍ବଲିଂ ଫାଉଣ୍ଡେଶନ ବିବାଦୀୟ ବିଜ୍ଞାପନଟି ସମ୍ପର୍କରେ ଇସିବି ନିକଟରେ ଅଭିଯୋଗ କରିଥିଲା। ସୂଚନାଯୋଗ୍ୟ, ବ୍ରେଣ୍ଡନ ଗତ ଗ୍ରୀଷ୍ମଋତୁରେ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରେ ଗତ ୧୨ଟି ଟେଷ୍ଟ ମଧ୍ୟରୁ ୧୦ଟିରେ ବିଜୟ ଲାଭ କରିପାରିଛି।

# ଆସନ୍ତାବର୍ଷ ବଡ଼ ଆକାରରେ ହେବ ଡବ୍ଲ୍ୟୁପିଏଲ

ମୁମ୍ବାଇ, ୧୪।୪ (ପି.ଟି.)

ଆସନ୍ତାବର୍ଷ ହୋମ୍-ଆୱେ ଫର୍ମାଟ ସହ ବଡ଼ ଆକାରରେ ହେବ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)। ସମ୍ଭବତଃ ଏହା ଫେବୃୟାରୀରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ସୂତ୍ରରୁ ଜଣାପଡ଼ିଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଂସ୍କରଣ ମୁମ୍ବାଇର ଦୁଇଟି ଭେନ୍ୟୁରେ ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ଖେଳାଯାଇଥିଲା। ଚଳିତ ମାସ ପ୍ରାରମ୍ଭରେ ଆଇପିଏଲ ଚେୟାରମ୍ୟାନ ଅରୁଣ ଧୁମାଲ ସୂଚନା ଦେଇଥିଲେ ଯେ, ଡବ୍ଲ୍ୟୁପିଏଲ୍‌ର ଆସନ୍ତା ୩ ସିଜନ ୫ଟି ଦଳକୁ ନେଇ ଖେଳାଯିବ। ଅଧିକ ପ୍ରଶଂସକ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ହୋମ୍-ଆୱେ ଫର୍ମାଟରେ ଖେଳାଯିବ। ଯେଉଁ ସହର ନାମରେ ଫ୍ରାଞ୍ଚାଇଜ ନାହିଁ, ଯଥା ଇନ୍ଦୋର ଭଳି ଟିଅର-୨ ସହରରେ ଆୟୋଜନ ସହଜ ହେବ ନାହିଁ।

**ଇଣ୍ଡୋ-ପାକ୍ ବିଶ୍ୱକପ୍ ଭେନ୍ୟୁ ଓ ଏସିଆ କପ୍ ସମ୍ପର୍କରେ ଆଲୋଚନା ଜାରି**

ଏସିଆ କପ୍ ୨୦୨୩ରେ ଭାରତର ଅଂଶଗ୍ରହଣ ସମେତ ବିଶ୍ୱକପ୍ ବେଳେ ଭାରତରେ ପାକିସ୍ତାନ ମ୍ୟାଚକୁ ନେଇ ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଅପେକ୍ଷା କରିବ ବିସିସିଆଇ। ଖବର ଅନୁସାରେ ସମସ୍ତ ସଦସ୍ୟ, ଏହି ପ୍ରସଙ୍ଗରେ ଆଲୋଚନା ଚଳାଇଛନ୍ତି। ଏହା ସରିବା ପରେ ସ୍ପଷ୍ଟଚିତ୍ର ମିଳିଯିବ। ପୂର୍ବରୁ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ପାକିସ୍ତାନ ଯଥାସମ୍ଭବ ସେମାନଙ୍କର ବିଶ୍ୱକପ୍ ମ୍ୟାଚଗୁଡ଼ିକ ଚେନ୍ନାଇ ଓ କୋଲକାତାରେ ଖେଳିପାରନ୍ତି। କାରଣ ପୂର୍ବ ଟୁର୍‌ଗୁଡ଼ିକରେ ସେମାନେ ଏହି ଦୁଇଟି ଭେନ୍ୟୁରେ ଖେଳିବା ଲାଗି ନିଜକୁ ସୁରକ୍ଷିତ ମନେକରିଥିଲେ।

**ଆଫଗାନିସ୍ତାନ ସିରିଜ ପୂର୍ବରୁ ସିଲେକ୍ସନ କମିଟି ଚେୟାରମ୍ୟାନ ଘୋଷଣା**

ଜୁନ୍‌ରେ ଦି ଓଭାଲଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପୂର୍ବରୁ ଆଫଗାନିସ୍ତାନ ବିପକ୍ଷ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳାଯିବ। ଏଥିପାଇଁ ଭାରତୀୟ ଦଳ ଘୋଷଣା ପାଇଁ ସିଲେକ୍ସନ କମିଟି ଚେୟାରମ୍ୟାନ ବଛା ସରିଥିବ ବୋଲି ବିସିସିଆଇ ଆଶା ପ୍ରକାଶ କରି କହିଛି। ଗତ ଫେବୃୟାରୀରେ ଚେତନ ଶର୍ମାଙ୍କ ଇସ୍ତଫା ପରେ ଏହି ପଦବୀ ଖାଲିପଡ଼ିଥିଲା। ଏହି ପଦବୀ ସାଧାରଣତଃ ବରିଷ୍ଠତା ଭିତ୍ତିରେ ପୂରଣ କରାଯାଇଥାଏ। ଶର୍ମାଙ୍କ ଇସ୍ତଫା ପରେ ବର୍ତ୍ତମାନ ଏହି ପଦବୀରେ ଭାରତର ପୂର୍ବତନ ଓପନିଂ ବ୍ୟାଟର ଶିବ ସୁନ୍ଦର ଦାସ ଚେୟାରମ୍ୟାନ ପଦବୀରେ ଅସ୍ଥାୟୀ ଦାୟିତ୍ୱରେ ଅଛନ୍ତି।

**ବିଶ୍ୱକପ୍ ବେଳକୁ ଫିଟ୍ ହୋଇଯାଇଥିବେ ବୁମ୍‌ରା**

ପିଠିରେ ଇଞ୍ଜୁରି ଯୋଗୁ ବର୍ତ୍ତମାନ ଖେଳରୁ ଦୂରେଇ ରହିଥିବା ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ବିଶ୍ୱକପ୍ ୨୦୨୩ ବେଳକୁ ଠିକ୍ ହୋଇଯାଇଥିବେ ବୋଲି ବିସିସିଆଇ ଦୃଢ ନିଶ୍ଚିତ ଅଛି। ଭାରତ ଏହି ୫୦ଓଭର ଟୁର୍ନାମେଣ୍ଟ ଚଳିତବର୍ଷ ପରବର୍ତ୍ତୀ ଭାଗ ଅକ୍ଟୋବର-ନଭେମ୍ବରରେ ଆୟୋଜନ କରିବ। କାର୍ଯ୍ୟସୂଚୀ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଖବର ଅନୁସାରେ ସାଉଦି ଆରବରେ ପ୍ରସ୍ତାବିତ ଟି୨୦ ଲିଗ୍ ସମେତ ସମଗ୍ର ବିଶ୍ୱରେ ଖେଳାଯାଉଥିବା ଅନ୍ୟ ଟି୨୦ ଲିଗ୍‌ରେ ଭାରତୀୟ ଖେଳାଳିଙ୍କୁ ଅନୁମତି ନ ଦେବା ଲାଗି ରହିଥିବା ନିୟମରେ ବିସିସିଆଇ ପରିବର୍ତ୍ତନ କରିବ ନାହିଁ। କିନ୍ତୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସାଉଥ ଆଫ୍ରିକା ୨୦ ଏବଂ ଇଣ୍ଟରନ୍ୟାଶନାଲ ଲିଗ୍ ଟି୨୦ ଭଳି ଅନ୍ୟ ପ୍ରତିଯୋଗିତାରେ ସେମାନଙ୍କ ଉପସ୍ଥିତି ଜାହିର କରିପାରିବେ। ଖବର ଅନୁସାରେ ଦକ୍ଷିଣ ଆଫ୍ରିକାରେ ପରବର୍ତ୍ତୀ ବୈଠକରେ ଆଇସିସି ରେଭିନ୍ୟୁ ମଡେଲ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ହେଲେ ଏଥିଲାଗି ଦିନ ଧାର୍ଯ୍ୟ କରାଯାଇ ନାହିଁ।

# ଆଜିଠୁ ରସୁଲଗଡ଼ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୧୪।୪
(କ୍ରୀଡ଼ା ପ୍ରତିନିଧି)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍‌ର ୮ମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବ। ଜିଜିପି ପଡ଼ିଆରେ ପ୍ରତିଯୋଗିତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୫ଟି ଦଳ ଅଂଶଗ୍ରହଣ କରିବେ। ଶୁକ୍ରବାର ୫ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ଦୁର୍ଗା ଏକାଦଶ ପକ୍ଷରୁ ମନୋରଞ୍ଜନ ଜୟସିଂ, ବ୍ରହ୍ମେଶ୍ୱର ଏକାଦଶର ରଜତ ଜଗଦେବ, ମା' କୋଚିଲେଇ ଏକାଦଶର ତୋଫାନ ରାଉତ, ମା' ତାରିଣୀ ଏକାଦଶର ଦେବାଶିଷ ଜେନା ଏବଂ ଗୋପୀନାଥ ଦେବ ଏକାଦଶ ପକ୍ଷରୁ ପାର୍ଥ ରାଉତରାୟ ଉପସ୍ଥିତ ଥିଲେ।



ରସୁଲଗଡ଼ ପ୍ରିମିୟର ଲିଗ୍ ଟ୍ରଫି ଉନ୍ମୋଚନ ଅବସରରେ ୫ ଦଳର ପ୍ରତିନିଧି।

# ମାଧବୀ

## ଗଳ୍ପ

### ପ୍ରତାପ ବିଶ୍ୱାଳ

ଜୀବନର ପାନ୍ଥଶାଳାରେ ଅନେକ ଦିନ, ତାରିଖ, ମାସ, ବର୍ଷର ସଶବ୍ଦ ପଦଧ୍ୱନି ଲାଗିରହିଥାଏ। ଅନେକ ଏମିତି ଦିନ, ତାରିଖ, ମାସ, ବର୍ଷ ଉଡ଼ାଚଢ଼େଇ ପରି ଆସନ୍ତି, ଆସି ବସିଯାଆନ୍ତି ଜୀବନର ପାନ୍ଥଶାଳାରେ ; ପୁଣି ଉଡ଼ିଯାଆନ୍ତି କିଛି ବି ନ କହି। କିନ୍ତୁ ବେଳେବେଳେ ସେମିତି ଗୋଟାଏ ଦିନ, ତାରିଖ, ମାସ, ବର୍ଷରେ ପକ୍ଷୀଟିଏ ଆସେ ପାନ୍ଥଶାଳାକୁ। ହୃଦୟ କାନ୍ଥରେ ବସି ଗାଇଯାଏ ସ୍ନେହ, ପ୍ରେମର ଗୀତ ଦୁଇ ପଦ, ଲେଖି ଦେଇଯାଏ କବିତା ଦୁଇଧାଡ଼ି।

ଆଜି ୨୦୨୩ର ଜାନୁୟାରୀ ମାସ ୧୯ ତାରିଖ ଗୁରୁବାର। ଚତୁର୍ଦ୍ଧାମୂର୍ତ୍ତି ଦର୍ଶନକୁ ପୁରୀ ଯିବା ବାଟରେ ଗୋଟେ ଅହେତୁକ ଆବେଗ ଟାଣିନେଲା ମୋତେ କୋଣାର୍କ ମନ୍ଦିର ଭିତରକୁ। ଦେଖିବାକୁ ଆଳସ୍ୟମୟୀ, ଲାବଣ୍ୟମୟୀ, ବିମୁଗ୍ଧା ରମଣୀଙ୍କ ବିମୁଗ୍ଧ ଚାହାଣିକୁ, ଯେଉଁଠି ବସନ୍ତ ହାଇ ମାରୁଥିଲେ ବି କୋଇଲି ଚୁପ୍ ଥିଲା। ଭଗ୍ନ କୋଣାର୍କରେ ଗୋଟାଏ ପ୍ରେମ, ବିରହର କ୍ରନ୍ଦନରୋଳ ଶୁଭୁଥିଲା। ତନ୍ନ ତନ୍ନ ଭାବେ ଦୃଷ୍ଟି ନିକ୍ଷେପି ଆଗଉଥିଲି ମୁଁ। ହଠାତ୍ କିଏ ଜଣେ ପଛରୁ କହିଲା ପରି ଶୁଭିଲା: ଚାଲିଯିବେ ? ଦୁଃଖଦ ଥିଲା ସେ ସ୍ୱର।

ପଛକୁ ଦୁଇପାଦ ଫେରିଆସି ଅବିଶ୍ୱସନୀୟ ଭାବେ ପଚାରିଲି: ମୋତେ ?

ଚିହ୍ନିପାରୁନ ମୋତେ ?

ଚାହିଁଲି ସେ ଅପରୂପା ଲାବଣ୍ୟମୟୀଙ୍କୁ, ମନେପକାଇଲି। ମନେପଡୁ ନ ଥିଲା, କହିଲି: ନା– ମନେପଡୁନି।

ମୁଁ ବହୁବର୍ଷ ତଳେ ତୁମ କଳାକାରିଗରି ହାତରେ ତିଆରି ସେଇ ମୂର୍ତ୍ତି ମାଧବୀ।

ମାଧବୀ। ନା, କେଉଁ ମାଧବୀ ମୋର କାହିଁ ମନେପଡୁନାହିଁ, ନ କହି ଚୁପ୍ ହୋଇ ପୁଣି ଥରେ ତା'ଆଡ଼କୁ ଚାହିଁଲି।

ଏ କ'ଣ, ଏଇ ବର୍ତ୍ତମାନ ଦେଖିଥିବା ସେ ହସ ହସ ମୁହଁଟା ବଦଳିଗଲା କେମିତି। ବିଷାଦଭରା ମଳିନ ମୁଖ। ଛଳଛଳ ଆଖି। ମୁଁ କିଛି କହିବା ପୂର୍ବରୁ ସେ କହିଲା: ମନେ ପଡ଼ିବନି ତୁମର ଆଜି, ଏଇ କୋଣାର୍କ ଗଢ଼ାହେଲାବେଳେ, ତୁମେ ବି ବାରଶହ ବଢ଼େଇଙ୍କ ସହ ସେତେବେଳେ ଏହାକୁ ଗଢ଼ିବାକୁ ଆସିଥିଲ। ତାରି ଭିତରେ ମୋର ମୃତ୍ୟୁ ହୋଇଯାଇଥିଲା। କିନ୍ତୁ ତୁମ ମନରେ ମୋର ମୃତ୍ୟୁ ହୋଇ ନ ଥିଲା। ତୁମ ପାଖରେ ମୁଁ ଜୀବିତ ଥିଲି। ତୁମେ ମୋ ରୂପକୁ ଏହି ପାଷାଣରେ ଫୁଟାଇଥିଲ। ରାତିହେଲେ ଚୁପ୍ ଚୁପ୍ ଆସି ମୋ ସାଙ୍ଗରେ ଏକାନ୍ତରେ କଥା ହେଉଥିଲ। ମନେପଡୁଛି ?

କହିଲି: ନା।

ମନେ ନ ଥିବ ଆଉ ତୁମର। କେତେଶହ ବର୍ଷ ତଳର ଏ କଥା। ତୁମେ କେତେଥର ଏହା ଭିତରେ ଜନ୍ମ ନେଇସାରିଥିବ। ମୁଁ କିନ୍ତୁ ଏ ପର୍ଯ୍ୟନ୍ତ ସେଇ ଗୋଟିଏ ଜନ୍ମରେ ଅଛି। ତୁମ ଆସିବା ବାଟକୁ ଚାହିଁ ରହିଛି। ଏଠାକୁ ଆସୁଥିବା ସବୁ ଲୋକଙ୍କ ଭିତରେ ତୁମକୁ ଖୋଜୁଛି। ମୋ ଭାଗ୍ୟ ଆଜି ତୁମକୁ ପାଇଗଲି।

ମୁଁ ଆଶ୍ଚର୍ଯ୍ୟ ହେଲି, ବିଭୋର ବି ହେଲି ତା' କଥାଶୁଣି। ପୁଣିଥରେ ମନେ ପକାଇବାକୁ ଚେଷ୍ଟା କରୁଥିଲି ଏତେ ବର୍ଷର ଅତୀତକୁ, ଜାତିସ୍ମର ହେବାକୁ, କିନ୍ତୁ କିଛି ବି ମନେ ପଡୁ ନ ଥିଲା।

ସେ କହିଲା... ଛାଡ଼ ପୂର୍ବଜନ୍ମକୁ ଭୁଲିଯିବାଟା ଇଏ ତ କାଳିଆର ଲୀଳା। ଆସିଲ ଆଜି, ଆଖି ପୂରାଇ ଦେଖିଲି ଟିକେ ତୁମକୁ, କେତେ ବର୍ଷର ପ୍ରତୀକ୍ଷା, ଆଜି ମୋର ସଫଳ ହେଲା, ଭାରି ଉଶ୍ୱାସ ଲାଗୁଛି ମୋତେ।

ଗୋଟାଏ ଦୀର୍ଘଶ୍ୱାସ ମୋ ଛାତି ଥରାଇ ବାହାରି ଆସିଲା, କିଛି ବି ଉତ୍ତର ନ ଥିଲା ମୋ ପାଖରେ।

ଏଠିକୁ ଆସିଥିଲ ନା ପୁରୀ ଯିବ ?

: ପୁରୀ ଯିବି। ଅନେକ ଥର ଇଚ୍ଛା କରି ବି ଆସିପାରି ନ ଥିଲି। ଆଜି କାହିଁ ମନ ହେଲା ଚାଲିଆସିଲି।

: ଭଲକଲ। ମୁଁ ଏଥର ଟିକେ ଶାନ୍ତିରେ ମରିପାରିବି। ଅବସୋସ ନ ଥିବ। ଅନୁଚିନ୍ତା ନ ଥିବ ଆଉ ଏ ଭଗ୍ନ ହୃଦୟରେ ତୁମକୁ ଟିକେ ଦେଖିବା ପାଇଁ। ପୁରୀରୁ ଫେରିଲାବେଳେ ଆସିବ ଏ ବାଟେ ?

: ନା, ସେପଟେ ଯିବି, କଟକ ବାଟେ।

ସେ ମଉନ ରହିଗଲା। ଦେଖିଲି ଆଖି ତା'ର ଲୁହରେ ଛଳଛଳ। ମୁଁ ବି ଭାଷାହୀନ। କିଛି ସମୟ ପରେ କହିଲି ଗୋଟେ କଥା କହିବି ?

କୁହ, ଅନୁମତି କ'ଣ ମାଗୁଛ ?

ତୁମକୁ ତ ଏଠୁ ନେଇପାରିବିନି, ଗୋଟେ ଫଟୋ ନେବି ତୁମର।

: ଏଥିପାଇଁ ଅନୁମତି, ମୁଁ ବି ତୁମ ସାଥିରେ ଯିବି। ତୁମର ମନେ ନ ଥିବ ଅନେକଥର ମୁଁ କହିଥିଲି ଥରେ ଚାଲ ସାଙ୍ଗ ହୋଇ କାଳିଆକୁ ଦର୍ଶନ ପାଇଁ ଯିବା। ସେ ଜନ୍ମରେ ତ ହୋଇପାରି ନ ଥିଲା, ଆଜି ସେ ସମୟ ଆସିଛି। ମନା କରନି।

: କିନ୍ତୁ ତୁମେ ମୋ ସାଥିରେ ଯିବ କେମିତି ?

ତୁମେ ସେ ବିଷୟରେ ଚିନ୍ତା କରନା। ମୋତେ ନ ଦେଖିଲେ ବି ଅନୁଭବ କରିପାରିବ ମୁଁ ତୁମ ସହ ଅଛି ବୋଲି। ତୁମେ ମୋ ଫଟୋ ନେଇ ଚାଲ...

ଭିତରକୁ ମୋବାଇଲ ନେବା ମନା। ପାଖରେ ବୁଲୁଥିବା ଗୋଟାଏ ଫଟୋଗ୍ରାଫରକୁ କହି ଫଟୋ ଉଠାଇ ପକେଟରେ ରଖି ତା' ପାଖରୁ ବିଦାୟ ନେଲାବେଳେ ମୋ ଆଖିରେ ଲୁହ ଚାଲିଆସିଥିଲା। ବୁଲିପଡ଼ି ଆଉ ପଛକୁ ନ ଚାହିଁ ଚାଲିଆସିଥିଲି ସେଠୁ।

ଚତୁର୍ଦ୍ଧାମୂର୍ତ୍ତି ଦର୍ଶନଠାରୁ ସମୁଦ୍ର କୂଳେ ଆସି ପହଞ୍ଚିବାଯାଏ ମୋତେ ଅନୁଭବ ହେଉଥିଲା ଯେମିତି ଛାତି ପକେଟରେ ଫଟୋ ନୁହେଁ ସେଇ ପଥର ମୂର୍ତ୍ତି ମାଧବୀ ଅଛି। ଓଜନିଆ ଲାଗୁଥିଲା। ପୂରା ଆନମନା ଥିଲି ମୁଁ। ସମୁଦ୍ର ଲହଡ଼ିରେ ପାଦ ବୁଡ଼ାଇ ଆଞ୍ଜୁଳାଏ ପାଣି ଆଣି ମୁଣ୍ଡରେ ଛିଞ୍ଚିଲାବେଳେ ଶୁଭିଲା ମୋତେ ଏଇ ସମୁଦ୍ରରେ ଭସାଇଦିଅ। ମୁଁ ମୁକ୍ତି ପାଇଗଲେ ଆଉ ଜନ୍ମକୁ ତୁମର ହୋଇ ରହିବି।

ପକେଟରୁ ଫଟୋଟାକୁ ବାହାର କରି ଆଉଥରେ ଇଚ୍ଛା ହେଲା ଦେଖିବାକୁ। ପୁଣି ଫଟୋଟା। ଆଣ୍ଠୁଯାଏ ଭିଜିଯାଇଥିଲା ମୋ ପ୍ୟାଣ୍ଟ। ଆଖି ପାଇବାଯାଏ ଚାହିଁଲି ମୁଁ ସେ ଫଟୋକୁ। କିନ୍ତୁ ଅତଳ ସମୁଦ୍ରରେ ସେ ଆଉ ଦେଖାଯାଉ ନ ଥିଲା। ଆଖିରୁ ଲୁହ ଦୁଇଟୋପା ଖସିପଡ଼ିଲା ମୋ ଅଜାଣତରେ। ଖାଲି ମୋତେ ଶୁଭୁଥିଲା ମନେରଖିଥିବ ଏଇ ଦିନଟିକୁ ୨୦୨୩ ଜାନୁୟାରୀ ମାସ ଗୁରୁବାର ୧୯ ତାରିଖ। ଆକାଶରେ ଅସ୍ତାଚଳଗାମୀ ସୂର୍ଯ୍ୟ। କି ଡିଥି କେଜାଣି, ଭାବୁଥିଲି ଏହାପରେ ରାତି ଆସିଲେ ବି ପୁଣି ଥରେ ସକାଳ ହେବ। ଏ ଜନ୍ମରେ ନ ହେଲେ ବି ଆମେ ଗୋଟାଏ ନୂଆ ସକାଳ ନିଶ୍ଚୟ ଦେଖିବୁ। ମୁଁ ସମୁଦ୍ର କୂଳରୁ ଫେରୁଫେରୁ ମନେ ମନେ କହିଥିଲି ମୁଁ ବି ଅପେକ୍ଷାରେ ଥିବି ମାଧବୀ, ତୁମକୁ କେଉଁ ଜନ୍ମରେ ନିଶ୍ଚିତ ପାଇବାକୁ। ମୋର ଏ ଜୀବନ ପାନ୍ଥଶାଳାରେ, ହୃଦୟର କାନ୍ଥରେ ଅଲିଭା ହୋଇ ରହିବ ୨୦୨୩, ଜାନୁୟାରୀ ମାସ ଗୁରୁବାର ଦିନଟା।

ସେଇ ସ୍ୱର: ମୋତେ ସମୁଦ୍ରରେ ଏଇଠି ଭସାଇଦିଅ। ମୁଁ ମୁକ୍ତି ପାଇ ତୁମ ପାଇଁ ଆଉ ଗୋଟେ ଜନ୍ମ ନେବି। କିନ୍ତୁ ମନେରଖିଥିବ ଆଜିର ଏ ଦିନକୁ ୨୦୨୩, ଜାନୁୟାରୀ ମାସ, ଗୁରୁବାର ୧୯ ତାରିଖକୁ।

ହଠାତ୍ ଗୋଟେ ବଡ଼ ଲହଡ଼ିରେ ମୁଁ ମୋ ଭିତରେ ଟିକେ ଭୟ ପାଇଗଲି। ହାତରୁ ମୋ ଆପେ ଆପେ ଖସିପଡ଼ିଲା



ମୋ: ୯୪୩୭୭୪୫୯୮୩

## କବିତା

### ରଙ୍ଗଣୀ ଫୁଲର ଗାଆଁ
**କମଳ କୁମାର ମହାନ୍ତି**

ରଙ୍ଗଣୀ ଫୁଲର ଗାଆଁରେ
ଏକ୍ଲା ରହେ 'ରତ୍ନଲଗ୍ନା'
ମାଟିଘର ମାଟି ବାରଣ୍ଡାରେ
ବେଦନାର ଲୁହଡାଳେ ବସି
ଚାହିଁଚାହିଁ କାହା ବାଟ ବର୍ଷବର୍ଷ ଧରି!

'ଫେରିବାର ମୂର୍ଚ୍ଛନାରେ' ସିନା
ଭାବର ଜିଜ୍ଞାସା କରୁଥାଏ କବି
ମାୟାର ହୁଲିଡଙ୍ଗା ଠିଆ ଆଜି
ନୀଳାମ୍ବୁ ଚିଲିକା କୂଳରେ
ଭାବ ସବାରିରେ କବି
ହାତେ ତା'ର କାତ ଭବସାଗରର
ପାରିହେବ ସିଏ ମିଛ ସଂସାରକୁ
ଚାରିପାଖେ ମଗର ସାଙ୍କୁଚ, ପୁଣି
ରୋଗ ଓ ଶୋକର ଭଉଁରି!

ଏମିତି ତ ଆସିଛନ୍ତି କବି
କେତେ 'ଅରଣ୍ୟ ଗହନ ପଥ' ଡେଇଁ
ସଂସାର ମଞ୍ଚରୁ ପୁଳାପୁଳା
ମୋହ ଆଉ କୋହର ଅନୁଜ୍ଞା ଘେନି
ହାତ କାଟି ଲେଖିଦେବେ ଯାହା
ରହିଯାଉ ପଛେ ଅଧା
ଫେରିବାକୁ ହେବ ପରା ଅଦୃଷ୍ଟର
ତୀବ୍ର ଡାକରାରେ ଆଜି!

ଜୀବନପଥରେ କେତେ କଣ୍ଟା
କେତେ ଫୁଲର 'ଅଝଟପଣରୁ
ଆଞ୍ଜୁଳାଏ' ଟେକିଦେଇ କବି ଚାଲେ
ପ୍ରେମ ଆଉ ଆତ୍ମାର ଅନ୍ୱେଷାରେ
ଆଉ ଏକ ଅଜଣା ରାଇଜକୁ
କେତେ 'ଅନ୍ଧାରର ପାଦଚିହ୍ନ' ପାତି
'ମଗ୍ନମୌନ' ସନ୍ନ୍ୟାସୀଟେ ପରି
ସେ ନିଶ୍ଚେ କହିବ ଦିନେ
ଜୀବନର ଶେଷ ପାହାଚରେ
'ମୁଁ ନ ଥିଲେ ବି' କବିତାର ଜୟଗାନ
ଚାଲିଥିବ ଜୀବନର ଛନ୍ଦ ତୋଳି
କେଉଁ ମୃତ୍ୟୁରେ ବି କାହା କଲମର
'ଶୂନ୍ୟକାଳ'ଟିଏ କେବେ

ରହିବନି ବୋଲି।

କବିର 'ଅଧାଲେଖା ପାଣ୍ଡୁଲିପି'
ପଡ଼ିଥିବ ଟେବୁଲ ଉପରେ
'ରତ୍ନଲଗ୍ନା'ର ଅଗଣାରେ ଲମ୍ବିଥିବ
କୁହୁଡ଼ିର ପଟୁଆର
କିଏ କହିବ ରଙ୍ଗଣୀ ଫୁଲର
ସକାଳଟେ ଆଉ ଫେରିବ କି ନାହିଁ !

ମୋ: ୮୨୪୯୩୩୬୫୮୭

### ପ୍ରେରଣା
**ବସନ୍ତ ମଞ୍ଜରୀ ମିଶ୍ର**

କେତେବେଳେ ତୁମେ
କେଉଁ ରୂପେ ଆସ,
ଆସ କିନ୍ତୁ ଅନେକ ଆଶା ଓ
ସମ୍ଭାବନାକୁ ନେଇ
ଘନ ଅନ୍ଧକାରରେ ଜାଜୁଲ୍ୟମାନ
ପ୍ରଦୀପଟିଏ ହୋଇ,
ନିରାଶାର ଅନ୍ଧକାରରେ
ଜାଳିଦେଇ ଆଶାର ପ୍ରଦୀପ,
ଉଲ୍ଲସିତ କରିଦିଅ ତନୁ ମନ...

ବହୁରୂପୀ ତୁମେ
'କରତାଳି' ରୂପେ ଆସ,
ପ୍ରତିଯୋଗୀର ଆତ୍ମବିଶ୍ୱାସରେ।
'ଭୟ' ରୂପେ ଆସ
ନବବଧୂର ପ୍ରଶ୍ନଭରା ଚାହାଣିରେ।
'ଆଶ୍ୱାସନା' ହୋଇ ଆସ
ଛାତ୍ରୀଛାତ୍ରଙ୍କ ଉଦ୍ଦୀପନାରେ
'ଭରସା' ରୂପରେ ଆସ
ଯନ୍ତ୍ରଣାରେ ଛଟପଟ ହେଉଥିବା
ପ୍ରତିଟି ମଣିଷର ଜର୍ଜରିତ ଆଖିରେ।

'ପ୍ରତିଶ୍ରୁତି' ହୋଇ ଆସ
ସଂଗ୍ରାମୀ ଜୀବନରେ
କରିବାକୁ ସାକାର ତା'ର ପ୍ରତିଟି ସ୍ୱପ୍ନକୁ।
ଆଶାବାଡ଼ି ହୋଇ ଆସି
ନିଃସହାୟ ଜୀବନରେ
ଆଣିଦିଅ ଉତ୍ସାହ ଓ ନବଜାଗରଣ...

ଯେଉଁଠି ବି ଆସ,
ଯେବେ ବି ଆସ, ନେଇ ଆସ
ଦୂର ଦିଗ୍‌ବଳୟକୁ ଛୁଇଁବାର ପ୍ରୟାସ।
'ସମର୍ଥ' ରୂପରେ ଆସି
ନୂତନତ୍ୱ ଭରିଦିଅ ପ୍ରତିଟି ପରାଣେ।

ମୋ: ୯୮୬୧୧୯୨୪୪୫

#### ଗୀତି କବିତା

### ଲୁହର ଘର
**ଧନଞ୍ଜୟ ସ୍ୱାଇଁ**

ଝୁଙ୍ଗା ଖଣ୍ଡେ ହୋଇ ଯେ'ଦିନୁ ପଶିଲୁ
ଆଖିରେ ମୋର
ସେ ଦିନୁ ଆଖି ମୋ' ଆଖି ନୁହେଁ ଗୋଟେ
ଲୁହର ଘର... ।୦।

ପଛକୁ ନ ଚାହିଁ ବାଟ ଭାଙ୍ଗି ଯେବେ
ଗଲୁ ତୁ ଚାଲି
ଝୁରିବାପଣର ଝୁଲାରେ ଏବେ ମୋ'
ତୋ' କଥା ଖାଲି
ଲୁହ ନୁହେଁ ଏବେ
ରକତ କାନ୍ଦୁଛି ଏ ଆଖି ମୋର
ଲୁହର ଘର... ।୧।

ଭୁଲି ହେଉଥିଲେ ଭୁଲି ଯାଇଥା'ନ୍ତି
ନ ଭାବି କିଛି
ତୋ' କଥା ଭାବି ମୋ' ଦିନ ସରୁନାହିଁ
ଲୁହକୁ ପୋଛି
ପଛ କଥା ଭୁଲି ତୁଣ୍ଡେ ଖାଲି
ମୋ' ନାଁ ଥରୁଟେ ଧର
ଲୁହର ଘର... ।୨।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ଦୃଶ୍ୟହୀନ ଦରଜ



**କବି:** ଶ୍ରୀହରି ଧଳ
**ପ୍ରକାଶକ:** ବନଫୁଲ ପବ୍ଲିକେଶନ୍ସ, କଟକ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୩୦/-

ମୋଟ ୫୬ଟି କବିତାକୁ ନେଇ ପରିକଳ୍ପିତ ଆଲୋଚ୍ୟ କବିତା ବହିଟି। ପ୍ରଚ୍ଛଦଲେଖରେ ପ୍ରକାଶକ ଲେଖିଛନ୍ତି: ''ଅଳ୍ପ ଶବ୍ଦରେ ବହୁ କଥା କହିବା ଯେମିତି ବୁନ୍ଦାଏ କାକରରେ ବିଶାଳ ଆକାଶକୁ ପ୍ରତିବିମ୍ବିତ କରିବା, ଏକ ନିଆରା ଶୈଳୀର ବିଶ୍ୱକର୍ମା ହେଉଛନ୍ତି ଶ୍ରୀ ଧଳ।'' କବି ନିଜେ ତାଙ୍କର ଏକ କବିତାରେ କହନ୍ତି: ''କବିତା ଉଧାଏ ରକ୍ତରେ, ଝାଳରେ।/ କବିତା ପାଇଁ/ ମାଟି ଉର୍ବରତାଠୁ ବେଶୀ ଲୋଡ଼ା/ ହୃଦୟ ଉର୍ବରତା।'' ('କବିତା ଉଧାଏ ରକ୍ତରେ, ଝାଳରେ'– ପୃ: ୮୦) ଶ୍ରୀହରିଙ୍କ କବିତାର କାନ୍‌ଭାସ ଜୀବନର ବିବିଧ ଅନୁଭୂତିକୁ ନେଇ ବର୍ଣ୍ଣିଳ। ଖୁବ୍ ଛୋଟଛୋଟ ଦୃଶ୍ୟ ବା ଘଟଣାକୁ ସେ ଅକ୍ଳେଶରେ କବିତା କରିଦେଇପାରନ୍ତି। ସାନସାନ ଧାଡ଼ିରେ ବହୁ ଅଧରା ଅନୁଭବକୁ ସେ ଏପରି ଖଞ୍ଜିଦିଅନ୍ତି ଯେ, ପାଠକେ ଅନ୍ୟଆଡୁ ମନ କାଢ଼ି ତାଙ୍କ କବିତାରେ ନିବଦ୍ଧ କରନ୍ତି। କବିଙ୍କ ମଙ୍ଗଳ-ଦୃଷ୍ଟି ତାଙ୍କ କବିତାକୁ ଜୀବନମନସ୍କ କରି ରଖିଥାଏ ପ୍ରାୟ କବିତାରେ। ଯଥା: ''ଯାଉଛି।/ ଗଲାବେଳକୁ/ ମୋ ସୋରିଷ ଫୁଲ/ ଫଟା କ୍ଷେତ/ ଦେଇଯାଉଛି ତମକୁ/ ହସିବାର କଳା ଭୁଲି ନ ଯା'ନ୍ତୁ ଫୁଲମାନେ।/ ଗୀତର ଛନ୍ଦ/ ହଜେଇ ନ ଦିଅନ୍ତୁ ଓଠମାନେ।/ ଥାଉ ଯେଉଁଠି/ ଯାହା ଅଛି ସେମିତି।/ ଛାତିରେ ସ୍ପନ୍ଦନ,/ ଆଖିରେ ଫୁଟୁଥିବା ସ୍ୱପ୍ନ।/ ପକ୍ଷୀର ଗୀତମନସ୍କତା।/ ନଈର ତରତର।'' ('ଯାଉଛି ଯେତେବେଳେ'– ପୃ:୧୦)। ଆଶା, ବହିଟି ପାଠକୀୟ ଶ୍ରଦ୍ଧା ଗୋଟେଇବ।

### ଆହା



**କବି:** ସଂଜିତ୍ କୁମାର ବଳ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୪୦/-

ଆଲୋଚ୍ୟ କବିତା ବହିର ଆରମ୍ଭ ବା ଶେଷରେ ସଂଜିତ୍‌ଙ୍କ କବିତାକୁ ନେଇ କୌଣସି ଗୌରଚନ୍ଦ୍ରିକା ନ ଥାଇ ବହିଟି ପ୍ରକାଶ ପାଇଛି ଓ ମଲାଟର ଦୁଇ କୂଳ ଖାଇ ଲହଡ଼ି ମାରୁଛି ଖାଲି କବିତା, ଆଉ କବିତା। ମୋଟ ୩୨ଟି କବିତା, ବତ୍ରିଶ ସିଂହାସନର ପୁତ୍ତଳିକା ପରି ନିଜ କଥା କହି ଗୋଟିଏ ପରେ ଗୋଟିଏ ତିରୋହିତ ହୋଇ ଯାଉଛନ୍ତି, ଯେଉଁଠୁ ଆସିଥିଲେ ସେଇଠିକି। ଓଡ଼ିଆ କବିତାର ଧାରାବାହିକତା, ସମକାଳର ଗତାନୁଗତିକତାଠୁଁ ଖୁବ୍ ସଯତ୍ନରେ କବି ଅଲଗେଇ ଆଣି ନୂଆ ବାଗରେ କଥା କହିବାର ଏକ ବାଗ ତିଆରି କରନ୍ତି ବହିଟିର ନାନା କବିତାରେ। ଶ୍ଳେଷ ଓ ସମ୍ବେଦନାର ଚମତ୍କାର ହାତଗଣ୍ଠି ପଡ଼ିଥାଏ ସଂଜିତ୍‌ଙ୍କ କବିତାରେ। ହାଲୁକା ହାଲୁକା ସ୍ମୃତିର ପିଠିରେ ସେ ଶବ୍ଦଙ୍କୁ ବସେଇ ଛାଡ଼ିଦିଅନ୍ତି ମହାକାଳକୁ। ଉଦାହରଣଟିଏ ନେବା– ''ମୋତେ ଭଲପାଇ ପାରୁ ନ ଥିବା/ ବନ୍ଧୁମାନଙ୍କ ଡାଳରେ/ ଫୁଲ ନାଇଁ,/ ଝୁଲୁଚି କେବଳ ଡେଙ୍ଗ/ x x ବହୁ କଷ୍ଟରେ ସଞ୍ଚିଥିଲି/ ହସର ବିହନ ମୁଠାକ,/ ମାଟି କହିଲା, 'ମୁଁ ଲୁହ ଫଳାଏ ବେଶି ଭାଗ/ ତୁମ ବିହନରୁ ଯଦିବା ହସ ଫଳେ/ ଅମଳ କରିପାରିବ, ଭାବୁଛ' ?'' ('ହସ'– ପୃ:୧୧)। ସେଇ କବିତାରେ କବି ପୁଣି କହନ୍ତି: ''ସତରେ କେତେ କାମିକା ଥିଲା/ ମୋ ହସ ଟିକକ,/ ନିଆଁରେ ଫୁଲ ଫୁଟାଇ/ ଚହଟେଇ ପାରୁଥିଲା ସୁବାସ/ ଅତରଛିଆ ଧାଇଁ ପଳାଉଥିବା/ ଖରାର ଶୋଷକୁ/ ଦେଖେଇ ପାରୁଥିଲା/ ମାଣିକପାଟଣା ଛକ।'' ଦେଖିଲେ ତ ଚିତ୍ର, ଅପ୍ରତ୍ୟକ୍ଷ ଅଥଚ ବୋଧକ୍ଷମ। 'ଆହା' ପାଠକୀୟ ଆଦୃତି ଯେ ଅବଶ୍ୟ ପାଇବ, ଏଥିରେ ସନ୍ଦେହ ନାହିଁ।

## ଦୁଇଟି ମିନି ଗଳ୍ପ
**ଶିବ ମିଶ୍ର**

### ॥ ଗଳ୍ପର ନକ୍ସା ॥

ଭଲରେ ହେଉ ବା ମନ୍ଦରେ ହେଉ, ମୋ' ତୁଣ୍ଡରୁ ଫିଟି ଯାଇଥିବା ପଦଟିଏ କଥାକୁ ମୋ' ସ୍ତ୍ରୀ ପଚିଶ ପଦ କରିଦିଅନ୍ତି। ହେଲେ ସେଥିପାଇଁ ମୁଁ ଖରାପ ଭାବେ ନାହିଁ, ଆପତ୍ତି କରେନାହିଁ କି ରାଗେ ନାହିଁ। ଚଉକିରେ ବସି ମନ ଧ୍ୟାନ ଦେଇ ନୀରବରେ ତାଙ୍କ କଥା ଶୁଣେ।

ସେଦିନ ସ୍ତ୍ରୀ କହିଲେ– ଜାଣିଛ, ଗତ ଜନ୍ମରେ ମଧ୍ୟ ଆମେ ସ୍ୱାମୀ, ସ୍ତ୍ରୀ ଥିଲେ। ହେଲେ ତମେ ଗପ, କବିତା ଲେଖୁ ନ ଥିଲ। ତମେ ଜଣେ ସୁନା କାରିଗର ଥିଲ। ଖୁବ୍ ସୁନ୍ଦର ଗହଣାମାନ ତିଆରି କରୁଥିଲ। ମୁଁ ତୁମ କାମରେ ସାହାଯ୍ୟ କରୁଥିଲି। ମୁଁ ପଚାରିଲି– ଏକଥା ତମକୁ କିଏ କହିଲା ? ସ୍ତ୍ରୀ କହିଲେ– ଜଣେ ଜ୍ୟୋତିଷ ଭୃଗୁ ସଂହିତା ସହିତ ମୋ' ଜନ୍ମ କୁଣ୍ଡଳୀ ମିଶାଇ ଗତ ଜନ୍ମର ବୃତ୍ତାନ୍ତସବୁ କହିଛନ୍ତି। ଜ୍ୟୋତିଷଙ୍କ କଥା ସତ୍ୟ, ସତ୍ୟ, ତ୍ରିବାର ସତ୍ୟ। ଏଥିରେ କିଛି ଭୁଲ ନାହିଁ। ତା'ପରେ ଟିକିଏ ସମୟ ନୀରବ ରହି ସ୍ତ୍ରୀ ପୁଣି କହିଲେ– ହେଲେ ମୁଁ ଜାଣିପାରୁନି ଗତ ଜନ୍ମରେ ଅଳଙ୍କାରଗଢ଼ା କାମରେ ତୁମକୁ କେମିତିକା ସାହାଯ୍ୟ କରୁଥିଲି। ସେ କଥା ଜ୍ୟୋତିଷ ବି କହିଲେ ନାହିଁ।

ମୁଁ କହିଲି– ସେକଥା ମୁଁ କହୁଛି ଶୁଣ। ତମେ ଏତେ ଟିକିଏ ସୁନାରୁ ଏଡ଼େ ଲମ୍ବା ତାର ଭିଡୁଥିଲ। ସେଇ ତାରକୁ ନେଇ ମୁଁ ଅଳଙ୍କାର ଗଢୁଥିଲି। ସ୍ତ୍ରୀ ପଚାରିଲେ– ଏ କଥା ତମେ କେମିତି ଜାଣିଲ ? ମୁଁ କହିଲି– ଏ ଜନ୍ମରେ ତମେ ମୋର ପଦକ କଥାକୁ ଦଶପଦ କରିଦେଉଛ ବୋଲି ମୁଁ ସହଜରେ ଗପ, କବିତା ଲେଖିଦେଉଛି। 'ଲାଜ ନାହିଁ ତୁମ ମୁହଁକୁ' କହି ସ୍ତ୍ରୀ ହସି ଦେଇ ପଳେଇଲେ। ମୁଁ କାଗଜ କଲମ ନେଇ ବସିଗଲି ଗଳ୍ପ ଲେଖିବା ପାଇଁ।

### ॥ ମାଙ୍କଡ଼ ॥

ସ୍ୱାମୀ ରାଜନୀତିଆ ଲୋକ। ସକାଳୁ ଶେଯରୁ ଉଠି ଚାଲିଯାଆନ୍ତି ଯେ, ଫେରନ୍ତି ରାତି ଅଧ ଗଡ଼ିଲା ପରେ। ଏବେ ଭୋଟ ବେଳ ହୋଇଥିବାରୁ ଚାରି ଛଅ ଦିନରେ ଥରେ ଅଧେ ଘରକୁ ଆସିଲେ ଆସୁଛନ୍ତି, ନହେଲେ ନାହିଁ। ଏତେବଡ଼ ଘରଟାରେ ଏକୁଟିଆ ସ୍ତ୍ରୀ, ମୂକ ହୋଇ ଯେତେ ବସିଲେ ଶୋଇଲେ କି ଟି.ଭି. ଦେଖିଲେ ବି ଦିନ ସରୁନାହିଁ। ତାଙ୍କର ପିଲାପିଲି ନାହାନ୍ତି। ସ୍ତ୍ରୀ ଭାବିଲେ, ଘରେ ଶୁଆଟିଏ ରଖିବେ, ତା' ଜଞ୍ଜାଳରେ ସମୟ କଟେଇଦେବେ।

ଏବେ ଦିନେ ସୁବିଧା ଦେଖି ସ୍ୱାମୀଙ୍କୁ ମନ କଥା କହିଲେ। ସ୍ୱାମୀ ମନାକଲେ। କହିଲେ– ଉଡ଼ନ୍ତା ଚଢ଼େଇକୁ ଘରେ ବାନ୍ଧିରଖିବା ଉଚିତ ନୁହେଁ। ସ୍ତ୍ରୀ ମତ ବଦଳାଇ ଶୁଆ ନହେଉ ମାଙ୍କଡ଼ଟିଏ ଆଣିବା ପାଇଁ ରାଣ ପକାଇ ଅନୁରୋଧ କଲେ। ହଉ, ଭୋଟ ଯାଉ କହି ସ୍ୱାମୀ ତରତର ହୋଇ ଘରୁ ବାହାରିଗଲେ। ଭୋଟ ସରିଲା। ସ୍ୱାମୀ ଜିତିଲେ। ଭୋଟ ଗଣତି କେନ୍ଦ୍ରରୁ ଶୁଭ ସମ୍ବାଦ ନେଇ ସ୍ତ୍ରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସିଏ ଘରକୁ ଆସିଲା ବେଳେ ସାଙ୍ଗରେ ତାଙ୍କର ସମର୍ଥକ, ପ୍ରଶଂସକ କେତେଜଣ ଆସିଲେ। ସେମାନେ ବାଟସାରା ହୋ ହଲ୍ଲା କରି ଯାହା ତାହା କଲାପରେ ତାଙ୍କ ଘର ଭିତରେ ବି ନାଚିକୁଦି ବିଜୟୀ ନେତାଙ୍କର ଜୟଗାନ କରି ଅଥୟ ବିଥୟ କରି ପକାଇଲେ। ସ୍ୱାମୀଙ୍କୁ ଭିତର ଘରକୁ ଡାକି ନେଇ ସ୍ତ୍ରୀ କହିଲେ– ମୁଁ ଗୋଟିଏ ଆଣିବାକୁ କହିଥିଲି, ତମେ ଏତେଗୁଡ଼ାଏ କାହିଁକି ଆଣିଲ ? ସ୍ୱାମୀ ପଚାରିଲେ– କ'ଣ ? ସ୍ତ୍ରୀ କହିଲେ– ମାଙ୍କଡ଼।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



''ମଣିଷ ଜୀବନ ହେଉଛି ଏକ ବିଶାଳ, ଦୁର୍ବୋଧ୍ୟ, ଅସମାପ୍ତ ଉତ୍କୃଷ୍ଟ ଗ୍ରନ୍ଥର ପାଦଟୀକା।''
– ଭ୍ଲାଡିମିର ନବୋକୋଭ

ଭ୍ଲାଡିମିର ନବୋକୋଭଙ୍କ ଜନ୍ମ ୨୨ ଏପ୍ରିଲ ୧୮୯୯ରେ ଓ ପରଲୋକ ୨ ଜୁଲାଇ ୧୯୭୭ରେ। ସୋଭିଏତ୍ ରୁଷ୍‌ରେ ଜନ୍ମିତ ଏହି ଲେଖକଙ୍କର ପ୍ରଥମ ନଅଟି ଉପନ୍ୟାସ ରୁଷୀୟ ଭାଷାରେ ଲିଖିତ। ଆମେରିକା ଆସିବା ପରେ ସେ ଇଂଲିଶ୍‌ରେ ଲେଖାଲେଖି ଆରମ୍ଭ କରନ୍ତି। ଏକାଧାରରେ କବି, ଔପନ୍ୟାସିକ, ନାଟ୍ୟକାର ଓ ଅନୁବାଦକ ନବୋକୋଭଙ୍କ ପ୍ରମୁଖ ଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି– 'ଦ ଡିଫେନ୍‌ସ'(୧୯୩୦), 'ଡେସ୍‌ପେୟାର୍'(୧୯୩୪), 'ଦ ଗିଫ୍‌ଟ'(୧୯୩୮), 'ସାଇନ୍‌ସ ଆଣ୍ଡ୍ ସିମ୍ବଲ୍‌ସ'(୧୯୪୮), 'ଲୋଲିତା' (୧୯୫୫) ଓ 'ପେଲ୍ ଫାୟାର୍' (୧୯୬୨)। ୧୯୬୫ର ସାହିତ୍ୟ-ନୋବେଲ ପାଇଁ ଚୂଡ଼ାନ୍ତ ତାଲିକାରେ ନାଁ ଥିଲେ ବି ନବୋକୋଭଙ୍କୁ ଏହି ପୁରସ୍କାର ମିଳି ନ ଥିଲା।

# ବାପାଙ୍କ ଶେଷକଥା

## ଅନୁବାଦ ଗଳ୍ପ
**ମୂଳ ଚୀନ୍: ଲୁ ସୁନ**
**ଅନୁବାଦ: ଡକ୍ଟର ନରେନ୍ଦ୍ର ସେଠୀ**

ବାପା ବହୁତ କଷ୍ଟରେ ନିଃଶ୍ୱାସ ନେଉଥିଲେ। ଏମିତିକି ତାଙ୍କ ଛାତି ଧଡ଼ଧଡ଼ ମୋତେ ଶୁଣାଯାଉଥିଲା। କିନ୍ତୁ ଚାହିଁଲେ ମଧ୍ୟ କେହି ତାଙ୍କର କିଛି ସାହାଯ୍ୟ କରି ପାରୁ ନଥିଲେ। ମୁଁ ବାରମ୍ବାର ଏଇଆ ଭାବୁଥିଲି ଯେ ଭଲ ହେବ, ଯଦି ସେ ଏମିତି ଶାନ୍ତି ପୂର୍ବକ ଏଇ ଦୁନିଆରୁ ଚାଲିଯିବେ। କିନ୍ତୁ ଅଚାନକ ମୋତେ ଲାଗିଲା ଯେମିତି ଏଭଳି କଥା ମନରେ ଭାବି ବଡ଼ ଅପରାଧ କଲି। କିନ୍ତୁ କେଜାଣି କାହିଁକି ଏମିତି ବି ଲାଗୁଥିଲା ଯେ, ବାପାଙ୍କର ଶାନ୍ତିପୂର୍ବକ ମୃତ୍ୟୁ କାମନା କରିବା ଭୁଲ୍ କଥା ନୁହଁ। ଆଜିଯାଏଁ ଏକଥା ମୋତେ ଠିକ୍ ଲାଗୁଛି।

ସେଦିନ ସକାଳୁ ସକାଳୁ ଆମ ପଡ଼ୋଶରେ ରହୁଥିବା ଶ୍ରୀମତୀ ୟେନ ମୋ' ପାଖକୁ ଆସିଲେ ଓ ବାପାଙ୍କ ଅବସ୍ଥା ଦେଖି ଆଉ କ'ଣ ପାଇଁ ଅପେକ୍ଷା କରିଛ ବୋଲି ପଚାରିଲେ। ଆଉ ସମୟ ନଷ୍ଟ କରି କି ଲାଭ! ଶ୍ରୀମତୀ ୟେନଙ୍କ କହିବା ପରେ ଆମେ ବାପାଙ୍କ ଲୁଗା ବଦଳେଇଲୁ। ଚୀନ୍ ଦେଶର ପରମ୍ପରା ଅନୁସାରେ କିଛି ନୋଟ ଆଉ କାୟାଙ୍ଗ ସୂତ୍ର ଜାଳି ତାଙ୍କ ଆତ୍ମାର ସଦ୍‌ଗତି କାମନା କଲୁ। ତା'ପରେ ସେ ଅଙ୍ଗାର ସବୁକୁ ଏକ କାଗଜ ପୁଡ଼ିଆରେ ରଖି ତାଙ୍କ ହାତ ପାପୁଲିରେ ରଖିଲୁ।

– ତାଙ୍କ ସହ କିଛି କଥା ହୁଅ! ଶ୍ରୀମତୀ ୟେନ କହିଲେ– ତୁମ ବାପାଙ୍କର ଶେଷ ସମୟ ଆସିଯାଇଛି। ଚଞ୍ଚଳ କଥା ହୁଅ।

– ବାପା! ବାପା! ମୁଁ ଡାକିଲି।

– ବଡ଼ ପାଟିରେ କୁହ। ତାଙ୍କୁ ତୁମ କଥା ଶୁଣାଯାଉନି। ଆରେ ଭାଇ... ଜଲ୍‌ଦି କର... ତୁମେ ବଡ଼ ପାଟିରେ କହି ପାରିବନି ?

– ବାପା! ବାପା! ମୁଁ ପୁଣି ଡାକିଲି। ଏଥର ଟିକେ ବଡ଼ ପାଟିରେ।

ତାଙ୍କ ମୁହଁରେ ଆଗରୁ ଯାହା ଟିକେ ଶାନ୍ତିଭାବ ଦେଖାଯାଉଥିଲା ତାହା ଏବେ ଉଭେଇ ଯାଇଥିଲା। ପୁଣି ତାଙ୍କ ମୁହଁରେ କଷ୍ଟ ଦେଖାଯାଉଥିଲା। ଅଜଣ୍ଟୁରି ହେଲା ଭଳି ତାଙ୍କ ଓଠ ଟିକେ ଥରିବାକୁ ଲାଗିଲା।

– ତାଙ୍କ ସହ କିଛି କଥା ହୁଅ। ଶ୍ରୀମତୀ ୟେନ ପୁଣି ମୋତେ କହିଲେ– ଜଲ୍‌ଦି କରନ୍ତୁ, ଆଉ ସମୟ ନାହିଁ!

– ବାପା! ମୁଁ ବଡ଼ ଦୟାଳୁ ଭାବରେ କହିଲି।

– କ'ଣ ହେଲା ? କାଇଁ ରଡ଼ି ଛାଡୁଛୁ ?

ଏହା ବାପାଙ୍କ ଶବ୍ଦ ଥିଲା। ଏକଦମ ମଧୁର ଓ ନରମ। ସେ ପୁଣି ଛଟପଟ ହେବାକୁ ଲାଗିଲେ। ସେ ନିଃଶ୍ୱାସ ନେବାକୁ ଚେଷ୍ଟା କରୁଥିଲେ। କିଛି ସମୟ ପରେ ସେ ପୁଣି ପୂର୍ବପରି ସ୍ଥିର ହେଇଗଲେ।

–ବାପା! ଏଥର ମୁଁ ତାଙ୍କୁ ଲଗାତାର ଡାକିବାରେ ଲାଗିଲି, ଯେପର୍ଯ୍ୟନ୍ତ ସେ ଶେଷନିଃଶ୍ୱାସ ନେଇଥିଲେ।

ମୋର ସେ କାତର ଓ ଭାବପୂର୍ଣ୍ଣ ଶବ୍ଦକୁ ଆଜି ମଧ୍ୟ ମୁଁ ଶୁଣିପାରୁଛି। ଆଉ ଯେତେବେଳେ ମୁଁ ନିଜର ସେ ଚିତ୍କାର ଶୁଣେ ମୋତେ ଲାଗେ ସେଇଟା ବୋଧେ ମୋ' ଜୀବନର ସବୁଠୁ ବଡ଼ ଭୁଲ୍ ଥିଲା।

ମୋ: ୭୦୦୪୦୬୮୧୧୦



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୫/୨୦୨୩ Bhubaneswar, Saturday, April 15/ 2023

# "କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ପ୍ରୟାସ ଜାରି ରହିଛି"

ଭୁବନେଶ୍ୱର, ୧୪।୪ (କ୍ରୀଡ଼ା ପ୍ରତିନିଧି)




ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାମ୍ପିୟନ କୋରିଆ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ୧୪ ବର୍ଷରୁ କମ୍ ଆଇଟିଏଫ୍ ଏସିଆନ ଡେଭଲପମେଣ୍ଟ ଟେନିସ ଫାଇନାଲ୍ସ

- କୋରିଆ ଦଳ ଓଭରଅଲ୍ ଚାମ୍ପିୟନ
- ଦ୍ୱିତୀୟ ପର୍ଯ୍ୟାୟ ବାଳିକା ସିଙ୍ଗଲ୍ସରେ ୟେରି ଓ ବାଳକ ସିଙ୍ଗଲ୍ସରେ ଓନମିନଙ୍କୁ ଟାଇଟଲ

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଟେନିସ ଚାମ୍ପିୟନଶିପ୍ ଫାଇନାଲ୍ସ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ମୋଟ ୪ଟି ବର୍ଗରେ ହୋଇଥିବାବେଳେ ଏଥିରୁ ୩ ବିଭାଗରେ କୋରିଆ ପ୍ରତିଯୋଗୀମାନେ ସ୍ୱର୍ଣ୍ଣ ପଦକ ହାସଲ କରି ଓଭରଅଲ୍ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଆଇଟିଏଫ୍, ଓଟିଏ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ "ଏପରି ଏକ ସମ୍ମାନଜନକ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିବା ଆମ ରାଜ୍ୟ ପାଇଁ ଗର୍ବର କଥା। କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ଆମର ପ୍ରୟାସ ଜାରିରହିଛି। ବିଭିନ୍ନ ଦେଶରୁ ବହୁ ସଂଖ୍ୟାରେ ପ୍ରତିଯୋଗୀ ଆସି ଆମ ରାଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାରୁ ମୁଁ ବହୁତ ଖୁସି। ମୁଁ ନିଶ୍ଚିତ ଯେ ଏହି ଟୁର୍ନାମେଣ୍ଟ ରାଜ୍ୟର ବହୁ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିବ ଏବଂ ଟେନିସକୁ କ୍ୟାରିୟର କରି ସ୍ୱପ୍ନ ସାକାର କରିବା ପାଇଁ ପ୍ରେରିତ କରିଥିବ"। ଟୁର୍ନାମେଣ୍ଟ ଆୟୋଜନ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇ ଓଟିଏ ସଭାପତି ଅସିତ ତ୍ରିପାଠୀ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକୀ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ ଏବଂ ପୁରସ୍କାର ବିତରଣୀ ଉତ୍ସବ ସମୟରେ ଗ୍ୟାଲେରିରେ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଆଥ୍‌ଲେଟ ଉପସ୍ଥିତ ଥିଲେ।

ଏସିଆର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ବାଳିକା ସିଙ୍ଗଲ୍ସ ଫାଇନାଲରେ କୋରିଆର ୟେରି ହଙ୍ଗ୍ ୬-୩, ୬-୦ ସେଟ୍‌ରେ କାଜାଖସ୍ତାନର ଇଭା କୋରିଶେଭାଙ୍କୁ ପରାସ୍ତ କରିଛନ୍ତି। ଭାରତର ମାୟା ରାଜେଶ୍ୱରନ ରେବତୀଙ୍କୁ ୬-୪, ୭-୫ ସେଟ୍‌ରେ ହରାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି କୋରିଆର ଜିୟୁନ ଓ'। ସେହିପରି ବାଳକ ସିଙ୍ଗଲ୍ସ ଫାଇନାଲରେ କୋରିଆର ଓନମିନ କିମ୍ ଭାରତର ଶିବତେଜ ବାଲାପ୍ରସାଦ ଶିରଫୁଲେଙ୍କୁ ୬-୧, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ପାକିସ୍ତାନର ଅବୁବାକର ତଲ୍‌ହାଙ୍କୁ ୬-୧, ୬-୩ରେ ହରାଇ ତୃତୀୟ ସ୍ଥାନରେ ରହିଛନ୍ତି ହଂକଂର ଆଲେକ୍ସ ଲାପ୍ ହାଙ୍ଗ ହୁଇ। ପୂରା ପ୍ରତିଯୋଗିତାରେ ଭାରତର ଶିବତେଜ ପ୍ରଭାବୀ ପ୍ରଦର୍ଶନ କରିଥିବାବେଳେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ବାଳକ ଡବଲ୍ସ ଫାଇନାଲରେ କୋରିଆ ଯୋଡ଼ି ମିନ୍ ହ୍ୟୁକ୍ ଚୋ ଓ ଓନ୍‌ମିନ୍ କିମ୍ ୬-୩, ୬-୪ରେ ଥାଇଲାଣ୍ଡ ଯୋଡ଼ି ଥ୍ରୁ କୋଟିକୁଲା ଓ ଧର୍ମା ପାଣ୍ଟାରାଟର୍ନଙ୍କୁ ପରାସ୍ତ କରିଛନ୍ତି। କେବଳ ବାଳିକା ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି କାଜାଖସ୍ତାନ ଯୋଡ଼ି ଇଭା କୋରିଶେଭା ଓ ୟେର୍କେଝାନ ଝାଭାଟାୟେଭା। ଏହି ଯୋଡ଼ି ଫାଇନାଲରେ ତୁର୍କମେନିସ୍ତାନର ଇଲିମା ଗୁସେନୋଭା ଓ ଉଜ୍‌ବେକିସ୍ତାନର ଇମିଲି କିମ୍‌ଙ୍କୁ ୬-୧, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି।



ବେଙ୍ଗାଲୁରୁଠାରେ ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସର ଅଭ୍ୟାସ ଅବସରରେ ଅସୁସ୍ଥ ରିଷଭ ପନ୍ତଙ୍କ ସହ ଆଲୋଚନା କରୁଛନ୍ତି ଦଳର କ୍ରିକେଟ ନିର୍ଦ୍ଦେଶକ ସୌରଭ ଗାଙ୍ଗୁଲି।

# କବିର ହଂସଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୧୪।୪ (କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ଏକାଡେମୀରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର କବିର ହଂସ ଡବଲ ଟାଇଟଲ ହୋଇଛନ୍ତି। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା କବିର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ମଧ୍ୟପ୍ରଦେଶର ଯଶ୍ ଯାଦବଙ୍କୁ ୬-୧, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଫଳରେ ସେ ସର୍ବଭାରତୀୟ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍‌ର ୧୬ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଡବଲ୍ସରେ କବିର ରାଜସ୍ଥାନର ଅଭିବୀର ଶେଖାୱତଙ୍କୁ ପାର୍ଟନର କରିଥିଲେ। ଏହି ଯୋଡ଼ି ଫାଇନାଲରେ ଓଡ଼ିଶା ଯୋଡ଼ି ସତୀର୍ଥ ପଟ୍ଟନାୟକ ଓ ଆଦିତ୍ୟ ଶତପଥୀଙ୍କୁ ୬-୦, ୪-୬, ୧୦-୬ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। କବିରଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ସହ କବିର ହଂସ।

କୋଷ୍ଠକାଠିନ୍ୟର ସମାଧାନ
9119788888

# ହାର୍ଦ୍ଦିକଙ୍କୁ ଜରିମାନା

ମୋହଲି, ୧୪।୪ (ପି.ଟି.)

ପଞ୍ଜାବ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ ବେଳେ ସ୍ଲୋ ଓଭର ରେଟ୍ ପାଇଁ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ଆଇପିଏଲ୍ ମ୍ୟାଚଗୁଡ଼ିକୁ ୩ ଘଣ୍ଟା ୨୦ ମିନିଟରେ ଶେଷ କରିବା ଲାଗି ସମୟ ଧାର୍ଯ୍ୟ କରାଯାଇଛି। ମାତ୍ର ଚଳିତ ସିଜନରେ ସ୍ଲୋ ଓଭର ରେଟ୍ ଏକ ସମସ୍ୟା ହୋଇ ଦେଖାଦେଇଛି। ବହୁ ମ୍ୟାଚ ୪ ଘଣ୍ଟା ଅତିକ୍ରମ କରିଯାଉଛି। ଆଇପିଏଲ୍ ଆଚରଣବିଧିରେ ସ୍ଲୋ ଓଭର ରେଟ୍ ପାଇଁ ସମ୍ପୃକ୍ତ ଦଳର ଅଧିନାୟକଙ୍କୁ ଜରିମାନାର ବ୍ୟବସ୍ଥା ରହିଛି। ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଗୁରୁବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ ୬ ଉଇକେଟରେ ସହଜ ବିଜୟ ହାସଲ କରିଛି। ମୋହିତ ଶର୍ମା ୧୮ ରନ ବିନିମୟରେ ୨ ଉଇକେଟ ନେବା ସହ ଶୁବମନ ଗିଲ୍ ୪୯ ବଲ୍‌ରୁ ୬୭ ରନ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ଦ୍ୱାରା ଗୁଜରାଟ ଟାଇଟନ୍ସ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ସମାନ ସଂଖ୍ୟକ ମ୍ୟାଚରୁ ୪ପଏଣ୍ଟ ଅର୍ଜନ କରି ପଞ୍ଜାବ କିଙ୍ଗ୍ସ ୬ଷ୍ଠ ସ୍ଥାନରେ ରହିଛି।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ବାଙ୍ଗାଲୋର ବନାମ ଦିଲ୍ଲୀ**
ସ୍ଥାନ:ବେଙ୍ଗାଲୁରୁ,
ସମୟ: ଅପରାହ୍ନ ୩.୩୦

**ଲକ୍ଷ୍ନୌ ବନାମ ପଞ୍ଜାବ**
ସ୍ଥାନ: ଲକ୍ଷ୍ନୌ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭାରତୀୟ ଯୋଡ଼ି କ୍ୱାର୍ଟରରେ

ଭୁବନେଶ୍ୱର, ୧୪।୪ (ସ୍ପୋର୍ଟ୍ସ ବ୍ୟୁରୋ)

## ବ୍ରାଜିଲ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ସାଓପାଓଲୋରେ ଚାଲିଥିବା ବ୍ରାଜିଲ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରମୋଦ ଭଗତ ଓ ସୁକାନ୍ତ କଦମ ଯୋଡି ପୁରୁଷ ଡବଲ୍ସ ଏବଂ ପ୍ରମୋଦ-ମନୀଷା ରାମଦାସ ମିକ୍ସଡ ଡବଲ୍ସ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ ପେରୁର ପାବ୍‌ଲୋ ସେସାର କ୍ୱିଟୋ ଓ ପାଟ୍ରିସିଓ ଆନ୍ଦ୍ରେସ ଇଚିଭେରିଆଙ୍କୁ ୨୧-୦୬, ୨୧-୦୭ ରେ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସରେ ପ୍ରମୋଦ-ମନୀଷା ଯୋଡି ପେରୁର ରେଞ୍ଜୋ ଡିକ୍ୱେଜ ବାନ୍‌ସେସ୍ ମୋରେଲ୍ସ ଓ ଜେନି ବର୍ଥା ଭେଣ୍ଟୋସିଲାଙ୍କୁ ୨୧-୧୦, ୨୧-୦୯ ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଦିଲେଶ୍ୱର ଓ ନବୀନ ଯୋଡି ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ବ୍ରାଜିଲର ଜୋନାଥନ କାର୍ଡୋସୋ ଓ ୟୁଜେନିଓ କ୍ଲେଟୋ ଙ୍କୁ ୨୧-୧୦, ୨୧-୧୯ ରେ ପରାସ୍ତ କରିଛନ୍ତି।

# ବ୍ରୁକ୍‌ଙ୍କ ଶତକ: ସନ୍‌ରାଇଜର୍ସର ଦ୍ୱିତୀୟ ବିଜୟ

କୋଲକାତା, ୧୪।୪

ହ୍ୟାରି ବ୍ରୁକ୍‌ଙ୍କ ଅପରାଜିତ ଶତକ ସହାୟତାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଏକ ହାଇ ସ୍କୋରିଂ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସଙ୍କୁ ୨୩ ରନରେ ପରାସ୍ତ କରିଛି। ସନ୍‌ରାଇଜର୍ସ ୨୦ ଓଭରରେ ୪ ଉଇକେଟ ହରାଇ ୨୨୮ ରନ କରିଥିବାବେଳେ କୋଲକାତା ୨୦ ଓଭରରେ ୭ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଆଇପିଏଲ୍‌ରେ ସନ୍‌ରାଇଜର୍ସର ଏହାଥିଲା ଦ୍ୱିତୀୟ ବିଜୟ। ୨୨୯ ରନ ବିଜୟ ଲକ୍ଷ୍ୟରେ କୋଲକାତା ଖାତା ଖୋଲିବା ପୂର୍ବରୁ ରମାନୁଲା ଗୁରବାଜ ଏବଂ ୨୦ ରନ ମଧ୍ୟରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏନ୍. ଜଗଦୀଶନ ୩୬ ରନ କରିଥିବାବେଳେ ଅଧିନାୟକ ନୀତୀଶ ରାଣାଙ୍କ ଦ୍ରୁତ ୭୫ (୪୧ବଲ, ୫ ଚୌକା, ୬ ଛକା) ରନକରି ଆଉଟ ହେବା ସହ ଦଳର ଆଶା ମଉଳିଥିଲା। ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚର ହିରୋ ରିଙ୍କୁ ସିଂ ଏଠାରେ ମଧ୍ୟ ଦମ୍‌ଦାର ବ୍ୟାଟିଂ କରି ୩୧ ବଲ୍‌ରୁ ୫୮ (୪ ଚୌକା, ୪ ଛକା) ରନରେ ଅପରାଜିତ ରହିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହ୍ୟାରି ବ୍ରୁକ୍।

### ପ୍ରଥମ ଶତକ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନ୍‌ରାଇଜର୍ସର ଆରମ୍ଭ ଭଲ ହୋଇ ନ ଥିଲା। ଓପନର ମୟଙ୍କ ଅଗ୍ରୱାଲ ଏବଂ ନିର୍ଭରଯୋଗ୍ୟ ରାହୁଲ ତ୍ରିପାଠୀ ମାତ୍ର ୯ ରନ ଲେଖାଏ କରି ଆଉଟ ହୋଇଥିଲେ। ମାତ୍ର ବ୍ରୁକ୍ସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ଦଳକୁ ବଡ଼ ସ୍କୋରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମୋଟାମୋଟିଭାବେ ହାଇଦ୍ରାବାଦ ଇନିଂସର ମେରୁଦଣ୍ଡ ସାଜିଥିଲେ ବ୍ରୁକ୍। ସେ ଅଧିନାୟକ ଏଡେନ ମାରକ୍ରମଙ୍କ ସହ ତୃତୀୟ ଉଇକେଟରେ ୪୭ ବଲ୍‌ରୁ ୭୨, ଚତୁର୍ଥ ଉଇକେଟରେ ଅଭିଷେକ ଶର୍ମାଙ୍କ ସହ ୩୩ ବଲ୍‌ରୁ ୭୨ ଏବଂ ଅସମାପ୍ତ ୫ମ ଉଇକେଟରେ ହେନ୍‌ରିଚ୍ କ୍ଲାସେନଙ୍କ ସହ ୧୧ ବଲ୍‌ରୁ ୨୭ ରନର ଭାଗୀଦାରି ଗଢ଼ି ଦଳର ରନ୍‌ସଂଖ୍ୟାକୁ ୨୦୦ ଅତିକ୍ରମ କରାଇଥିଲେ। ବ୍ରୁକ୍ ୫୫ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ ଚୌକା ଓ ୩ ଛକା ସହାୟତାରେ ୧୦୦ ରନକରି ଅପରାଜିତ ରହିଥିଲେ। ଏହାଥିଲା ତାଙ୍କର ପ୍ରଥମ ଆଇପିଏଲ୍ ଶତକ। ଏହାଛଡ଼ା ଚଳିତ ଆଇପିଏଲ୍ ସିଜନରେ ମଧ୍ୟ ଏହାଥିଲା ପ୍ରଥମ ଶତକ। ଅନ୍ୟମାନଙ୍କ ମଧ୍ୟରେ ମାରକ୍ରମ ୨୬ ବଲ୍‌ରୁ ୫୦ (୨ ଚୌକା, ୫ ଛକା) ଏବଂ ଅଭିଷେକ ୧୭ ବଲ୍‌ରୁ ୩୨ (୩ ଚୌକା, ୨ ଛକା) ରନ କରିଥିଲେ। କ୍ଲାସେନ ୬ ବଲ୍‌ରୁ ୧୬ (୨ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ କେବଳ ପ୍ରଭାବୀ ରହିଥିଲେ ଆନ୍ଦ୍ରେ ରସେଲ। ଚଳିତ ସିଜନରେ ପ୍ରଥମଥରପାଇଁ ବୋଲିଂ ସୁଯୋଗ ପାଇଥିବା ରସେଲ ୨.୧ ଓଭରରେ ୨୨ ରନ ଦେଇ ୩ଟି ଉଇକେଟ ନେଇଥିଲେ। ସୁନୀଲ ନାରିନ ଭଲ ବୋଲିଂ କରିଥିଲେ ହେଁ ଉଇକେଟ ପାଇ ନ ଥିଲେ। ଅନ୍ୟ ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୨୮/୪ (ହ୍ୟାରି ବ୍ରୁକ୍-୧୦୦*, ଏଡେନ ମାରକ୍ରମ-୫୦, ଅଭିଷେକ ଶର୍ମା-୩୨, ଆନ୍ଦ୍ରେ ରସେଲ-୩/୨୨, ବରୁଣ ଚକ୍ରବର୍ତ୍ତୀ-୧/୪୧)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୦୫/୭ (ନୀତୀଶ ରାଣା-୭୫, ରିଙ୍କୁ ସିଂ-୫୮*, ଏନ୍. ଜଗଦୀଶନ-୩୬, ମୟଙ୍କ ମର୍କଣ୍ଡେ-୨/୨୭, ମାର୍କୋ ଜାନସେନ-୨/୩୭, ଭୁବନେଶ୍ୱର କୁମାର-୧/୨୯, ଟି. ନଟରାଜନ-୧/୫୪, ଉମ୍ରାନ ମଲିକ-୧/୩୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୩ | ୧ | ୬ | +୧.୫୮୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୧.୦୪୮ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୦.୩୪୧ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୭୧୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୨ | ୨ | ୪ | +୦.୨୨୫ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | -୦.୨୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | -୦.୮୨୨ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୩ | ୧ | ୨ | ୨ | -୦.୮୦୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | -୦.୮୭୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୦ | ୪ | ୦ | -୧.୫୭୬ |




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ